

ଶାହଙ୍କ ଉପସ୍ଥିତିରେ ମିଜୋରାମକୁ ଜମି ହସ୍ତାନ୍ତର | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଗୌରୀଙ୍କୁ ଡେଟ୍ କରୁଛନ୍ତି ଅମୀର | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୪୫ Vol. 21 No-345 17 MARCH 2025 MONDAY BHUBANESWAR ସୋମବାର, ୧୭ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଶାହଙ୍କ ଗସ୍ତସୂଚୀ ନେଇ ବିଜେପି ସଭାପତିଙ୍କ ସୂଚନା

ଭୁବନେଶ୍ୱର, ୧୬।୩(ଭାସ୍କର ନ୍ୟୁଜ): କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କ ଓଡ଼ିଶା ଗସ୍ତ ନେଇ ରାଜ୍ୟ ବିଜେପି ଶିବିର ଉତ୍ସାହିତ ହୋଇ ଉଠିଛି। ଆସନ୍ତା ୨୧ ତାରିଖରୁ ଏକ ୩ ଦିନିଆ ଓଡ଼ିଶା ଗସ୍ତରେ ଶ୍ରୀ ଶାହ ଆସିବାର କାର୍ଯ୍ୟକ୍ରମ ରହିଥିବାରୁ ଏ ନେଇ ରାଜ୍ୟ ବିଜେପି ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି। ଶାହଙ୍କ ଗସ୍ତସୂଚୀ ନେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆସନ୍ତା ୨୧ ତାରିଖ ସନ୍ଧ୍ୟାରେ ଅମିତ ଶାହ ଝାରସୁଗୁଡ଼ା ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରୁ ଏମସିଏଲ୍ ଗେଷ୍ଟ ହାଉସ ଯାଇ ରାତ୍ରିଯାପନ କରିବେ। ୨୨ ତାରିଖ ସକାଳେ ସେ ମା' ସମଲେଶ୍ୱରୀଙ୍କୁ ଦର୍ଶନ କରି • ପୃଷ୍ଠା ୫ ଦେଖନ୍ତୁ

### ୮୮ କୋଟି ଟଙ୍କାର ନିଶା ବଟିକା ଜବତ

ନୂଆଦିଲ୍ଲୀ, ୧୬।୩: ଆସାମ ଓ ଗୌହାଟୀ ଜୋନରେ ଏନସିବି ପକ୍ଷରୁ ଚଢାଉ କରାଯାଇ ୮୮ କୋଟି ଟଙ୍କାର ନିଶା ବଟିକା ଜବତ କରାଯାଇଛି। ଏହି ଘଟଣାରେ ଏନସିବି ୪ଜଣ ଅନ୍ତର୍ଜାତୀୟ ନିଶା ମାଫିଆଙ୍କୁ ଗିରଫ କରିଥିବା ନେଇ ସୂଚନା ଦେଇଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ।

## ପଶ୍ଚିମ ଓଡ଼ିଶାରେ ଅଗ୍ନିବର୍ଷା

# ପାରଦ ଟପିଲା ୪୩ ଡିଗ୍ରୀ



**୪୩.୬ ଡିଗ୍ରୀ ସହ ବୌଦ୍ଧ ସବୁଠୁ ଉତ୍ତପ୍ତ**

**ଆଉ ୪ ଦିନ ରହିବ ତାତିର ପ୍ରଭାବ**

**୨୦ରୁ ପାଗ ପରିବର୍ତ୍ତନର ସମ୍ଭାବନା**

**କାଳବୈଶାଖୀ ଆଣିପାରେ ଆଶ୍ୱସ୍ତି**

ଭୁବନେଶ୍ୱର, ୧୬।୩(ଭାସ୍କର ନ୍ୟୁଜ): ସାରା ରାଜ୍ୟରେ ତାତିର ପ୍ରଭାବ ବୃଦ୍ଧି ପାଉଥିବାବେଳେ ପଶ୍ଚିମ ଓଡ଼ିଶାରେ ହେଉଛି ଅଗ୍ନିବର୍ଷା। ଏପରିକି ପାରଦ ୪୩ ଡିଗ୍ରୀ ଟପିଯାଇଛି। ଏପରି ତାତି ରାଜ୍ୟରେ ଆହୁରି ୪ ଦିନ ଅସ୍ତବ୍ୟସ୍ତ କରିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରପକ୍ଷରୁ ସୂଚନା ଦିଆଯାଇଛି। ତେବେ ୨୦ ତାରିଖ ପରଠାରୁ କାଳବୈଶାଖୀ ପ୍ରଭାବରେ ପାଗରେ ପରିବର୍ତ୍ତନ ଘଟିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୧୯ ତାରିଖ ପର୍ଯ୍ୟନ୍ତ ତାତି କଲବଲ କରିବ। ଆଭ୍ୟନ୍ତରୀଣ ଓଡ଼ିଶାରୁ ଉପକୂଳ ପର୍ଯ୍ୟନ୍ତ ଅସମ୍ଭାଳ ତାତିରେ ଜଳିବ। ରବିବାର ବୌଦ୍ଧର ସର୍ବୋଚ୍ଚ ତାପମାତ୍ରା ୪୩.୬ ଡିଗ୍ରୀ ରହିଥିବାବେଳେ ଏହା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ବିବେଚିତ ହୋଇଛି। ଆସନ୍ତା ଦୁଇଦିନ ସିଭିୟର ହିଟ୍‌ୱେଭ ରହିବ। ଏଥିପାଇଁ ୫ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ଝାରସୁଗୁଡ଼ା, ବୌଦ୍ଧ, ସମ୍ବଲପୁର, କଳାହାଣ୍ଡି ଓ ସୋନପୁର ପାଇଁ ଏହି ଆଲର୍ଟ ଜାରି ହୋଇଛି। ସେହିଭଳି ଅନୁଗୋଳ, ବଲାଙ୍ଗୀର, ସୁନ୍ଦରଗଡ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବାବେଳେ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ ଓ ଗଜପତି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୮ ତାରିଖ ପାଇଁ ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବାବେଳେ ସୋନପୁର, ବୌଦ୍ଧ, ବଲାଙ୍ଗୀର ଓ କଳାହାଣ୍ଡିପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ୧୯ ତାରିଖରେ ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ ଓ ସମ୍ବଲପୁର ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ତେବେ ୪ ଦିନ ପରେ ୨୦ ତାରିଖରୁ ତାପମାତ୍ରାରେ ୨ରୁ ୪ ଡିଗ୍ରୀ ହ୍ରାସ ହେବାର ସମ୍ଭାବନା ରହିଛି। କେତେକ ଜିଲ୍ଲାରେ ବିଜୁଳି ସହ ଘଡ଼ଘଡ଼ି ବର୍ଷାର ସମ୍ଭାବନା ରହିଛି। ଶନିବାର ବୌଦ୍ଧ ୪୨.୫ ଡିଗ୍ରୀ ସହ ସବୁଠାରୁ ଉତ୍ତପ୍ତ ସହର ଭାବେ ବିବେଚିତ ହୋଇଥିବାବେଳେ ରବିବାର ମଧ୍ୟ ୪୩.୬ ଡିଗ୍ରୀ ସହ ସବୁଠୁ ଉତ୍ତପ୍ତ ବିବେଚିତ ହୋଇଛି। ଅନୁରୂପ ଭାବେ ଝାରସୁଗୁଡ଼ାର ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ବଲାଙ୍ଗୀରରେ ୪୧.୭, ଅନୁଗୋଳରେ ୪୧.୧, ଟିଟିଲାଗଡ଼ରେ ୪୦.୫, ସୁନ୍ଦରଗଡ଼ରେ • ପୃଷ୍ଠା ୫ ଦେଖନ୍ତୁ

## ଲେକ୍ସ ଫ୍ରିଡମ୍ୟାନଙ୍କ ପଡ୍‌କାଷ୍ଟରେ ମୋଦୀଙ୍କ ବୟାନ

# ୧୪୦ କୋଟି ଭାରତୀୟ ମୋ ଶକ୍ତି



ନୂଆଦିଲ୍ଲୀ, ୧୬।୩: ୧୪୦ କୋଟି ଭାରତୀୟ ହିଁ ମୋର ଶକ୍ତି। ମୋର ଶକ୍ତି ମୋ ନାଁରେ ନୁହେଁ, ବରଂ ଭାରତର କାଳଜୟୀ ସଂସ୍କୃତି ଓ ଐତିହ୍ୟରେ ରହିଛି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆମେରିକାର ପ୍ରସିଦ୍ଧ ପଡକାଷ୍ଟର ଲେକ୍ସ ଫ୍ରିଡମ୍ୟାନଙ୍କ ସହ ଆଲୋଚନାବେଳେ ମୋଦୀ କହିଥିଲେ, ଯେତେବେଳେ ବିଶ୍ୱ ନେତାଙ୍କ ସହ ହାତ ମିଳାଏ, ସେତେବେଳେ ମୋଦୀ ନୁହନ୍ତି ବରଂ ୧୪୦ କୋଟି ଭାରତୀୟ ଏହା କରନ୍ତି। ଏହି ଆଲୋଚନାରେ ସେ ଭାରତର ସଂସ୍କୃତି, ଶାନ୍ତି ଓ ବିଶ୍ୱ କୂଟନୀତି ଉପରେ ବିଶଦ ଆଲୋଚନା କରିଥିଲେ। ତାଙ୍କର ପିଲାଦିନ, ହିମାଳୟରେ ବିତାଇଥିବା ସମୟ ଏବଂ ସାର୍ବଜନୀନ ଜୀବନରେ ତାଙ୍କର ଯାତ୍ରା ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ଯେତେବେଳେ ବି ଆମେ ଶାନ୍ତିକଥା କହୁ, • ପୃଷ୍ଠା ୫ ଦେଖନ୍ତୁ

# ପରଲୋକରେ ରମାକାନ୍ତ ରଥ

## ଆଜି ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ



ଭୁବନେଶ୍ୱର, ୧୬।୩(ଭାସ୍କର ନ୍ୟୁଜ): ଆଉ ନାହାନ୍ତି ଶ୍ରୀରାଧାର ସ୍ରଷ୍ଟା ତଥା ଖ୍ୟାତନାମା କବି ରମାକାନ୍ତ ରଥ। ୯୧ ବର୍ଷ ବୟସରେ ତାଙ୍କ ଖାରବେଳନଗର ବାସଭବନରେ ପରଲୋକ

**ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ**

ଘଟିଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ରହିଥିଲେ। ତାଙ୍କ ପୁଅ ସିଙ୍ଗାପୁରରୁ ଫେରିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର ସୋମବାର କରାଯିବ ବୋଲି ତାଙ୍କ • ପୃଷ୍ଠା ୫ ଦେଖନ୍ତୁ




ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓଡ଼ିଶା ସରକାର

## ରବି ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

**ଧାନ ସଂଗ୍ରହ ବର୍ଷ ୨୦୨୪-୨୦୨୫**

**ଚଳିତ ରବି ଋତୁ (ଧାନ ସଂଗ୍ରହ ବର୍ଷ ୨୦୨୪-୨୫) ପାଇଁ ରାଜ୍ୟ ସରକାର ପୂର୍ବ ବର୍ଷ ପରି ଚାଷୀମାନଙ୍କଠାରୁ ସେମାନଙ୍କର ବଳକା ଧାନ କ୍ରୟ କରିବେ । ଏଥିପାଇଁ ଚାଷୀମାନେ ସେମାନଙ୍କ ଅଧିକୃତ ପ୍ରାଥମିକ କୃଷି ସମବାୟ ସମିତି ବା ପେକ୍ସ/ଲ୍ୟାମ୍ପସ୍/ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ/ ପାଣି ପଞ୍ଚାୟତ (ସଂକ୍ଷେପରେ, ସମିତି) ରେ ଆଗୁଆ ପଞ୍ଜିକରଣ କରିବା ଆବଶ୍ୟକ । ରବି ଧାନ ସଂଗ୍ରହ ତା.୧.୫.୨୦୨୫ ରୁ ତା.୩୦.୬.୨୦୨୫ ମଧ୍ୟରେ ହେବ ।**



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

### ପୂର୍ବରୁ ପଞ୍ଜିକୃତ ଚାଷୀଙ୍କ ନବୀକରଣ

- ଗତ ରବିଋତୁରେ ପଞ୍ଜିକୃତ ଚାଷୀମାନେ ନବୀକରଣ କରି ଚଳିତ ରବିଋତୁ ପାଇଁ ପୁନଃ ପଞ୍ଜିକୃତ ହେବେ ।
- ନବୀକରଣ ପାଇଁ ଚାଷୀମାନଙ୍କୁ ସେମାନଙ୍କ ସମିତିରୁ ନବୀକରଣ ଫର୍ମ ତା. **୧୨.୩.୨୦୨୫** ରୁ ତା. **୧୯.୩.୨୦୨୫** ମଧ୍ୟରେ ଉପଲବ୍ଧ ।
- ଗତ ରବିଋତୁରେ ଚାଷୀମାନେ ଚାଷ କରିଥିବା କେବଳ ଜଳସେଚିତ ଜମିର ତଥ୍ୟ ଉକ୍ତ ଫର୍ମର ଦ୍ୱିତୀୟ ଭାଗରେ ଖାତା ଓ ପ୍ଲଟ୍‌ୱାରୀ ଉଲ୍ଲିଖିତ ଥିବ।
- ଯଦି ରବି ଋତୁ ପାଇଁ ଉପରୋକ୍ତ ଜମି ବାବଦ ତଥ୍ୟାବଳୀରେ ଚାଷୀ କୌଣସି ପରିବର୍ତ୍ତନ କରିବାକୁ ଚାହୁଁନ୍ଥାନ୍ତି, ତେବେ ଉକ୍ତ ଫର୍ମର ତୃତୀୟ ଭାଗରେ ଏହି ମର୍ମରେ ଘୋଷଣାନାମା ପ୍ରଦାନ କରିବେ।
- ଯଦି ଚାଷୀ ଜମି ବାବଦରେ ପରିବର୍ତ୍ତିତ ତଥ୍ୟ ଦେବାକୁ ଚାହୁଁଥାନ୍ତି, ତାହା ଉକ୍ତ ନବୀକରଣ ଫର୍ମର ଚତୁର୍ଥ ଭାଗରେ ଦର୍ଶାଇବେ ।

### ନୂତନ ଚାଷୀଙ୍କ ପଞ୍ଜିକରଣ

- ଯେଉଁ ଚାଷୀମାନେ ଗତ ରବିଋତୁରେ ପଞ୍ଜିକରଣ କରିନଥିବେ, ସେମାନେ ସେମାନଙ୍କର ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ନେଇ ପୂରଣ କରିବେ । ଏହା ବିଭାଗର **website www.foododisha.in** ରେ ମଧ୍ୟ ଉପଲବ୍ଧ । ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଜଳସେଚିତ ଜମି ସଂକ୍ରାନ୍ତୀୟ ଖାତା ଓ ପ୍ଲଟର ବିଶଦ ବିବରଣୀ ଦେବାକୁ ହେବ ।

### ଚାଷୀମାନଙ୍କର ଦାୟିତ୍ୱ

- ସମସ୍ତ ଚାଷୀଙ୍କୁ ପଞ୍ଜିକରଣ/ ନବୀକରଣ ପାଇଁ ନିଜ ନିଜ ସମିତିରେ ସମ୍ପର୍କ କରିବାକୁ ଅନୁରୋଧ ।
- ଚାଷୀମାନଙ୍କୁ ଅନୁରୋଧ ସେମାନେ ସେମାନଙ୍କ ନୂତନ ପଞ୍ଜିକରଣ ଫର୍ମ ସହିତ ଆଧାର କାର୍ଡର ନକଲ, ବ୍ୟାଙ୍କ ପାସ ବୁକର ପ୍ରଥମ ପୃଷ୍ଠାର ନକଲ, ଦାଖଲ ହୋଇଥିବା ନୂତନ ଜମି ବିବରଣୀର RoR ନକଲ ଏବଂ ଯଦି ଭାଗଚାଷୀ ହୋଇଥାନ୍ତି, ତେବେ ସଂପୃକ୍ତ ଜମି ମାଲିକଙ୍କ ସହମତି ପତ୍ର/ ଆଧାର/ ମୋବାଇଲ ନମ୍ବର ପ୍ରଦାନ କରିବେ । ଜମି ମାଲିକଙ୍କ ଆଧାର କାର୍ଡର ନକଲ ମଧ୍ୟ ପ୍ରଦାନ କରିବେ। ଜମି ମାଲିକଙ୍କ ସହମତି ପତ୍ର ହସ୍ତଗତ ନ'ହେଲେ ଭାଗଚାଷୀ ପଞ୍ଜିକରଣ ଗ୍ରହଣ ଯୋଗ୍ୟ ହେବ ନାହିଁ ।
- ପଞ୍ଜିକରଣ/ନବୀକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ ତା. **୧୨.୩.୨୦୨୫** ରୁ **୩୧.୩.୨୦୨୫** ମଧ୍ୟରେ ଦାଖଲ କରିବେ ।
- ରବି ଚାଷ କରାଯାଇଥିବା ପ୍ଲଟ ୱାରୀ ଜମି ବିବରଣୀ ବାବଦରେ ସତ୍ୟ ଏବଂ ବାସ୍ତବ ତଥ୍ୟ ପ୍ରଦାନ କରିବେ। ଚାଷ ହେଉଥିବା ଜମିର ପରିମାଣ ସମ୍ବନ୍ଧରେ ମିଥ୍ୟା ତଥ୍ୟ ପ୍ରଦାନ କଲେ ତାହା ଗ୍ରହଣୀୟ ହେବ ନାହିଁ ଏବଂ ସେଥିପାଇଁ ନିୟମ ମତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ।
- ନିର୍ଦ୍ଧାରିତ ସମୟକୁ ଅପେକ୍ଷା ନକରି ଯଥେଷ୍ଟ ପୂର୍ବରୁ ଚାଷୀମାନେ ପୂରଣ କରାଯାଇଥିବା ଫର୍ମ ସମିତିରେ ଦାଖଲ କରିବାକୁ ଅନୁରୋଧ ।

### ଅଭିଯୋଗ/ପରାମର୍ଶ

- ଯଦି କୌଣସି ଅଭିଯୋଗ ଥାଏ ତେବେ ଦେୟମୁକ୍ତ **ହେଲ୍ପଲାଇନ ନମ୍ବର 1967** ରେ ସରକାରୀ କାର୍ଯ୍ୟ ନିର୍ଦ୍ଦିଷ୍ଟ ମଧ୍ୟରେ ଯୋଗାଯୋଗ କରିବା ପାଇଁ ଅନୁରୋଧ ।

DSPL - 422 OIPR 07002/13/0033/2425

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର**

FoodOdisha @Food_Odisha www.foododisha.in

# ରାଜ୍ୟ ଖବର



ଉମରକୋଟ(ଭାସ୍କର ନ୍ୟୁଜ) : ଏହି ବ୍ଲକ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପାଞ୍ଚଦିନ ଧରି ଚାଲିଥିବା ପ୍ରେରଣା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଏହି ତାଲିମ ଶିବିରରେ ଉମରକୋଟ ବ୍ଲକର ୧୨୭ ଜଣ ନବ ନିଯୁକ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଯୋଗ ଦେଇଥିଲେ । ପ୍ରଶିକ୍ଷକ ଭାବେ ଉମରକୋଟ ବ୍ଲକର ଦକ୍ଷତାସମ୍ପନ୍ନ ଶିକ୍ଷକ ଧନେଶ୍ୱର ପୁହାଣ, ହୃଷିକେଶ ସାହୁ ,ମାନସ ରଞ୍ଜନ ନାୟକ ଓ ଦୁର୍ଗା ପ୍ରସନ୍ନ ନାୟକ ତାଲିମ ଶିବିରକୁ ପରିଚାଳନା କରିଥିଲେ ।ପ୍ରଥମ ଦିବସର ଉଦଘାଟନୀ ସଭାରେ ସୁଶିଳା ଜୋରଦାର,ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବି.ଆର୍‌.ସିସି, ଉକ୍ତ ବିଦ୍ୟାଳୟର ଶିକ୍ଷୟତ୍ରୀ କାଞ୍ଚନବାଳା ଚାନ୍ଦ ଏବଂ ଚାରିଜଣ ପ୍ରଶିକ୍ଷକ ଯୋଗ ଦେଇଥିଲେ । ନିର୍ଦ୍ଧାରିତ ସମୟରେ ତାଲିମ ଶିବିର ର ଆୟୋଜନ କରାଯାଇ ଆନନ୍ଦମୟ ଶିକ୍ଷା ମାଧ୍ୟମରେ କିପରି ଶିକ୍ଷାର୍ଥୀମାନଙ୍କ ର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ତାହା ପ୍ରଶିକ୍ଷକମାନେ ତାଲିମ ମାଧ୍ୟମରେ ଉପସ୍ଥାପନା କରିଥିଲେ । ଉଦଯାପନୀ ଦିବସରେ ବିକାଶ ଚନ୍ଦ୍ର ସରକାର ,ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆଦିବାସୀ ବହୁଳ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାକୁ ଆହୁରି ମଜଭୁତ କରିବାରେ ନବନିଯୁକ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ତାଙ୍କର ବକ୍ତବ୍ୟ ରଖିଥିଲେ ।ସମ୍ମାନିତ ଅତିଥି ଭାବେ ଦେବେନ୍ଦ୍ର କୁମାର ବାଗ,ଏ.ବିଇ.ଓ. ଏବଂ ଉକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ କାଞ୍ଚନବାଳା ଚାନ୍ଦ ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ଅବନୀ କୁମାର ଦଳାଇ, ବଙ୍କିମ ଚନ୍ଦ୍ର ଦାସ ଓ ସିଆରସିସି ସନ୍ତୋଷ ସାହୁ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

## ଶୀତଳଭଣ୍ଡାରରେ ୮୬ ନୂତନ ଆର୍‌ଆଇ ସର୍କଲ

କେନ୍ଦୁଝର(ଭାସ୍କର ନ୍ୟୁଜ୍): ଶୀତଳ ଭଣ୍ଡାରରେ କେନ୍ଦୁଝର ଜିଲ୍ଲାରେ ୮୬ ଟି ନୂତନ ଆରଆଇ ସର୍କଲ ପାଇଁ ପ୍ରସ୍ତାବ ରହିଯାଇଥିବା ଅଭିଯୋଗ ହୋଇଛି। ପ୍ରକାଶଯୋଗ୍ୟ ଯେ, ରାଜସ୍ୱ ପରିଷଦ ବା ବୋର୍ଡ ଅଫ୍ ରେଭିନ୍ୟୁ ତରଫରୁ ଜନସାଧାରଣଙ୍କ ଅସୁବିଧାକୁ ଉପଲବ୍ଧି କରି ୨୦୨୧ ଏପ୍ରିଲ ୨୩ ତାରିଖରେ ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଲେଖି ପ୍ରତି ୧୦ଟି ରାଜସ୍ୱ ଗ୍ରାମକୁ ନେଇ ଗୋଟିଏ ରାଜସ୍ୱ ସର୍କଲ କରାଯିବାକୁ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆନୁପାତିକ ଦୃଷ୍ଟି କୋଣରୁ ଏବେ ସମଗ୍ର ରାଜ୍ୟର ୧୯ଟି ରାଜସ୍ୱ ଗ୍ରାମକୁ ନେଇ ଗୋଟିଏ ଲେଖାଏଁ ଆରଆଇ ଅଫିସ ଥିବାବେଳେ ଏହାର ବୃଦ୍ଧି କରାଯିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିବା ବୋର୍ଡ ଜଣାଇଥିଲେ । କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ ତାଙ୍କ ପତ୍ର ସଂଖ୍ୟା ୨୨୩ ତା ୩.୬.୨୦୨୧ରେ ସମସ୍ତ ତହସିଲଦାରଙ୍କୁ ଏହାକୁ ନେଇ ବିସ୍ତୃତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ଗ୍ରାମରୁ ଏବେକାର ଓ ପ୍ରସ୍ତାବିତ ଆରଆଇ ଅଫିସର ଦୂରତା, ଭୌଗୋଳିକ ଅବସ୍ଥିତି ସମ୍ପର୍କରେ ରିପୋର୍ଟ ଦେବାକୁ ମଧ କହିଥିଲେ । କେନ୍ଦୁଝର ଜିଲ୍ଲାରେ ୧୦୨ ଟି ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ଥିବାବେଳେ ୮୬ ଟି ନୂତନ କାର୍ଯ୍ୟାଳୟ ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ଅନୁମୋଦନ ଅପେକ୍ଷାରେ ରହିଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ନମ୍ବର ୩୬୮ ତା ୩୧/୧୨/୨୦୨୨ ରେ ଆରଡିସି , ସମ୍ବଲପୁର ଙ୍କୁ ପ୍ରେରଣ କରାଯାଇଛି । ଆରଡିସି , ସମ୍ବଲପୁରଙ୍କ ପକ୍ଷରୁ ଚିଠି ନମ୍ବର ୫୪୫୭ ତା ୦୯/୦୬/୨୦୨୩ ରେ ଅତିରିକ୍ତ ସଚିବ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ପଠାଯାଇଥିଲେ ମଧ୍ୟ ଦୀର୍ଘ ମାସ ହେବ ସରକାରୀ ସ୍ତରରେ କାର୍ଯ୍ୟକାରୀ ହୋଇନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । କେନ୍ଦୁଝର ଜିଲ୍ଲା ଏକ ଆଦିବାସୀ ବହୁଳ ଅଞ୍ଚଳ ତଥା ଜନସଂଖ୍ୟା ଦୃଷ୍ଟିରୁ ଓ ଭୌଗଳିକ ସ୍ଥିତିରୁ ସରକାରୀ ଯୋଜନା ସଠିକ୍ ଭାବରେ ରାଜସ୍ୱ ବିଭାଗ ତରଫରୁ ସଠିକ୍ ସମୟରେ ଲୋକ ପାଇ ପାରୁନାହାଁନ୍ତି । ଜମିଜମା କାଗଜପତ୍ର ଠାରୁ ନେଇ ବାସିନ୍ଦା, ଉତ୍ତରାଧିକାରୀ, ଜାତିଗତ ପ୍ରମାଣପତ୍ର ପାଇଁ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଛାତ୍ରଛାତ୍ରୀମାନେ ତହସିଲ ଅଫିସ ଉପରେ ନିର୍ଭର କରୁଥିବାବେଳେ ଏଥିପାଇଁ ଆରଆଇ ଅଫିସ ବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉପରେ ମଧ ଅନେକ ପରିମାଣରେ ନିର୍ଭର କରିବାକୁ ପଡିଥାଏ । ବହୁ ସମୟରେ କାର୍ଯ୍ୟଭାର ଅଧିକ ହେଉ ବା ଖଜଣା ଆଦାୟ କରିବାର ଚାପ ତା’ ସାଙ୍ଗକୁ ସରକାରୀ ପ୍ରକଳ୍ପ ପାଇଁ ଜମି ଚିହ୍ନଟ କରିବା ସହିତ ଅନ୍ୟାନ୍ୟ କାର୍ଯ୍ୟବ୍ୟସ୍ତତା ଯୋଗୁଁ ଆରଆଇ ବା ରାଜସ୍ୱ ନିରୀକ୍ଷକଙ୍କୁ ଲୋକଙ୍କ ଆବଶ୍ୟକତା ପୂରଣ ବା ସରକାରୀ ନୀତିନିୟମ ମଧ୍ୟରେ ନିଜର ଦାୟିତ୍ୱ ସମ୍ପାଦନ କରିପାରନ୍ତି ନାହିଁ । ଏପରି ସ୍ଥଳେ ସରକାର କେତେ ଦିନ ମଧ୍ୟରେ କେଉଁ ସାର୍ଟିଫିକେଟ ପ୍ରଦାନ କରାଯିବ ତାହା ପ୍ରକାଶ କରିଥିଲେ ମଧ ତାହାର ସଠିକ ଅନୁପାଳନ ହୋଇପାରୁ ନ ଥିବା ବହୁ ସମୟରେ ଲକ୍ଷ୍ୟ କରାଯାଉଛି । ଏହି ଅବସ୍ଥା ସମ୍ପର୍କରେ ଅବଗତ ହୋଇ ରାଜ୍ୟ ସରକାରଙ୍କ ତରଫରୁ ତୃଣମୂଳ ସ୍ତରରେ ଅଧିକ ସଂଖ୍ୟାରେ ଆରଆଇ ଅଫିସ ଖୋଲିବା ପାଇଁ ପ୍ରସ୍ତାବ ରଖିଥିବାବେଳେ ଏହା ଉପରେ ପଦକ୍ଷେପ ନେବା ଜରୁରୀ ବୋଲି ସାଧାରଣରେ ଦାବିହେଉଛି ।

# ପ୍ରାଚୀ ନଦୀକୂଳରୁ ବେଆଇନ ବାଲି ଓ ମାଟି ଖନନ



କାକଟପୁର(ଭାସ୍କର ନ୍ୟୁଜ୍): ନୂଆହାଟ, କାକଟପୁର ଦେଇ ପ୍ରବାହିତ ପ୍ରାଚୀ ନଦୀ କୂଳରୁ ବେଆଇନ ମାଟି ଓ ବାଲି ଖନନକୁ ବିରୋଧ କରିଛି ଓଡିଶା ଦୁର୍ନୀତି ସଂଘର୍ଷ ମଞ୍ଚ । ମଞ୍ଚର ଅଧ୍ୟକ୍ଷ ତଥା ପ୍ରାଚୀ ସାଂସ୍କୃତିକ କମିଟି ର ସଭାପତି ଡ଼ଃ ଜଗବନ୍ଧୁ ଷଡ଼ଙ୍ଗୀ ଏକ ପ୍ରେସ ବିବୃତି ରେ ପ୍ରକାଶ କରିଛନ୍ତି ଯେ କାକଟପୁର ତହସିଲ ଓ ଥାନା ଅଧିକାରୀଙ୍କ ଜ୍ଞାତ ସାରରେ ବାଲି ଓ ମାଟି ଚୋରା ଚାଲାଣ ହେଉଛି । ସୋମନାଥପୁର, ନିପାଣିଆ ଗଡ଼ ଗ୍ରାମ ମଝିରେ ପ୍ରାଚୀ କୂଳରୁ ମାଟି ଓ ବାଲି ବେନିୟମ ଭାବେ ଖୋଳାଯାଇ ବିକ୍ରି ହେଉଛି । କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ସରକାରୀ ଅଧିକାରୀଙ୍କ ଜାଣତରେ ଜଗନ୍ନାଥପୁର ଗ୍ରାମର ମା’ କୁଣ୍ଡାମ ଚଣ୍ଡୀଙ୍କ ପଛ ପଟେ ପ୍ରାୟ ଏକ କିଲୋମିଟର ଦୂରରେ ଅନେକ ସରକାରୀ ଜମିରୁ (୧୦) ରୁ (୧୫)ଫୁଟ ଗଭୀରରେ ମାଟି ଓ ବାଲି ଖୋଳି ବିକ୍ରି କରୁଛନ୍ତି । ଦିନକୁ (୩୦୦) ରୁ ଊର୍ଦ୍ଧ୍ୱ ଟ୍ରାକ୍ଟର ଯିବା ଆସିବା ଫଳରେ ନିକଟସ୍ଥ ଖେଳପଡିଆ ଓ ଜଗନ୍ନାଥପୁର ଦୁଗ୍ଧ ସୋସାଇଟି ଜାଗା ଉପଯୋଗକ୍ଷମ ହୋଇ ରହିନାହିଁ । ଏହି ବେଆଇନ ମାଟି ଓ ବାଲି ଖନନ ଓ ଚାଲାଣ ସମ୍ପର୍କରେ ଓଡିଶା ଦୁର୍ନୀତି ସଂଘର୍ଷ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୁରୀଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ ଖଣି ବିଭାଗ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଛି । ଯଦି କର୍ତ୍ତୃପକ୍ଷ ଚୋରା ଚାଲାଣରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଚାଲାଣ ନ ରୋକନ୍ତି ତେବେ ବନ୍ୟା ହେଲେ ଏହି ଗ୍ରାମ ଗୁଡିକ ପ୍ରଭାବିତ ହେବ ବୋଲି ଡ଼ଃ ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି ।

## ଜଳୁଛି ଜଙ୍ଗଲ, ନିଆଁ-ଧୂଆଁରେ ଅସ୍ତବ୍ୟସ୍ତ ସ୍ଥାନୀୟ ଅଞ୍ଚଳବାସୀ



ଭଂଜନଗର(ଭାସ୍କର ନ୍ୟୁଜ୍): ଗଲା ପାଞ୍ଚଦିନ ହେଲା, ଉତ୍ତର ଘୁମୁସର ବନଖଣ୍ଡ, ମୁଜାଗଡ ବନାଞ୍ଚଳର ବିଭିନ୍ନ ଜଙ୍ଗଲକୁ ନିଆଁ ଧରିଛି । ଦିନରାତି ହୁତୁହୁତୁ ହୋଇ ଜଳୁଛି, ନିର୍ଦ୍ଦିଷ୍ଟ କିଛି ଜଙ୍ଗଲ । ବିଶେଷ କରି ରମ୍ଭା ସେକ୍ସନ୍‌ର ଦାର୍ଜିଙ୍ଗ୍, ବେଡିଗୋବା, ଦୁର୍ଗାପ୍ରସାଦ ଅଞ୍ଚଳର ବିଭିନ୍ନ ସ୍ଥାନରେ ନିଆଁ ଲାଗିଛି । ସେହିଭଳି କଳିଙ୍ଗା ଘାଟିକୁ ଲାଗି ରହିଥିବା ପାହାଡ଼ ମାନଙ୍କୁ ମଧ ନିଆଁ ଧରିଛି । ଏପରିକି ଦୁର୍ଗାପ୍ରସାଦ ଠାରୁ ଗଂଜାମ-କନ୍ଧମାଳ ସୀମାନ୍ତ ଘାଟିରାସ୍ତା, ଶୀତ ଦିନିଆ କୁହୁଡି ଭଳି, ଧୂଆଁମୟ ହୋଇ ରହୁଛି । ଯାତାୟତ କରୁଥିବା ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ଅନ୍ୟପକ୍ଷରେ ନିଆଁ ଲାଗିଥିବା, ଜଙ୍ଗଲ ନିକଟବର୍ତ୍ତୀ ଗାଁ ମାନଙ୍କରେ ମଧ ଏକ ଅସ୍ୱାଭାବିକ ପରିସ୍ଥିତି ଦେଖିବାକୁ ମିଳିଛି । ଗତ ଦିନମାନଙ୍କରେ ଜଙ୍ଗଲରେ କିଭଳି ନିଆଁ ନଲାଗିବ ଏବଂ ଜଙ୍ଗଲ ନିଆଁ କୁ ରୋକିବା ପାଇଁ ବନବିଭାଗ ପକ୍ଷରୁ ଘନଘନ ବୈଠକ, ସଭାସମିତି ଏବଂ ସଚେତନ କରାଯାଇଥିଲା । ଏହାର ପ୍ରଭାବ କେତେଦୂର ପଡିଛି, ତାହା ବର୍ତ୍ତମାନର ଚିତ୍ର ବୟାନ କରୁଛି । ସେହିଭଳି କିଛି ସ୍ଥାନରେ ନିଆଁ କୁ ରୋକିବା ପାଇଁ ବନ କର୍ମଚାରୀ ଏବଂ ଶ୍ରମିକ ମାନଙ୍କୁ ନେଇ ନିଆଁ ଲିଭା ଜାରି ରହିଥିଲେ ମଧ, ଲାଗିଥିବା ନିଆଁ ଲିଭିବା ନାଁ ଧରୁନି । ଆଉ କିଛି ସ୍ଥାନରେ ବନ କର୍ମଚାରୀଙ୍କ ଦେଖା ମିଳୁନି । ଆଉ କିଛି ସ୍ଥାନରେ, ସ୍ଥାନୀୟ ଅଞ୍ଚଳର କିଛି ଲୋକ ସ୍ୱତଃ ପ୍ରବୃତ୍ତ ଭାବେ ଜଙ୍ଗଲ ନିଆଁକୁ ଲିଭାଉଥିବାର ଦେଖିବାକୁ ମିଳିଛି । ଏନେଇ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତିଙ୍କ ସହ ଯୋଗାଯୋଗ କରାଯିବାରୁ, ସେ କହିଛନ୍ତି ଗୁରୁବାର ଦିନ ୪୮ଟି ସ୍ଥାନରେ ନିଆଁ ଲାଗିଥିବା ସାଟେଲାଇଟ୍ ରୁ ହିଁ ଜଣାପଡିଛି। ତାକୁ ନେଇ ଆମେ ଅନୁଧାନ କରୁଛୁ।

## ବଣପୋଡ଼ି ରୋକିବାକୁ ସାଇକେଲରେ ସଚେତନତା ଶୋଭାଯାତ୍ରା



ଭଞ୍ଜନଗର(ଭାସ୍କର ନ୍ୟୁଜ୍): ଗ୍ରୀଷ୍ମ ଋତୁ ଧରାପୃଷ୍ଠକୁ ଆସିବା ସହ ବୃକ୍ଷ ସବୁ ପତ୍ରଝଡା ଦେଇଥାଏ। ଆଉ ଏହି ସମୟରେ ଜଙ୍ଗଲରେ ନିଆଁ ଲାଗିଯିବା ର ଯଥେଷ୍ଟ ଭୟ ଓ ସମ୍ଭାବନା ରହିଥାଏ। ଚଳିତ ବର୍ଷ ଏବେ ସୁଦ୍ଧା ପାଖାପାଖି ୫୦ ପଏଣ୍ଟ ରେ ନିଆଁ ଲାଗି ସାରିଲାଣି। ଆଗକୁ ଏହା ଅଧିକ ମାତ୍ରାରେ ବଢିବା ଆଶଙ୍କା ରହିଥିବାରୁ ବନ ବିଭାଗ ପକ୍ଷରୁ ଜଙ୍ଗଲ ପାଖ ଗାଁ ଗୁଡ଼ିକର ଜନସାଧାରଣଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଗ୍ରୀଷ୍ମ ପ୍ରବାହର ଯଥେଷ୍ଟ ପୂର୍ବରୁ ଅନେକ ସ୍ଥାନରେ ବନାଗ୍ନି ପ୍ରଶମନ କର୍ମଶାଳା ଆୟୋଜିତ ହୋଇଥିଲା। ଏବେ ଜଙ୍ଗଲ ପାଖ ଗାଁ ରେ ଲୋକଙ୍କୁ ଅଧିକ ସଚେତନ କରିବାକୁ ସାଇକେଲ ମାଧ୍ୟମରେ ସଚେତନତା ଶୋଭାଯାତ୍ରା ବାହାର କରାଯାଉଛି। ଗୁରୁବାର ଉତ୍ତର ଘୁମୁସର ବନଖଣ୍ଡ ର କେନ୍ଦ୍ରୀୟ ବନାଞ୍ଚଳ ଅନ୍ତର୍ଗତ କଣ୍ଟେଇପଲ୍ଲୀ ବନ ସୁରକ୍ଷା ସମିତି ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଏକ ସାଇକେଲ ଶୋଭାଯାତ୍ରା ବାହାରିଥିଲା। ଏହାକୁ ଡିଏଫଓ ହିମାଂଶୁ ଶେଖର ମହାନ୍ତି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥ୍ୱୀରାଜ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି ସାଇକେଲ ଶୋଭାଯାତ୍ରାରେ ଡିଏଫଓ ମହାନ୍ତିଙ୍କ ସହ ଏସିଏଫ ରଶ୍ମିରଞ୍ଜନ ସ୍ୱାଇଁ, ବିବେକ ଦାଶ, ଭଞ୍ଜନଗର ବନପାଳ ଜୀବାନନ୍ଦ ତ୍ରିପାଠୀ, କାଳିଆମ୍ବା ବନପାଳ ଜିତେନ୍ଦ୍ର ମଲିକ ପ୍ରମୁଖ ସାମିଲ ହୋଇଥିଲେ। କଣ୍ଟେଇପଲ୍ଲୀ ବନ ସୁରକ୍ଷା ସମିତି ସଭାପତି ଶରତ ଚନ୍ଦ୍ର ସ୍ୱାଇଁ ଙ୍କ ସଂଯୋଜନା ରେ ଆୟୋଜିତ ଏହି ସାଇକେଲ ଶୋଭାଯାତ୍ରା କଣ୍ଟେଇପଲ୍ଲୀ ରୁ ବାହାରି ଶାଳୁଆପଲ୍ଲୀ, ମୁଦୁଲି ପଲ୍ଲୀ, ଭାଲିଆଖାଇ, କଇଣ୍ଡି, ଜିଲୁଣ୍ଡି, ଅଗଝୋଳ ଗ୍ରାମ ଦେଇ ଭଞ୍ଜନଗର ସହର ପରିକ୍ରମା କରିବାସହ ଶେଷରେ ଲାଲ ସିଂ ନର୍ସରୀ ଠାରେ ଏହାର ପରିସମାପ୍ତି ଘଟିଥିଲା। କାର୍ଯ୍ୟକ୍ରମ ରେ କଣ୍ଟେଇପଲ୍ଲୀ ବନ ସୁରକ୍ଷା ସମିତିର ୪୦ରୁ ଉର୍ଦ୍ଧ ସଦସ୍ୟ ଅଂଶ ଗ୍ରହଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ



ଚିକିଟି(ଭାସ୍କର ନ୍ୟୁଜ): ସମଗ୍ର ଶିକ୍ଷା,ଗଞ୍ଜାମ ଓ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ,ଚିକିଟିଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ରାଜକବି ରାଧାମୋହନ ବିଦ୍ୟାପୀଠରେ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ସଂପର୍କିତ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ସମସ୍ତ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ୧ମ ଓ ୧୦ମ ଶ୍ରେଣୀ ଯାଏଁ ଶିକ୍ଷାଦାନ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରୁ ପ୍ରତି ବିଦ୍ୟାଳୟରୁ ଜଣେ ଲେଖାଏଁ ଶିକ୍ଷକ/ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ମନୁଷ୍ୟ ଶରୀରର ସମସ୍ତ ଇନ୍ଦ୍ରିୟ ମଧ୍ୟରେ ଅତି ଗୁରୁତ୍ୱପୂର୍ଣ୍ଣ ଇନ୍ଦ୍ରିୟ ଚକ୍ଷୁର ଉପଯୁକ୍ତ ଯତ୍ନ ନେବା ଓ ବିଭିନ୍ନ ଚକ୍ଷୁ ଜନିତ ସମସ୍ୟା ଉପରେ ସମସ୍ତଙ୍କୁ ତାଲିମ ଦିଆଯାଇଥିଲା। ବିଦ୍ୟାଳୟ ଗୁଡ଼ିକରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ଦୃଷ୍ଟିଗତ ସମସ୍ୟାକୁ ଚିହ୍ନଟ କରିବା ଓ ଆବଶ୍ୟକ ପ୍ରତିକାର ମୂଳକ ପଦକ୍ଷେପ ଗ୍ରହଣ କରିବା ଉପରେ ବିଶଦ ଆଲୋଚନା କରାଯାଇଥିଲା। ସ୍ନେଲେନ୍ ଚାର୍ଟ,ଇ-ଚାର୍ଟ ମାଧ୍ୟମରେ ବିଦ୍ୟାଳୟସ୍ତରରେ ଛାତ୍ରଛାତ୍ରୀମାନଙ୍କ ଦୃଷ୍ଟି କ୍ଷମତାକୁ କିପରି ଚିହ୍ନଟ କରାଯିବ ଓ ଆବଶ୍ୟକ ଫର୍ମ କିପରି ପୂରଣ କରାଯିବ,ସେ ବିଷୟ ମଧ ଦୃଷ୍ଟାନ୍ତ ମୂଳକ ଭାବରେ ବୁଝାଇ କୁହାଯାଇଥିଲା। ଏହା ସହିତ ଚଳିତ ମାସ ୨୫ ତାରିଖରୁ ୨୯ ତାରିଖ ଯାଏଁ ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମକୁ ଦୃଷ୍ଟି ସମସ୍ୟା ଥିବା ଶିକ୍ଷାର୍ଥୀଙ୍କୁ ଆଣିବା ବିଷୟରେ ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ୯୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ,୧୨ ଜଣ ସି.ଆର୍‌.ସି,୨ ଜଣ ବିଆର୍‌ଟି ତାଲିମ ଗ୍ରହଣ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବି.ଆର୍‌ସି ଦୀପ ପ୍ରଜ୍ଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଚକ୍ଷୁର ଉପଯୁକ୍ତ ଯତ୍ନ ନେବା ଉପରେ ଆଲୋକପାତ କରିଥିଲେ। ରଙ୍ଗେଇଲୁଣ୍ଡା ବ୍ଲକ୍‌ର କେଲୁଆପଲ୍ଲୀ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚକ୍ଷୁ ପରୀକ୍ଷକ ବୃନ୍ଦାବନ ଦଳାଇ ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ଗୋଷ୍ଠୀ ସମ୍ବଳ ଶିକ୍ଷକ ତାରା ପ୍ରସାଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ତର୍ବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ମନୋଜ କୁମାର ମହାରଣା, ତ୍ରିନାଥ ସାହୁ, ପ୍ରଦୀପ କୁମାର ପ୍ରଧାନ, ନବୀନ ବେହେରା ଓ ରୁପଙ୍ଗ ବେହେରା ପୂର୍ଣ୍ଣ ସହଯୋଗ କରିଥିଲେ।

## କୁଡୁମୁଲୁଗୁମ୍ମାରେ ଦୋଳପର୍ବ ପାଳିତ



ଖଇରପୁଟ(ଭାସ୍କର ନ୍ୟୁଜ୍): କୁଡୁମୁଲୁଗୁମ୍ମା ଗ୍ରାମ ପଞ୍ଚାୟତର ମୁଖ୍ୟ ସଦର ମହକୁମାରେ ବରାହଦୋଳ ଅବା ଦୋଳଗୋବିନ୍ଦ ବିମାନ ପରିକ୍ରମା ଯାତ୍ରା ଧୂମଧାମରେ ପାଳିତ ହୋଇଯାଇଛି । ପଖନାଗୁଡା ଗ୍ରାମରେ ଥିବା ରାଧାକୃଷ୍ଣ ମନ୍ଦିରରୁ ଏହି ଯାତ୍ରାର ଶୁଭାରମ୍ଭ ହୋଇଥିଲା ଓ ସନ୍ଧ୍ୟା୬ ଘଣ୍ଟିକାରେ ଦୋଳ ବିମାନ କୁଡୁମୁଲୁଗୁମ୍ମା ସ୍ଥିତ ଶ୍ରୀରାମ ମନ୍ଦିର ଠାରେ ପହଞ୍ଚିଥିଲେ। ଯେଉଁଠି ମନ୍ଦିର ର ମୁଖ୍ୟ ପୂଜକ ଗୋପୀନାଥ ଦାସ ଓ ରବିନ୍ଦ୍ରନାଥ ରଥ ପ୍ରମୁଖ ଉପସ୍ଥିତ ରହି ଦୋଳଗୋବିନ୍ଦ ଠାକୁରଙ୍କ ବନ୍ଦାପନା ସହିତ ଦୀପ ଜାଳି, ଭୋଗ ଲଗାଇ ପୂଜାର୍ଚ୍ଚନା କରିଥିଲେ । ଏହା ପରେ ପଖନାଗୁଡା ଗ୍ରାମ ର ଶହଶହ ସନାତନୀ ହିନ୍ଦୁ ପୁରୁଷ ଓ ମହିଳା ଶ୍ରଦ୍ଧାଳୁମାନେ ଖୋଳତାଳ ବଜାଇ, ହୁଳହୁଳି ଦେବା ସହ ଭଜନ ସଂକୀର୍ତ୍ତନ ଗାନ କରି ଠାକୁରଙ୍କୁ ପୁରା ଗ୍ରାମ ପରିକ୍ରମା କରାଇଥିଲେ । ରାସ୍ତାର ଉଭୟ ପାର୍ଶ୍ୱରେ ବସବାସ କରୁଥିବା ହିନ୍ଦୁ ମାନେ ମଧ ନିଜ ନିଜର ଘର ଦାଣ୍ଡରେ ପୂର୍ଣ୍ଣ କଳସ ସ୍ଥାପନ କରି, ଦୀପ ଜାଳି ଦୋଳଗୋବିନ୍ଦ ଠାକୁରଙ୍କୁ ସ୍ୱାଗତ କରିଥିଲେ ଓ ସମସ୍ତେ ଠାକୁରଙ୍କ ପାଖରେ ଲାଗି ହୋଇଥିବା ଅବୀରକୁ ମଥାରେ ଲଗାଇଥିଲେ । ଆଜିର ଏହି ଦୋଳଗୋବିନ୍ଦ ଯାତ୍ରାରେ ମୁଖ୍ୟତଃ ଭାବେ ପଖନାଗୁଡା ଗ୍ରାମର ରାମଚନ୍ଦ୍ର ମାଢ଼ୀ, ଗୁରୁ ମାଢ଼ୀ, ଶୁକ୍ରା ମାଝୀ, ଶ୍ରୀଧର ଆଦବାରୀ, କୁଡୁମୁଲୁଗୁମ୍ମା ଗ୍ରାମର ବାଳକୃଷ୍ଣ ପ୍ରଧାନ, ଭଗବାନ ସାହୁ, ହୃଷୀକେଶ ସେଠୀ, ଜ୍ୟୋତି ରଞ୍ଜନ ବେହେରା, ଲିକୁ ଦାସ୍ ଓ ବେଣୁଧର ଦାସ ପ୍ରମୁଖ ଯୋଗଦେଇ ଯାତ୍ରାର ସୂଚାରୁରୂପେ ପରିଚାଳନା ନିମନ୍ତେ ସହଯୋଗ କରିଥିଲେ ।

## ସରକାରଙ୍କୁ ସାମ୍ବାଦିକଙ୍କ ତାଲିକା ଦେଲେ ଲୋକସମ୍ପର୍କ ବିଭାଗ

ବରଗଡ(ଭାସ୍କର ନ୍ୟୁଜ୍): ବରଗଡ ଜିଲ୍ଲାରେ ବିଭିନ୍ନ ଗଣମାଧ୍ୟମରେ, ସମ୍ବାଦପତ୍ରରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଲିଷ୍ଟ ତରବରିଆ ଭାବେ ଲୋକସମ୍ପର୍କ ବିଭାଗ ବରଗଡ଼ ରାଜ୍ୟ ସରକାର ଓଡ଼ିଶାଙ୍କୁ ପଠାଇଛନ୍ତି। ୨୦୨୪ରେ କାର୍ଯ୍ୟରତ ଲିଷ୍ଟକୁ ୨୦୨୫ ବୋଲି ଉଲ୍ଲେଖ କରି ଲିଷ୍ଟ ପଠାଇଥିବା ଜଣାପଡିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବରଗଡ଼ ସବୁରେ ଗଡବଡ ବୋଲି ଜଣାଯାଏ। ଚଳିତ ବର୍ଷରେ ଯେଉଁମାନେ କେଉଁ କେଉଁ ସମ୍ବାଦପତ୍ର, ଗଣମାଧ୍ୟମରେ ଜଡ଼ିତ ତାକୁ ନେଇ ଗତ ତା ୧୮.୦୨.୨୦୨୫ ତାରିଖରେ ପତ୍ର ସଂଖ୍ୟା ୧୨୮ରେ ସାମ୍ବାଦିକ ମାନଙ୍କୁ ତାଙ୍କ ପରିଚୟ ପତ୍ର, ଆଧାର କାର୍ଡ ଏବଂ ଯେଉଁ ସଂସ୍ଥାରେ କାର୍ଯ୍ୟରତ ସେହି ସଂସ୍ଥାର ସମ୍ପାଦକ ମାନଙ୍କ ଠାରୁ ପତ୍ର ମଗାଯାଇ ତା ୨୮.୦୨.୨୦୨୫ରିଖ ରେ ଡିଆଇପିଆରଓ କାର୍ଯ୍ୟାଳୟ ବରଗଡ଼ରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତାଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ପ୍ରାୟ ସମସ୍ତ ସାମ୍ବାଦିକ କାର୍ଯ୍ୟାଳୟକୁ ସଠିକ ସମୟରେ ଯାଇ ଦାଖଲ ମଧ କରିଥିଲେ। କିନ୍ତୁ ଲିଷ୍ଟ କରିବାରେ ବିଳମ୍ବ ହେବାରୁ ଗତ ବର୍ଷର ଲିଷ୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିବା ଜଣାପଡିଛି। ପୂର୍ବରୁ ବରଗଡ଼ରେ କାର୍ଯ୍ୟରତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶଙ୍କ ଦାୟିତ୍ୱ ଏଭଳି ଅବହେଳା ପରିଲକ୍ଷିତ ହୋଇ ନଥିବା ସ୍ଥଳେ ତାଙ୍କ ବଦଳି ପରେ ଏଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗୀୟ ଅଧିକାରୀ ଭାବେ ଯୋଗ ଦିଅନ୍ତି ପ୍ରହଲ୍ଲାଦ ଖୋସଲା। ତାଙ୍କ ଯୋଗଦାନ ପରେ ଅନେକ କିଛି ଗଡବଡ ହେଉଥିବା ଚର୍ଚ୍ଚା ଜୋର୍ ଧରିଛି। ଏପରିକି ସରକାରୀ କାର୍ଯ୍ୟକ୍ରମ ର ସୂଚନା ସାମ୍ବାଦିକ ମାନଙ୍କୁ ଜଣାଯାଉନି। ଏପରିକି ମୋବାଇଲରେ ସରକାରୀ କାର୍ଯ୍ୟକ୍ରମର ଫଟୋ ଉତ୍ତୋଳନ କରି ଷ୍ଟୁଡିଓ ଫଟୋର ବିଲ୍ ମଧ କରାଯାଉଥିବା ଚର୍ଚ୍ଚାର ବିଷୟ।

## ଦାମୋଦର ବିହାରୀ କୋଟିନାଡା ଥାନା ଅଧିକାରୀ




ଆସିକା (ଭାସ୍କର ନ୍ୟୁଜ): ଆସିକା ଉପଖଣ୍ଡ ଅରାକ୍ଷୀ କାର୍ଯ୍ୟାଳୟ ଅଧୀନରେ ଥିବା କୋଟିନାଡା ଥାନା ଅଧିକାରୀ ରୂପେ ଦାମୋଦର ବିହାରୀ ଯୋଗଦାନ କରିଛନ୍ତି । ଏଥିପୂର୍ବରୁ ଥାନା ଅଧିକାରିଣୀ ରୂପେ ଦୀପିକା ରାୟଙ୍କ ଅନ୍ୟତ୍ର ବଦଳି ପରେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅଧିକାରୀ ରୂପେ କାର୍ଯ୍ୟରତ ଥିବା ଦାମୋଦର ବିହାରୀଙ୍କୁ ଗଞ୍ଜାମ ଜିଲ୍ଲା ଅରକ୍ଷୀ ଅଧିକାରୀ ଅଧୀନରେ ଥିବା ଆସିକା ଇଲାକାର ଅତି ସମ୍ବେଦନଶୀଳ କୋଟିନଡ଼ା ଥାନା ରେ ନୂତନ ଥାନା ଅଧିକାରୀ ରୂପେ ଯୋଗ ଦେଇ ନିଜର କାର୍ଯ୍ୟ ଆରମ୍ଭ କରିଛନ୍ତି । ଏହି ଥାନା ଇଲାକର ଲୋକମାନଙ୍କୁ ଆଇନ ସୁରକ୍ଷା, ଶାନ୍ତି ଶୃଙ୍ଖଳା, ରକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି ସେହିଭଳି ପୋଲିସ ଓ ଜନ ସାଧାରଣ ମଧ୍ୟରେ ସୁ ସମ୍ପର୍କ ସ୍ଥାପନ ଉପରେ ମଧ କାର୍ଯ୍ୟ କରିବା ଦିଗରେ ଅଧିକ ଗୁରୁତ୍ୱ ଦିଆଯିବ। ସେ କାର୍ଯ୍ୟରେ ଯୋଗ ଦେବା ପରେ ଆସିକା ଉପଖଣ୍ଡ ଅରକ୍ଷୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ଭେଟି ସାକ୍ଷାତ କରିଛନ୍ତି ।

### ଅଷ୍ଟମପ୍ରହର ନାମଯଜ୍ଞ

ରଘୁନାଥପୁର (ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ସ୍ଥାନୀୟ ଜଗନାଥପୁର ଗ୍ରାମରେ ୩୫ତମ ବାର୍ଷିକ ଅଷ୍ଟମପ୍ରହର ନାମଯଜ୍ଞ ପବିତ୍ର ଦୋଳପୂର୍ଣ୍ଣିମାରେ ଗ୍ରାମର ଆରାଧ ଭାଗବ ଗୋସାଇଁଙ୍କ ପୀଠସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି ।ଗୁରୁବାର ସୁବାଧିବାସ ଅବସରରେ ଗ୍ରାମର ମହିଳା ଓ ପୁରୁଷ ମାନେ ଏକ ବିରାଟ ଶୋଭାଯାତ୍ରାରେ ୧୦୧ କଳସରେ ମହାନଦୀ ଘାଟରୁ ଜଳଆଣି ଘଟସ୍ଥାପନ କରାଯାଇ ପୂଜାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଶୁକ୍ରବାର ପ୍ରାତଃରୁ ନାମଯଜ୍ଞ ଆରମ୍ଭ କରାଯାଇ ଥିଲା। ଆଖପାଖ ଅଞ୍ଚଳରୁ ବହୁ ଭକ୍ତ ଏଠାରେ ସମାଗମ ହୋଇ ହରିନାମ ସୁଧାରସ ପାନକରି ଆନନ୍ଦ ବଜାରରେ ପ୍ରସାଦ ସେବନ କରିଥିଲେ। ଶନିବାର ନଗରକୀର୍ତ୍ତନରେ ଗ୍ରାମପରିକ୍ରମା କରାଯାଇଥିଲା। ଏହା ଦୀର୍ଘ ୩୫ ବର୍ଷ ପୂର୍ବେ ଏହି ଗ୍ରାମର ପଞ୍ଚସଖା ନାମକ ଏକ ଛୋଟ ଅନୁଷ୍ଠାନ ପ୍ରଥମେ ଅଷ୍ଟମପ୍ରହର ନାମଯଜ୍ଞ ଆରମ୍ଭ କରିଥିଲେ। ଆଜି ଏହା ଏକ ବିରାଟ ଅନୁଷ୍ଠାନରେ ପରିଣତ ହୋଇ ସାରିଛି। ଏହି କାର୍ଯ୍ୟକ୍ରମ ପ୍ରତିବର୍ଷ ସାନପଟେଣା ଗ୍ରାମବାସୀଙ୍କ ପୂର୍ଣ୍ଣସହାୟତାରେ ଶାନ୍ତିପୂର୍ଣ୍ଣ ଭାବେ ଶେଷହୋଇଥାଏ।



## ଗୋଠିଣାରେ ମହିମା ଧର୍ମାବଲମ୍ବୀଙ୍କ ସମ୍ମିଳନୀ



ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୋଠିଣା ଗ୍ରାମରେ ମହିମା ଧର୍ମାବଲମ୍ବୀ ମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବହୁ ସାଧୁ ଯୋଗଦେଇ ସନାତନ ଧର୍ମର ପ୍ରଚାର ପ୍ରସାରର ଅଲେଖ ଧର୍ମ ହେଉଛି ଏକ ପ୍ରମୁଖ ମାର୍ଗ ବୋଲି କହିଥିଲେ। ଏଥିରେ ବକ୍କଳଧାରୀ ବେଣୁଧର ବାବା, ସନ୍ୟାସୀ ବାବା, ଲମ୍ବୋଦର ବାବା, ସୂର୍ଯ୍ୟମଣି ବାବା,ଅରୁପ ବାବାଙ୍କ ସମେତ କୈପୁନିଧାରି ସାଧୁ ଅନନ୍ତ ଦାସ,ସଂଜୟ ଦାସ, ହୃଷୀକେଶ ଦାସ,ଅମର ଦାସ, ସୁନାକର ଦାସ ପ୍ରମୁଖ ଶତାଧିକ ସାଧୁ ସନ୍ତ ଯୋଗ ଦେଇଥିଲେ। ଅପରାହ୍ନରେ ଅବସରପ୍ରାପ୍ତ ଇଂଜିନିୟର ଅଦିତ୍ୟ ପ୍ରସାଦ ମହାପାତ୍ରଙ୍କ ଗୃହରେ ସମସ୍ତ ସାଧୁ ମାନଙ୍କ ପାଇଁ ଭିକ୍ଷା ବ୍ୟବସ୍ଥା କରା ଯାଇଥିବା ବେଳେ ସଂଧ୍ୟାରେ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଁକାର ଅଭିଷେକ ମହାପାତ୍ରଙ୍କ, ଅମୂଲ୍ୟ ଚନ୍ଦ୍ରକାନ୍ତ ମହାପାତ୍ର,ଶରତ ଚନ୍ଦ୍ର ବାରିକଙ୍କ ସମେତ ଗ୍ରାମବାସୀ ମାନେ ସହଯୋଗ ପ୍ରଦାନ କରିଥିଲେ। ସାଧୁ ମାନଙ୍କ ଭିକ୍ଷାପରେ ସମସ୍ତଙ୍କ ପାଇଁ ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ବ୍ୟବସ୍ଥା କରାଯାଇଥିଲା।

## ଯୋଗୀଡଙ୍ଗରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଳ ଯନ୍ତ୍ରଣାର ଅନ୍ତ କେବେ ?




ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ବ୍ଲକର ଦୁର୍ଗମ ଅଞ୍ଚଳରେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି ଅଧ୍ୟୟନରତ ଛାତ୍ରଛାତ୍ରୀ। ବ୍ଲକର ତୋହରା ପଞ୍ଚାୟତ ଅଧିନସ୍ଥ ଯୋଗୀଡଙ୍ଗରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୂର ହେଉନି ଜଳ କଷ୍ଟ । ପିଇବା ପାଣି ଟିକେ ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ଛାତ୍ରଛାତ୍ରୀ। ବିଦ୍ୟାଳୟ ପରିସର ରେ ଉକ୍ଟ ପାଣି ସମସ୍ୟା ଲାଗି ରହିଛି। ଏଠାରେ ନଳକୂପ ଟିଏ ମଧ ନଥିବା ବେଳେ କେବଳ ସୁନ୍ଦର ପାଣିଟାଙ୍କି ସ୍ଥାପନ କରାଯାଇଛି। ନିକଟରେ ମଧ କୌଣସି ବ୍ୟବସ୍ଥା ନାହିଁ। ପାଣି ଡ୍ରମ କିଣି ଆଣି ମଧ୍ୟାହ୍ନ ଭୋଜନ ରୋଷେଇ କରାଯାଉଛି। ପିଇବା ପାଣି ଯୋଗାଇ ଦେବା ଲାଗି ବାରମ୍ବାର କର୍ତ୍ତୃପକ୍ଷଙ୍କୁ ଜଣାଇ ଆସୁଛୁ ହେଲେ କୌଣସି ସୁଫଳ ମିଳୁନାହିଁ ବୋଲି କହିଛନ୍ତି ବିଦ୍ୟାଳୟର ଛାତ୍ରଛାତ୍ରୀ। ସରକାରଙ୍କ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା ସଂପର୍କରେ ନିଆ ଯାଇଥିବା ବିଭିନ୍ନ ବ୍ୟବସ୍ଥା ସଂପର୍କରେ କେବଳ ଭାଷଣ ଛଡା ବାସ୍ତବତା ବହୁ ଦୂରରେ। ଲୋକଙ୍କୁ ବଞ୍ଚି ରହିବା ପାଇଁ ମୁଖ୍ୟ ପ୍ରାଥମିକ ଆବଶ୍ୟକତା ପାନୀୟ ଜଳ ଭଳି ମାନବିକତା ସଂପର୍କିତ ପ୍ରସଙ୍ଗ ଉପରେ ଜିଲ୍ଲାପାଳ ସମୀକ୍ଷା କରି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି । ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଫଳରେ ବିଭିନ୍ନ ସ୍ଥାନରେ ପାନୀୟ ଜଳର ସମସ୍ୟା ଦେଖିବାକୁ ମିଳୁଛି । ତୁରନ୍ତ ଏହି ପାନୀୟ ଜଳ ସମସ୍ୟାର ସମାଧାନ କରିବାକୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ । ଏଥିପାଇଁ ଜିଲ୍ଲାପାଳଙ୍କ ସହିତ ସେ ବିଭିନ୍ନ ଜିଲ୍ଲାର ସ୍ଥିତି ସମୀକ୍ଷା କରୁଛନ୍ତି । ଗ୍ରୀଷ୍ମ ଲହରୀ ଜାରି ରହିଥିବାରୁ ସତର୍କତାମୂଳକ ବିଭିନ୍ନ ପଦକ୍ଷେପ ନେବାକୁ ସେ ଜିଲ୍ଲାପାଳ ତଥା ସଂପୃକ୍ତ ବିଭାଗଙ୍କୁ ପରାମର୍ଶ ଦେଇଛନ୍ତି । ହେଲେ ଯୋଗୀଡଙ୍ଗରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ବର୍ଷରୁ ଲାଗି ରହିଥିବା ଜଳ ଯନ୍ତ୍ରଣାର ଅନ୍ତ କେବେ ଦେଖିବାକୁ ବାକି ରହିଲା।



କଟକ(ଭାସ୍କର ନ୍ୟୁଜ): କଟକ ସଙ୍ଗୀତ ଓ ଆଧାତ୍ମିକ ପରସ୍ପର ଓତପ୍ରୋତ ଭାବରେ ଜଡ଼ିତ। ସଙ୍ଗିତ ହିଁ ଆଧାତ୍ମିକ ଚେତନାକୁ ଜାଗ୍ରତ କରି ରଖିଥାଏ। ସାମ୍ପ୍ରତିକ ସମାଜରେ ଏକ ଆଧାତ୍ମିକ ବାଦ୍ ସୃଷ୍ଟି ହେବାର ପ୍ରାସଙ୍ଗିକତା ରହିଛି। ସେହି ଭଳି ମଣିଷ କର୍ମମୟ ଜୀବନରେ କର୍ମ କ୍ଳାନ୍ତ ହେଲେ ସେ କିଛି ସମୟ ନିଜକୁ ସଙ୍ଗୀତରେ ହଜାଇ ଦେଇଥାଏ। ସଙ୍ଗୀତ ଏକ ମାଧ୍ୟମ ଯାହାକି ମଣିଷର ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ସହାୟକ ହୋଇ ପାରିବ। ଆଧାତ୍ମିକବାଦ୍ ମଣିଷ ମନରେ ଶାନ୍ତି ଆଣିପାରିବ। ଯାହା ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ। ଅବସର ପ୍ରାପ୍ତ ବିଚାରପତି ଜଷ୍ଟିସ ଅରୁଣ କୁମାର ପରିଛା ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟ କ୍ରମକୁ ଉଦ୍‌ଘାଟନ କରିଥିଲେ । ସେହିପରି ପଦ୍ମଶ୍ରୀ ଡକ୍ଟର ଶ୍ୟାମାମଣି ଦେବୀ, ଗୁରୁ ଶ୍ରୀ ଗୋପୀନାଥ ବେହେରା, ଗୁରୁ ପଣ୍ଡିତ ହରମୋହନ ଖୁଣ୍ଟିଆ ସମ୍ମାନନୀୟ ଅତିଥି ଭାବରେ ଯୋଗଦେଇ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରତିଷ୍ଠାତା ଗୁରୁ ଡକ୍ଟର ପ୍ରଦ୍ୟୁମ୍ନ କିଶୋର ଦେବ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ଅସିତ ରଞ୍ଜନ ପ୍ରଧାନ ସଂପାଦକୀୟ ବିବରଣୀ ପାଠ କରିଥିଲେ। କଣ୍ଠଶିଳ୍ପୀ ଦୀପ୍ତି ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।








ରଙ୍ଗର ପର୍ବ ହୋଲିରେ ଭୁବନେଶ୍ୱର ଓ କଟକର ବିଭିନ୍ନ ସ୍ଥାନରେ ମହାଆନନ୍ଦରେ ପରସ୍ପର ପରସ୍ପରକୁ ରଙ୍ଗ ମାରିବା ସହ ଭାଇଚାରା ପ୍ରଦର୍ଶନ କରୁଛନ୍ତି ।

# ହୋଲିରେ ରଙ୍ଗୀନ୍ ହେଲା ଟ୍ୱିନ୍‌ସିଟି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚଳିତ ବର୍ଷ ରଙ୍ଗର ପର୍ବ ହୋଲି ରାଜ୍ୟରେ ଧୂମ୍‌ଧାମରେ ପାଳିତ ହୋଇଥିବା ବେଳେ କେତେକ ସ୍ଥାନରେ ଅଘଟଣ ଘଟିବା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଭୟଭୀତ କରିଛି । ତଥାପି ରଙ୍ଗର ପର୍ବ ହୋଲିରେ ରାଜ୍ୟବାସୀ ଭାଇଚାରାର ସମ୍ପର୍କକୁ ଅତୁଟ୍ ଓ ଅକ୍ଷୁଣ୍ଣ ରଖିବା ନିମନ୍ତେ ନିଜ ସ୍ତରରେ ପ୍ରୟାସ କରିଥିଲେ । ତେବେ ଟ୍ୱିନ୍‌ସିଟିରେ ପବିତ୍ର ହୋଲି ଉତ୍ସବ ପାଳନ ହୋଇଥିବା ବେଳେ ଏଥିରେ ଟ୍ୱିନ୍‌ସିଟି ରଙ୍ଗୀନ୍ ହୋଇପଡ଼ିଥିଲା । ପ୍ରତ୍ୟେକ ରାଜନୈତିକ ରାଜ୍ୟ କାର୍ଯ୍ୟାଳୟରେ ଏହି ପର୍ବକୁ ଧୂମ୍‌ଧାମ୍‌ରେ ପାଳନ କରାଯାଇଥିବା ଦେଖିବାକୁ ମିଳିଛି ।



ରାଜଧାନୀର ବିଭିନ୍ନ ସ୍ଥାନରେ ଧୂମ୍‌ଧାମରେ ରଙ୍ଗ ଉତ୍ସବ ପାଳନ କରାଯାଇଥିଲା । ରଙ୍ଗ ବେରଙ୍ଗର ଅଭୀର ସାଥିରେ ସମସ୍ତେ ରଙ୍ଗେଇ ହୋଇ ପରସ୍ପରକୁ ହୋଲିର ଅଭିନନ୍ଦନ ଜଣାଇବା ସହ ପିଠାମିଠାରେ ଆପ୍ୟାୟିତ ହୋଇଥିଲେ । ଏହାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା । ପ୍ରତ୍ୟେକ ଜନଗହଳିପୂର୍ଣ୍ଣ ସ୍ଥାନରେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ଫୋର୍ସ୍ ମୁତୟନ କରାଯାଇଥିଲା । ସେହିପରି କଟକ ସହରର ୫୨ ବଜାର ୫୩ ଗଳିରେ ଶାନ୍ତିଶୃଙ୍ଖଳାରେ ହୋଲି ପର୍ବ ପାଳିତ ହୋଇଥିବା ବେଳେ ସବୁ ବର୍ଗର ଲୋକମାନେ ସାମିଲ୍ ହୋଇଥିଲେ ।

## ଓଲିଉଡ କଳାକାରଙ୍କ ସହ ହୋଲି ଖେଳିଲେ କିସ୍ ଛାତ୍ରଛାତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରତିବର୍ଷ ପରି ଚଳିତବର୍ଷ କିସ୍‌ରେ ପାଳିତ ହୋଇଯାଇଛି। ଶୁକ୍ରବାର କିସ୍ ଦୂତୀଚାନ୍ଦ ଷ୍ଟାଡ଼ିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଦିବଂଗତ ଓଲିଉଡ୍ ସୁପରଷ୍ଟାର ଉତ୍ତମ ମହାନ୍ତି ଓ ସଂଗୀତ ନିର୍ଦ୍ଦେଶକ ବିନୟ ରଥଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପରେ କିସ୍ ଛାତ୍ରଛାତ୍ରୀମାନେ ବିଶିଷ୍ଟ ଓଡ଼ିଆ ସିନେ ତାରକା, ସାହିତ୍ୟିକ, କଳାକାର, ବ୍ୟଙ୍ଗକାର, ବୁଦ୍ଧିଜୀବୀ, ସମାଲୋଚକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ଚିତ୍ରାଭିନେତାଙ୍କ ସହ ହୋଲି ପାଳିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଦମ୍ବିନୀ ସମ୍ପାଦିକା ଡ. ଇତି ସାମନ୍ତ, ସିନେ ସମୀକ୍ଷକ ଦିଲୀପ ହାଲି, ସଂଳାପକାର ଡ. ରଜନୀରଞ୍ଜନ, ବିଜୟ ମଲ୍ଲ, ନିର୍ଦ୍ଦେଶକ ଓ ପ୍ରଯୋଜକ ସବ୍ୟସାଚୀ ମହାପାତ୍ର, ସଞ୍ଜୟ ନାୟକ, ବସନ୍ତ ସାହୁ, ଜୁବୁଲି ସୁନ୍ଦରାୟ, ଅଜୟ ରାଉତରାୟ, ତାପସ ସରଗରିଆଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ବିଶେଷ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

## ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଦୋଳ ମହୋତ୍ସବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରତିବର୍ଷ ପରେ ଚଳିତ ବର୍ଷ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଦୋଳଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ଭଜନ ମଣ୍ଡପ ଠାରେ ଦୋଳ ମହୋତ୍ସବ ୨୦୨୫ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଜନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏକାମ୍ର ସାଂସ୍କୃତିକ ପ୍ରକାଶନୀର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭଜନ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ତଥା ସଂସ୍ଥାର ଉପସଭାପତି ବାବୁ ସିଂ, ବିଜେପି ରାଜ୍ୟ ଶାଖାର ପୂର୍ବତନ ସଭାପତି ତଥା ସଂସ୍ଥାର ଉପସଭାପତି ସମୀର ମହାନ୍ତି, ପିସିସି ଉପସଭାପତି ତଥା ବରିଷ୍ଠ ଉପଦେଷ୍ଟା ଶିବାନନ୍ଦ ରାୟ, ରଶ୍ମି ମହାପାତ୍ର, ଅନୁଷ୍ଠାନର ସାଧାରଣ ସଂପାଦକ ତଥା ବରିଷ୍ଠ ସାମ୍ବାଦିକ ସନତ ମିଶ୍ର, କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଅନୁଷ୍ଠାନ ଯୁଗ୍ମ ସଂପାଦକ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ, ଲଲାଟେନ୍ଦୁ ମହାନ୍ତି, ଗଣେଶ ପାଲ, ବାବନ ଚନ୍ଦ୍ର ମହାପାତ୍ର, ପ୍ରମୋଦ କୁମାର ଦାସ, ସୁଧୀର ରଞ୍ଜନ ଜେନା, କେଦାରନାଥ ମହାପାତ୍ର, ପ୍ରତାପ ପଟ୍ଟନାୟକ ଓ କାର୍ଯ୍ୟାଳୟ ସମ୍ପାଦକ ବିଶ୍ୱନାଥ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

ଭୁବନେଶ୍ୱରରେ ହେବ ଜାତୀୟସ୍ତରର ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ ସେଣ୍ଟର ଶାଖା

# ସାଂସଦ ଅପରାଜିତାଙ୍କ ପ୍ରସ୍ତାବକୁ କେନ୍ଦ୍ରମନ୍ତ୍ରୀଙ୍କ ସହମତି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱରରେ ସ୍ଥାପନ ହେବ ଜାତୀୟ ସ୍ତରର ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ ସେଣ୍ଟର୍‌ର ଏକ ଶାଖା । ଏନେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱାତଙ୍କୁ ଗତ ୧୩ ମାର୍ଚ୍ଚରେ ନୂଆଦିଲ୍ଲୀରେ ସାକ୍ଷାତ କରିବା ଅବସରରେ ଏକ ଦାବି ସମ୍ବଳିତ ପତ୍ର ପ୍ରଦାନ କରିଛନ୍ତି । କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ନେଇ ଭୁବନେଶ୍ୱର ସାଂସଦଙ୍କୁ ଆଶ୍ୱାସନା ଦେବା ସହିତ ଶୀଘ୍ର ଏହାର କାମ ଆରମ୍ଭ ହେବା ନେଇ ପ୍ରତିଶ୍ରୁତି ରଖିଛନ୍ତି । ଏହି ଅବସରରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଗତ ୨୦୨୪ ସେପ୍ଟେମ୍ବର ୧୦ ତାରିଖରେ ବ୍ରାଞ୍ଚ ଅଫ୍ ନାସନାଲ୍ ଗ୍ୟାଲେରୀ ଅଫ୍ ମଡର୍ଣ୍ଣ ଆର୍ଟ ବା ଏନଜିଏମଏ, ଭୁବନେଶ୍ୱରରେ ପ୍ରତିଷ୍ଠା କରିବାକୁ କେନ୍ଦ୍ର ନିକଟରେ ପ୍ରଥମେ ପ୍ରସ୍ତାବ ରଖିଥିଲେ । ପୂର୍ବରୁ ୨୫ ସେପ୍ଟେମ୍ବର ୨୦୨୪ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭୁବନେଶ୍ୱରରେ ଏକ ଜାତୀୟ ସ୍ତରର ମଡର୍ଣ୍ଣ ଆର୍ଟ ଗ୍ୟାଲେରୀର ଏକ ଶାଖା ପ୍ରତିଷ୍ଠା ନେଇ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଶୀଘ୍ର ଏକ ଚିଠି ଲେଖି ଦାବି ଜଣାଇଥିଲେ । ଏହି ଜାତୀୟ ସ୍ତରର ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ ଶାଖାରେ ଖଣ୍ଡଗିରି, ଉଦୟଗିରି, ହାତୀ ଗୁମ୍ଫା, ଲିଙ୍ଗରାଜ ମନ୍ଦିର, ପୁରୀର ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟମନ୍ଦିର ପରି ସ୍ଥାପତ୍ୟ ସ୍ଥାନ ଦେବାକୁ ପରାମର୍ଶ ରଖିଥିଲେ ଓଡ଼ିଶା ମୁଖ୍ୟମନ୍ତ୍ରୀ। ପୁଣି ଥରେ ରାଜ୍ୟ ସରକାରଙ୍କ ଦାବିକୁ କେନ୍ଦ୍ର ନିକଟରେ ଭୁବନେଶ୍ୱର ସାଂସଦ ଦୋହରାଇବା ପରେ ଏ ଦିଗରେ ସକାରାତ୍ମକ ପଦକ୍ଷେପ ଗ୍ରହଣ ନେଇ ପ୍ରତିଶ୍ରୁତି ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ । ଓଡ଼ିଶାରେ ଜାତୀୟ ସ୍ତରର ମଡର୍ଣ୍ଣ ଆର୍ଟ ଗ୍ୟାଲେରୀର ଗୋଟିଏ ଶାଖା ପ୍ରତିଷ୍ଠା ହେଲେ ରାଜ୍ୟର ଅନେକ ପ୍ରଖ୍ୟାତ କଳାକାରଙ୍କ କାରିଗରୀ ମଧ୍ୟ ଏଠାରେ ସ୍ଥାନ ପାଇପାରିବ ବୋଲି କହିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ।

## ସବ୍‌ସିଡିରେ ପୋଷଣ କେନ୍ଦ୍ରରେ ମିଳିବ ରାସନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏଣିକି ସବ୍‌ସିଡିରେ ପୋଷଣ କେନ୍ଦ୍ରରେ ମିଳିବ ରାସନ । ଲାଭବାନ ହେବେ ମଧ୍ୟବିତ୍ତ ଶ୍ରେଣୀର ଲୋକ । ଏଥିପାଇଁ ଖୁବଶୀଘ୍ର ରାଜ୍ୟରେ ଖୋଲିବ ପୋଷଣ କେନ୍ଦ୍ର । ଏନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି । ଦିଲ୍ଲୀ, ଗୁଜରାଟ ଢାଞ୍ଚାରେ ଏହା ଖୋଲିବ । ୩୫ଟି ଜାଗାରେ ପାଇଲଟ ପ୍ରୋଜେକ୍ଟ ଆରମ୍ଭ ହେବ । କେନ୍ଦ୍ର ଓ ରାଜ୍ୟ ଏଥିପାଇଁ ସବସିଡି ଦେବେ । ତେବେ ଖୁବ୍‌ଶୀଘ୍ର ବିଭାଗର ଏକ ଟିମ୍ ଦିଲ୍ଲୀ ଓ ଗୁଜରାଟ ଯାଇ ସେଠାରେ ଚାଲିଥିବା ପୋଷଣ କେନ୍ଦ୍ରର ଅନୁଧ୍ୟାନ କରିବେ । ଆଗକୁ ପ୍ରତି ପଞ୍ଚାୟତରେ ପୋଷଣ କେନ୍ଦ୍ର ଖୋଲିବାକୁ ଲକ୍ଷ୍ୟ ରଖାଯାଇଛି । ଯେଉଁମାନେ ହିତାଧିକାରୀ ହେବେ ସେମାନଙ୍କୁ ସ୍ୱତନ୍ତ୍ର କାର୍ଡ ଦିଆଯିବ । ସରକାର ଯୋଜନା କରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ଖୁବ୍‌ଶୀଘ୍ର ଚୁଡାନ୍ତ ନିଷ୍ପତ୍ତି ନେବେ ।

## ରମାକାନ୍ତ ରଥଙ୍କ ଶେଷଦର୍ଶନ କଲେ ପୋଲିସ କମିଶନର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କବି ରମାକାନ୍ତ ରଥଙ୍କ ଶେଷ ଦର୍ଶନ କରିଛନ୍ତି ଟ୍ୱିନ ସିଟି ପୋଲିସ କମିଶନର ଏସ. ଦେବଦତ୍ତ ସିଂ । ଏହି ଅବସରରେ କମିଶନର କହିଛନ୍ତି ଯେ, ଭାରତୀୟ ଭାଷା ଏବଂ ସାହିତ୍ୟର ଜଣେ ହୀରା । ପାଠ ପଢିବା ବେଳେ ତାଙ୍କର ଅନେକ ଲେଖାର ହିନ୍ଦୀ ଅନୁବାଦ ଥାଏ ତାହା ଆମେ ପଢିଛୁ । ପ୍ରଶାସନ ଏବଂ ସାହିତ୍ୟ ଉଭୟ କ୍ଷେତ୍ରକୁ ସେ ଯେଉଁ ବାଲାନ୍ସ କରି ଚାଲିଥିଲେ ତାହା ପ୍ରଶଂସନୀୟ । ଆସନ୍ତାକାଲି ପୁରୀରେ ତାଙ୍କର ଶେଷ କୃତ୍ୟ ହେବ ଏବଂ ଏଥିପାଇଁ ସମସ୍ତ ପ୍ରସ୍ତୁତି ହୋଇଛି । ରାଜ୍ୟ ସମ୍ମାନରେ ତାଙ୍କ ଶେଷକୃତ୍ୟ ସମ୍ପାଦନ କରାଯିବ ବୋଲି ପୋଲିସ କମିଶନର କହିଛନ୍ତି ।

## ୨୭ରେ ବିଧାନସଭା ଘେରାଉ ପାଇଁ ପର୍ଯ୍ୟବେକ୍ଷକ ଓ ପ୍ରବକ୍ତା ନିଯୁକ୍ତି କଲା କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଡାକରାରେ ଆଗାମୀ ୨୭ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ବିଧାନସଭା ଘେରାଉ କାର୍ଯ୍ୟକ୍ରମକୁ ସଫଳ କରିବା ଏବଂ ଜିଲ୍ଲାରୁ ଯେପରି ବହୁ ସଂଖ୍ୟାରେ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଯୋଗଦେବେ ସେଥିପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ପ୍ରତ୍ୟେକ ଜିଲ୍ଲା ନିମନ୍ତେ ନିମ୍ନମତେ ପର୍ଯ୍ୟବେକ୍ଷକ ଓ ପ୍ରବକ୍ତା ନିଯୁକ୍ତି କରିଛନ୍ତି। ଖୁବଶୀଘ୍ର ଏହି ପର୍ଯ୍ୟବେକ୍ଷକ ଓ ପ୍ରବକ୍ତାମାନେ ସଂପୃକ୍ତ ଜିଲ୍ଲା ସଭାପତିଙ୍କୁ ଯୋଗାଯୋଗ କରି ଜିଲ୍ଲା ଗସ୍ତ କରିବେ ଏବଂ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀଙ୍କୁ ଯୋଗଦେବା ପାଇଁ ବିହିତ ବ୍ୟବସ୍ଥା ଗ୍ରହଣ କରିବେ। ପ୍ରବକ୍ତାମାନେ ସ୍ଥାନୀୟ ଗଣମାଧ୍ୟମଙ୍କ ଜରିଆରେ ଏହି ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଁଚାଇବାକୁ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି।

## ପଦ୍ମଭୂଷଣ ରମାକାନ୍ତ ରଥଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପରଲୋକରେ ବିଶିଷ୍ଟ କବି ପଦ୍ମଭୂଷଣ ରମାକାନ୍ତ ରଥ। ଭୁବନେଶ୍ୱର ଖାରବେଳନଗରସ୍ଥିତ ବାସଭବନରେ ତାଙ୍କର ଦେହାନ୍ତ ଘଟିଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ସାହିତ୍ୟିକ ରମାକାନ୍ତ ରଥଙ୍କ ବିୟୋଗରେ ପୃଥ୍ୱୀରାଜ ହରିଚନ୍ଦନ ଶୋକପ୍ରକାଶ କରିଛନ୍ତି । ଏକ୍ସ ହ୍ୟାଣ୍ଡେଲରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ପଦ୍ମଭୂଷଣ ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଶାସନିକ ଅଧିକାରୀ ତଥା ସାହିତ୍ୟିକ ରମାକାନ୍ତ ରଥଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ସେହିପରି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ରବି ନାରାୟଣ ନାଏକ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ବିଶିଷ୍ଟ କବୟିତ୍ରୀ ଡକ୍ଟର ପ୍ରତିଭା ରାୟ, ବରିଷ୍ଠ ସାମ୍ବାଦିକ ଓ ପ୍ରଶାସକ ପ୍ରମୁଖ ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହିତ ସୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି ।

## ୨୫ ତମ ଫଗୁଣ ଯୁବ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସ୍ଥାନୀୟ ଜୟଦେବ ବିହାର ବିଜୁପଟ୍ଟନାୟକ କଲେଜ ଛକଠାରେ ଗତ ମାର୍ଚ୍ଚ ୧୪ ଓ ୧୫ ତାରିଖ ଦିନ ଦୋଳପୂର୍ଣ୍ଣିମା ଓ ହୋଲି ଦିବସରେ ପ୍ରତିବର୍ଷ ଭଳି ମହୋତ୍ସବ କମିଟିର ସଭାପତି ତଥା ଉତ୍ତର ଭୁବନେଶ୍ୱର କଂଗ୍ରେସ ନେତା ଅଶୋକ ଦାସଙ୍କ ଅଧ୍ୟକ୍ଷତାରେ ରୌପଜୟନ୍ତୀ ପାଳନ କରାଯାଇଛି। ଉଦ୍‌ଘାଟନ ଦିବସରେ ମୁଖ୍ୟ ଅତିଥି ଭାବରେ ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ମନୋରଞ୍ଜନ ଦାଶ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଛାତ୍ର କଂଗ୍ରେସ ନେତା ବିଶ୍ୱଭୂଷଣ ମହାପାତ୍ର, ଭୁବନେଶ୍ୱର ଓବିସି ସେଲର ମୁଖ୍ୟ ପ୍ରସନ୍ନ ନାୟକ, ଭୁବନେଶ୍ୱର ବ୍ଲକ କଂଗ୍ରେସ ସଭାପତି ବ୍ରହ୍ମାନନ୍ଦ ସାହୁ, ଯୁବନେତା ସଂକୁନା କହଁର ଯୋଗଦେଇଥିଲେ। ପ୍ରଥମ ଦିବସରେ ରାଜ୍ୟସ୍ତରୀୟ ନୃତ୍ୟ ଓ ସଂଗୀତ ପ୍ରତିଯୋଗିତା ହୋଇଥିଲା। ଦ୍ୱିତୀୟ ଦିବସ ତଥା ଉଦ୍‌ଯାନ ଦିବସରେ ବିଶିଷ୍ଟ ପ୍ରତିଭାମାନ ବ୍ୟକ୍ତି ଉପସ୍ଥାପକ ଓ ଅଭିନେତା ସମୀର ରଞ୍ଜନ ମହାପାତ୍ର, ଦୂରଦର୍ଶନ ଧାରାବାହିକ ଚଳଚ୍ଚିତ୍ର ନିର୍ଦ୍ଦେଶକ ସୁଶାନ୍ତ ଦାସ, ସଂଗୀତ ନିର୍ଦ୍ଦେଶକ ଅଶୋକ ନାୟକ, କଣ୍ଠଶିଳ୍ପି ପ୍ରିୟଙ୍କା ଶତଥି, କଣ୍ଠଶିଳ୍ପି ଆକାଶ ନାୟକ, ହାସ୍ୟ ଅଭିନେତା ଯୁନିୟର ନଟିଆଙ୍କୁ ସମ୍ମାନିତ କରାଯିବା ସହ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି ଡ.ଦେବାଶିଷ ପଟ୍ଟନାୟକ ସମ୍ମାନୀୟ ଅତିଥି ଭାବରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ବିଶ୍ୱଜିତ ଦାଶ, ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଗିତାଞ୍ଜଳି ମହାନ୍ତି ଯୋଗଦେଇଥିଲେ। ସମ୍ପାଦକ ଦେବାଶିଷ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲାବେଳେ ମଞ୍ଚ ପରିଚାଳନା କରିଥିଲେ ବ୍ରହ୍ମାନନ୍ଦ ସାହୁ । ଅନ୍ୟମାନଙ୍କ ମଧ୍ୟରେ ଅନିଲ ଦାସ, ଶ୍ରୀନାଥ ପଟ୍ଟନାୟକ, ପରେଶ ପଣ୍ଡା, ସୁବାଷ ସାହୁ, ପ୍ରବୀଣ ମହାନ୍ତି, ରାକେଶ ରାୟ, ପ୍ରଭାତ ବାରିକ, ସୁନାକର ବାରିକ, ଦୀପକ ଦିଗଲ ଓ ବାପୁନି ଦିଗଲ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା କରିଥିଲେ।

## ବିଶିଷ୍ଟ କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାର ବିଶିଷ୍ଟ କବି ତଥା ପଦ୍ମଭୂଷଣ ପୁରସ୍କାରପ୍ରାପ୍ତ ରମାକାନ୍ତ ରଥଙ୍କ ଆଜି ପରଲୋକ ଘଟିଛି । ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ । ମୃତ୍ୟୁବେଳକୁ ତାଙ୍କୁ ୯୧ ବର୍ଷ ହୋଇଥିଲା । ସ୍ୱର୍ଗତଃ ରଥ ୧୯୩୪ ଡିସେମ୍ବର ୧୩ରେ କଟକରେ ଜନ୍ମଗ୍ରହଣ କରିଥିଲେ । ସେ ୧୯୭୫ରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇ ଓଡ଼ିଶାର ମୁଖ୍ୟ ସଚିବ ଭାବେ ୧୯୯୨ରେ ଅବସର ନେଇଥିଲେ । ତାଙ୍କ ଦ୍ୱାରା ରଚିତ କବିତା ସଙ୍କଳନଗୁଡ଼ିକ ମଧ୍ୟରୁ ସନ୍ଦିଗ୍ଧ ମୃଗୟା, ସପ୍ତମ ଋତୁ, ସଚିତ୍ର ଅନ୍ଧାର, କେତେ ଦିନର ଏବଂ ଶ୍ରେଷ୍ଠ କବିତା ଆଦି ଜନମାନସରେ ବେଶ୍ ଆଦୃତ ଲାଭ କରିଥିଲା । ସ୍ୱର୍ଗତ ରଥଙ୍କ ଦ୍ୱାରା ରଚିତ ‘ଶ୍ରୀରାଧା’ କବିତା ପାଠକୀୟ ମହଲରେ ବେଶ ଚର୍ଚ୍ଚିତ ହୋଇଥିଲା । ତାଙ୍କ ବିୟୋଗରେ ରାଜ୍ୟ ସଭାପତି ମନମୋହନ ସାମଲ ଗଭୀର ଶୋକବ୍ୟକ୍ତ କରି କହିଛନ୍ତି ଯେ, ସ୍ୱର୍ଗତ ରଥଙ୍କ କବିତା ପାଠକଙ୍କ ହୃଦୟକୁ ଆହ୍ଲାଦିତ କରିବା ସହ ଓଡ଼ିଆ ସାହିତ୍ୟ ଜଗତକୁ ସମୃଦ୍ଧ କରିବାରେ ଅକଳ୍ପନୀୟ ଯୋଗଦାନ ବହନ କରିଛି । ତାଙ୍କ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଏଭଳି ଦୁଖଦଃ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧର୍ଯ୍ୟ ପ୍ରଦାନ କରିବା ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ଶ୍ରୀ ସାମଲ ପ୍ରାର୍ଥନା କରିଛନ୍ତି ।

## ହୋଲିକୁ ଅପରାଧରେ ଅପବିତ୍ର କରିଛନ୍ତି ସରକାର: ଅରୁଣ ସାହୁ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ହୋଲିକୁ ଅପରାଧରେ ଅପବିତ୍ର କରିଛନ୍ତି ସରକାର କହି ରାଜ୍ୟସରକାରଙ୍କୁ ଟାର୍ଗେଟ କରିଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ । ସେ କହିଛନ୍ତି ଯେ, ଗତକାଲି ପବିତ୍ର ହୋଲି ଥିଲା । ସରକାର ବହୁତ ନାରାବାଜି କରିଥିଲେ ଶାନ୍ତି ଶୃଙ୍ଖଳା ରଖିବେ ବୋଲି । ହେଲେ ରାଜ୍ୟ ସାରା ପାଞ୍ଚଟି ହତ୍ୟାକାଣ୍ଡ ସହ ଅନେକ ହିଂସାକାଣ୍ଡରେ ଲୋକେ ଆହତ ହୋଇଛନ୍ତି । ମହାନଗର ନିଗମରେ ମହା ମର୍ଡର ଓ ସ୍ମାର୍ଟ ନଗରରେ ସ୍ମାର୍ଟ ମର୍ଡର ହୋଇଛି । ସରକାର ନିଦ୍ରାରେ ଅଛନ୍ତି । ଶହ ଶହ ହତ୍ୟା ଏହି ୯ ମାସରେ ହେଲାଣି । କାରଣ ଏହା ଦୁର୍ବଳ ସରକାର । ଅପରାଧୀ ଏହି ସରକାର ସମୟରେ ଅପରାଧ ଘଟାଉଛନ୍ତି, କାରଣ ସେମାନେ ଜାଣିଛନ୍ତି ସରକାର ଦୁର୍ବଳ । ଶକ୍ତ ହୁଅନ୍ତୁ ସରକାର । ହୋଲିକୁ ଅପରାଧରେ ଅପବିତ୍ର କରିଛନ୍ତି ସରକାର । ବିଧାନସଭା ଓ ଗୃହ ବାହାରେ ଆଇନ ଶୃଙ୍ଖଳା କଥା ସବୁବେଳେ ଉଠୁଛି ବୋଲି କହି ବର୍ଷିଛନ୍ତି ଅରୁଣ ସାହୁ ।

## ପ୍ରକୃତ ହିତାଧିକାରୀ ଯାଞ୍ଚ ପାଇଁ ହେବ ଫିଜିକାଲ ସର୍ଭେ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରକୃତ ହିତାଧିକାରୀ ଯାଞ୍ଚ ପାଇଁ ହେବ ଫିଜିକାଲ ସର୍ଭେ । ସର୍ଭେ ପରେ ଚୂଡାନ୍ତ ହେବ ରାସନ କାର୍ଡ ହିତାଧିକାରୀଙ୍କ ତାଲିକା । ଏନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି । ଏବେ ସୁଦ୍ଧା ୩୦ ଲକ୍ଷ ୭୩୪ ଲୋକ ଇ-କେୱାଇସି କରିନାହାଁନ୍ତି । ୩୧ ମାର୍ଚ୍ଚ ପରେ ଜଣାପଡ଼ିବ କେତେ ଲୋକ ଇ-କେୱାଇସି କରିନାହାଁନ୍ତି । ଏହା ପରେ କାହିଁକି ହିତାଧିକାରୀ ଇ-କେୱାଇସି କରି ନାହାନ୍ତି ଫିଲଡ ଭିଜିଟ କରି ଦେଖିବେ ବିଭାଗୀୟ ଅଧିକାରୀ । ତେବେ ହଠାତ୍ କାହାର ରାସନକାର୍ଡ କଟାଯିବନି ବୋଲି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ । ସେହିପରି ୬ ଲକ୍ଷ ୩୫ ହଜାର ପୋର୍ଟାଲ ଜରିଆରେ ଆଗରୁ ଆବେଦନ କରିଛନ୍ତି। ଏବେ ସେମାନଙ୍କ ସର୍ଭେ ଚାଲିଥିବା ବେଳେ ଏପ୍ରିଲ ୧୫ ସୁଦ୍ଧା ସର୍ଭେ କାମ ସରିବ। ତାପରେ ନୂଆ ରାସନ କାର୍ଡ ହିତାଧିକାରୀ ରାସନ ପାଇବେ । ସେହିପରି ନୂଆ ପୋର୍ଟାଲରେ ଏବେ ସୁଦ୍ଧା ୫୦ ହଜାର ନୂଆ ରାସନ କାର୍ଡ ପାଇଁ ଆବେଦନ କରିଛନ୍ତି। ସମ୍ପୂର୍ଣ୍ଣ ଆବେଦନ ସରିବା ପରେ ଏହାର ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

# ସୁନୀଲଙ୍କୁ ମିଳିଲା ‘ରଙ୍ଗ ଉତ୍ସବ’ ସମ୍ମାନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସାମାଜିକ ଅନୁଷ୍ଠାନ ଡୁଡ଼ନୁ ଫାଉଣ୍ଡେସନ୍ ପକ୍ଷରୁ ନିଆରା ଢଙ୍ଗରେ ରଙ୍ଗ ଉତ୍ସବ ୨୦୨୫ ପାଳିତ ହୋଇଯାଇଛି । ଶହେରୁ ଊର୍ଦ୍ଧ୍ୱ ମାନସିକ ଅନଗ୍ରସର ଶିଶୁଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ସହ କବିତା ଓ ସଙ୍ଗୀତରେ ରଙ୍ଗକୁ ପରଷି, ଅନେକ ଅତିଥିଙ୍କ ଗହଣରେ ପାଳନ କରାଯାଇଥିଲା ଏହି ଉତ୍ସବ। ଆଗାମୀ ଦିନରେ ଜାତୀୟସ୍ତରରେ ଦିଲ୍ଲୀରେ ଏହି ଉତ୍ସବକୁ ପାଳନ କରାଯିବ ବୋଲି ସୂଚନା ମିଳିଛି । ଏହି ଅବସରରେ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, କବି ସୂର୍ଯ୍ୟ ମିଶ୍ର, କବି ପ୍ରମୋଦ ପ୍ରଧାନ, ପ୍ରଯୋଜକ ଶ୍ରୀଧର ମାର୍ଥା, ଶିକ୍ଷାବିତ୍ ଭାବଗ୍ରାହୀ ରାଉତ, ପ୍ରକାଶକ ସୁଧୀର ମଉଡ଼ମଣିଙ୍କ ସହ ସମ୍ମାନିତ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୂତିଭୂଷଣ କର, ବିଧାୟକ ସୁରେଶ କୁମାର ରାଉତରାୟ, ପ୍ରକାଶକ ପ୍ରକାଶ ମହାପାତ୍ର, କବି ଜୁବୁଲି କାନୁନଗୋ, ଯୁବକବି ତାପସ ରାଉତ, ସାମ୍ବାଦିକ କେଦାର ମିଶ୍ର, ନୃତ୍ୟଶିଳ୍ପୀ ଗୌରୀ ଶଙ୍କର ଦାଶ, କବି ଶୁଭଶ୍ରୀ ଶୁଭସ୍ମିତା ମିଶ୍ର, ବିନ୍ଦୁଜା ଉପାଧ୍ୟାୟ, ସାମାଜସେବୀ ମୀରା ପରିଡା, ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ, ପ୍ରାକ୍ତନ ଅଧ୍ୟକ୍ଷା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ, ଗିରିଜା ନନ୍ଦନ ମହାନ୍ତିଙ୍କ ସହ ଅନେକ୍ ମାନ୍ୟଗଣ୍ୟ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ। ‘ରଙ୍ଗ ଉତ୍ସବ ସମ୍ମାନ ୨୦୨୫’ରେ ସମ୍ମାନିତ ହୋଇଥିଲେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ସୁନୀଲ ମହାନ୍ତି (ମୁନୁ ପାଗଳ)। ଅନ୍ୟାନ୍ୟ ଅତିଥିଙ୍କ ମଧ୍ୟରୁ ମାନସ ବସ୍ତିଆ, ତନ୍ମୟ ସାମନ୍ତରାୟ, ମୁକ୍ତିକାନ୍ତ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସାମାଜସେବୀ ମହାସଂଘ ପ୍ରତିଷ୍ଠାତା ନାରାୟଣ ଚନ୍ଦ୍ର ଓଝା, କୁନି ନୃତ୍ୟଶିଳ୍ପୀ ପୂର୍ଣ୍ଣିମା ଦାସ, ମନୀଷା ମହାନ୍ତି, ଶ୍ରିୟାସି ଜେନା, ନୃତ୍ୟ ପରିବେଷଣ କରିବା ସହ ଚିତ୍ତରଞ୍ଜନ ସତପଥୀ, ଶ୍ରିୟାସି ଜେନା, ଦେବାଶିଂ ଷଡଙ୍ଗୀଙ୍କ ସହ ସଙ୍ଗୀତ ପରିବେଷଣ କରାଯାଇଥିଲା। ଆୟୋଜକ ମୁଖ୍ୟ ଡ.ବନ୍ଦନା ହରିଚନ୍ଦନ, ଅଧ୍ୟକ୍ଷା, ଡୁଡ଼ନୁ ଫାଉଣ୍ଡେସନ ଟ୍ରଷ୍ଟ, ନିର୍ଦ୍ଦେଶକ ସଞ୍ଜୀବ କୁମାର ହରିଚନ୍ଦନ, ସ୍ୱାୟତ୍ତ ସ୍ୱଜନ ହରିଚନ୍ଦନ, ସଭାପତି ଏସ୍ ରାଜୀବ ଗୌରବ, ଲୋପାମୁଦ୍ରା ସାମନ୍ତରାୟ, କବିତା ମହାପାତ୍ର, ରାକେଶ ପ୍ରଧାନ, ରସ୍ମିତା ମହାନ୍ତି, ଗୋପାଙ୍ଗିନି ପ୍ରଧାନ, ଅଭୟ କୁମାର ଶତପଥୀ, ଜୋତ୍ସ୍ନା ରାଣୀ ସେନାପତି, ହରି କ୍ରିଷ୍ଣା, ସ୍ୱାତି, ନମିତା ହରିଚନ୍ଦନ, ଶରତ ରାଉତରାୟ, ସୁସ୍ମିତା, ନିହାରିକା, ଶଶିଭୂଷଣ, ଭାଗ୍ଯ, ସ୍ୱପ୍ନସାର୍ଥକ, ପ୍ରଜ୍ଞା, କାଜୋଲ, ଶୁଭଶ୍ରୀ ଓ ସାଥୀଙ୍କ ସହଯୋଗରେ ରଙ୍ଗ ଉତ୍ସବ ସମ୍ମାନ ୨୦୨୫ ପାଳନ କରାଯାଇଥିଲା।

ବିଜେଇଏମ୍ ସ୍କୁଲ ଅଭିଭାବକ ସଂଘର ବିଧାୟକଙ୍କ ସହ ବୈଠକ

# ଫିଁ’ ବୃଦ୍ଧି ବନ୍ଦ କରିବା ପାଇଁ ଖୁବ୍‌ଶୀଘ୍ର ନିଆଯିବ ନିଷ୍ପତ୍ତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏକ୍ରାମ ବିଧାୟକ ବାବୁ ସିଂ ପାନ୍ଥନିବାସଠାରେ ଅଭିଭାବକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସାମିଲ୍ ହୋଇଥିଲେ । ଏହି ବୈଠକରେ ବଡଗଡ ଥାନା ଅଧିକାରୀ ତୃପ୍ତି ରଞ୍ଜନ ନାୟକ, ୪୫ ନମ୍ବର ୱାର୍ଡର କରପେଟର ଅମରେଶ ଜେନା, ବିଧାୟକଙ୍କ ବ୍ୟକ୍ତିଗତ ସଚିବ, ରାଷ୍ଟ୍ରୀୟ ଅଭିଭାବକ ସଂଘ, ଓଡ଼ିଶା ଅଭିଭାବକ ସଂଘର କର୍ମକର୍ତ୍ତା ମାନେ ଆଲୋଚନାରେ ଭାଗ ନେଇଥିଲେ । ଗତ କିଛିଦିନ ତଳେ ଶହ ଶହ ଅଭିଭାବକ ବିଧାୟକଙ୍କ ବାସଭବନରେ ଦେଖାକରି ସ୍କୁଲରେ ଚାଲିଥିବା ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରିଥିଲେ । ସ୍କୁଲ ପ୍ରତ୍ୟେକବର୍ଷ ଲାଭ କରୁଥିବା ସତ୍ତ୍ୱେ ଫି ବୃଦ୍ଧି କରି ଚାଲିଛନ୍ତି । ତାହାକୁ ନେଇ ତିବ୍ର ବିରୋଧ କରି ଆସୁଛନ୍ତି ଅଭିଭାବକମାନେ । ହାଇକୋର୍ଟଙ୍କ ଏକ ସବ କମିଟି ରିପୋର୍ଟକୁ ଦେଖାଇ ପ୍ରତ୍ୟେକ ବର୍ଷ ଫି ବୃଦ୍ଧି କରିଥିବାରୁ ସେମାନେ ଅଭିଯୋଗ ମଧ୍ୟ ଥାନାରେ ଦେଇଥିଲେ । ବଡଗଡ ଥାନା ଅଧିକାରୀ ଅଭିଭାବକ ସଙ୍ଘର ଅଭିଯୋଗକୁ ଆଧାର କରି ମାମଲା ରୁଜୁ କରିଛନ୍ତି । ସ୍କୁଲ କର୍ତ୍ତୃପକ୍ଷ ଗିରଫ ହେବା ଭୟରେ ସ୍କୁଲ ବସରେ କିଛି ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ଥାନା ପଠାଇ ଅଭିଭାବକଙ୍କ ନାରେ କେସ ଦାୟର କରିଥିବା ବିଧାୟକଙ୍କ ଦୃଷ୍ଟିକୁ ଆଣିଥିଲେ । ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କର କଣ ଅସୁବିଧା ହେଲା ବୋଲି ବିଧାୟକ ପଚାରି ବୁଝିଥିଲେ । ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ କାହାରିକୁ ଛଡ଼ାଯିବ ନାହିଁ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ । ଖୁବ୍‌ଶୀଘ୍ର ଉଚ୍ଚସ୍ତରିୟ ତଦନ୍ତ କରାଯିବ ବୋଲି କହିଲେ । ଆର୍ଥିକ ଅନିମିୟତତା ପ୍ରମାଣ ମିଳିଲେ କାହାରିକୁ ଛଡା ଯିବ ନାହିଁ ବୋଲି କହିଥିଲେ । ଆଲୋଚନାରେ ସ୍କୁଲ ଅଭିଭାବକ ସଂଘର ସଭାପତି ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ସହ ସହ ଅଭିଭାବକମାନେ ଯୋଗ ଦେଇଥିଲେ । ଆଲୋଚନା ସଫଳ ହୋଇଛି ବୋଲି ଶ୍ରୀ ଦାସ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି । ଚଳିତ ବର୍ଷ ଫି ବୃଦ୍ଧିକୁ ବନ୍ଦ କରିବା ପାଇଁ ଅଭିଭାବକ ମାନେ ଦାବି କରିଥିଲେ । ସ୍କୁଲ ପରିସରରେ ବହି ବିକ୍ରିକୁ ତୀବ୍ର ବିରୋଧ କରାଯିବ ବୋଲି ଅଭିଭାବକ ସଂଘ ବିଧାୟକଙ୍କୁ ଜଣାଇଥିଲେ । ଚୁଡାନ୍ତ ନିଷ୍ପତି ଖୁବ୍‌ଶୀଘ୍ର ନିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ । ଆସନ୍ତା କାଲି ସ୍କୁଲ ପରିଚାଳନା କମିଟିଙ୍କ ସହ ବିଧାୟକଙ୍କ ଆଲୋଚନା ହେବ ବୋଲି ଉପସ୍ଥିତ ଅଭିଭାବକମାନଙ୍କୁ ଜଣାଇଥିଲେ । ଭୁବନେଶ୍ୱରର ପ୍ରଥମ ବିଧାୟକ ଯେ ଅଭିଭାବକଙ୍କ ପାଖରେ ପହଞ୍ଚି ଅଭିଯୋଗ ଶୁଣି ତୁରନ୍ତ କାର୍ଯ୍ୟକାରି କରିବା ପାଇଁ ପ୍ରତିଶ୍ରୁତି ଦେଇଥିବାରୁ ଉପସ୍ଥିତ ଶହଶହ ଅଭିଭାବକ ତାଙ୍କୁ ଧନ୍ୟବାଦ ଦେଇଥିଲେ ।





"ମାତୃଭୂମି ମାତୃଭାଷାରେ ମମତା ଯା'ହୃଦେ
ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗୁଣିରେ
ଗଣିବା ଅଜ୍ଞାନୀ ରହିବେ କାହିଁ।"
- ସ୍ୱଭାବ କବି ଗଙ୍ଗାଧର ମେହେର



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ।"
-ସନ୍ଥକବି ଭୀମଭୋଇ



## 'ଯେ ପାଞ୍ଚେ ପରର ମନ୍ଦ'...

# ପାକିସ୍ତାନ ଟ୍ରେନ୍ ଅପହରଣର ଅନ୍ତରାଳେ

ଆମ ଓଡ଼ିଆରେ ଏକ ଉକ୍ତି ଅଛି- ' ଯେ ପାଞ୍ଚେ ପରର ମନ୍ଦ, ତା' ମନ୍ଦ ପାଞ୍ଚନ୍ତି ଗୋବିନ୍ଦ'। ଏହି ଉକ୍ତିଟି ଏବେ ଆମ ପଡ଼ୋଶୀ ଶତ୍ରୁ ରାଷ୍ଟ୍ର ପାକିସ୍ତାନ କ୍ଷେତ୍ରରେ ପ୍ରମାଣିତ ହୋଇଛି। ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଜାମ୍ମୁ-କାଶ୍ମୀରରେ ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଇ ହିଂସା ଓ ଅରାଜକତା ସୃଷ୍ଟି କରିବାକୁ ସଦାସର୍ବଦା ଉଦ୍ୟମ ଚଳାଉଥିବା ପାକିସ୍ତାନ ଏବେ ନିଜ ଦେଶରେ ସ୍ୱାଧୀନ ବେଲୁଚିସ୍ତାନ ଦାବି କରୁଥିବା ବିଦ୍ରୋହୀଙ୍କ କ୍ରୋଧର ଶିକାର ହୋଇଛି। ବେଲୁଚିସ୍ତାନ ପାକିସ୍ତାନର ଏକ ଅଂଶବିଶେଷ ହୋଇଥିବା ସ୍ଥଳେ ସେଠାର ଅଧିକାଂଶମାନେ ପାକିସ୍ତାନରୁ ଅଲଗା ହୋଇ ବେଲୁଚିସ୍ତାନର ସ୍ୱାଧୀନତା ଦାବି କରୁଛନ୍ତି। ଏହି ଲକ୍ଷ୍ୟ ହାସଲ ନିମନ୍ତେ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍ଏ) ନାମରେ ଏକ ସଂସ୍ଥା ଗଠନ କରାଯାଇଛି, ଯାହା ଆନ୍ଦୋଳନର ଅଗ୍ରଭାଗରେ ରହିଛି। ଗତ ସପ୍ତାହରେ ବି.ଏଲ୍.ଏ ପକ୍ଷରୁ ଏକ ଯାତ୍ରୀବାହୀ ଟ୍ରେନ୍‌କୁ ଅପହରଣ କରିନିଆଯିବା ଏବଂ କେତେକ ଯାତ୍ରୀଙ୍କ ସମେତ ଶତାଧିକ ପାକ୍ ସୈନିକଙ୍କୁ ହତ୍ୟା କରାଯିବା ଘଟଣା ସାରା ବିଶ୍ୱରେ ଏବେ ଚର୍ଚ୍ଚିତ ପ୍ରସଂଗ ହୋଇଛି। ନିକଟ ଅତୀତକୁ ଦୃଷ୍ଟି ପକାଇଲେ ସାଧାରଣତଃ ବିମାନ ଅପହରଣ ଓ ଯାତ୍ରୀମାନଙ୍କୁ ପ୍ରଣବନ୍ଦୀ କରି ରଖାଯିବାର ବହୁ ଦୃଷ୍ଟାନ୍ତ ନଜରକୁ ଆସିଥାଏ। ମାତ୍ର ପ୍ରାୟ ୫୦୦ ଯାତ୍ରୀଙ୍କୁ ନେଇ ଯାଉଥିବା ଗୋଟିଏ ଟ୍ରେନ୍‌କୁ ଅପହରଣ କରାଯାଇ ଯାତ୍ରୀଙ୍କୁ ମୁଣ୍ଡ ଜାମିନ ବା ପଣବନ୍ଦୀ କରି ରଖାଯିବା ନିଶ୍ଚିତ ଭାବରେ ଏକ ବିରଳ ଘଟଣା କହିଲେ ଅତ୍ୟୁକ୍ତି ହେବନାହିଁ। ବେଲୁଚିସ୍ତାନ ଲିବରେସନ ଆର୍ମି କ୍ୱେଟାରୁ ପେଶାୱର ଯାଉଥିବା ଜାଫର ଏକ୍ସପ୍ରେସ ଟ୍ରେନ୍‌କୁ ବେଲୁଚି ପ୍ରଦେଶର ବୋଲାନ ଜିଲ୍ଲାରେ ଅତି ଆକସ୍ମିକ ଭାବରେ ଅପହରଣ କରି ସେଥିରେ ଯାଉଥିବା ପ୍ରାୟ ୫୦୦ ଯାତ୍ରୀଙ୍କୁ ପଣବନ୍ଦୀ କରିରଖିଥିଲେ। ପାକିସ୍ତାନ ଜେଲରେ ବନ୍ଦୀ ଥିବା ସେମାନଙ୍କର ସହକର୍ମୀଙ୍କୁ ୪୮ ଘଣ୍ଟା ମଧ୍ୟରେ ଖଲାସ ନକଲେ ସମସ୍ତ ପଣବନ୍ଦୀ (ଟ୍ରେନଯାତ୍ରୀ)ଙ୍କୁ ହତ୍ୟା କରାଯିବ ବୋଲି ବି.ଏଲ୍.ଏ ପକ୍ଷରୁ ପାକିସ୍ତାନ ସରକାରଙ୍କୁ ଧମକ ଦିଆଯାଇଥିଲା। ଅପହୃତ ହୋଇଥିବା ଜାଫର ଏକ୍ସପ୍ରେସ୍ ଟ୍ରେନ୍‌ରେ ସାଧାରଣ ଯାତ୍ରୀଙ୍କ ସହ ଅନେକ ପୋଲିସ,ସୈନ୍ୟବାହିନୀର ଯବାନ ଏବଂ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ କର୍ମଚାରୀ ରହିଥିଲେ। ବେଲୁଚି ଅପହରଣକାରୀଙ୍କ କବଳରୁ ଯାତ୍ରୀଙ୍କୁ ଉଦ୍ଧାର କରିବା ଯଦିଓ ଏକ ଦୁଃସାଧ୍ୟ ବ୍ୟାପାର ଥିଲା, ତଥାପି ପାକିସ୍ତାନ ସେନାକୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଗଲା। ପାକ୍ ସେନା ଦୀର୍ଘ ସମୟ ଧରି ଯାତ୍ରୀମାନଙ୍କୁ ଉଦ୍ଧାର କରିବା ପାଇଁ ଏକ ଅଭିଯାନ ଚଳାଇବା ପରେ ଏଥିରେ ସଫଳ ହୋଇଥିଲେ ହେଁ ଅନେକ ସୈନିକ ଓ ସାଧାରଣ ଯାତ୍ରୀଙ୍କୁ ବି.ଏଲ୍.ଏ ପକ୍ଷରୁ ହତ୍ୟା କରାଯାଇଥିବାର ଖବର ମିଳିଛି। ଏହି ଉଦ୍ଧାର ଅଭିଯାନରେ ୨୧ ଜଣ ଯାତ୍ରୀ ଓ ୪ ପାକ୍ ସୈନିକଙ୍କ ମୃତ୍ୟୁ ଘଟିଥିବାର ପାକିସ୍ତାନ ସରକାରଙ୍କ ପକ୍ଷରୁ କୁହାଯାଉଥିବାବେଳେ ବି.ଏଲ୍.ଏ ପଣବନ୍ଦୀ ଥିବା ୧୦୦ ଜଣ ପାକ୍ ସୈନିକଙ୍କୁ ହତ୍ୟା କରିଥିବାର ଦାବି କରିଛି। ଜାଫର ଏକ୍ସପ୍ରେସ୍ ଟ୍ରେନ୍ ଅପହରଣ କରିଥିବା ୩୩ ଜଣ ଯାକ ବେଲୁଚି ବିଦ୍ରୋହୀଙ୍କୁ ପାକ୍ ସେନା ନିପାତ କରିବା ସଂଗେ ସଂଗେ ୩୪୬ ଯାତ୍ରୀଙ୍କୁ ସେମାନଙ୍କ କବଳରୁ ମୁକ୍ତ କରିଛନ୍ତି। ଟ୍ରେନ୍ ଅପହରଣକାରୀ ବିଦ୍ରୋହୀମାନେ ବିସ୍ଫୋରକ ଭରପୂର ଥିବା ଜ୍ୟାକେଟ ପିନ୍ଧିଥିବାରୁ ଏବଂ ପଣବନ୍ଦୀଙ୍କୁ(ଯାତ୍ରୀଙ୍କୁ )ଆଗରେ ଢାଲ ଭଳି ରଖୁଥିବାରୁ ସେମାନଙ୍କୁ କାବୁ କରିବା କଷ୍ଟକର ହୋଇଥିଲା। ପାକ୍ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏହାକୁ ଏକ ବର୍ବରତାର ରୂପରେ ବର୍ଣ୍ଣନା କରି କେତେକ ନିରୀହ ଲୋକଙ୍କ ଜୀବନ ଯାଇଥିବାରୁ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଯିଏ ଅନ୍ୟର କ୍ଷତି କରିବାକୁ ଗାଡ଼ ଖୋଳେ, ସେ ନିଜେ ସେହି ଗାଡ଼ରେ ପଡିବା ସୁନିଶ୍ଚିତ, ଏହି ସତ୍ୟ ପାକ୍ ଟ୍ରେନ୍ ଅପହରଣ ଘଟଣାରୁ ପ୍ରମାଣିତ ହୋଇଛି।

## ନୀତିବାଣୀ

**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥**

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# ଶରୀରରେ ସ୍ୱାର୍ଥର ଭାଗ ମାପ



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର
ଏମ୍-୭୯, ମଧୁସୂଦନ ନଗର, ୟୁନିଟ-୪
ଭୁବନେଶ୍ୱର, ମୋ: ୯୯୩୭୩୪୫୯୦୦

ମଣିଷର ଶରୀର ହେଉଛି ଈଶ୍ୱରଙ୍କର ଦାନ। ସୃଷ୍ଟିରେ ଯେତେ ପ୍ରକାର ପ୍ରାଣୀ ରହିଛି ତନ୍ମଧ୍ୟରୁ ମନୁଷ୍ୟ ଶରୀର ହେଉଛି ଦୁର୍ଲଭ ଓ ଅତ୍ୟନ୍ତ ଭାବାବେଗରେ ଜଡିତ। ପ୍ରତ୍ୟେକ ଶରୀରର ଗଠନ ନିମନ୍ତେ କିଛି କିଛି ଉପାଦାନ ଦରକାର ତେଣୁ ମଣିଷର ଶରୀରର ଗଠନ ପାଇଁ ଯେଉଁ ଉପାଦାନ ଗୁଡିକ ଦରକାର ତାହା ହୁଏତ ଅନ୍ୟ ଜୀବ ଜଗତ ଓ ପ୍ରାଣୀମାନଙ୍କ ନିମନ୍ତେ ଆବଶ୍ୟକ ହୋଇ ନପାରେ ବା ଈଶ୍ୱର ସେ ସୁଯୋଗକୁ ଦେଇ ନଥାନ୍ତି। ସେହି ଦୃଷ୍ଟିରୁ ମଣିଷ ଠାରେ ଯେହେତୁ ବିଶେଷ ଗୁଣ ରହିଅଛି ତେଣୁ ମଣିଷ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ଭାବେ ପରିଚିତ। ତେବେ ଶରୀର ଗଠନ ନିମନ୍ତେ ଯେଉଁ ଉପାଦାନରେ ଶରୀର ନିର୍ମାଣ ହୋଇଥାଏ ତାହାକୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷ ଯଦି ଉପଯୁକ୍ତ ଭାବରେ ତାହାର ଯତ୍ନ ନନେଇ ପାରିଲା ତେବେ ସେ ଦୁନିଆରୁ ବିଦାୟ ନେଇଥାଏ ଏବଂ ଯିଏ ଶୃଙ୍ଖଳା ଓ ନୀତିରେ ଶରୀର ଗଠନକୁ ଈଶ୍ୱରଙ୍କ ନିର୍ଦ୍ଦେଶ ମାନି ବ୍ୟବହାର କଲା ସେ ଶରୀର ପୀଡାରୁ ମୁକ୍ତି ପାଇଥାଏ ଓ ଅପରାହ୍ନ ଜୀବଦ୍ଦଶାର ଶେଷ ପର୍ଯ୍ୟନ୍ତ ଶରୀର ଯତ୍ନ ନେବା ଶିକ୍ଷା କରିଥାଏ। ଏହା ଦୃଢ ନିଶ୍ଚିତ ଯେ ଶରୀର ଗଠନ ପାଇଁ କୌଣସି ଗୋଟିଏ ଉପାଦାନରେ ଶରୀର ନିର୍ମାଣ ଅସମ୍ଭବ। ଶରୀର ଗଠନ କୌଣସି କ୍ରୟ ବସ୍ତୁ ବା ପଦାର୍ଥର ସମଷ୍ଟି ନୁହେଁ, ଏହା ହେଉଛି ବିଧାତାଙ୍କ ସୃଷ୍ଟି। ତେଣୁ ଶରୀର ନିର୍ମାଣ ପାଇଁ ପ୍ରଥମେ ଯେତେବେଳେ ଅୟମାରମ୍ଭ ହୋଇଥାଏ ସେତେବେଳେ ଈଶ୍ୱର ମାତୃଗର୍ଭରେ ଲୁକ୍କାୟିତ ମିଶ୍ରଣର ଉପାଦାନରେ ଶରୀର ଗଠନ କରିଥାନ୍ତି ଓ ଉକ୍ତ ଭାଗର ସମଷ୍ଟିରେ ପ୍ରସ୍ତୁତ ଶରୀର ଯେତେବେଳେ ଧରାପୃଷ୍ଠରେ ପଦାର୍ପଣ କରିଥାଏ ସେଠାରେ ପୁଣି ପ୍ରକୃତିର ଭାଗ ମାପ ଉପାଦାନରେ ଶରୀରର ପରିବର୍ତ୍ତନ କାର୍ଯ୍ୟ ଆରମ୍ଭ ହୋଇଥାଏ। ପ୍ରକୃତିର ପାଞ୍ଚ ଉପାଦାନରୁ ଶରୀର ନର୍ମାଣ କାର୍ଯ୍ୟ ଆଗକୁ ଶୃଙ୍ଖଳିତ ଭାବରେ ବଢି ଚାଲିଥାଏ ଓ ସେ ଉପାଦାନ ଗୁଡିକ ହେଲା : ପଞ୍ଚଭୂତ ଅର୍ଥାତ ପୃଥିବୀ, ବାୟୁ, ଅଗ୍ନି, ଜଳ ଓ ଆକାଶ। ମଣିଷ ଶରୀରର ଅବୟବ ଗୁଡିକ ସହିତ ତଥା ହାତର ପାଞ୍ଚ ଅଙ୍ଗୁଳି ସହିତ ପଞ୍ଚଭୂତ ନିମର୍ଜିତ ଥାଏ। ଶରୀର ଭାଗର ପରିମାପକରେ ବାତ, ପିତ୍ତ, କଫ, ପ୍ରାଣ, ତେଜ ଓ ଓଜ କେତେକ ଉପାଦାନ ଶରୀରକୁ ପରିଚାଳନା କରିଥାନ୍ତି। ତେଣୁ ଉକ୍ତ ଭାଗ ଗୁଡିକର ଅଳ୍ପ ବହୁତ ବ୍ୟତିକ୍ରମ ହେଲେ ଶରୀର କ୍ଲେଶ ଓ ରୋଗରେ ପୀଡିତ ହୋଇଥାଏ। ଶରୀର ମଧ୍ୟରେ ମଧ୍ୟ ସାତଟି ଚକ୍ର କ୍ରିୟାଶୀଳ ହୋଇଥାନ୍ତି ତାହା ହେଲା : ମୂଳାଧାର ଚକ୍ର, ସ୍ୱାଧିଷ୍ଠାନ ଚକ୍ର, ମଣିପୁର ଚକ୍ର, ଅନାହତ ଚକ୍ର, ବିଶୁଦ୍ଧ ଚକ୍ର, ଆଜ୍ଞା ଚକ୍ର ଓ ସହସ୍ର ଚକ୍ର। ଉକ୍ତ ଚକ୍ର ଗୁଡିକ ଶରୀରର ଭାଗ ମାପକୁ ପଞ୍ଚଭୂତ ଦ୍ୱାରା ନିୟନ୍ତ୍ରିତ କରି ଶରୀର କାର୍ଯ୍ୟଧାରାକୁ ଅଗ୍ରଗତି କରିଥାନ୍ତି ଓ ମନ ତଥା ବିବେକକୁ ନିୟନ୍ତ୍ରଣ କରି ଏକ ସମାନୁପାତିକ ବ୍ୟବସ୍ଥା ଶରୀର ମଧ୍ୟରେ ସୃଷ୍ଟି କରିଥାନ୍ତି। ଉକ୍ତ ଉପାଦାନ ଗୁଡିକ ବ୍ୟତୀତ ଶରୀରରେ ପୋଷାକ ଦ୍ରବ୍ୟ ଯଥା ସ୍ନେହ ସାର, ଶ୍ୱେତ ସାର, ଖାଦ୍ୟସାର ଇତ୍ୟାଦି ଇତ୍ୟାଦିର ସନ୍ତୁଳନର ଭାଗ ମାପରେ ଶରୀରର ଗତି, ପ୍ରଗତି ଓ ସ୍ଥିତି ନିର୍ଦ୍ଧାରିତ ହୋଇଥାଏ।

ଶରୀର ଧରାପୃଷ୍ଠରେ ପଦାର୍ପଣ କରିବା ଠାରୁ, ପ୍ରକୃତିର ଭାଗ ମାପରେ ଶରୀର ନିର୍ମାଣ କାର୍ଯ୍ୟର ଅଗ୍ରଗତି ହୋଇଥାଏ ଏକ ନିର୍ବିକାର ଶରୀର ଓ ଉକ୍ତ ଶରୀର ଦ୍ୱାରା ପୃଥିବୀରେ କେତେ କାର୍ଯ୍ୟ ସମ୍ପାଦନ ହୋଇଥାଏ ପରବର୍ତ୍ତୀ ସମୟରେ ତାହା କେବଳ ଇତିହାସ ହୋଇଯାଏ। ଇତିହାସ ହେଉଛି କ୍ରମ ବିବର୍ତ୍ତନର ସାକ୍ଷୀ ଓ ଜ୍ୱଳନ୍ତ ଉଦାହରଣ। ମଣିଷର ଶରୀରର କ୍ରମ ବର୍ଦ୍ଧିଷ୍ଣୁ ପ୍ରଗତିର ଧାରା କେବଳ ଇତିହାସ ଆମକୁ ଜଣେଇ ପାରିଛି। ତେଣୁ ଏକ ପରିପୂର୍ଣ୍ଣ ସୁସ୍ଥ ସବଳ ମଣିଷ ଶରୀର ଯେତେବେଳେ ଧରାପୃଷ୍ଠରେ ଚଳପ୍ରଚଳ କରେ ସେତେବେଳେ ସ୍ଥିତି, ପରିସ୍ଥିତି ଓ ବିବେକର ଧ୍ୱନିରେ ଉକ୍ତ ମଣିଷ ନିଜ ଶରୀରର ଉତ୍ତମ ଯତ୍ନ, ନିରାପତ୍ତା ତଥା କାର୍ଯ୍ୟକ୍ଷମ ପାଇଁ କ୍ରମେ କ୍ରମେ ରୋଜଗାରକ୍ଷମ ହୋଇ ପୁଣି କ୍ରମବିବର୍ତ୍ତନ କ୍ରମରେ ନୂଆ ମଣିଷ ତିଆରି କରେ, ସେତେବେଳେ ତିଆରି କରିଥିବା ମଣିଷଟି ପୁରୁଣା ହୋଇଯାଏ ଓ କ୍ରମେ କ୍ରମେ ପଞ୍ଚଭୂତ, ପ୍ରକୃତି ଆଦିରୁ ନିର୍ମାଣ ହୋଇଥିବା ଶରୀର ଧୀରେ ଧୀରେ କ୍ଷୀଣ ହୋଇଯାଏ। ମାତ୍ର ଉକ୍ତ ନୂଆ ଶରୀରରୁ ପୁରୁଣା ଶରୀରର ବ୍ୟବଧାନ ମଧ୍ୟରେ ମଣିଷ ଶରୀର ଉପରେ ଯଥା ଇଚ୍ଛା ଅତ୍ୟାଚାର କରି କେବଳ ଧନ ସମ୍ପତ୍ତି ଉପାର୍ଜନ କରିଥାଏ। ଉକ୍ତ ଧନ ଶରୀର ନିର୍ମାଣରେ ଭାଗମାପରେ ମାର୍ଗଦର୍ଶକ ହୋଇନଥାଏ ବରଂ ତାହା ପୁଣି ଶରୀର ଭାଗ ଭାଗ କରିବାର ପଥ ପ୍ରଦର୍ଶକ ହୋଇଥାଏ। ସରକାରଙ୍କ ନୀତି ନିୟମ ତଥା ବଂଶାନୁକ୍ରମିକ ବିଧି ବ୍ୟବସ୍ଥା ଦ୍ୱାରା ପରିଚାଳିତ ମଣିଷ ନିଜ ଶରୀର ଦ୍ୱାରା ଅର୍ଜନ କରିଥିବା ସମ୍ପତ୍ତିରେ ନୂତନ ଶରୀର ନିର୍ମାଣ ହୋଇଥିବା ଉତ୍ତର ଦାୟାଦ ଭୋଗ କରିଥାନ୍ତି ଓ ସେଥିରେ ସେମାନଙ୍କର ଅଧିକାର ଓ ଭାଗ ଥାଏ ତାହା ନିୟମ ସଙ୍ଗତ। ଶରୀରୀକୁ ଯତ୍ନ ନେବାର ଯଥେଷ୍ଟ ହେଳା କରି ମଣିଷ ବିଭିନ୍ନ ଆସବାପତ୍ର ଇତ୍ୟାଦି ତିଆରି କରିଥାଏ କେବଳ ଶରୀରକୁ ସୁଖ ଶାନ୍ତିରେ ରଖିବା ପାଇଁ। ମାତ୍ର ଶରୀର ସେଥିରେ ଭାଗ ହୋଇ ନଥାଏ, ଶରୀର କେବଳ କିଛି ଗ୍ରହଣ କରିଥାଏ ଯାହା ଶରୀରକୁ ନିୟନ୍ତ୍ରିତ କରିବା ଆବଶ୍ୟକ।

ଏହିପରି ଶରୀରକୁ ଭାଗ ମାପରେ ବାଣ୍ଟି ବାଣ୍ଟି ମଣିଷ କେତେବେଳେ ବାର୍ଦ୍ଧକ୍ୟର ଅପରାହ୍ନରେ ପହଞ୍ଚି ଯାଇଥାଏ ଓ ଅନେଇ ବସିଥାଏ କେତେବେଳେ ଅନ୍ଧାର ଆସିବ କାରଣ ଅପରାହ୍ନରୁ ରାତ୍ରି ଅଧିକ ଦୂର ନୁହଁ। ମଣିଷର ଶରୀର ଯେତେବେଳେ ଦୁର୍ବଳ ହୋଇଥାଏ ସେ ରୋଜଗାରକ୍ଷମ ହୋଇପାରେ ନାହିଁ, ସେତେବେଳେ ସେ ଅଲୋଡା ହୋଇଯାଏ। ସରକାରୀ ଚାକିରି କରିଥିଲେ ପେନସନକୁ ଭରସା କରି ଭରଣ ପୋଷଣ ହୋଇଥାଏ। ମାତ୍ର ବାର୍ଦ୍ଧକ୍ୟରେ ଯଦି ସବୁ ଭାଗ ହୋଇଯାଏ ତେବେ ଜୀବନ ହୋଇଯାଏ ଅଭିଶାପ। ଜନ୍ମିତ ପୁତ୍ରମାନଙ୍କ ମଧ୍ୟରେ ବାପା ମା'ଙ୍କର ବାର୍ଦ୍ଧକ୍ୟର ନିଷ୍ଠୁର ସତ୍ୟ ମଧ୍ୟରେ କେତେବେଳେ ବାପାଙ୍କ ଶରୀର ପିଲାମାନଙ୍କ ମଧ୍ୟରେ ଭାଗ ହୋଇଯାଏ ତ ପୁଣି ମା'ଙ୍କ ଶରୀର ଭାଗ ହୋଇଯାଏ। ପୁଣି ଋତୁ ପରିବର୍ତ୍ତନ ଭଳି ଏ ପିଲାଠାରୁ ସେ ପିଲା ପାଖକୁ ତ ପୁଣି ସେ ପିଲା ପାଖରୁ ଏ ପିଲା ପାଖକୁ ମାସକୁ ମାସ ହେଉ ହେଉ ବୃଦ୍ଧ ବାପା ମା'ଙ୍କ ମଧ୍ୟରୁ ଯଦି ଜଣେ କେହି ପଞ୍ଚଭୂତରେ ଲୀନ ହୋଇଯାନ୍ତି ତେବେ ଯିଏ ଜୀବିତ ଥାନ୍ତି ସେ ପୁଣି ହୋଇଯାନ୍ତି ପୁତ୍ରମାନଙ୍କ ମଧ୍ୟରେ ଭାଗର ଆସର। ଆଜିକାଲି ସମୟରେ ବାପା ମା'ଙ୍କର ଶରୀରକୁ ଯତ୍ନ ତଥା ଚିକିତ୍ସା ନିମନ୍ତେ ଉତ୍ତର ଦାୟାଦ ନିକଟରେ ସମୟ ନଥାଏ, ତେଣୁ ଜରାଶ୍ରମ ହେଉଛି ଭାଗ୍ୟର ଭାଗ। ଶରୀରକୁ ସେଠାରେ ଚୁକ୍ତିଭିତ୍ତିକ ଓ ଆଇନନୁମୋଦିତ ନୀତିରେ ଭାଗ କରାଯାଇଥାଏ। ନିର୍ମାଣ କରିଥିବା ଶରୀର ସେଇଟି ଭାଗ ହୋଇଯାଏ ଅନ୍ୟ ଏକ ନିଭୃତ ଅନ୍ଧକାର ମଧ୍ୟକୁ, ଯେଉଁଠାରେ ନଥାଏ ସମବେଦନା, ସ୍ନେହ, ସେବା ଓ ସମ୍ମାନ, ମାତ୍ର ଥାଏ କେବଳ ବଞ୍ଚିରହିବାର କେତୋଟା ଖସଡା ପାହାଚ। ଅନ୍ୟପକ୍ଷରେ ଏକ ନିଷ୍ଠୁର ସତ୍ୟକୁ ଅବତାରଣା କଲେ ହୁଏତ ଶରୀର ଭାଗ ମାପର ଦୟନୀୟ ସ୍ଥିତିକୁ ସୁନ୍ଦର ଭାବରେ ବୋଧଗମ୍ୟ ହୋଇପାରେ। ବୃଦ୍ଧ ସ୍ୱାମୀ ସ୍ତ୍ରୀ ମଧ୍ୟରେ ସ୍ତ୍ରୀ ଆଗ ପଞ୍ଚଭୂତରେ ଲୀନ ହେବାପରେ ସ୍ୱାମୀ ଯେହେତୁ ପେନସନ ପାଆନ୍ତି ତେଣୁ ପୁତ୍ରମାନଙ୍କ ମଧ୍ୟରେ ଶରୀର ଭାଗର ନିଷ୍ଠୁର କାହାଣୀର ପୃଷ୍ଠା ଲେଉଟାଇବା ଆରମ୍ଭ ହୋଇଯାଏ। ନିଶ୍ୱାସରେ ବିଶ୍ୱାସ ଶରୀରକୁ ବର୍ଷର ଅବଧି ମଧ୍ୟରେ ପୁତ୍ରମାନଙ୍କ ମଧ୍ୟରେ ଭାଗ ଭାଗ କରାଯାଇଥାଏ, ତାହା ପୁଣି କେତେ ଗରିଷ୍ଠ ନିୟମର ଶୃଙ୍ଖଳା ମଧ୍ୟରେ। ପୁତ୍ରର ରୋଜଗାର ଯେତେଥିଲେ ମଧ୍ୟ ପ୍ରତ୍ୟକ୍ଷରେ ନଜର ଥାଏ ପିତାଙ୍କର ସରକାରୀ ପେନସନ ଉପରେ ସତେ ଯେପରି ପ୍ରତୀୟମାନ ହୁଏ ଯେ ଉକ୍ତ ପେନସନର ପ୍ରକୃତ ହିତାଧିକାରୀ ହେଉଛନ୍ତି ସେହି ସୁଯୋଗ୍ୟ ପୁତ୍ର ଯିଏ ବୃଦ୍ଧ ବାପାଙ୍କର ପେନସନକୁ ନିଜର ବିଳାସ ବ୍ୟସନରେ ଖର୍ଚ୍ଚ କରିଥାନ୍ତି। ଏପଟେ ବାପା ଯଦି ପେନସନ ନଦିଅନ୍ତି ତେବେ ଅନୁଗ୍ରହ, ଅନୁକମ୍ପା ଓ ଦୟାରେ ରହୁଥିବା ବାପାଙ୍କୁ ବାସସ୍ଥାନକୁ ହରାଇବାକୁ ପଡିପାରେ। ପରିସ୍ଥିତିର ବିଡମ୍ବନାରେ ଯେତେବେଳେ ଉକ୍ତ ବୃଦ୍ଧଙ୍କର କୌଣସି ଶରୀରର ଅଙ୍ଗ ବିଶେଷତଃ ଗୋଡ ଓ ହାତ କାର୍ଯ୍ୟକ୍ଷମ ନହୁଏ ତେବେ ତାହା ପରବର୍ତ୍ତୀ ଭାଗ ହେଉଥିବା ଉତ୍ତର ଦାୟାଦ ପାଇଁ ଚିନ୍ତାର ବିଷୟ ହୋଇଥାଏ। ତେଣୁ ଭାଗିଦାରୀ ଉତ୍ତର ଦାୟାଦ ମଧ୍ୟରେ ଶରୀରର ହାତ ଓ ଗୋଡକୁ ମଧ୍ୟ ଭାଗ ଭାଗ କରାଯାଇଥାଏ। ସମୟ କ୍ରମେ ବୃଦ୍ଧଙ୍କର ଶରୀରର ଗୋଡ ହାତ ଯଦି କାର୍ଯ୍ୟକ୍ଷମ ନହୁଏ ଓ ଚିକିତ୍ସା ସତ୍ତ୍ୱେ ଯଦି କାର୍ଯ୍ୟକ୍ଷମ ନହୁଏ ତେବେ ଉକ୍ତ ଶରୀରର ଭାଗ ଯେଉଁ ପୁତ୍ରର ଦାୟିତ୍ୱରେ ଥାଏ ସେ ଆନନ୍ଦିତ ହୋଇଥାଏ ଯେ ତାହାର କର୍ତ୍ତବ୍ୟର ପୂର୍ଣ୍ଣଚ୍ଛେଦ ପଡିଲା। ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ଗୁଡିକ କେବେ ଧୋକା ଦିଅନ୍ତି ନାହିଁ। ଗୋଟିଏ ଗୋଡ ଅଚଳ ହୋଇଗଲେ ଅନ୍ୟଗୋଡଟି ବହୁ କଷ୍ଟ ସ୍ୱୀକାର କରି ଚାଲିଥାଏ, ସେହିପରି ଆଖି, କାନ, ହାତ ଗୋଟିଏ ଅଚଳ ହେଲେ ଅନ୍ୟର ସାହାରାରେ ନିର୍ବିଘ୍ନରେ ଶରୀରର ଭାଗ ମାପ ନିୟନ୍ତ୍ରିତ ହୋଇଥାଏ। କିନ୍ତୁ ଶରୀରରୁ ସୃଷ୍ଟି ହୋଇଥିବା ଅନ୍ୟ ଏକ ପାର୍ଥିବ ଶରୀର ଏ ମହନୀୟତାକୁ ସମ୍ମାନ ନଦେଇ କେବଳ ଭାଗ ବଣ୍ଟାରେ ନିମଗ୍ନ ଥାଏ। ମାତ୍ର ସମ୍ପୂର୍ଣ୍ଣ ଶରୀର ଯେତେବେଳେ ଅଚଳ ହୋଇଯାଏ ସେତେବେଳେ ତାହା ପଞ୍ଚଭୂତରେ ଲୀନ ହୋଇଯାଏ। ଶେଷ ହୋଇଯାଏ ଶରୀର ଭାଗ ଓ ଆରମ୍ଭ ହୋଇଯାଏ ଧନ, ସମ୍ପତ୍ତି ଇତ୍ୟାଦିର ଭାଗ। ଉକ୍ତ ସ୍ଥିତାବସ୍ଥାକୁ ହୃଦୟଙ୍ଗମ କରି ଅନେକେ ଚିନ୍ତାଶୀଳ ବ୍ୟକ୍ତି ମୃତ୍ୟୁ ପୂର୍ବରୁ ସେମାନଙ୍କର ଶରୀରକୁ ସର୍ବସାଧାରଣଙ୍କ ହିତାର୍ଥେ ଚିକିତ୍ସା କ୍ଷେତ୍ରକୁ ଦାନ କରିବା ପାଇଁ ଇଚ୍ଛାପତ୍ର କରିଥାନ୍ତି। କେତେକ କ୍ଷେତ୍ରରେ ମଣିଷର ମୃତ୍ୟୁ ପରେ ଉକ୍ତ ମରଶରୀରକୁ ସତ୍କାର କରିବା ପାଇଁ ଉତ୍ତରଦାୟାଦ ବା ଆତ୍ମୀୟଙ୍କ ମଧ୍ୟରେ ଅଧିକାର ସାବ୍ୟସ୍ତ କରାଯାଇଥାଏ। ଉଦ୍ଦେଶ୍ୟ ଥାଏ ଶରୀର ସତ୍କାର କଲେ ମୃତ ବ୍ୟକ୍ତିର ଧନ ସମ୍ପତ୍ତିରେ ଭାଗର ଅଧିକାର ସାବ୍ୟସ୍ତ ସହଜରେ କରାଯାଇପାରିବ। ଜୀବଦ୍ଦଶା ମଧ୍ୟରେ ଯେଉଁ ଉତ୍ତରାଧିକାରୀର କେବେ ଉପସ୍ଥିତି ନଥାଏ, ରୋଗାକ୍ରାନ୍ତ ଶରୀରକୁ ଟିକିଏ ଔଷଧ ବା ସେବା ନଥାଏ, କେବଳ ମୃତ୍ୟୁ ପରେ ଉତ୍ତରାଧିକାରୀ ସୂତ୍ରକୁ ଅଧିକାରରେ ସାବ୍ୟସ୍ତ କରି ଧନ ସମ୍ପତ୍ତିର ଭାଗକୁ ଚରିତାର୍ଥ କରିବାକୁ ଆରମ୍ଭ ହୋଇଯାଏ ଶରୀର ଭାଗରେ ଅଧିକାର ଓ ସମବେଦନା। ଜୀବଦ୍ଦଶା ମଧ୍ୟରେ ଉତ୍ତର ଦାୟାଦକୁ ମଣିଷ କରିବା ପାଇଁ ଯେଉଁ ଶରୀର ତେଲ ଟିକିଏ ପାଇ ନଥାଏ, ମୃତ୍ୟୁପରେ ଉକ୍ତ ଶରୀରର ସତ୍କାରରେ ଘିଅ ବ୍ୟବହାର କରାଯାଇଥାଏ କେବଳ ଭାଗ ମାପର ଭାରସାମ୍ୟକୁ ଚରିତାର୍ଥ କରିବା ପାଇଁ। ଶରୀରର ସୃଷ୍ଟି କେବଳ ପ୍ରାକୃତିକ ଭାଗ ମାପରୁ ସୃଷ୍ଟି ହୋଇଥାଏ ଓ ଏକ ବିଶେଷ ମହତ ଉଦ୍ଦେଶ୍ୟରେ ନିର୍ମାଣ ହୋଇଥାଏ ପବିତ୍ର ଶରୀର, ଯେଉଁଠାରେ ଥାଏ ଈଶ୍ୱରଙ୍କର ପବିତ୍ର ଆତ୍ମା ଓ ବିବେକର ବିଚାର। ମାତ୍ର ଉକ୍ତ ମହତ ଉଦ୍ଦେଶ୍ୟର ଶେଷ ହୋଇଥାଏ ମନୁଷ୍ୟକୃତ ଭାଗର ଏକ ହିନମନ୍ୟତାର କୁତ୍ସିତ ଅନ୍ଧକାର ମଧ୍ୟରେ। ଶରୀରକୁ ଭାଗ ଭାଗ କଲେ ଧନର ଭାଗ ଗୁଡିକ ଅନାୟାସରେ ହୋଇପାରେ ଯାହା ଏକ କୁତ୍ସିତ ଓ ଘୃଣ୍ୟ ମାନସିକତାର ଚିନ୍ତା। ପରିଶେଷରେ ପ୍ରକୃତିର ଭାଗ ମାପରେ ନିର୍ମିତ ଶରୀର ପୁଣି ସେହି ପ୍ରକୃତି କୋଳକୁ ଲେଉଟିଯାଏ ଯେଉଁଠି ନଥାଏ ସ୍ୱାର୍ଥର ଭାଗ ମାପ।

# ମୁଁ କାହିଁକି କହିବି



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼
ମୋ: ୯୪୩୭୬୪୨୯୪୭

ଶିକ୍ଷା ଅତ୍ୟନ୍ତ ପବିତ୍ର ଶବ୍ଦ, ଯାହା ବ୍ୟତୀତ ସମସ୍ତ ବୈଶିଷ୍ଟ୍ୟ ଏବଂ ଦାବି ଅସମ୍ପୂର୍ଣ୍ଣ ମନେ ହୁଏ। ଶିକ୍ଷାର ପ୍ରଭାବ କେବଳ ଆମ ବର୍ତ୍ତମାନ ଉପରେ ନୁହେଁ ବରଂ ଆମର ଅତୀତ ଉପରେ ମଧ୍ୟ ପଡିଥିଲା। ସତ କଥା ହେଉଛି, ଯଦି ଆମେ ଶିକ୍ଷାକୁ ବହିର୍ଜ୍ଞାନରେ ସୀମିତ ରଖିବୁ, ତେବେ ଏହା ଯୁକ୍ତିସଂଗତ ନୁହେଁ। ଏହା ପୁସ୍ତକୀୟ ଜ୍ଞାନ ଠାରୁ ବହୁତ ଅଧିକ। ବର୍ତ୍ତମାନ ଶିକ୍ଷା ବଜାର ଭିତ୍ତିକ ହୋଇଛି। ଶିକ୍ଷା ଦାତା ଓ ଗ୍ରହିତା ସମସ୍ତେ ଶିକ୍ଷାକୁ ଅର୍ଥ ରୋଜଗାରର ମାଧ୍ୟମ ବୋଲି ବିବେଚନା କରନ୍ତି। ଆଜି ଶିକ୍ଷାର ଅର୍ଥ ଓ ଉଦ୍ଦେଶ୍ୟ ଗୋଟିଏ- ରୋଜଗାର କରିବା। ଦଶମ, ଦ୍ୱାଦଶ ଶ୍ରେଣୀର ଫଳାଫଳ ନିର୍ଦ୍ଧାରଣ କରେ ଯେ ପିଲା କେଉଁଆଡ଼େ ଯିବ। କିନ୍ତୁ ତାଙ୍କର ଆଭ୍ୟନ୍ତରୀଣ ଇଚ୍ଛା ଯଦି ଆଉ କିଛି କରିବାକୁ ଚାହେଁ, ତେବେ ତାଙ୍କୁ ବାଧ କରିବାର ସମଗ୍ର ବ୍ୟବସ୍ଥା ସମାଜରେ ରହିଛି। ଏଭଳି ପରିସ୍ଥିତି ପାଇଁ ସ୍କୁଲ ଓ କଲେଜ ସହ ପିଲାଙ୍କ ଅଭିଭାବକ ମଧ୍ୟ ସମାନ ଭାବେ ଦାୟୀ। ବଡ଼ ବଡ଼ କୋଚିଂ ସେଣ୍ଟର ପିଲାଙ୍କୁ ଡାକ୍ତର, ଇଞ୍ଜିନିୟର, ଆଇଏଏସ୍ ଇତ୍ୟାଦି କରିବାରେ ବ୍ୟସ୍ତ ଥିବାବେଳେ ପିଲାଙ୍କ ଇଚ୍ଛା ନଜାଣି କୋଚିଂ ସେଣ୍ଟରରେ ଭର୍ତ୍ତି କରାହୁଏ, ପିଲା ଚାପ ସହିପାରୁଛି କି ନାହିଁ ତାହା ବୁଝିବା ପାଇଁ କାହା ପାଖରେ ସମୟ ନାହିଁ। କଥା ହେଉଛି, ଖାଲି ପାଠ ପଢି ନିଜର ଉନ୍ନତି ପାଇଁ ଚିନ୍ତା କରିବା, ଆମ ଦେଶ ପାଇଁ ଠିକ୍ କି ? ମୂଳତଃ, ଏହି ଚିନ୍ତାଧାରା ବଜାରୀକରଣର ସୂଚକ ଅଟେ। ଶିକ୍ଷା ନାଁରେ ଯେଉଁଭଳି ଭାବରେ ଫି' ଆଦାୟ କରାଯାଏ ତାହା ସାଧାରଣତଃ ଗରିବ ପିଲାଙ୍କ ଭବିଷ୍ୟତକୁ ସନ୍ତୁଳିତ କରିଥାଏ। ଋଣ ସୁବିଧା ଓ ସରକାରୀ ଯୋଜନାରେ ମାତ୍ର କିଛି ଲୋକ ଆଶ୍ୱସ୍ତି ପାଆନ୍ତି। ବାକି ସମସ୍ତେ ଏହି ବ୍ୟବସ୍ଥାର ଶିକାର ହୁଅନ୍ତି। ଏପରିକି ଛୋଟ ଛୋଟ କାମ ପାଇଁ ମଧ୍ୟ ସେମାନଙ୍କୁ ଉପଯୁକ୍ତ ବିବେଚନା କରାଯାଏ ନାହିଁ। ଜଣେ ଇଂରାଜୀ ମାଧ୍ୟମ ଛାତ୍ରଙ୍କ ଇଂରାଜୀ ଜ୍ଞାନ ଅଧିକ ହୋଇଥିବାରୁ ମାତୃଭାଷା ମାଧ୍ୟମ ଛାତ୍ରଙ୍କ ତୁଳନାରେ ତାଙ୍କୁ ଯୋଗ୍ୟ ବିବେଚନା କରାଯାଏ।

ବୁଦ୍ଧିଜୀବୀମାନେ ଜାଣନ୍ତି କେଉଁଠି କି ପ୍ରକାର ବାତାବରଣ ରହିଛି। କିନ୍ତୁ ଯେମିତି ଚାଲିଛି ସେମିତି ଚାଲିବାକୁ ଦିଅନ୍ତି। ଏତେ ବଡ଼ ଦେଶ, ଅନେକ ସମସ୍ୟା ଅଛି, ମୁଁ ଏକୁଟିଆ କ'ଣ କରିପାରିବି ? ଏଭଳି ଚିନ୍ତାଧାରାରେ ସମସ୍ତ ଲୋକ ନିଜ ଜୀବନ ଚଳାଇବାରେ ବିଶ୍ୱାସ କରୁଛନ୍ତି। ତା'ପରେ ଆଜିର ଯୁଗରେ 'ମୁଁ କାହିଁକି କହିବି' ଧାରଣାର ପ୍ରସାର ଅଧିକ ପ୍ରଭାବ ଦେଖାଉଛି।

ରାସ୍ତାରେ ଆମେ ଅନେକ ଗରିବ ପିଲାଙ୍କୁ ଦେଖୁଛନ୍ତି। କାହା ଭିତରେ କେଉଁ ପ୍ରକାର ପ୍ରତିଭା ଲୁଚି ରହିଛି କେହି ଜାଣନ୍ତି ନାହିଁ। ଶିକ୍ଷାର ସମସ୍ତ ମୌଳିକ କଥାକୁ ଆମେ ଅଣଦେଖା କରୁଛନ୍ତି। ସରକାରୀ ଶିକ୍ଷା ବ୍ୟବସ୍ଥା ସମସ୍ତଙ୍କ ପାଇଁ ସମାନ, ବାଧ୍ୟତାମୂଳକ, ମାଗଣା ଶିକ୍ଷା ପ୍ରଦାନ କରିଥାଏ, କିନ୍ତୁ ଏହି ବିଦ୍ୟାଳୟରୁ ଶିକ୍ଷିତ ପିଲାମାନେ ଦାମୀ ସ୍କୁଲରେ ପଢୁଥିବା ପିଲାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ କି ? ଏହି ସିଷ୍ଟମକୁ ପରିବର୍ତ୍ତନ କରିବା ସହଜ କାମ ନୁହେଁ। ଶିକ୍ଷା ସମ୍ଭ୍ରାନ୍ତ ଶ୍ରେଣୀ ପାଇଁ ପ୍ରତିଷ୍ଠା ଓ ମାନ ସମ୍ମାନର ବିଷୟ ପାଲଟିଛି। ଯେଉଁ ଅନୁଷ୍ଠାନରେ ଆଭିଜାତ ହିଁ ଏକମାତ୍ର ପରିଚୟ, ସେଠାରେ ଗରିବ ପିଲାମାନେ ପ୍ରବେଶ କରିପାରିବେ ନାହିଁ। ଶିକ୍ଷା ଓ ଅର୍ଥନୈତିକ ଜୀବନ ମଧ୍ୟରେ ଏହି ସଂଘର୍ଷ ବିପଜ୍ଜନକ। ଯଦି ଆଜି ନୁହେଁ, ତେବେ ଆସନ୍ତାକାଲି ଏମିତି ଏକ ସମୟ ଆସିପାରେ ଯେତେବେଳେ ଏହି ମାର୍କେଟିଂ ବ୍ୟବସ୍ଥା ନିଜର ଏକ ଶ୍ରେଣୀ ସୃଷ୍ଟି କରିବ, ନଚେତ୍ ଅବହେଳିତ ବର୍ଗ ଏହାର ବିରୁଦ୍ଧରେ ଠିଆ ହେବେ। ସମାଜରେ ସନ୍ତୁଳନ ହେଉଛି ସମାଜର ମୌଳିକ ଆବଶ୍ୟକତା। ନୂଆ ଶିକ୍ଷାନୀତି ମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ଅନେକ ପରିବର୍ତ୍ତନ ଅନ୍ତର୍ଭୁକ୍ତ କରାଯାଇଛି। ଯେତେବେଳେ ବି ଶିକ୍ଷା ନୀତିରେ ପରିବର୍ତ୍ତନ ଆସିଛି ନିଯୁକ୍ତି କ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇଛି। ୧୯୮୬ର ଶିକ୍ଷା ନୀତିରେ ବୈଷୟିକ କ୍ଷେତ୍ରକୁ ପ୍ରୋତ୍ସାହିତ କରାଯାଇଥିଲା। ଏହା ଫଳରେ ଅନେକ ନିଯୁକ୍ତି କ୍ଷେତ୍ରରେ ଉନ୍ନତି ଘଟିଥିବାବେଳେ କେତେକ କ୍ଷେତ୍ରରେ ବ୍ୟାପକ ହ୍ରାସ ଘଟିଛି। ଏବେ ପୁଣି ଥରେ ନୂଆ ଶିକ୍ଷାନୀତି ପ୍ରସ୍ତାବ ଅନୁଯାୟୀ କଳା, ବିଜ୍ଞାନ, ଧନ୍ଦାମୂଳକ ବିଷୟ ମଧ୍ୟରେ ବିଶେଷ ପାର୍ଥକ୍ୟ ନାହିଁ ଏବଂ ଏହା ପିଲାଙ୍କ ପାଇଁ ଆରାମଦାୟକ କରିବାରେ ସକ୍ଷମ ହେବ ବୋଲି ଆଶା କରାଯାଉଛି। ଏହା ଅଧୀନରେ ନ୍ୟାସନାଲ କାଉନସିଲ ଅଫ୍ ଇନୋଭେସନ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ଦ୍ୱାରା ନ୍ୟାସନାଲ ପ୍ରୋଗ୍ରାମ ଫର ସ୍କୁଲ ପ୍ରସ୍ତୁତ କରାଯିବ। ଏହାଦ୍ୱାରା ଆମ ବ୍ୟବସ୍ଥାରେ ସକାରାତ୍ମକ ଉନ୍ନତି ଆସିବ ବୋଲି ଆଶା କରାଯାଉଛି। ଉଚ୍ଚଶିକ୍ଷା ଉପରେ ନଜର ପକାଇଲେ ଜଣାପଡ଼େ ଯେ, ଉଚ୍ଚଶିକ୍ଷା ପାଇଁ ଏକ ବ୍ୟବସ୍ଥା ପ୍ରତିଷ୍ଠା କରିବାର ଅନ୍ୟତମ ଉଦ୍ଦେଶ୍ୟ ହେଉଛି ଭାରତରେ ବିଦେଶୀ ବିଶ୍ୱବିଦ୍ୟାଳୟର ପ୍ରବେଶ। ପ୍ରଶ୍ନ ଉଠୁଛି ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ଶିକ୍ଷାର ଉନ୍ନତି କରିବେ ନା ବ୍ୟୟବହୁଳ ବ୍ୟବସ୍ଥା ପ୍ରତିଷ୍ଠା କରିବେ। ବର୍ତ୍ତମାନର ଶିକ୍ଷାନୀତି ଅତୀତର ବିଶୃଙ୍ଖଳାକୁ ଦୂର କରିବାରେ ସକ୍ଷମ ହେଉଛି କି ନାହିଁ ତାହା ସମୟ ହିଁ କହିବ। ତଥାପି ମାତୃଭାଷାରେ ଶିକ୍ଷାକୁ ଏକ ଭଲ ପଦକ୍ଷେପ ବୋଲି କୁହାଯାଇପାରେ। ଆମର ଲକ୍ଷ୍ୟ ହେବା ଉଚିତ୍ ଯେ ଶିକ୍ଷା ସମଗ୍ର ସମାଜ ପାଇଁ ସହଜ ଏବଂ ସୁଲଭ ହେବା ଉଚିତ୍। ବ୍ୟୟବହୁଳ ଶିକ୍ଷା କେବଳ କିଛି ଲୋକଙ୍କ ପାଖରେ ପହଞ୍ଚିପାରିବ। ଶିକ୍ଷା ଏକ ମାନବିକ ଅଧିକାର। ଏହି ଅଧିକାର ସେତେବେଳେ ପୂରଣ ହୋଇପାରିବ ଯେତେବେଳେ ଏହା ସମସ୍ତଙ୍କ ପାଇଁ ସମାନ ଭାବରେ ପ୍ରସାରିତ ହେବ। ସରକାରଙ୍କ ଉତ୍ଥାନ ପତନରେ ଶିକ୍ଷାକୁ ଯୋଡ଼ିବା ଉଚିତ୍ ନୁହେଁ। ଏହା ଅର୍ଥନୈତିକ ପ୍ରସଙ୍ଗ ଦ୍ୱାରା କିମ୍ବା ଅନ୍ୟ କୌଣସି ଭାବନା ଦ୍ୱାରା ପ୍ରଭାବିତ ହେବା ଉଚିତ୍ ନୁହେଁ।

ବଜାରୀକରଣ ସଂସ୍କୃତି ଦ୍ୱାରା ପ୍ରଭାବିତ ନହୋଇ ଶିକ୍ଷା ସମାଜକୁ ଏକ ସଂସ୍କୃତ ଏବଂ ସମୟୋପଯୋଗୀ ରୂପ ଦେବାର କ୍ଷମତା ରଖେ। ଯଦି ସମସ୍ତେ ସମାନ ଶିକ୍ଷା ଆଡକୁ ଯିବେ ଏବଂ ଶିକ୍ଷାକୁ ବୃତ୍ତି ଭାବରେ ନୁହେଁ ବରଂ ଦେଶର ମୂଳ ଆଧାର ଭାବରେ ବିଚାର କରାଯିବ, ତେବେ ଦେଶର ସୈନିକମାନେ ଯେଉଁଭଳି ଭାବେ ସୀମାରେ ଠିଆ ହୁଅନ୍ତି, ସମାଜକୁ ସମାନ ଢଙ୍ଗରେ ଶିକ୍ଷକ ମିଳିବ ଏବଂ ସେହିଭଳି ଛାତ୍ରଛାତ୍ରୀମାନେ ମଧ୍ୟ ଦେଶକୁ ପ୍ରଗତି ପଥରେ ଆଗେଇ ନେବେ।

# ବଞ୍ଚିରହୁ ଭାଷା ପ୍ରୀତି



ଶ୍ରୁତକୀର୍ତ୍ତି ତ୍ରିପାଠୀ
ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

କିଛିଦିନ ତଳେ ଏକ ଅନୁଷ୍ଠାନ ତରଫରୁ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର ବିଚାରକ ରୂପେ ଯିବାର ସୌଭାଗ୍ୟ ମିଳିଥିଲା। ପ୍ରଥମରୁ ଦଶମ ଶ୍ରେଣୀ ଭିତରେ ପିଲାଙ୍କୁ ପାଞ୍ଚୋଟି ବିଭାଗରେ ବାଣ୍ଟି ପ୍ରତିଯୋଗିତା କରାଯାଇଥିଲା। ଉପସ୍ଥାପନା ଶୈଳୀ, ବାକ୍ ପଟୁତା ଏବଂ ବିଷୟବସ୍ତୁ ; ଏଭଳି ତିନୋଟି ବର୍ଗରେ ପିଲାଙ୍କର ମୂଲ୍ୟାୟନ କରାଯାଇଥିଲା। ଖୁସି ଲାଗିଲା ପିଲାଙ୍କର ଓଡ଼ିଆ ଭାଷା ପ୍ରତି ଶ୍ରଦ୍ଧା ଓ ସମ୍ମାନ ଦେଖି। କେତୋଟି ପିଲାଙ୍କ ଓଜସ୍ୱିନୀ ବକ୍ତୃତା ଦେହରେ ଶିହରଣ ସୃଷ୍ଟି କରିବାର କ୍ଷମତା ରଖୁଥିଲା। ସ୍ୱାଧୀନତାର ପ୍ରକୃତ ପରିଭାଷା, ସ୍ୱତନ୍ତ୍ରତା ସେନାନୀମାନଙ୍କ ତ୍ୟାଗ, ବଳିଦାନର ଗାଥା ସେମାନଙ୍କ ଭଳି କୋମଳମତିଙ୍କ କଣ୍ଠରେ ଦୃଢ଼ତା ଓ ବିଶ୍ୱାସର ସହ ଉପସ୍ଥାପନ ହେଉଥିଲା, ଯାହା ଶୁଣି କିଛି ସମୟ ପାଇଁ ଲୋମ ଟାଙ୍କୁରି ଉଠିଛି କହିବାକୁ ଦ୍ୱିଧା ନାହିଁ। ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ଦିଗରେ ଅନୁଷ୍ଠାନ ଗୁଡ଼ିକ ତରଫରୁ ଏଭଳି ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ ମନେହେଲା। କାରଣ ପିଲାମାନେ ହୃଦୟ ଦେଇ ଓଡ଼ିଆରେ ବକ୍ତୃତା ପ୍ରସ୍ତୁତ କରିଛନ୍ତି ଏବଂ ସୁନ୍ଦର ଶୈଳୀରେ ଏହାର ଉପସ୍ଥାପନା କରିବାକୁ ଇଚ୍ଛୁକ ହେଉଛନ୍ତି। ଏଭଳି ପ୍ରୋତ୍ସାହନ ମିଳିଲେ ଆମ ଭାଷା ଯେ ମରିବ ନାହିଁ, ସେ ଆଶ୍ୱସ୍ତି ଟିକକ ମିଳୁଛି।

ଯଦିଓ ଜ୍ଞାନ କୌଣସି ନିର୍ଦ୍ଦିଷ୍ଟ ଭାଷାରେ ଆବଦ୍ଧ ନୁହେଁ, ଆମେ ଅନ୍ୟ ଭାଷାକୁ ସମ୍ମାନ ଦେବା, ତାକୁ ଆୟତ୍ତ କରିବା; ମାତ୍ର ପ୍ରଥମେ ନିଜ ଭାଷାକୁ ପ୍ରାଥମିକତା ଦେବା ପରେ। ସେଦିନ ପିଲାଙ୍କ କଥନ ଶୈଳୀ, ଆତ୍ମବିଶ୍ୱାସ ଦେଖି ମନ କୁଣ୍ଢେମୋଟ ଓ ଛାତି ଗର୍ବରେ ଫୁଲିଗଲା। ଆଜିକାଲି ଅଧିକାଂଶ ପିଲା ଇଂରାଜୀ ମାଧ୍ୟମରେ ପଢୁଛନ୍ତି, ଇଂରାଜୀ କହି, ଓଡ଼ିଆକୁ ଭୁଲି ଯାଉଛନ୍ତି, ଏପରିକି ନିଜ ମାତୃଭାଷା ପ୍ରତି ବିତୃଷ୍ଣ ରଖୁଛନ୍ତି ବୋଲି ବିଭିନ୍ନ ବର୍ଗରେ ଆଲୋଚନା, ସମାଲୋଚନା କରାଯାଉଛି। ମାତ୍ର କଥାରେ ତ ଖାଲି କହିଦେଲେ ହେବନାହିଁ, ଏହାକୁ କାମରେ ଲଗେଇବା ପାଇଁ କେତେ ପ୍ରୟାସ କରାଯାଇଛି, ତାହା ଆଲୋଚନା ପରିସରକୁ ଆସିବା ଉଚିତ ମନେହୁଏ। ନିଜ ଭାଷାକୁ ଉପେକ୍ଷା କରି ଇଂରାଜୀ ପଛରେ ଗୋଡ଼ାଇବା; ନିଜ ଭାଷାକୁ ମୃତ୍ୟୁମୁଖକୁ ଠେଲି ଦେବା ଭଳି ! ସେହିସବୁ ଦୃଷ୍ଟିରୁ ଓଡ଼ିଆ ଭାଷାର ପ୍ରଚାର ଦିଗରେ ସମସ୍ତଙ୍କର ମିଳିତ ପଦକ୍ଷେପ ନିତାନ୍ତ ଆବଶ୍ୟକ।

ନିଜସ୍ୱ ଗୁଣ ଦୃଷ୍ଟିରୁ ଭାଷା ଅପୂର୍ଣ୍ଣ କିମ୍ବା ଗୌଣ ନୁହେଁ । ପ୍ରତ୍ୟେକ ଭାଷା ସେହି ଭାଷାଭାଷୀ ଲୋକଙ୍କ ଜ୍ଞାନ, ଅନୁଭବ ଓ ଚେତନା ପ୍ରକାଶ କରିବାକୁ ସମର୍ଥ। ଭାଷାର ଅଧିକରୁ ଅଧିକ ବ୍ୟବହାର ଦ୍ୱାରା ଏହା ଶାଣିତ ହୁଏ। କେବଳ ଶିକ୍ଷା ନୁହେଁ, ସାମାଜିକ, ବୌଦ୍ଧିକ, ସାଂସ୍କୃତିକ କ୍ଷେତ୍ରରେ ବ୍ୟବହାର ହେଲେ ହିଁ ଭାଷାର ପ୍ରସାର ହୁଏ। ଅପରପକ୍ଷେ ବ୍ୟବହାର ହ୍ରାସ ପାଇଲେ ଭାଷା କ୍ରମଶଃ ଦୁର୍ବଳ ହୁଏ। ପାଠକେ ଜାଣି ଆଶ୍ଚର୍ଯ୍ୟ ହେବେ ସବୁଠାରୁ ଅଧିକ ବ୍ୟବହାର ହେଉଥିବା ଇଂରାଜୀ ଭାଷା ମଧ୍ୟ ଦିନେ ଅନ୍ୟାନ୍ୟ ପ୍ରଭାବଶାଳୀ ଭାଷା ଦ୍ୱାରା ସଂକୁଚିତ ହୋଇଥିଲା। ସମୟ କ୍ରମେ ଏହା ନିଜକୁ ଦୃଢ଼ କରିଛି । ଅନେକଙ୍କର ଧାରଣା ଯେ ଇଂରାଜୀରେ ତ ଅଧିକାଂଶ ପାଠ୍ୟପୁସ୍ତକ ମୁଦ୍ରଣ ହେଉଛି, ଭବିଷ୍ୟତରେ ବ୍ୟବସାୟ ଓ ରୋଜଗାର ପାଇଁ ସେହି ପୁସ୍ତକ ସବୁ ପଢିବାକୁ ହବ, ତେବେ ଓଡ଼ିଆର ଆବଶ୍ୟକତା ରହିଲା କେଉଁଠି ? ଯେହେତୁ ମାତୃଭାଷା ଓଡ଼ିଆରେ ସବୁ ପୁସ୍ତକ ମିଳିବା ସମ୍ଭବ ନୁହେଁ ଆମ ଯୁବପିଢ଼ି ଇଂରାଜୀ ପୁସ୍ତକ ପଢିବାକୁ ଏକରକମ ବାଧ୍ୟ । ଏଠାରେ ଜାଣିବା ପାଇଁ କହିଦିଏ ନିଜ ନିଜ ଭାଷାରେ ପଢି ଏବଂ ସର୍ବନିମ୍ନ ଇଂରାଜୀ ଦକ୍ଷତା ରଖି ଜାପାନ, ଚାଇନା, ସ୍ପାନିସ, ଫରାସୀ ଭାଷାଭାଷୀ ସମୂହ ସଫଳ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ଦରକାର ଅଛି ରାଷ୍ଟ୍ରର ଶିକ୍ଷା ବ୍ୟବସ୍ଥାର ସମସ୍ତଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି ଏବଂ ଆମ ଓଡ଼ିଆଙ୍କ ଇଚ୍ଛା ଶକ୍ତି। ବାସ୍ତବରେ ଇଂରାଜୀରେ ଶିକ୍ଷା ଦ୍ୱାରା ଅଳ୍ପ କେତେକ ବିଶିଷ୍ଟ ସୁବିଧାପ୍ରାପ୍ତ ଗୋଷ୍ଠୀ ଉପକୃତ ହୋଇଥିବା ବେଳେ ବଞ୍ଚିତ ସଂଖ୍ୟା ଗରିଷ୍ଠ ଗୋଷ୍ଠୀଙ୍କ ବିନାଶ ହିଁ ସାର ହୋଇଛି। ଇଂରାଜୀ ଶିକ୍ଷା ଦ୍ୱାରା ଉପକୃତଙ୍କ ସଂଖ୍ୟା ୮% ହେଲେ ବଞ୍ଚିତଙ୍କ ସଂଖ୍ୟା ୯୨%। ଏଥିରୁ ଆକଳନ କରାଯାଇପାରେ ଯେ ଇଂରାଜୀ ପଛରେ ଗୋଡେଇ ଗୋଡେଇ ଆମେ ନିଜ ମାତୃଭାଷାକୁ ଦଳି ଚକଟି ସାରିଛୁ।

ତେବେ ପ୍ରଶ୍ନ ପୁଣି ସେଇଠି, ଯେ ଓଡ଼ିଆ ଭାଷାକୁ କ'ଣ ଆମେ ଉଚ୍ଚସ୍ତରକୁ ଆଣିବାର ପ୍ରୟାସ କରିବା ନାହିଁ ? ବିଭିନ୍ନ କ୍ଷେତ୍ରରେ ଏହାର ବ୍ୟାପକ ବ୍ୟବହାର, ଏହାକୁ ସମୃଦ୍ଧ ଓ ଉନ୍ନତ କରିବାର ଗୁରୁଦାୟିତ୍ୱ କ'ଣ ଆମ ସମସ୍ତଙ୍କର ନୁହେଁ ? ଅତୀତରେ ଓଡ଼ିଆ ଭାଷା ଯେବେ ବଙ୍ଗଳା ଓ ଇଂରାଜୀର ପ୍ରଭାବରେ ଲୋପ ପାଇବାକୁ ବସିଥିଲା, ଆମ ଭାଷାଯୋଦ୍ଧା ମାନଙ୍କର ନିରନ୍ତର ପ୍ରୟାସ ଓ ଉଦ୍ୟମ ଯୋଗୁଁ ତାହା ପୁନର୍ବାର ସଳଖି ଠିଆ ହେଲା। ଭାଷା ଆନ୍ଦୋଳନକାରୀଙ୍କ ଦୀର୍ଘ ଦିନର କଳା ପତାକା ଯାତ୍ରା ଠାରୁ ଆରମ୍ଭ କରି ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାର ଚଲାପଥ ଆଦୌ ସହଜ ବା କୁସୁମିତ ନଥିଲା। ବହୁ ସଂଘର୍ଷ ଓ ପ୍ରଚେଷ୍ଟା ପରେ ମିଳିଥିବା ଓଡ଼ିଆ ଭାଷାର ଏହି ମାନ୍ୟତାକୁ ଆମେ ଓଡ଼ିଆ ବୁଝିବାନି ତ ଆଉ ବୁଝିବ କିଏ ? ବର୍ତ୍ତମାନ ଦାୟିତ୍ୱ ଆଗାମୀ ଯୁବପିଢ଼ିର, କିଭଳି ଏହାକୁ ସମୃଦ୍ଧ କରିବେ। ସମକାଳରେ ସରକାର ମଧ୍ୟ ଏହାପାଇଁ ଉଦ୍ୟମ ଜାରି ରଖିବାର ଆବଶ୍ୟକତା ରହିଛି। ଏହି ପ୍ରୟାସ ଧୀର ହେଲେ ମଧ୍ୟ ଆରମ୍ଭ ହୋଇସାରିଛି ବୋଲି ଜାଣି ଆଶ୍ୱସ୍ତି ଅନୁଭବ ହୁଏ। ଏବେ ଓଡ଼ିଶାରେ ବୈଷୟିକ ବିଜ୍ଞାନ ଏବଂ ଡାକ୍ତରୀ ପାଠ୍ୟକ୍ରମ ଓଡ଼ିଆ ଭାଷାରେ ବହି କରିବାର ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ସବୁ ନହେଲେ ବି କିଛିକିଛି କାର୍ଯ୍ୟାଳୟରେ ଓଡ଼ିଆ ଭାଷାରେ ନଥି, ଦରଖାସ୍ତ ଓ ହସ୍ତାକ୍ଷର ବାଧ୍ୟତାମୂଳକ କରାଯାଇଛି। କାର୍ଯ୍ୟାଳୟ, ଦୋକାନ, ବଜାରରେ ନାମଫଳକ ଗୁଡ଼ିକ ଦ୍ୱିଭାଷୀ କିମ୍ବା ଓଡ଼ିଆରେ ଲେଖାଯାଇଛି। ସରକାରୀ କର୍ମଚାରୀମାନେ ନିଜ ଘର ଆଗରେ ଓଡ଼ିଆ ନାମଫଳକ ଲଗେଇବା ସହ ଓଡ଼ିଆରେ ଦସ୍ତଖତ କରୁଛନ୍ତି, ମଞ୍ଚରେ ଓଡ଼ିଆରେ ବକ୍ତବ୍ୟ ରଖୁଛନ୍ତି।

ଇଂରାଜୀ ଓ ହିନ୍ଦୀ ଭାଷାର କେବଳ ଆବଶ୍ୟକ ସ୍ଥଳେ ବ୍ୟବହାର ସହିତ ଓଡ଼ିଆର ନିରନ୍ତର ବ୍ୟବହାର, ପ୍ରଚାର ଦ୍ୱାରା ହିଁ ଏହା ସମ୍ଭବ। ଭାଷାପ୍ରୀତି ଖାଲି ଶବ୍ଦରେ ନୁହେଁ, ହୃଦୟରେ ରହିବା ଦରକାର। ପରିବାରରେ, ଶିକ୍ଷାନୁଷ୍ଠାନ ଗୁଡିକରେ, କର୍ମକ୍ଷେତ୍ରରେ ମୁଖିଆମାନେ ଏହାର ଦାୟିତ୍ୱ ନେଲେ ଏବଂ ସର୍ବୋପରି ସରକାର ମଧ୍ୟ ସାହାଯ୍ୟ ସହ ସୁଯୋଗ ସୃଷ୍ଟି କଲେ, ସମସ୍ତଙ୍କ ମିଳିତ ଉଦ୍ୟମ ନିଶ୍ଚିତ ଭାବରେ ଫଳପ୍ରଦ ହେବ ବୋଲି ଆଶା କରାଯାଇପାରେ।



ଚନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକରେ ନୂତନ ବିଡ଼ିଓ ଭାବେ ସୁକାନ୍ତ କୁମାର ପଟ୍ଟନାୟକ ଦାୟିତ୍ୱ ଗ୍ରହଣ କରିଥିବା ଦେଖିବାକୁ ମିଳିଛି। ନୂତନ ବିଡ଼ିଓ କାର୍ଯ୍ୟରେ ଯୋଗ ଦେଲାପରେ ସମସ୍ତ କର୍ମଚାରୀଙ୍କ ସହଯୋଗ କାମନା କରିଥିଲେ। ଏବଂ କାର୍ଯ୍ୟର ପ୍ରଥମ ଦିନରେ ହିଁ ଆଠ ଜଣ କର୍ମଚାରୀ ଅନୁପସ୍ଥିତ ଥିବା ଯୋଗୁଁ ସୋ କଜ ଜାରି କରିଥିବା ସରକାରୀ ସୂତ୍ରରୁ ଖବର ରହିଛି। ଚନ୍ଦାହାଣ୍ଡି ସରପଞ୍ଚ ସଙ୍ଘ ତରଫରୁ ମଧ ନୂତନ ବିଡ଼ିଓଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଦୀର୍ଘ ଦିନ ହେଲା ଚନ୍ଦାହାଣ୍ଡି ବ୍ଲକରେ ଉନ୍ନୟନ ମୂଳକ କାମ ଠପ ହୋଇ ପଡ଼ିଥିବା ବେଳେ ଅଞ୍ଚଳର ବିକାଶ ତଥା ସାଧାରଣ ଲୋକେ କେମିତି ସରକାରୀ ସହାୟତା ହାତ ପାହାନ୍ତରେ ପାଇ ପାରିବେ ସେ ନେଇ ଶ୍ରୀ ପଟ୍ଟନାୟକଙ୍କୁ ସହଯୋଗ କାମନା କରିଥିଲେ। ବିଡିଓ ମଧ ସମସ୍ତ ସରପଞ୍ଚଙ୍କ ସହଯୋଗ ହେଲେ ଅଞ୍ଚଳର ବିକାଶ ହୋଇପାରିବ ବୋଲି ପ୍ରତିଶୃତି ଦେଇଥିଲେ। ସୂଚନା ଥାଉକି ବିଡ଼ିଓ ଶ୍ରୀ ପଟ୍ଟନାୟକ ପୂର୍ବରୁ ଜିଲ୍ଲା କୋସାଗୁମୁଡା ତଥା ପଟାଙ୍ଗୀ ବ୍ଲକରେ ବିଭିନ୍ନ ଉନ୍ନୟନ ମୂଳକ କାମ କରି କମ ଦିନ ଭିତରେ ଲୋକଙ୍କୁ ସୁବିଧା ଯୋଗେଇ ଜିଲ୍ଲା ତଥା ରାଜ୍ୟ ସ୍ତରରେ ନାମ ଥିବା ଯୋଗୁଁ ସମସ୍ତ ସରପଞ୍ଚ ଏବଂ ଅଞ୍ଚଳ ବାସି ମଧ ଦୃଢ଼ ବିଶ୍ୱାସ ରଖିଥିବା ଦେଖିବାକୁ ମିଳିଛି। ଏହି ଅବସରରେ ଜିଲ୍ଲା ସରପଞ୍ଚ ସଭାପତି ଜଳନ୍ଧର ମାଝୀ, ଚନ୍ଦାହାଣ୍ଡି ସରପଞ୍ଚ ଗଞ୍ଜେଶ୍ୱରୀ ପୂଜାର. ଦୁଲଭ ପୂଜାରୀ, କୃଷ୍ଣ ଯାନୀ, ଚନ୍ଦ୍ରିକା ଧୃରୁଆ, ଚନ୍ଦ୍ରିକା ମରେଇଙ୍କ ସମେତ ସମସ୍ତ ସରପଞ୍ଚ ଏବଂ ସାମ୍ବାଦିକ ମୁନା ପାଣ୍ଡି ଉପସ୍ଥିତ ଥିଲେ।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ବସନ୍ତ ଉତ୍ସବ




କୋରାପୁଟ, (ଭାସ୍କର ନ୍ୟୁଜ) : ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପାଳନ ହୋଇଛି ବସନ୍ତ ଉତ୍ସବ । ଓଡିଶାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରମାନେ ରଙ୍ଗର ପର୍ବ ହୋଲିକୁ ବସନ୍ତ ଉତ୍ସବ ଭାବରେ ସୁନାବେଡାସ୍ଥିତ ବିଶ୍ୱବିଦ୍ୟାଳୟର କ୍ୟାମ୍ପସରେ ୧୪ ମାର୍ଚ୍ଚ ୨୦୨୫ରିଖରେ ଅତ୍ୟନ୍ତ ଆନନ୍ଦ ଉଲ୍ଲାସର ସହ ପାଳନ କରିଛନ୍ତି । ଏହି ଅବସରରେ ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଡିଏସ୍‌ଡବ୍ଲୁ ଡ.ରମେନ୍ଦ୍ର କୁମାର ପାଢୀ ଏବଂ ସାଂସ୍କୃତିକ କମିଟିର ସଂଯୋଜକ ଡକ୍ଟର କାକୋଲି ବାନାର୍ଜୀ ସ୍ୱାଗତ କରିଥିଲେ । ସ୍କୁଲ ଅଫ ଏଜୁକେସନ ଏଣ୍ଡ ଇଜୁକେସନ ଟେକ୍ନୋଲଜିର ଡିନ୍ ପ୍ରଫେସର ଭରତ କୁମାର ପଣ୍ଡା ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ । ଡକ୍ଟର ବାନାର୍ଜୀ ତାଙ୍କ ସ୍ୱାଗତ ଭାଷଣରେ କାର୍ଯ୍ୟକ୍ରମର ପୃଷ୍ଠଭୂମି ଏବଂ ଋତୁ ପରିବର୍ତ୍ତନ ସହିତ ଦୋଳପୂର୍ଣ୍ଣିମା ପାଳନ କରିବାରେ ରବୀନ୍ଦ୍ରନାଥ ଟାଗୋରଙ୍କ ଭୂମିକା ବିଷୟରେ ପରିଚୟ ଦେଇଥିଲେ, ଯାହା ସେ ଶାନ୍ତି ନିକେତନରେ ବସନ୍ତ ଉତ୍ସବ ଭାବରେ ପରିଚିତ ଆନ୍ଦୋଳନ ଆରମ୍ଭ କରିଥିଲେ । ପ୍ରଫେସର ତ୍ରିପାଠୀ ତାଙ୍କ ଉଦ୍‌ଘାଟନୀ ଭାଷଣରେ ଭାରତୀୟ ସନାତନ ପରମ୍ପରାରେ ଦୋଳଯାତ୍ରାର ଅନନ୍ୟ ସ୍ଥାନ ବର୍ଣ୍ଣନା କରିଥିଲେ ।

## ଖୁଡୁଖୁଡ଼ି ଖେଳ ଉପରେ ଚଢାଉ, ଖେଳ ସାମଗ୍ରୀ ସହ ଜଣେ ଗିରଫ

ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ତେନ୍ତୁଳିଖୁଣ୍ଟି ପୋଲିସ ଗତ ରାତିରେ ଖୁଡୁଖୁଡ଼ି ଜୁଆଖେଳ ଉପରେ ଚଢ଼ାଉ କରିଛି। ଚଢାଉ କରି ୬୬ ହଜାର ୨୮୯ ଟଙ୍କା ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଏଥିସହ ଖୁଡୁଖୁଡ଼ି ଖେଳ ସାମଗ୍ରୀ ଜବତ ହୋଇଥିବା ତେନ୍ତୁଳିଖୁଣ୍ଟି ଥାନା ଆଇଆଇସି ପ୍ରଣବ କୁମାର ଟୁଡୁ ସୂଚନା ଦେଇଛନ୍ତି। ପୋଲିସ ସୂଚନା ମୁତାବକ ତେନ୍ତୁଳିଖୁଣ୍ଟି ବ୍ଲକ ଦିଗି ପଞ୍ଚାୟତ ଅନ୍ତର୍ଗତ ସଲପା ଗ୍ରାମରେ ଗତ ତିନିଦିନ ଧରି ଦୋଳ ଯାତ୍ରା ଚାଲିଥିଲା। ଗତକାଲି ଯାତ୍ରାର ଶେଷ ଦିନ ଥିବାବେଳେ ଦୋଳଯାତ୍ରା ଅବସରରେ ସଲପା ଗ୍ରାମରେ ଖୁଡୁଖୁଡ଼ି ଚାଲିଥିବା ନେଇଁ ତେନ୍ତୁଳିଖୁଣ୍ଟି ଥାନା ଅଧିକାରୀଙ୍କ ନିକଟରେ ଅଭିଯୋଗ ଆସିଥିଲା। ଏହାପରେ ଆଇଆଇସି ଶ୍ରୀ ଟୁଡୁଙ୍କ ସମେତ ଏଏସଆଇ ଭରତ ମାଝି ଏବଂ ଅନ୍ୟ ପୋଲିସ କର୍ମଚାରୀ ସଲପା ଗ୍ରାମରେ ଯାଇ ଖୁଡୁଖୁଡ଼ି ଜୁଆ ଖେଳ ଉପରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଖୁଡୁଖୁଡ଼ି ଖେଳ ପାଇଁ ବ୍ୟବହୃତ ସମସ୍ତ ସାମଗ୍ରୀ ସହ ୬୬ ହଜାର ୨୮୯ ଟଙ୍କା ଜବତ କରି ଜଣଙ୍କୁ ଗିରଫ କରିଛି ପୋଲିସ। ଗିରଫ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରି ବ୍ୟକ୍ତିଗତ ମୁଚାଲିକା ରେ ଛଡା ଯାଇଥିବା ପୋଲିସ ସୂଚନା ଦେଇଛି । ଏନେଇ ତେନ୍ତୁଳିଖୁଣ୍ଟି ଥାନା କେଶ ନଂ ୬୨/୨୫ ଅନୁଯାୟୀ ଏକ ମାମଲା ରୁଜୁ ହୋଇଥିବା ବେଳେ ଏଏସଆଇ ମନ୍ମଥ ଚନ୍ଦ୍ର ଦେଉରି କେଶର ତଦନ୍ତ କରୁଥିବା ଆଇଆଇସି ଶ୍ରୀ ଟୁଡୁ ପ୍ରକାଶ କରିଛନ୍ତି ।

## ଫିରିଙ୍ଗିଆ ବସ୍ ଟର୍ମିନାଲ୍ ଭୁଶୁଡ଼ିବା ଘଟଣା

# ଆକ୍ସନ ମୋଡ଼ରେ ବିଜେପି ସରକାର

କନ୍ଧମାଳ, (ଭାସ୍କର ନ୍ୟୁଜ୍ ) : ଫିରିଙ୍ଗିଆ ମୁଖ୍ୟ ବଜାର ନିକଟରେ ନିର୍ମାଣ ଚାଲିଥିବା ବସ୍ ଷ୍ଟାଣ୍ଡର ଛାତ ଭୁଶୁଡ଼ିବା ଘଟଣାର ବର୍ତ୍ତମାନ ସୁଦ୍ଧା ବିଜେପି ସରକାର କାହାଉପରେ ଦୃଢ଼ ପଦକ୍ଷେପ ନେବାରେ ବିଳମ୍ବ ଥିବାର ଦେଖାଯାଉଛି । ତେଣୁ ସମସ୍ତ କାଗଜପତ୍ର, କାର୍ଯ୍ୟର ରଫାଦଫା କରିବାରେ ଲାଗିପଡିଛନ୍ତି ଠିକାଦାର, ଯନ୍ତ୍ରୀ, ଏସ୍‌ଡିଓ, ନିର୍ବାହୀ ଯନ୍ତ୍ରୀ। ରାଜ୍ୟ ସଡ଼କ ପରିବହନ ନିଗମ (ଓଏସଆରଟିସି) ପକ୍ଷରୁ ଗଠିତ ୩ ଜଣିଆ ଟିମ ଗୁରୁବାର ଯୁଗ୍ମ ତଦନ୍ତ ଆରମ୍ଭ କରିଥିବାର ଦେଖାଯାଉଛି। ଏହି ତଦନ୍ତ ଜନସାଧାରଣଙ୍କୁ ଦେଖାଇବା ପରି ଲାଗୁଛି। ଏହି ଟିମ୍‌ରେ ଓଏସ୍‌ଆର୍‌ଟିସି ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ପାଇକରାୟ, ବ୍ରହ୍ମପୁର ପାରଳା ମହାରାଜ ଇଞ୍ଜିନିୟରିଂ କଲେଜର ଅଧକ୍ଷ ସି.ଆର ମହାତି ଓ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ବୀରେନ୍ଦ୍ର ଖୁରା ସାମିଲ ଅଛନ୍ତି । ଏନେଇ ଓଏସ୍‌ଆର୍‌ଟିସି ପକ୍ଷରୁ ହୋଇଥିବା ଚିଠିରେ ଫୁଲବାଣୀ ପୂର୍ବ ନିର୍ବାହୀ ଯନ୍ତ୍ରୀଙ୍କ ସହଯୋଗରେ ତଦନ୍ତ କରିବା ପାଇଁ ସ୍ୱଷ୍ଟ ନିର୍ଦ୍ଦେଶ ରହିଛି । ଆଶ୍ଚର୍ଯ୍ୟ ଜନକ ଭାବେ ସ୍ଥାନୀୟ ଅଧିକ୍ଷଣ ଯନ୍ତ୍ରୀ ପହଞ୍ଚିବା ପୂର୍ବରୁ ତର-ବରିଆ ଭାବେ ଟିମର ଅନ୍ୟ ଦୁଇ ସଦସ୍ୟ ଘଟଣାସ୍ଥଳକୁ ଯାଇ ସେଠାରେ ରଫାଦଫା କରିଥିବାର ଚର୍ଚ୍ଚା ହେଉଛି । ସୂଚନାଯୋଗ୍ୟ ଛାତ ଭୁଶୁଡ଼ିବା ବେଳେ ପୁରୁଣାକାଠ ଭଲାରେ ସେଣ୍ଟରିଂ କରାଯାଇଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା। ଏହା ସହିତ ମଧ ପୁରା ନିମ୍ନମାନର କାର୍ଯ୍ୟ ହୋଇଥିଲା ବୋଲି ଭୁଶୁଡି ପଡିଲା। ଉକ୍ତ ନିର୍ମାଣ ଦାୟିତ୍ୱ ନେଇଥିବା ପୋଲିସ ହାଉସିଂ ବୋର୍ଡର ଡେପୁଟି ମ୍ୟାନେଜର ଓ ପ୍ରୋଜେକ୍ଟ ମ୍ୟାନେଜର ଉଭୟ ସ୍ୱୀକାର ମଧ କରିଥିଲେ। ତଦନ୍ତ ବେଳେ ସେଠାରେ ଲୁହା ପାଇପ ଥିବା ଘଟଣାକୁ ସନ୍ଦେହ ଘେରକୁ ଆଣିଛି। ଘଟଣା ତଦନ୍ତ ପରିସରଭୁକ୍ତ ଥିବାବେଳେ ଠିକାଦାର କିପରି କାଠ ଭଲା ବଦଳାଇ ଲୁହା ପାଇପ୍ ଲଗାଇ ଷ୍ଟେଜି କଲେ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପଟେ ଟିମ୍ ସଦସ୍ୟ ଗଣମାଧ୍ୟମକୁ ଆଡେଇ ଯିବା ସହିତ କିଛି କହିବାକୁ ସିଧାସଳଖ ମନା କରି ଦେଇଛନ୍ତି। ଟିମ୍ ଓଏସ୍‌ଆର୍‌ଟିସିକୁ ତାର ରିପୋର୍ଟ ଦେବ, ତେଣୁ ଏ ସମ୍ପର୍କରେ କିଛି କହି ପାରିବି ନାହିଁ ବୋଲି କହିଛନ୍ତି ପୋଲିସ ହାଉସିଂ ବୋର୍ଡ ପ୍ରୋଜେକ୍ଟ ମ୍ୟାନେଜର ସୁନୀଲ ରାୟ। ସୂଚନା ଥାଉକି, ପୋଲିସ ହାଉସିଂ ବୋର୍ଡ ପକ୍ଷରୁ ଏହି ବସ୍ ଟର୍ମିନାଲ ନିର୍ମାଣ ପାଇଁ ୭ କୋଟି ୯୨ ଲକ୍ଷ ୫୮୩ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଥିଲା। ମାସ ଗତ ୨୮ ତାରିଖରେ ଛାତ ଭୁଶୁଡ଼ି ପଡ଼ିଛି। ୫ ଜଣ ମିସ୍ତ୍ରୀ ଏବଂ ପ୍ରାୟ ୨୦ ଶ୍ରମିକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହିପରି ବିଭିନ୍ନ ସ୍ଥାନରେ ପୋଲିସ ଥାନା କ୍ୱାଟର ନିର୍ମାଣ ନିମ୍ନ ମାନର ଫଳରେ ଘରେ ଫାଟ ସୃଷ୍ଟି ହୋଇଥିବାର ଦେଖିବାକି ମିଳିଛି। କିଛିଦିନ ତଳେ ଭିଜିଲାନ୍ସ ଜାଲରେ ପୋଲିସ ହାଉସିଂ ବୋର୍ଡର ଉଚ୍ଚପଦସ୍ଥ ଅଧିକାରୀ ଧରାପଡିଥିଲେ। ତାଙ୍କ ଘରୁ କୋଟି କୋଟି ଟଙ୍କା ସୁନା ବାହାରିଥିଲା। ଦେଖିବାକୁ ରହିଲା ସରକାର ଏହି ମାନଙ୍କ ଉପରେ ଦୃଢ଼ ପଦକ୍ଷେପ ନେଲେ ନିମ୍ନ ମାନର କାର୍ଯ୍ୟ କରିବାପାଇଁ ସାହସ ହେବନାହିଁ।

## ଜେସିଆଇ ସ୍କେଟିଂ ପ୍ରଶିକ୍ଷଣ ଶିବିର ଉଦ୍ଘାଟିତ



ତାଳଚେର, (ଭାସ୍କର ନ୍ୟୁଜ୍ ) : ଜେସିଆଇ (ଜୁନିଅର୍ ଚାମ୍ବର ଇଣ୍ଟର ନାସନାଲ) ତାଳଚେର ଶାଖା ପକ୍ଷରୁ ଏକ ସ୍କେଟିଂ ପ୍ରଶିକ୍ଷଣ ଶିବିର ଉଦ୍ଘାଟିତ ହୋଇ ଯାଇଛି। ଏମ୍‌ସିଏଲ ଜଗନ୍ନାଥ ଡିଏଭି ସ୍କୁଲ ପରିସରରେ ଅନୁଷ୍ଠିତ ଏହି ଶିବିରକୁ ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ରର ଏରିଆ ପର୍ସନାଲ୍ ମ୍ୟାନେଜର ମାନସ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜେସିଆଇର ଏହି ସ୍କେଟିଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କ୍ରୀଡା କ୍ଷେତ୍ରରେ ଛାତ୍ରଛାତ୍ରୀ ମାନଙ୍କର ଭବିଷ୍ୟତ ପାଇଁ ବେଶ୍ ଉପଯୋଗୀ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜେସିଆଇର ପୂର୍ବତନ ଜୋନ ଅଧକ୍ଷ ଆଶିଷ ଅଗ୍ରୱାଲ, ନାଗପୁରରୁ ଆସିଥିବା ସ୍ୱତନ୍ତ୍ର ପ୍ରଶିକ୍ଷକ ଶ୍ରୀ ରବୀନ୍ଦ୍ର ମିସଲ୍ ପ୍ରମୁଖ ଯୋଗ ଦେଇ ସ୍କେଟିଂର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ତାଳଚେର ଯେଶିଆଇ ଶାଖା ସଭାପତି ଶ୍ରୀ ମହେଶ ଅଗ୍ରୱାଲା କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ ଗିରି ମଞ୍ଚ ପରିଚାଳନା ଓ ପୂର୍ବତନ ସଭାପତି ବାସୁଦେବ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ପ୍ରଶିକ୍ଷଣ ଶିବିର ସାତ ଦିନ ପର୍ଯ୍ୟନ୍ତ ଚାଲି ଅନ୍ତିମ ଦିନ ଏକ ରୋଡ ସୋ ଆୟୋଜନ ହେବା ସହ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ସହ ମେଡାଲ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ପୂର୍ବତନ ସଭାପତି କୁଶଳ ଅଗ୍ରୱାଲ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜେସିଆଇ ପକ୍ଷରୁ ଜିତେନ୍ ଅଗ୍ରୱାଲ, ରଶ୍ମି ଅଗ୍ରୱାଲ, ପଲ୍ଲବୀ ଅଗ୍ରୱାଲ, ସୀମା ଅଗ୍ରୱାଲ, ଅରୁଣ ଅଗ୍ରୱାଲ, ସୁଶିଲ ସାହୁ ଏବଂ ବହୁ ସଂଖ୍ୟାରେ ଅଭିଭାବକ ମାନେ ଉପସ୍ଥିତ ଥିଲେ।

# ମୋତରେ ଓଡିଶା ପ୍ରସିଦ୍ଧ ପଞ୍ଚୁଦୋଳ



ଚାନ୍ଦବାଲି, (ଭାସ୍କର ନ୍ୟୁଜ୍ ) : ୧୮୦୨ ମସିହାରୁ ଆରମ୍ଭ ହୋଇଥିବା ପଞ୍ଚୁଦୋଳ ପର୍ବ ମୋତ ଠାରେ ପାଳନ ହୋଇଯାଇଛି। ରାଧା କୃଷ୍ଣ ଯୁଗଳ ମୂର୍ତ୍ତି ବିଭିନ୍ନ ତୋରଣ ସାଜସଜ୍ଜାରେ ମୋତ ପଡିଆରେ ଏକତ୍ରିତ ହୋଇ ଭକ୍ତ ମାନଙ୍କୁ ଦର୍ଶନ ଦେଇଛନ୍ତି। ହୋଲିର ୨ ଦିନ ପୂର୍ବରୁ ଏହି ପର୍ବ ପାଳନ କରାଯିବାର ମାନ୍ୟତା ଅଛି। ସ୍ନେହ ପ୍ରେମ ଆଉ ଭାଇଚାରାର ପର୍ବରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ବିଭିନ୍ନ ଅଞ୍ଚଳର ସେମାନଙ୍କର ଆରାଧ ରାଧା କୃଷ୍ଣ ଯୁଗଳ ମୂର୍ତ୍ତି, ବିରାଟ ପଟୁଆରରେ ଏଠି ଏକତ୍ରିତ ହୋଇଥାନ୍ତି। ଏହି ପର୍ବ ହେଉଛି ସ୍ନେହ ଓ ଭାଇଚାରାର ପର୍ବ। ଏହି ଦୋଳ ପର୍ବ ଏକାଠି କରେ ଭକ୍ତମାନଙ୍କୁ, ଆଉ ସୃଷ୍ଟି ହୁଏ ଆଧାତ୍ମିକ ପରିବେଶ। ଏହା ହେଉଛି ଐତିହାସିକ ଦୋଳ ପର୍ବ। ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ମୋତ ଠାରେ ଆଜକୁ ୨୨୫ ବର୍ଷ ହେବ ପାଳନ ହୋଇ ଆସୁଛି ମେଳଣ ପର୍ବ। ରାଜକନିକା ରାଜାଙ୍କ ଦ୍ୱାରା ୧୮୦୨ ମସିହାରେ ଆରମ୍ଭ ହୋଇଥିଲା ଏହି ମେଳଣ ଯାତ୍ରା। ଆଖପାଖ ଅଞ୍ଚଳର ୧୫ଟି ପଞ୍ଚାୟତରୁ ୨୦୦ରୁ ଊର୍ଦ୍ଧ୍ୱ ବିମାନ ଗୁଡିକ ସୁସଜ୍ଜିତ ହୋଇ ମେଳଣ ପଡିଆକୁ ପାରମ୍ପରିକ ହୋଲି ବାଜା, ଡିଜେ, ମାଦଳ ବାଜା ସାଙ୍ଗକୁ ବଡ ବଡ ସୁନ୍ଦର ପଟୁଆରରେ ସାଜସଜ୍ଜା ହୋଇ ଏଠାକୁ ଆସି ଭକ୍ତ ମାନଙ୍କ ସାଙ୍ଗରେ ହୋଲି ରଙ୍ଗ ଖେଳିଥାନ୍ତି। ବିହାରରୁ ଆସିଥିବା ସାରଜନ ଡିଜେ ଗୀତର ତାଳେ ତାଳେ ଏକା ସାଙ୍ଗରେ ୨୦୦୦ ରୁ ଊର୍ଦ୍ଧ୍ୱ ଲୋକ ଏକସଙ୍ଗରେ ନୃତ୍ୟ କରିଥିଲେ। ଏହି ମେଳଣକୁ ଦେଖିବାପାଇଁ ପ୍ରାୟ ୨୦ ହଜାର ଲୋକଙ୍କ ଭିଡ଼ ହୋଇଥିଲା। ଏହି ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଡିଏସ୍‌ପି ବିଶ୍ୱପତି ପଣ୍ଡା, ଅତିରିକ୍ତ ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀଙ୍କ ତତ୍ତ୍ୱାବଧାନରେ ଏହି ପର୍ବରେ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ନିୟନ୍ତ୍ରଣ କରାଯାଇଥିଲା। ବହୁ ଘାତ ପ୍ରତିଘାତ ଭିତରେ ଅଳ୍ପ ବିମାନରୁ ଆରମ୍ଭ ହୋଇଥିବା ମୋତ ମେଳଣ ଆଜି ଭଦ୍ରକ ଜିଲ୍ଲାର ସବୁଠାରୁ ବଡ ପର୍ବ ହୋଇ ପାରିଛି। ଏହି ପର୍ବରେ ହଜାର ହଜାର ଶ୍ରଦ୍ଧାଳୁ ଠାକୁରଙ୍କୁ ଦର୍ଶନ ପାଇଁ ଆସିଥାନ୍ତି। କମିଟି ପକ୍ଷରୁ ଠାକୁର ମାନଙ୍କୁ ବନ୍ଦାପନା ଓ ଭୋଗ ନୀତି କରାଯାଇଥିଲା। ଏଠାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯକ୍ରମ ଏବଂ ଭଜନ ଗୀତ ପରିବେଷଣ କରାଯାଇଥିଲା। ସ୍ଥାନୀୟ ପ୍ରଶାସନ ଏବଂ କମିଟିର ସହଯୋଗ ଦ୍ୱାରା ହାଜର ହଜାର ଲୋକମାନେ ମେଳଣକୁ ଉପଭୋଗ କରିଥିଲେ । ଏହି ଯାତ୍ରା ଯୋଗୁଁ ଚାନ୍ଦବାଲି ଭଦ୍ରକକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାକୁ ପ୍ରଶାସନ ୨୪ ଘଣ୍ଟା ପାଇଁ ବନ୍ଦ କରିଥିଲେ।

# ବାଲିମେଲା ଝିଅ ସ୍ନିଗ୍ଧାଙ୍କ କୃତିତ୍ୱ



ବାଲିମେଲା, (ଭାସ୍କର ନ୍ୟୁଜ୍ ) : ଓଡିଶା ଜୁଡିସିଆଲ ସର୍ଭିସରେ ମାଲକାନଗିରି ଜିଲ୍ଲା ବାଲିମେଳା ଏନ୍‌ଏସିର ଝିଅ ସ୍ନିଗ୍ଧା ବେହେରା କୃତକାର୍ଯ୍ୟ ହୋଇଛନ୍ତି। ଓଡିଶା ଜୁଡିସିଆଲ ସର୍ଭିସ ୨୦୨୩/୨୪ର ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଯେଉଁଥିରେ ବାଲିମେଳା ଝିଅ ସ୍ନିଗ୍ଧା ବେହେରା ୨୯ତମ ସ୍ଥାନରେ ରହି କୃତକାର୍ଯ୍ୟ ହୋଇଛନ୍ତି। ସ୍ନିଗ୍ଧା ପିଲାଟି ଦିନରୁ ପାଠରେ ମନ ଦେଇ ପଢୁଥିଲେ। ବାଲିମେଳା ସ୍ଥିତ ଆଇଏମଏସଟି ଇଂରାଜୀ ବିଦ୍ୟାଳୟରେ ଦଶମ ପାସ, ପରେ ବାଲିମେଳା ବିଜ୍ଞାନ ବୈଷୟିକ ମହାବିଦ୍ୟାଳୟରେ ଗ୍ରାଜୁଏସନ କରି ଭଦ୍ରକ ଜିଲ୍ଲା ଆଇନ ସ୍ନାତକ ପାସ ହେବାପରେ ପ୍ରଥମଥର ୨୦୨୨ରେ ଓଡ଼ିଶା ଜୁଡିସିଆଲ ସର୍ଭିସରେ ଭାଇବାରେ କଟିଯାଇଥିଲେ ମଧ ଚେଷ୍ଟା ଜାରି ରଖିଥିଲେ। ତୃତୀୟ ଥର ୨୦୨୩/୨୪ରେ ସଫଳତା ପାଇଥିଲେ। ବାପା ବିବେକାନନ୍ଦ ବେହେରା ଜଣେ ଧର୍ମ ପରାୟଣ ବ୍ୟକ୍ତି ଭାବେ ପରିଚିତ ଥିବାବେଳେ ସେ ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ରର ଅବସରପ୍ରାପ୍ତ ପିଏ ଭାବେ କାର୍ଯ୍ୟ କରୁଥିଲେ। ମା ଜଣେ ଶିକ୍ଷୟତ୍ରୀ, ସ୍ନିଗ୍ଧା ବିବାହ କରିଥିଲେ ଭଦ୍ରକ ଜିଲ୍ଲା ଅଚକ ଗ୍ରାମରେ। ତେବେ ସ୍ୱାମୀ ଆଲୋକ ରଞ୍ଜନ ସାହୁ ମଧ ଜଣେ ସରକାରୀ କର୍ମଚାରୀ। ସ୍ନିଗ୍ଧା କହିବା କଥା ଯେ ତାଙ୍କ ସ୍ୱାମୀ ଆଲୋକ ତାଙ୍କ ପାଇଁ ପ୍ରେରଣା। ଏବଂ ଆଜି ସେ ପାଇଥିବା ସଫଳତାର ଶ୍ରେୟ ନିଜ ସ୍ୱାମୀଙ୍କୁ ଦେଇଛନ୍ତି। ତେବେ ସ୍ନିଗ୍ଧା ଓଜେଏସ୍‌ରେ ଉତ୍ତୀର୍ଣ୍ଣ କରିଥିବା ଖବର ଜଣାପଡିବା ପରେ ବାଲିମେଳା ସହରର ଜନସାଧାରଣଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି।

## ନାବାଳକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାଲିମେଳା, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନିଳାକାମ୍ବେରୁ ପଞ୍ଚାୟତ ସୋର୍ଲୁକୋଣ୍ଡା ଗ୍ରାମର ଗୋଟିଏ ଜମି ମଧରେ ଥିବା ଆମ୍ବ ଗଛରେ ଜଣେ ନାବାଳକ ଝୁଲନ୍ତା ଅବସ୍ଥାରେ ରହିଥିବା ସମୟରେ ଦେଖିବାକୁ ମିଳିଥିଲା। ନାବାଳକ ଜଣକ ସେହି ଗ୍ରାମର ବୋଲି ଜଣାପଡିଛି। ତେବେ ଏହି ନାବାଳକଟି ଗତ କିଛି ଦିନ ତଳେ ଦଶମ ବୋର୍ଡ ପରୀକ୍ଷା ଦେଇଥିବା ସୂଚନା ମିଳିଛି। ଝୁଲନ୍ତା ଅବସ୍ଥାରେ ନାବାଳକର ମୃତଦେହଟିକୁ ଦେଖି ଗ୍ରାମବାସୀ ସଙ୍ଗେ ସଙ୍ଗେ ଓରକେଲ ପୋଲିସକୁ ଜଣାଇଥିଲେ। ଖବର ପାଇ ଓରକେଲ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ଏକ ଅପମୃତ୍ୟ ମାମଲା ୩/୨୫ ରୁଜୁ କରି ନାବାଳକର ମୃତ ଦେହ ଜବତ କରିଛନ୍ତି। ତେବେ ଆସନ୍ତା କାଲି ସାଇଣ୍ଟିଫିକ୍ ଟିମ ଆସି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ନୂତନ ଜିଲ୍ଲା ଅଧିବକ୍ତା କାର୍ଯ୍ୟାଳୟ ଉନ୍ମୋଚିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଗୁରୁବାର ସଂନ୍ଧ୍ୟା ୬ ଘଟିକା ସମୟରେ କେନ୍ଦୁଝର ସବକଲେକ୍ଟର ଅଫିସ ନିକଟରେ ଜିଲ୍ଲା ଅଧିବକ୍ତା କାର୍ଯ୍ୟାଳୟ ନୂତନ ଭାବେ ଉନ୍ମୋଚିତ ହୋଇଛି। ଏଥିରେ କେନ୍ଦୁଝର ଜିଲ୍ଲାପାଳ ଭିଶାଲ ସିଂ, ଆରକ୍ଷୀ ଅଧିକ୍ଷକ ନିତିନ କୁଶଲକର, ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି ଅତିଥି ଭାବେ ଉପସ୍ଥିତ ଥିଲେ । ଅଧିବକ୍ତାମାନଙ୍କ ଟ୍ରେନିଂ ପ୍ରୋଗ୍ରାମକୁ ଆଖି ଆଗରେ ରଖି ଏହି କାର୍ଯ୍ୟାଳୟରେ ଏକ ସଭାଗୃହ ମଧ ସ୍ଥାନ ପାଇଛି। ଆଗାମୀ ଦିନରେ ପ୍ରସିକ୍ୟୁସନ କିପରି ସୁଦୃଢ ହୋଇପାରିବ ସେ ବିଷୟରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ତାଙ୍କର ମତ ରଖିବା ସହ କେନ୍ଦୁଝର ବାର୍ ଆସୋସିଏସନ୍‌ର ସଭାପତି ଆଲୋକ କୁମାର ମହାନ୍ତ ମଧ ବକ୍ତବ୍ୟ ରଖିଥିଲେ। ଆନନ୍ଦପୁର, କେନ୍ଦୁଝର ଏବଂ ଚମ୍ପୁଆ, ବଡବିଲର ସମସ୍ତ ଅଧିବକ୍ତା ଏଠାରେ ଉପସ୍ଥିତ ଥିବା ସହ ଏହି କାର୍ଯ୍ୟାଳୟ ଆଗକୁ ପ୍ରସିକ୍ୟୁସନ କାର୍ଯ୍ୟରେ ଘଟୁଥିବା ଅସୁବିଧାକୁ ଦୂର କରି ପାରିବ ବୋଲି ମତ ପ୍ରଦାନ କରିଥିଲେ।

# ଜନଜାତି ଯୁବ ଲଘୁ ଉଦ୍ୟୋଗ ତାଲିମ ଶିବିର ଉଦ୍‌ଯାପିତ



କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଠାରେ ମୁଖ୍ୟମନ୍ତ୍ରୀ ଜନଜାତୀ ଜୀବିକା ମିଶନ ଆନୁକୂଲ୍ୟରେ ୯ଟି ବ୍ଲକର ୧୪୦ଜଣ ପୁରୁଷ ଏବଂ ମହିଳା ଲଘୁ-ଉଦ୍ୟୋଗୀଙ୍କୁ ନେଇ ଚାରିଟି ପର୍ଯ୍ୟାୟରେ ଦୁଇ ଦିନିଆ ଆବାସିକ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଉକ୍ତ ତାଲିମ ମାଧ୍ୟମରେ ଉଦ୍ୟୋଗୀମାନଙ୍କୁ ମୁଖ୍ୟତଃ ବ୍ୟବସାୟିକ ବିକାଶ ଯୋଜନା (ବିଡିପି) ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇ ଯୋଜନା ମାଧ୍ୟମରେ ମିଳିବାକୁ ଥିବା ସହାୟତା ରାଶି ଏକ ଲକ୍ଷ ମୁଦ୍ରାର କିପରି ସଦୁପଯୋଗ କରି ନିଜର ତଥା ପରିବାରର ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରାଯାଇପାରିବ ତାହା ଆଲୋଚନା କରାଯାଇଥିଲା । ଉଦ୍ୟୋଗୀମାନେ ବିଭିନ୍ନ ପ୍ରକାର ଲଘୁ ଉଦ୍ୟୋଗକୁ ଦୃଷ୍ଟିରେ ରଖି ନିଜର ବ୍ୟବସାୟ ଆରମ୍ଭ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ମୁଖ୍ୟତଃ ଛେଳି ପାଳନ, ସିଲେଇ ଶିଳ୍ପ, ପାୱାରଟିଲର ଏବଂ ଅଟୋ ଚାଳନା ପ୍ରଭୃତି ଚୟନ ତାଲିକାଭୁକ୍ତ ହୋଇଥିଲା । ଉକ୍ତ ଶିବିରରେ ପ୍ରକଳ୍ପ ପ୍ରଶାସକ ତପନ କୁମାର ନାୟକ ଉପସ୍ଥିତି ରହି ଯୁବ ଲଘୁ ଉଦ୍ୟୋଗୀମାନଙ୍କୁ ସେମାନଙ୍କ ଉଜ୍ଜଳ ଭବିଷ୍ୟତ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ । ବିଷାରଦ ଗୋପାଳ କୃଷ୍ଣ ବେହେରା ଏବଂ ୯ଟି ବ୍ଲକର ବ୍ଲକସ୍ତରୀୟ ଜୀବିକା ବିଷାରଦମାନେ ଏଥିରେ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ। କୃଷି ବିଷାରଦ ଶିବ ବେହେରା, ଜଙ୍ଗଲ ଆଇନ ଅଧିକାରୀ ସ୍ମୃତିଧାରା ମହାନ୍ତି ଏଫ୍‌ଆର୍‌ଏ ସମ୍ପର୍କରେ ବୁଝାଇଥିଲେ । ପ୍ରକଳ୍ପ ପରିଚାଳକ ସତ୍ୟରନ ମହାନ୍ତି ଶିବିରକୁ ପରିଚାଳନା କରିଥିଲେ ।

# ବିଧାୟକଙ୍କ ନେତୃତ୍ୱରେ ରକ୍ତଦାନ ଶିବିର



ଆସିକା, (ଭାସ୍କର ନ୍ୟୁଜ୍ ) : ଆସିକା ବିଧାୟକ ସରୋଜ କୁମାର ପାଢ଼ୀଙ୍କ ଆହ୍ୱାନରେ ବିରାଟ ରକ୍ତଦାନ ଓ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ। ହରିହର ହାଇସ୍କୁଲ ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ପରିସରରେ ଶହ ଶହ ବିଜେପି କର୍ମୀ ଓ ସାଧାରଣ ଜନତା ଉକ୍ତ ରକ୍ତଦାନ ଶିବିରରେ ଯୋଗଦେଇ ରକ୍ତଦାନ କରିଥିଲେ। ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ରକ୍ତର ଆବଶ୍ୟକତା ପୂରଣ ପାଇଁ ବିଧାୟକ ସରୋଜ କୁମାର ପାଢ଼ୀଙ୍କ ଆହ୍ୱାନ କ୍ରମେ ବହୁ ସ୍ୱେଚ୍ଛାସେବୀ ରକ୍ତଦାନ ନିମନ୍ତେ ଆଗେଇ ଆସିଥିଲେ। ବରିଷ୍ଠ ସମାଜସେବୀ ଭଗବାନ ସାହୁ ଉପସ୍ଥିତ ରହି ଏହି ରକ୍ତଦାନ ଶିବିରରେ ଯୁବକ ମାନଙ୍କୁ ଉତ୍ସାହିତ କରୁଥିବା ଦେଖିବାକୁ ମିଳିଥିଲା। ଯୁବନେତା ସଂଗୀତ ପାଢ଼ୀ ଓ ସନ୍ଦୀପ ପାଢ଼ୀ ଉପସ୍ଥିତ ରହି ଏହି ବିରାଟ ରକ୍ତଦାନ ଶିବିରକୁ ପରିଚାଳନାରେ ସହଯୋଗ କରିଥିଲେ। ରକ୍ତଦାନ ସାଙ୍ଗକୁ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ଯୋଗୁଁ ବହୁ ଜନସାଧାରଣଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ବିଜେପି କର୍ମୀ ଓ ଆଗଧାଡିର ନେତା ମାନେ ଉପସ୍ଥିତ ରହି ସମସ୍ତ ରକ୍ତଦାତା ମାନଙ୍କୁ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ରକ୍ତଦାନ ଭଳି ମହତ କାର୍ଯ୍ୟ ପାଇଁ ଆଗେଇ ଆସିଥିବା ସମସ୍ତ ଯୁବକ ମାନଙ୍କୁ କୃତଜ୍ଞତା ଜଣାଇଥିଲେ ଯୁବନେତା ସଂଗୀତ ପାଢ଼ୀ। ରକ୍ତ ଭଣ୍ଡାରକୁ ବୃଦ୍ଧି କରିବା ଓ ରକ୍ତର ଆବଶ୍ୟକତାକୁ ପୂରଣ କରିବା ପାଇଁ ଏଭଳି ବିରାଟ ରକ୍ତଦାନ ଶିବିରର ଆବଶ୍ୟକତା ରହିଛି ବୋଲି କହିଛନ୍ତି ବିଧାୟକ ସରୋଜ ପାଢ଼ୀ। ଉକ୍ତ ରକ୍ତଦାନ ଶିବିରରେ ସମସ୍ତ ଡାକ୍ତରୀ ଟିମ ସମେତ ରେଡ଼କ୍ରସର କର୍ମକର୍ତ୍ତା ମାନେ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ। ବ୍ଲକ ଭାଇସ ଚେୟାରମ୍ୟାନ ରେସ୍ମା ଦୋରା ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ବିଜେପି ନେତା ବିଜୟ କୁମାର ସ୍ୱାଇଁ, ଶିବରାମ ନାହାକ, ବିଜେପି ନଗର ସଭାପତି ଭିକି ପାତ୍ର, ବୀରେନ୍ଦ୍ର ଖେଟେଇ, ସତ୍ୟବାନ ସାହୁ, ମୋହନ ବାରିକ, ସଞ୍ଜୟ ସ୍ୱାଇଁ ସମେତ ବହୁ ଆଗଧାଡିର ନେତା ଉପସ୍ଥିତ ଥିଲେ। ପାଖାପାଖି ୧୫୦ୟୁନିଟ ରକ୍ତ ସଂଗ୍ରହ କରାଯିବାର ଲକ୍ଷ୍ୟ ରହିଥିବା ବେଳେ ଆଶାଠୁ ଅଧିକ ରକ୍ତ ସଂଗ୍ରହ ହୋଇପାରିବ ବୋଲି କହିଛନ୍ତି ବରିଷ୍ଠ ସମାଜସେବୀ ଭଗବାନ ସାହୁ।

# ଜୀବନ ସହ ସଂଘର୍ଷ କରୁଛି ମମତା



- ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ
- ସହାୟତା ପାଇଁ ବାପା 'ମା ଙ୍କ ନିବେଦନ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍ ) : ଜୀବନ ସହ ସଂଘର୍ଷ କରୁଛି ମମତା। ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ୮ବର୍ଷ ବୟସରେ ଯେଉଁଠି ଖେଳକୁଦ କରିବା କଥା ସେଠି ଏବେ ସେ ନିସ୍ତବ୍ଧ ହୋଇ ମେଡିକାଲ ବିଛଣାରେ ପଡ଼ି ରହିଛି। ଝିଅର ଜୀବନ ବଞ୍ଚାଇବାକୁ ପରିବାର ଠାରୁ ଦୂରରେ ରହି ବାପା 'ମା ସଂଘର୍ଷ କରୁଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ଝାଡ଼ଲିଙ୍ଗ ପଞ୍ଚାୟତ ମଧୁପୁର ଗ୍ରାମର ଟୁଲୁ ବେହେରାଙ୍କ ଝିଅ ମମତା ବେହେରା, ମାତ୍ର ବୟସ ୮ବର୍ଷ ବୟସ ତାଙ୍କୁ । ଆଜିକୁ ୩ ବର୍ଷ ତଳେ ନିଜ ଘରେ ଲୁଗାରେ ଦୋଳି କରି ଖେଳୁଥିବା ବେଳେ ହଠାତ ପଡିଯାଇଥିଲେ ପଛ ପାର୍ଶ୍ୱ ମୁଣ୍ଡ ମାଡ଼ ହୋଇଯାଇଥିଲା। କିଛି ଦିନ ପରେ ମୁଣ୍ଡ ଓ ବେକ ନିକଟରେ ଫୁଲିବା ଆରମ୍ଭ ହେବା ସହ ଯନ୍ତ୍ରଣା ଆରମ୍ଭ ହେଲା। ପରିବାର ଲୋକେ ପ୍ରଥମେ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହସ୍ପିଟାଲ ନେବା ପରେ ଜଣାପଡିଥିଲା ସ୍ନାୟୁ ଜନିତ ଅସୁବିଧା ହେତୁ ତାଙ୍କର ଏଭିଳି ଅବସ୍ଥା। ମମତା ସ୍ନାୟୁ ସର୍ଜରୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର ପରେ ସେଠାରେ ୩ମାସ ରହି ଚିକିତ୍ସା ହୋଇଥିଲେ। ପରେ ଏମ୍ସ ହସ୍ପିଟାଲ ଯାଇଥିଲେ। ଅଗଷ୍ଟ ୨୦୨୪ରେ କ୍ରମେ ନିମୋନିଆ ହେବା ଫଳରେ ପରିବାର ଲୋକେ କୁନି ଝିଅ ମମତାଙ୍କୁ ପୁରୀ ବଡ଼ ମେଡିକାଲ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଡକ୍ଟରଙ୍କ ନିର୍ଦ୍ଦେଶ କ୍ରମେ କ୍ୟାପିଟାଲ ହସ୍ପିଟାଲ ପରେ ଏମ୍ସ ହସ୍ପିଟାଲରେ ଅପରେସନ ଅଗଷ୍ଟ ୯, ୨୦୨୪ରେ ହୋଇଥିଲା, ଡକ୍ଟର ଅପରେସନ ସଫଳ ହେଲା ବୋଲି ସୂଚନା ଦେଲେ। କିନ୍ତୁ ଦଇବ ଦାଉ ସାଧିଲା ଭଳି କୁନି ଝିଅ ମମତା ବେହେରାଙ୍କର ନିଶ୍ୱାସ ନେବାରେ ଅସୁବିଧା ହେବାରୁ ଏମ୍ସରେ ବାପା ମା ଝିଅ ୨ମାସ ୫ଦିନ ରଖିଲେ। ଚିକିତ୍ସା କରୁଥିବା ଡକ୍ଟରଙ୍କ କହିବାନୁସାରେ ମମତାଙ୍କୁ ହୋମ ଭେଣ୍ଟିଲେଟରରେ ରଖିବା ସହ ଅକ୍ସିଜେନ ଓ ଭେଣ୍ଟିଲେଟର ଲଗାଯାଇଥିଲା। ଡକ୍ଟର କୁନି ଝିଅ ମମତାଙ୍କ ଶରୀରରେ ଏକ ପାଇପ୍ ଲଗାଇ ପଠାଇଥିଲେ। ସମସ୍ତ ପ୍ରକାର ଚିକିତ୍ସା ସରିଯାଇଥିବା କହିଥିଲେ ହେଲେ ଝିଅ ଅବସ୍ଥା ପୂର୍ବ ପରି ରହିଥିବା ବେଳେ ଝିଅର ଅବସ୍ଥା ପୂର୍ବବତ ରହିଛି। ବାପା, ମା ନିଜ ଝିଅ ମମତାଙ୍କୁ ଧରି ନିଜ ଗାଁ ଅସ୍ତରଙ୍ଗକୁ ନ ଫେରି ହଠାତ ଚିକିତ୍ସା ଆବଶ୍ୟକ ହେବ ଭାବି ପୁରୀରେ ଏକ ଭଡା ଘରେ ରହି ମମତାଙ୍କ ଯତ୍ନ ନେଉଛନ୍ତି। ଔଷଧ ଖର୍ଚ୍ଚ ପ୍ରତ୍ୟେକ ଦିନ ୨ହଜାର ଟଙ୍କା ହେଉଥିବା ବେଳେ ତାଙ୍କ ଶରୀର ସୁସ୍ଥ ପାଇଁ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆବଶ୍ୟକ ପଡୁଛି। କିନ୍ତୁ ଅର୍ଥ ସମସ୍ୟା ଯୋଗୁଁ ଏଥିରୁ ବଞ୍ଚିତ ହେଉଛନ୍ତି ମମତା। ମମତାଙ୍କ ବାପା ଜଣେ ଦିନ ମଜୁରିଆ ଭାବେ ରାଜ୍ୟ ବାହାରେ ପଟା ସେଟ୍ରିଂ କାମ କରିଥାନ୍ତି। ଝିଅର ଦେହ ଅସୁସ୍ଥ ହେବାର ୩ବର୍ଷ ମଧ୍ୟରେ ସବୁ ଖର୍ଚ୍ଚ କରିସାରିଲେଣି। ପୁରୀରେ ଭଡା ଘର ଓ ଝିଅର ଚିକିତ୍ସା ପାଇଁ ଖର୍ଚ୍ଚ ଆବଶ୍ୟକ ହେଉଥିବା ବେଳେ ଏଥିପାଇଁ ସହାୟତା ଲୋଡିଛନ୍ତି ମମତାଙ୍କ ବାପା ଓ ମା। କୌଣସି ସହୃଦୟ ବ୍ୟକ୍ତି ସହାୟତାର ହାତ ବଢ଼ାଇଲେ ଝିଅର ଭଲ ଚିକିତ୍ସା କରାଇପାରନ୍ତେ ବୋଲି ବାପା ଟୁଲୁ ବେହେରା ଆକୁଳ ନିବେଦନ କରି କହିଛନ୍ତି। ଯଦି ଆପଣ ମମତାଙ୍କୁ ସାହାଯ୍ୟ କରିବାକୁ ଚାହାନ୍ତି ତେବେ ଟୁଲୁ ବେହେରାଙ୍କ ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ଶାଖା, ଆକାଉଣ୍ଟ ନମ୍ବର-୩୬୮୭୯୦୦୧୪୬୩, ଆଇଏଫଏସ୍‌ସି କୋଡ଼ -ଏସ୍‌ବିଆଇଏନ୍ ୦୦୧୨୦୩୬, ଫୋନ୍ ପେ ନମ୍ବର -୯୮୨୭୮୦୩୪୧। ଆପଣଙ୍କ ଏକ ଛୋଟ ସାହାଯ୍ୟ ମମତାଙ୍କ ମୁହଁରେ ହସ ଫୁଟାଇ ପାରିବ।



ଖଡ଼ିଆଳ(ଭାସ୍କର ନ୍ୟୁଜ) : ନୂଆପଡା ଜିଲ୍ଲା ଖଡ଼ିଆଳ ସହର ଅଗ୍ରେସନ ଭବନ ପରିସରରେ ହିନ୍ଦୁ ନବବର୍ଷ ପାଳନ ପାଇଁ ଏକ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ହିନ୍ଦୁ ନବବର୍ଷ ପାଳନ କମିଟିର ସଭାପତି ବିନୋଦ ବିହାରୀ ପାଢ଼ୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ବିଧାୟକ ଅଧୀରାଜ ପାଣିଗ୍ରାହୀ ଯୋଗ ଦେଇଥିବାବେଳେ କୌଶିକ ସରାଫ, ପୁଷ୍ପମ ସୁନାନୀ, ବିନୋଦ ଅଗ୍ରୱାଲ ମଂଚାସୀନ ଥିବାବେଳେ ସଭାରେ ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତୀ, ବାଳକୃଷ୍ଣ ଶବର,ସତୀଶ ପଟନାୟକ, ସହ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ଥିଲେ। ୨୯ ଓ ୩୦ ତାରିଖ ମାର୍ଚ୍ଚ ଦୁଇଦିନ ଧରି ହିନ୍ଦୁ ନବବର୍ଷ ପାଳନ କରିବାକୁ କମିଟି ସ୍ଥିରୀକୃତ ହୋଇଥିବା କୁହାଯାଇଛି। ଏଥିରେ ଖଡ଼ିଆଳ ଅଂଚଳର ସମସ୍ତ ଜନସାଧାରଣ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ହେବାକୁ ଆହ୍ୱାନ କରାଯାଇଛି। ବାଇକ ରାଲି, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଶୋଭାଯାତ୍ରା କରାଯିବାର କାର୍ଯ୍ୟକ୍ରମ ରହିଛି। ସମସ୍ତେ ସାମିଲ ହୋଇ ହିନ୍ଦୁ ନବବର୍ଷ ୨୦୨୫ କୁ ଧୂମଧାମରେ ପାଳନ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି।

# ନିଖିଳ ଓଡିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ଦାବିପତ୍ର



କେନ୍ଦୁଝର(ଭାସ୍କର ନ୍ୟୁଜ) : ନିଖିଳ ଓଡିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଙ୍କୁ ୪ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି।ଓଡିଶା ମିଶନ ଶକ୍ତି ବିଭାଗ ଅଧୀନରେ ଓଡିଶା ଜୀବିକା ମିଶନ ଓ ଓଡିଶା ମିଶନ ଶକ୍ତିରେ କାର୍ଯ୍ୟରତ ଏକ ଲକ୍ଷ ପଚାଶ ହଜାରରୁ ଅଧିକ ଇ.ସି. ସଦସ୍ୟଙ୍କ ପୁନର୍ଗଠନ ନିର୍ଦ୍ଦେଶନାମା ପ୍ରତ୍ୟାହାର ସହ ରାଜ୍ୟର ସମସ୍ତ ଗୃହିଣୀ ଓ ବେରୋଜଗାରୀ ମହିଳାଙ୍କ ଜୀବିକା ଅର୍ଜନକୁ ସୁନିଶ୍ଚିତ କରିବାକୁ ଦାବି ହୋଇଛି।ଓଡିଶାରେ କେନ୍ଦ୍ରୀୟ ସ୍କିମ୍ ଏନ୍.ଆର୍‌ଏଲ୍.ଏମ୍. ଅନ୍ତର୍ଗତ ଓଡ଼ିଶା ଜୀବିକା ମିଶନ ଏବଂ ଓଡ଼ିଶା ମିଶନ ଶକ୍ତି ରେ ବିଗତ ୩ବର୍ଷରୁ ୨୫ ବର୍ଷ ଧରି କାର୍ଯ୍ୟରତ ଏକ ଲକ୍ଷ ପଚାଶ ହଜାରରୁ ଅଧିକ ଇ.ସି. ସଦସ୍ୟଙ୍କୁ ରିଷ୍ଟ କ୍ୟାଚରିଙ୍ଗରେ ବାହାର କରିବା ପାଇଁ ସରକାରଙ୍କ ପକ୍ଷରୁ ଦୁଇଟି ନିର୍ଦ୍ଦେଶନାମା ପ୍ରଦାନ କରାଯାଇଛି। ତେବେ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ନୂତନ ନିୟମାବଳୀ ହେବା ଫଳରେ ରାଜ୍ୟରେ କାର୍ଯ୍ୟରତ ଏକ ଲକ୍ଷ ପଚାଶ ହଜାରରୁ ଅଧିକ ଇ.ସି. ସଦସ୍ୟ ଓ ୬ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ସମ୍ପାଦକ ମିଶି ୧୨ଲକ୍ଷ ମହିଳା ଆନୁପାତିକ ହାରରେ ସିଆରପି ଏବଂ ଏମ୍.ବି.କେମାନେ କର୍ମଚ୍ୟୁତ ହେବେ ବୋଲି ଜଣାପଡିଛି।ଏଣୁ ଏହି ପୁନର୍ଗଠନ ଆଦେଶ ପ୍ରତ୍ୟାହାର ପାଇଁ ଆପଣ ହସ୍ତକ୍ଷେପ କରି ଆଶୁ ସମାଧାନ ପାଇଁ ସରକାରଙ୍କୁ ସଠିକ୍ ମାର୍ଗରେ ପ୍ରବର୍ତ୍ତାଇବା ସହ ଏହି ସମସ୍ୟାର ସମାଧାନ କରିବାକୁଦାବି ହୋଇଛି। ବିଭିନ୍ନ ଦାବିଗୁଡିକ ମଧ୍ୟରେ ଓଡିଶା ଜୀବିକା ମିଶନ ଓ ମିଶନ ଶକ୍ତି ଅଧୀନରେ କାର୍ଯ୍ୟରତ ଇ.ସି. ସଦସ୍ୟଙ୍କ ପୁନର୍ଗଠନ ନିର୍ଦ୍ଦେଶ ପ୍ରତ୍ୟାହାର। ଓଡିଶା ଜୀବିକା ମିଶନ ଓ ମିଶନ ଶକ୍ତିରେ କାର୍ଯ୍ୟରତ ଇ.ସି. ସଦସ୍ୟଙ୍କୁ ସ୍ଥାୟୀ ନିଯୁକ୍ତି ଓ ବକେୟା ଭତ୍ତା ପ୍ରଦାନ। ମିଶନ ଶକ୍ତି ଏବଂ ଜୀବିକା ମିଶନରେ କାର୍ଯ୍ୟରତ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ୫ ବର୍ଷିଆ ଚୁକ୍ତି ବାତିଲ କରି ସ୍ଥାୟୀ ନିଯୁକ୍ତି, ମିଶନ ଶକ୍ତି ବିଭାଗ ରାଜ୍ୟର ସମସ୍ତ ମହିଳାଙ୍କ ଜୀବିକା ଅର୍ଜନର ରାହାକୁ ସୁନିଶ୍ଚିତ କରିବ. ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟଙ୍କୁ ମାସିକ ଏକ ହଜାର ଟଙ୍କା ହାରରେ ମହିଳା ସଶକ୍ତିକରଣ ଭତ୍ତା ନିୟମିତ ପ୍ରଦାନ ବ୍ୟବସ୍ଥା ଦାବି ପୂରଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମାର୍ଚ୍ଚ ୧୯ ଠାରୁ ପୂରଣ ପର୍ଯ୍ୟନ୍ତ ଦିବା-ରାତ୍ର ଶାନ୍ତପୂର୍ଣ ଗଣଧାରଣା ଚାଲୁ ରହିବ ବୋଲି ସୂଚନା ଦିଆଯାଇଛି।କେନ୍ଦ୍ରୀୟ ସ୍କିମ୍ ଏନ୍‌ଆରଏଲ୍‌ଏମ୍ ଅଧିନ ଓଡିଶା ଜୀବିକା ମିଶନ ଏବଂ ଓଡିଶା ମିଶନ ଶକ୍ତି ମାଧ୍ୟମରେ କାର୍ଯ୍ୟରତ ଏକ ଲକ୍ଷ ପଚାଶ ହଜାରରୁ ଅଧିକ କାର୍ଯ୍ୟନିର୍ବାହୀ ଇସି ସଦସ୍ୟଙ୍କୁ ତଥାକଥିତ ପୁନର୍ଗଠନ ମାଧ୍ୟମରେ ବହିଷ୍କାର କରିବା ପରିବର୍ତ୍ତେ ଏହି ପୁନର୍ଗଠନ ପ୍ରକ୍ରିୟାରୁ କାର୍ଯ୍ୟନିର୍ବାହୀ ଇସି ସଦସ୍ୟଙ୍କୁ ବାଦ ଦେଇ ଏମାନଙ୍କୁ ଏହି ସ୍କିମ୍‌ର ନିୟମିତ ସ୍କିମ୍ ୱାର୍କର ଭାବେ ରଖାଯାଇ ତାଙ୍କ କାର୍ଯ୍ୟଦକ୍ଷତାକୁ ଉପଯୋଗ କରି ରାଜ୍ୟର ସମସ୍ତ ମହିଳାଙ୍କ ଜୀବିକା ଅର୍ଜନକୁ ସୁନିଶ୍ଚିତ କରିବା ପାଇଁ ସରକାରଙ୍କୁ ପ୍ରବର୍ତ୍ତାଇ ରାଜ୍ୟ ଜନସଂଖ୍ୟାର ୫୦ ଭାଗଙ୍କୁ ଆର୍ଥିକ ସ୍ୱାବଲମ୍ବନଶୀଳ କରାଇ ରାଜ୍ୟର ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବାକୁ ଦାବି ହୋଇଛି। ସଂଘ ସଭାପତି ସୁରଥି ଘଣା, ସମ୍ପାଦକ ତୁଷାରିକା ମହାନ୍ତ, ଆନନ୍ଦପୁର ଆନନ୍ଦମୟୀ ମିଶନ ଶକ୍ତି ସଭାପତି ଲିପି ପ୍ରଭା ସାହୁ, ସମ୍ପାଦକ ମଞ୍ଜୁଲତା ସାହୁ ସମେତ ଅନ୍ୟମାନେ ଦାବିପତ୍ର ଦେଇଥିଲେ।

## ଜଙ୍ଗଲକୁ ନିଆଁଦାଉରୁ ରକ୍ଷା କରିବା ସାଇକେଲରେ ସଚେତନତା ରାଲି




କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଜଙ୍ଗଲକୁ ନିଆଁଦାଉରୁ ରକ୍ଷା କରିବା ସହିତ ଶୁଖିଲା ପତ୍ରର ସଦୁପଯୋଗ କରି ଆଦିମ ବନବାସୀମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ ହେବାକୁ କେନ୍ଦୁଝର ବନଖଣ୍ଡ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦେବେ ବୋଲି ଆଜି କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍.ଡି.ଧନରାଜ୍ ସୂଚନା ଦେଇଛନ୍ତି ଓ ଏହାର ବହୁଳ ପ୍ରଚାର ପ୍ରସାର ନିମନ୍ତେ ଏକ ସାଇକେଲ ରାଲି ଆୟୋଜନ କରି ଏହାକୁ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରିଥିଲେ। ଏହି ସଚେତନତା ଧର୍ମୀ କାର୍ଯ୍ୟକ୍ରମକୁ କେନ୍ଦୁଝର ଜିଲ୍ଲା ପ୍ରଶାସନ, ରୋଟାରୀ କ୍ଲବ କେନ୍ଦୁଝର ଶାଖାର ସଭାନେତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ ଓ ତାଙ୍କ ପୁରା ଟିମ୍ ,ଇନର ହ୍ୟୁଇଲ୍ କ୍ଲବର ସମସ୍ତ ସଦସ୍ୟା,ରୋଟ୍ରାକ୍ଟ କ୍ଲବର ସମସ୍ତ ସଦସ୍ୟ ଏବଂ କେନ୍ଦୁଝର ଜିଲ୍ଲାର ବହୁ ବୁଦ୍ଧିଜୀବୀଙ୍କ ମିଳିତ ସହଯୋଗରେ ଏହି ଜନ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମକୁ ସଫଳତାର ସହିତ ଆୟୋଜନ କରାଯାଇଥିଲା।ଏହି କାର୍ଯ୍ୟକ୍ରମକୁ ଭବିଷ୍ୟତରେ ମଧ ରୋଟାରୀ କ୍ଲବ ସମସ୍ତଙ୍କ ସହଯୋଗରେ ଆୟୋଜନ କରି ଜାତୀୟ ସମ୍ପତ୍ତିର ସୁରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବ, ଏହି ଉତ୍ତର ଦାୟୀତ୍ୱ ପାଇଁ ଆମେ ଅଙ୍ଗୀକାରବଦ୍ଧ ବୋଲି ରୋଟାରୀ କ୍ଲବ କେନ୍ଦୁଝର ଶାଖାର ସଭାନେତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ ସୂଚନା ଦେଇଛନ୍ତି।

## କର୍କଟ ପୀଡିତା ସୁଲୋଚନାଙ୍କୁ ଆର୍ଥିକ ସହାୟତା



କୁଜଙ୍ଗ(ଭାସ୍କର ନ୍ୟୁଜ୍): ଜଗତ ସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଲିଆ ପଞ୍ଚାୟତ କାଞ୍ଜିଆକଣ ଗ୍ରାମର କର୍କଟ ପୀଡିତା ସୁଲୋଚନା ସ୍ୱାଇଁଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ। ସୂଚନାଯୋଗ୍ୟ କି, ସୁଲୋଚନା କିଛି ମାସ ହେବ କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଛନ୍ତି। ସେ ଜଣେ ବିଧବା ମହିଳା ଏବଂ ତାଙ୍କର ଗୋଟେ ବୋଲି ପୁଅ ଥିଲା ଯିଏ ଏବେ ଆରପାରିରେ। ବିଧବା ଶାଶୂ ବୋହୂ ଏକ ଛୋଟ ପାନ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ବର୍ତ୍ତମାନ ଅର୍ଥାଭାବରୁ ଏହି ଦୁଃଖୀ ପରିବାର ଅତ୍ୟନ୍ତ ଦୟନୀୟ ଜୀବନଯାପନ କରୁଛନ୍ତି। ଏବେ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ ଶଙ୍ଖେଶ୍ୱର ପ୍ରସାଦ ମହାନ୍ତି, ସଂଯୋଜକ କୁନେଶ ବାରିକ, ମାନସ ମଲ୍ଲିକ, ବରିଷ୍ଠ ସଦସ୍ୟ ପ୍ରବୀର ସ୍ୱାଇଁ, ଜ୍ୟୋତିରଂଜନ ସ୍ୱାଇଁ ଏବଂ ଚିନ୍ମୟ ମିଶ୍ର ପ୍ରମୁଖ ସୁଲୋଚନାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର (୧୦,୦୦୦/-) ଟଙ୍କାର ଆର୍ଥିକ ସହାୟତା ଦେବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ମା ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ଏଭଳି ବଦାନ୍ୟତା ପାଇଁ ସୁଲୋଚନାଙ୍କ ପରିବାର ସମେତ ଗ୍ରାମର ମୁଖିଆ ଅଜୟ ମହାପାତ୍ର, ନରେଶ ସ୍ୱାଇଁ, ସୁରେଶ ସ୍ୱାଇଁ ଓ କଳ୍ପତରୁ ସ୍ୱାଇଁ ପ୍ରମୁଖ କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୁୟସୀ ପ୍ରଶଂସା କରାଯାଇଛି।

## ଜିଲ୍ଲାର ବିକାଶ ପାଇଁ ଦେଇଥିବା ପ୍ରତିଶୃତି ଅକ୍ଷର ଅକ୍ଷରେ ପାଳନ ହେବ- ଢାଲି



ସାମ୍ବାଦିକଙ୍କ ସହ ବନ୍ଧୁମିଳନ

ମାଲକାନଗିରି (ଭାସ୍କର ନ୍ୟୁଜ୍): ଗତ ସାଧାରଣ ନିର୍ବଚନରେ ମାଲକାନଗିରି ବିକାଶ ପାଇଁ ବିଜେପି ଦଳର ତୁଙ୍ଗ ନେତା ମାନେ ମାଲକାନଗିରି ଜିଲ୍ଲାକୁ ଦଳୀୟ ପ୍ରଚାର ପାଇଁ ଆସିଥିବା ବେଳେ ମାଲକାନଗିରିର ବିକାଶ ପାଇଁ ଯେଉଁ ପ୍ରତିଶୃତି ଦେଇଥିଲେ ତାହା ଅକ୍ଷରେ ଅକ୍ଷରେ ପାଳନ ହେବ ବୋଲି ସ୍ଥାନୀୟ ସର୍କିଟ ହାଉସ୍ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଜୟଦେବ ନର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଅରବିନ୍ଦ ଢାଲି ପ୍ରକାଶ କରିଛନ୍ତି। ବିଶେଷ କରି ମାଲକାନଗିରି ଜିଲ୍ଲାରେ ବିମାନ ସେବା ତୁରନ୍ତ ଜନସାଧାରଣଙ୍କ ନିମନ୍ତେ କାର୍ଯ୍ୟକ୍ଷମ କରିବା, ରେଳ ଲାଇନ ପାଇଁ ସର୍ଭେ ଓ ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ମାଲକାନଗିରି ସହରରେ ବାଇପାସ୍ ରାସ୍ତା ନିର୍ମାଣ, ଗ୍ରାମାଂଚଳରେ ଅନେକ ପରିବାରର ଜମି ନିଜ ବାପା ଓ ଜେଜେବାପାଙ୍କ ନାମରେ ଥିବାବେଳେ ସେମାନଙ୍କର ସନ୍ତାନମାନେ ଭିନ୍ନ ଭିନ୍ନ ହୋଇ ରହୁଛନ୍ତି। ଜମି ମୌଖିକ ଭାବେ ଭାଗ ହୋଇଥିଲେ ମଧ୍ୟ ସରକାରୀ ଭାବେ ସନ୍ତାନ ମାନଙ୍କ ନାମରେ କରାଯାଉନଥିବାରୁ ସେମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରୁ ବଂଚିତ ହେଉଛନ୍ତି। ଏ ସମ୍ବନ୍ଧରେ ମାଲକାନଗିରି ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କ ସହ ତୁରନ୍ତ ଯୋଗାଯୋଗ କରି ଏହାର ସମାଧାନ କରା ଯିବ। ନିର୍ବାଚନ ସମୟରେ ଦିଆ ଯାଇଥିବା ପ୍ରତିଶୃତି ଅନୁଯାୟୀ ଏମ୍‌ଭି. ଓ ଏମ୍‌ପିଭି ଗ୍ରାମ ଗୁଡିକର ସଂଖ୍ୟା ନ ରହି ସେହି ଗ୍ରାମ ଗୁଡିକୁ ନୂତନ ନାମକରଣ କରାଯାଇ ସରକାରୀ ନଥିପତ୍ରରେ ସ୍ଥାନ ପାଇବ। ପାଙ୍ଗାମ, ପୋଟେରୁ, ଏମ୍‌ଭି. ୯୦, ଏମ୍‌ଭି. ୯୬, କାଙ୍ଗୁରୁକୋଣ୍ଡା, କନ୍ୟାଶ୍ରମ ଠାରେ ନୂତନ ପୋଲ ନିର୍ମାଣ କା ର୍ଯ୍ୟ ତୁରନ୍ତ ଶେଷ କରାଯିବ ଯଦ୍ୱାରା ବନ୍ୟା ସମୟରେ ଯାତାୟତ ସମସ୍ୟା ଉପୁଜିବ ନାହିଁ। ଜିଲ୍ଲାରେ ବିଇଡି କଲେଜ କାର୍ଯ୍ୟକ୍ଷମ କରିବା ପାଇଁ ଖୁବ୍ ଶୀଘ୍ର ପଦକ୍ଷେପ ନିଆଯିବ। ଅନେକ ଗ୍ରାମରେ ଭୂମିହୀନ ପରିବାର ଥିବା ଯୋଗୁଁ ସେମାନେ ଘର କରିବା , ସରକାରୀ ସୁବିଧାରୁ ବଂଚିତ ହେଉଛନ୍ତି। ତାହାର କିପରି ସମାଧାନ କରାଯିବ ସେ ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ତାହାର ସମାଧାନ କରାଯିବ। ମାଲକାନଗିରି ଜିଲ୍ଲାରେ ମେଡିକାଲ କଲେଜ, ଖୋଲା ଯିବାପାଇଁ ରାଜ୍ୟ ସରକାର ପ୍ରସ୍ତାବ ରଖିଛନ୍ତି। ଏହା କିପରି ତୁରନ୍ତ କା ର୍ଯ୍ୟାକାରୀ ହେବ ସେ ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବେ ବୋଲି ଶ୍ରୀ ଢାଲି ପ୍ରକାଶ କରିଛନ୍ତି। ଯେଉଁ ଗ୍ରାମକୁ ଆଜି ପର୍ଯ୍ୟନ୍ତ ପାନୀୟ ଜଳ, ବିଜୁଳି, ସ୍ୱାସ୍ଥ୍ୟ ସେବା, ପକ୍କା ରାସ୍ତା, ସୁବିଧା ହୋଇନାହିଁ ତାହା ତୁରନ୍ତ କା ର୍ଯ୍ୟକାରି କରା ଯିବ। ଏଥିସହ ଜିଲ୍ଲାରେ ଶିକ୍ଷକ ଏବଂ ବିଭିନ୍ନ ବିଭାଗର କର୍ମଚାରୀ ଅଭାବ ଥିବା ଯୋଗୁଁ ସରକାର କା ର୍ଯ୍ୟରେ ବାଧା ସୃଷ୍ଟି ହେଉଛି। କିପରି ଶିକ୍ଷକ ଓ କର୍ମଚାରୀ ନିଯୁକ୍ତି ହେବ ସେ ସମ୍ବନ୍ଧରେ ଖୁବ୍ ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରକାଶ କରିଥିଲେ। ମାତ୍ର ୯ ମାସ ସରକାର ଅନେକ କିଛି ଜନହିତକର କାର୍ଯ୍ୟ ହାତକୁ ନେଇଛନ୍ତି। ଆଗାମୀ ଦିନରେ ସରକାର ଦେଇଥିବା ପ୍ରତିଶୃତି ସମ୍ପୂର୍ଣ୍ଣ ପାଳନ କରାଯାଇ ମାଲକାନଗିରି ଜିଲ୍ଲାର ବିକାଶ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ବିଜେପିର ପୂର୍ବତନ ଜିଲ୍ଲା ସଭାପତି ନିମାଇ ଚନ୍ଦ୍ର ପାଲ, ବରିଷ୍ଠ ବିଜେପି ନେତା ଗଣେଶ ମଣ୍ଡଳଙ୍କ ସହ ଅନେକ ବିଜେପି କର୍ମୀ ଉପସ୍ଥିତ ଥିଲେ।

## ଜୀବନ ଜୀବିକା ଆଶାରେ ବ୍ୟବସାୟୀ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍ ) : ପୀରଜାହାନିଆ ବେଳାଭୂମିର ହେବ ଉନ୍ନତିକରଣ କାର୍ଯ୍ୟ ସହ ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବେ ରାଜ୍ୟର କୋଣ ଅନୁକୋଣର ପର୍ଯ୍ୟଟକ। କିନ୍ତୁ ଏହି ପୀରଜାହାନିଆ ବେଳାଭୂମିରେ ଦୀର୍ଘ ୩୦ବର୍ଷ ହେବ ନିଜ ପରିବାର ଗୁଜୁରାଣ ମେଣ୍ଟାଇବାକୁ ଦୋକାନ କରିଥିବା ବ୍ୟବସାୟୀ ଚିନ୍ତାରେ। ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ପୀରଜାହାନିଆ ବେଳାଭୂମିରେ ଦୀର୍ଘ ବର୍ଷ ହେବ ବ୍ୟବସାୟ କରି ପରିବାର ଗୁଜୁରାଣ ମେଣ୍ଟାଉଛନ୍ତି ୪୦ରୁ ଉର୍ଦ୍ଧ୍ୱ ସ୍ଥାୟୀ ବ୍ୟବସାୟୀ। କିନ୍ତୁ ବ୍ୟବସାୟୀଙ୍କୁ ଥଇଥାନ ନକରି ହଠାତ ବେଳାଭୂମି ସୌନ୍ଦର୍ଯ୍ୟ କରଣ ପାଇଁ ଉଠିବାକୁ ନୋଟିସ ଜାରୀ କରାଯାଇଛି ବୋଲି ବ୍ୟବସାୟୀ ମାନେ କହିଛନ୍ତି। ଉକ୍ତ ଚିଠିରେ ସହନ ପ୍ରସ୍ତାବିତ ଜଙ୍ଗଲ ମଧ୍ୟରେ ଦୋକାନ କରିଥିବା ବ୍ୟବସାୟୀ ମାନଙ୍କୁ ଗତ ୧୧ତାରିଖରେ ଦେଇଥିବା ଚିଠିରେ ଆସନ୍ତା ୧୮ତାରିଖ ସୁଦ୍ଧା ଦୋକାନ ଉଠିବାକୁ ନିର୍ଦ୍ଦେଶ ରହିଛି। ଯାହାକୁ ନେଇ ହଠାତ ଏପରି ନିଷ୍ପତିକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବ୍ୟବସାୟୀ ମାନେ କହିବା ମୁତାବକ ଦୀର୍ଘ ବର୍ଷ ହେବ ସ୍ଥାୟୀ ଦୋକାନ କରି ପରିବାର ଗୁଜୁରାଣ ମେଣ୍ଟାଉଥିବା ବ୍ୟବସାୟୀ ମାନଙ୍କ ସହ ପ୍ରଶାସନ ଆଲୋଚନା ନକରି କାହା ସ୍ୱାର୍ଥରେ ବ୍ୟବସାୟୀଙ୍କୁ ଉଠେଇବାକୁ ଚେଷ୍ଟା କରାଯାଉଛି ଯାହାକୁ ନେଇ ବ୍ୟବସାୟୀଙ୍କ ଚିନ୍ତା ବଢ଼ାଇଛି। ଯେଉଁ ମାନେ ଦୀର୍ଘ ବର୍ଷ ହେଲା ପୀରଜାହାନିଆ ପର୍ଯ୍ୟଟନ ସ୍ଥଳୀ ଉପରେ ନିର୍ଭର କରି ପରିବାର ପେଟକୁ ଆହାର ମୁଠେ ଦେଇଥାନ୍ତି, ହଠାତ ବିଚାର ବିମର୍ଶ ନକରି ଉଠେଇବାକୁ ନୋଟିସ କୁ ନେଇ ବ୍ୟବସାୟୀ ଆଶା ଆଶଙ୍କା ରହିଛନ୍ତି। ଏ ସମ୍ପର୍କରେ ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡି କହିଛନ୍ତି ପ୍ରଶାସନ ବ୍ୟବସାୟୀ ମାନଙ୍କୁ ଆଗ ଥଇଥାନ କରନ୍ତୁ ତାହା ପରେ ବେଳାଭୂମି ଉନ୍ନତି କରଣ କାର୍ଯ୍ୟ ଆରମ୍ଭ କରିବେ ବୋଲି ସୂଚନା ଦେଇଛନ୍ତି।

## ଶଙ୍ଖତ୍ରାସ ହାକୁଆ ମେଳଣ ଉଦ୍‌ଯାପିତ



ଫୁଲନଖରା, (ଭାସ୍କର ନ୍ୟୁଜ୍ ) : କଟକ ସଦର ଥାନା ଅନ୍ତର୍ଗତ ପ୍ରସିଦ୍ଧ ଶଙ୍ଖତ୍ରାସ ହାକୁଆ ମେଳଣ ପବିତ୍ର ହୋଲି ଦିନ ରାତିରେ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ୨୨ ଗାଦି ପକ୍ଷରୁ ୧୬ ଗୋଟି ଦୋଳ ବିମାନ ଏକାଠି ହୋଇଥିଲେ। ଟାଇଁକଣା, ଖଲର୍ଦ୍ଦା, ମୂଳକୋଦିଣ୍ଡା, ଉଷୁମା, ସୁମାଣ୍ଡି ଓ ଧାନହରପଡା ଗ୍ରାମ ମାନଙ୍କରୁ ଦୋଳ ବିମାନମାନ ରୋଷଣୀ କରି ବିରାଟ ଶୋଭାଯାତ୍ରାରେ ସେଠାରେ ପହଞ୍ଚିଥିଲେ। ଦେଉଳି ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବ ଶଙ୍ଖତ୍ରାସ ପତି ଶାସନର ଶ୍ରୀ ଶ୍ରୀ ଦୋଳ ଗୋବିନ୍ଦ ଜୀଉ ଥାନପତି ଭାବେ ବସି ରହିଥାନ୍ତି। ଏହି ମେଳଣ କିପରି ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯିବ ସଭାପତି ପ୍ରଦ୍ୟୁମ୍ନ କୁମାର ପତି, ସମ୍ପାଦକ ବୈଦ୍ୟନାଥ ପତି, ଉପଦେଷ୍ଟା ଭାବେ ବରିଷ୍ଠ ଆଇନଜୀବୀ ଓ ବରିଷ୍ଠ ନାଗରିକ ଉମାକାନ୍ତ ନନ୍ଦ,ରକେଟ କ୍ଲବର ସଭାପତି ଶତ୍ରୁଘ୍ନ ମହାନ୍ତି ସମ୍ପାଦକ ରମାକାନ୍ତ ସାହୁ ସନ୍ତୋଷ ପାଟି ସନ୍ତୋଷ କୁମାର ରାଉତ, ଯୋଗେନ୍ଦ୍ର ବୈଠାଲୁ, ସତ୍ୟରଞ୍ଜନ ପତି, ରାକେଶ ପତି,ବିଭୁଭୂଷଣ ନନ୍ଦ, ହୃଦାନନ୍ଦ ଜେନା, ଦେବରଞ୍ଜନ ବୈଠାଲୁ, ଅକ୍ଷୟ କୁମାର ମୁଳିଆ, ସୌମ୍ୟରଂଜନ ହାତୀ ଓ ବାବୁନା ବେହେରା ପ୍ରମୁଖ ମେଳଣ ପରିଚାଳନା କରିଥିଲେ। ଶଙ୍ଖତ୍ରାସ ନଦୀ ବନ୍ଧ ପାଖେ ଓ ସୁମାଣ୍ଡି ପକ୍ଷରୁ ଶଙ୍ଖତ୍ରାସ ହାଇ ସ୍କୁଲ ନିକଟରେ ମେଲୋଡି ପରିବେଷଣ କରାଯାଇଥିଲା। ଏଥିରେ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି ଓ ମୁରବୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର ଦେଖିବାକୁ ମିଳିଥିଲା। ଶାନ୍ତି ଶୃଙ୍ଖଳା ପାଇଁ କଟକ ସଦର ଥାନା ଆଇ.ଆଇ.ସି ଓମ ପ୍ରକାଶ ମହାନ୍ତି, ସମସ୍ତ ଥାନା କର୍ମଚାରୀ ଓ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିବାର ଦେଖିବାକୁ ମିଳିଥିଲା।

## 'ନବୋନ୍ମେଷ ଓ ନବସୃଜନର ନୂତନ ଅଧ୍ୟାୟ' ନାମକ ପ୍ରତିଯୋଗିତା

ବାରିପଦା, (ଭାସ୍କର ନ୍ୟୁଜ୍ ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଆସନ୍ତା ୧୮ , ୧୯ ତାରିଖରେ 'ନବୋନ୍ମେଷ - ନବସୃଜନର ନୂତନ ଅଧ୍ୟାୟ' ନାମକ ଏକ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଭାରତ ସରକାରଙ୍କ ପି.ଏମ୍ ଉଷା କାର୍ଯ୍ୟକ୍ରମର ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟର ମିଡ଼ିଆ କ୍ଲବ୍ ଓ ରିସର୍ଚ୍ଚ କ୍ଲବ୍‌ର ମିଳିତ ସହଯୋଗରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ 'ପୋଷ୍ଟର', 'ରିଲସ୍' ଓ 'ମଡେଲ/ପ୍ରୋଟୋଟାଇପ୍' ଆଦି ପ୍ରତିଯୋଗିତା ସ୍ନାତକ ଓ ସ୍ନାତକୋତ୍ତର ଭିନ୍ନ ଭିନ୍ନ ବର୍ଗରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଓଡ଼ିଶାର ଯେକୌଣସି ବି ସ୍ନାତକ କିମ୍ବା ସ୍ନାତକୋତ୍ତର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିପାରିବେ। ୧୮ ତାରିଖରେ ପୋଷ୍ଟର ଓ ରିଲସ୍ ପ୍ରତିଯୋଗିତା ଏବଂ ୧୯ ତାରିଖରେ ମଡେଲ/ପ୍ରୋଟୋଟାଇପ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୯ ତାରିଖରେ ମୂଲ୍ୟାୟନ ସହ ବିଜେତାଙ୍କୁ କ୍ୟାସ୍ ପୁରସ୍କାର ପ୍ରଦାନ କରାଯିବ। ଏ ଅବସରରେ ନାଟ୍ୟ ଚେତନାର ସୁଜାତା ପ୍ରିୟମ୍ବଦା ତାଙ୍କର ଲୋକପ୍ରିୟ ନାଟକ 'ରେବତୀ ଏବତୀ ସେବତୀ' ପରିବେଷଣ କରିବେ। ଏହି କାର୍ଯ୍ୟକ୍ରମର ପ୍ରସ୍ତୁତି ବର୍ତ୍ତମାନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବାରିପଦା ତଥା ବିଶ୍ୱବିଦ୍ୟାଳୟରେ ଏଭଳି ଏକ ଭିନ୍ନ ଧରଣର ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବାରୁ ଛାତ୍ରଛାତ୍ରୀଗଣ ବେଶ୍ ଉତ୍ସାହିତ ଅଛନ୍ତି। ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବା ନିମନ୍ତେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ, ପି.ଏମ୍ ଉଷାର ବିଶ୍ୱବିଦ୍ୟାଳୟର ନୋଡାଲ୍ ଅଧିକାରୀ ପ୍ରଫେସର ଇନ୍ଦ୍ରଜିତ ନାଏକ, କୁଳସଚିବ ସୁମିତା ସିଂ, ବିତ୍ତ ନିୟନ୍ତ୍ରକ ଶ୍ରୀ ଶୁକଦେବ ତରେଇ, ମିଡ଼ିଆ କ୍ଲବ୍‌ର ସଂଯୋଜକ ଡ. ସ୍ୱରୂପାନନ୍ଦ ବିଷୟୀ, ରିସର୍ଚ୍ଚ କ୍ଲବ୍‌ର ସଂଯୋଜିକା ଡ. କୁକୁ ମହାପାତ୍ର ପ୍ରମୁଖ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା, ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଛାତ୍ରଛାତ୍ରୀ ଏବଂ ସମସ୍ତ ପ୍ରିଣ୍ଟ ଓ ଇଲୋକ୍ଟ୍ରୋନିକ୍ ମିଡ଼ିଆର ପ୍ରତିନିଧିମାନଙ୍କ ସହଯୋଗ କାମନା କରୁଛନ୍ତି।

## ରାଶିଫଳ

ସୋମବାର, ୧୭ ମାର୍ଚ୍ଚ ୨୦୨୫



**ମେଷ:** ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବେ। ଚାକିରିରେ କାମକୁ ପ୍ରଶଂସା କରାଯିବ। କାରବାରକୁ ଶୀଘ୍ର କର ନାହିଁ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗ ପ୍ରବେଶ କରନ୍ତୁ। ଲାଭ ସୁଯୋଗ ଆସିବ। ପ୍ରଲୋଭିତ ହୁଅ ନାହିଁ। ଆପଣ କୋର୍ଟର କାର୍ଯ୍ୟରୁ ମୁକ୍ତି ପାଇପାରିବେ।



**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଜନ୍ମାଷ୍ଟମୀ ଦିନ ବହୁତ ଲାଭ ଆଣିପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ପ୍ରଗତିର ରାସ୍ତା ଖୋଲିଯିବ।



**ମିଥୁନ:** ଛାତ୍ର ଶ୍ରେଣୀ ସଫଳତା ହାସଲ କରିବ। ପାର୍ଟୀ ଏବଂ ପିକନିକ୍ ଉପଭୋଗ କରାଯିବ। ଆପଣ ଚାକିରିରେ କିଛି ନୂତନ କାର୍ଯ୍ୟ କରିବାକୁ ସମର୍ଥ ହେବେ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରାଯାଇପାରେ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ବ୍ୟବସାୟ ଭଲ ହେବ। ସହଭାଗୀମାନେ ସମର୍ଥନ ପାଇବେ।



**କର୍କଟ:** କିଛି ବଡ ଅସୁବିଧା ଆସିପାରେ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଚାକିରିରେ କାର୍ଯ୍ୟଭାର ରହିବ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ।



**ସିଂହ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବାର ସୁଯୋଗ ମିଳିବ, ଯେ କୌଣସି ବ୍ୟକ୍ତିଙ୍କ ସହ ସହଯୋଗ କରିବାକୁ ସମର୍ଥ ହେବେ। ତୁମେ ସମ୍ମାନ ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କମାନଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ। ବ୍ୟବସାୟ ବୃଦ୍ଧି ପାଇବ।



**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଆତ୍ମ ସମ୍ମାନ ରହିବ। କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ।



**ତୁଳା:** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। କିଛି ବଡ ଘଟଣା ହୋଇପାରେ। ଆପଣ ଜଣେ ବରିଷ୍ଠ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ସେୟାର ବଜାର ଏବଂ ମ୍ୟୁଚୁଆଲ୍ ଫଣ୍ଡ ଇତ୍ୟାଦିରେ ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ।



**ବିଛା:** ଖର୍ଚ୍ଚ ବୃଦ୍ଧି ପାଇବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ଜୀବନ ପରିବାର ସହିତ ଖୁସିରେ ବିତାଇବ। ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ। ବ୍ୟବସାୟ ଭଲ ହେବ।



**ଧନୁ:** ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ଟଙ୍କା ପାଇବା ସହଜ ହେବ। ସେଠାରେ ଭୟ ଏବଂ ସନ୍ଦେହ ରହିବ। ପରିବାର ସହାୟତା ଉପଲବ୍ଧ ହେବ।



**ମକର:** ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ସିଷ୍ଟମ୍ ଉନ୍ନତି କରିବ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଭଲ ହେବ। ତତ୍ପରତା ନାହିଁ ।



**କୁମ୍ଭ:** ଏକ ବିଶେଷ ପୂଜା ଦିବସ ହେବ। ଚାକିରିରେ କାମ କରିବାକୁ ଭଲ ପାଆନ୍ତି। ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କ ସହଯୋଗ ହେବ। ବିନିଯୋଗ ଲାଭଦାୟକ ହେବ। ଘର ବାହାରେ ସୁଖ ମିଳିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ।



**ମୀନ:** ବ୍ୟବସାୟ ଲାଭଦାୟକ ହେବ। ଅଳସୁଆତା ଜିତିବ। ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଥାଇପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ। ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ।



ଶ୍ରୀପତି ଆଚାର୍ଯ୍ୟ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ(ଭାସ୍କର ନ୍ୟୁଜ୍): ଆଞ୍ଚଳିକ ସାଧନ କେନ୍ଦ୍ର କେଶରୀବେଡା ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତାରାଗା ଠାରେ ବାର୍ଷିକ କ୍ରୀଡା ଉତ୍ସବ ଅତି ଆଡ଼ମ୍ବର ସହକାରେ ପାଳନ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀପକ ବିଶ୍ୱାଳ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ସିଆରସିସି ମୋତିରାମ ଗଣ୍ଡ, ସମ୍ମାନୀତ ଅତିଥି କୋପେନା ପ୍ରଧାନଶିକ୍ଷକ ଶଙ୍କର ଗଣ୍ଡ, ମୁଖ୍ୟବକ୍ତା ସନ୍ତୋଷ ବାରିକ, ବିଶିଷ୍ଟ ଅତିଥି କୋପେନା ସମିତି ସଭ୍ୟା ଏବଂ ତାରାଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ଚେୟାରପରସନ ଯୋଗ ଦେଇଥିଲେ। ତିନି ଦିନ ଧରି ଚାଲିଥିବା କ୍ରୀଡା ପ୍ରତିଯୋଗିତାର କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସାର୍ଟିଫିକେଟ ସହ ପୁରସ୍କାର ପ୍ରଦାନ କରାଯାଇଥିଲା।ଏଥି ସହ ନିୟମିତ ବିଦ୍ୟାଳୟ ଆସୁଥିବା ଛାତ୍ରଛାତ୍ରୀ ଏବଂ ଅର୍ଦ୍ଧ ବାର୍ଷିକ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ସିଆରସିସି ମୋତିରାମ ଗଣ୍ଡ ଛାତ୍ରଛାତ୍ରୀମାନଙ୍କୁ ନିୟମିତ ବିଦ୍ୟାଳୟ ଆସିବା ସହ ନିଜ ସହପାଠୀ ଙ୍କୁ ମଧ୍ୟ ସାଙ୍ଗରେ ବିଦ୍ୟାଳୟ ଆଣିବା ସହ ନିଜର ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ କରି ତାହାକୁ ନେଇ ନିଜର ଭବିଷ୍ୟତ ଗଢ଼ିବା କୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ବିଦ୍ୟାଳୟର ଶିକ୍ଷକ ଦେବରଞ୍ଜନ ମଣ୍ଡଳ, ଆଲୋକ କୁମାର ମଲ୍ଲିକ ଏବଂ ସୂର୍ଯ୍ୟ ତରିୟା।



# ବାମରା ବ୍ଲକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ ମନ୍ତ୍ରୀ ରବିନାରାୟଣ ନାଏକ



କୁଚିଣ୍ଡା(ଭାସ୍କର ନ୍ୟୁଜ୍): କୁଚିଣ୍ଡା ଏକ ସ୍ୱଚ୍ଛ ବୃଷ୍ଟି ସମ୍ପନ୍ନ ବୃଷ୍ଟିପୃଷ୍ଟ ଅଞ୍ଚଳ। ଏଠାରେ କୃଷି ଓ କୃଷକଙ୍କ ଉନ୍ନତି ତଥା କୃଷକ ଙ୍କ ଆୟ କୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଅଗ୍ରଣୀ ଚାଷୀମାନଙ୍କ ଗହଣରେ ପ୍ରଭୁଦୟାଲ ଖଣ୍ଡେଲୱାଲ୍ ଯୁକ୍ତଦୁଇ କଲେଜ୍ ପରିସରରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉପଖଣ୍ଡର ୨୦୦ରୁ ଅଧିକ ଚାଷୀ ଉପସ୍ଥିତ ଥିଲେ। ସରକାରୀ ଅଧିକାରୀ ଓ କୃଷକ ମାନଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା ପରେ ନୂତନ ଜଳଭଣ୍ଡାର ସୃଷ୍ଟି, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସୌର ଶକ୍ତି ଆଧାରିତ ଗଭୀର ନଳକୂପ ଖନନ, ଉଠା ଜଳସେଚନ ପ୍ରକଳ୍ପ ଆଦିର ବିକାଶ ନିଶ୍ଚିତ ଭାବେ ସଫଳତା ଆଣିବ। ଲୋକେ କୃଷି ପ୍ରତି ଆଗ୍ରହୀ ହେବେ। ଦାଦନ ଖଟିବାକୁ ବାହାରକୁ ଯିବେ ନାହିଁ। ଆଗାମୀ ଦିନରେ ସମସ୍ତ ଉପଖଣ୍ଡ ସ୍ତରୀୟ ଅଧିକାରୀ ତୃଣ ମୂଳସ୍ତରକୁ ଯାଇ ଲୋକଙ୍କ ପାଖରେ ପହଞ୍ଚି ସମସ୍ୟାର ସମାଧାନ ଦିଗରେ ଚେଷ୍ଟିତ ରହିବା ପାଇଁ ପରାମର୍ଶ ଦିଆଯାଇଛି। ଏହି ବୈଠକ ରେ ମନ୍ତ୍ରୀଙ୍କ ସହ ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ରଞ୍ଜନ ପଟେଲ ଯୋଗଦେଇ ଏହି କୃଷିର ବିକାଶ ହେଲେ ହିଁ ଅଞ୍ଚଳ ର ବିକାଶ ହେବ ବୋଲି କହିବା ସହିତ ଉପଜିଲ୍ଲାପାଳ କୁଚିଣ୍ଡା ଜିଲ୍ଲା କୃଷି ଅଧିକାରୀ ପ୍ରସନ୍ନ କୁମାର ସ୍ୱାଇଁ ଉପଖଣ୍ଡ ପ୍ରାଣୀ ଚିକିତ୍ସକ ପ୍ରସନ୍ନ କୁମାର ସାମଲ ଉଦ୍ୟାନ ବିତ ସତ୍ୟଭାମା, ଅଧିକାରୀ ଅଶିଷ କୁମାର ନାୟକ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇବା ସହ ଆବଶ୍ୟକୀୟ ସହଯୋଗ କରିବାକୁ ସହମତି ପ୍ରଦାନ କରିଥିଲେ। ଛୋଟ ଛୋଟ ଆନିକଟ, ଜଳ ଅମଳ ପ୍ରକଳ୍ପ ଆଦିର ପୁନରୁଦ୍ଧାର କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ କରିବା ପାଇଁ ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ। କସେଇବାହାଲ ଠାରେ ନବନିର୍ମିତ ବହୁମୁଖୀ ଗୋଷ୍ଠୀ କେନ୍ଦ୍ରର ଶୁଭ ଉଦ୍ଘାଟନ କରିଥିଲେ ମନ୍ତ୍ରୀ ରବିନାରାୟଣ ନାଏକ। ଏହି କେନ୍ଦ୍ରର ଉଦ୍ଘାଟନ ଦ୍ୱାରା ସ୍ଥାନୀୟ ଲୋକଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କାର୍ଯ୍ୟକଳାପ ପାଇଁ ଏକ ସୁଯୋଗ ମିଳିବ, ଯାହାକି ସ୍ଥାନୀୟ ଐତିହ୍ୟ ଓ ପରମ୍ପରାକୁ ସଂରକ୍ଷିତ କରିବାରେ ସାହାଯ୍ୟ କରିବ। ଏହା ଭିତରେ ଏକ ବ୍ୟାଡମିଣ୍ଟନ କଟେଜ ବି ଯୁବପିଢ଼ି ପାଇଁ ବ୍ୟବସ୍ଥିତ ଅଛି। ଏହା ଯୁବମାନଙ୍କ ଭିତରେ ବ୍ୟାଡମିଣ୍ଟନ ପ୍ରତି ଆଗ୍ରହ ବୃଦ୍ଧି କରିବା ସହ ଯୁବପିଢ଼ିଙ୍କ ଉତ୍ସାହ ଖେଳକୁଦ ପ୍ରତି ବୃଦ୍ଧି ପାଇବ। ଏହି କେନ୍ଦ୍ର ସ୍ଥାନୀୟ ଯୁବକମାନଙ୍କ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ମଞ୍ଚ ହେବ, ଯେଉଁଠି ସେମାନେ ଅନେକ ଗତିବିଧି ଏବଂ ରଚନାତ୍ମକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିପାରିବେ। କେଶାଇବାହାଲ ପଞ୍ଚାୟତ ଅନ୍ତର୍ଗତ ତେଣ୍ଡାକୁଦର ଗ୍ରାମ ରେ ପାରମ୍ପରିକ ବିହନ ଓ ଖାଦ୍ୟ ମେଳା ଉଦ୍ଘାଟନ ଅବସର ରେ ଜୈବିକ କୃଷି ପ୍ରତି କୃଷକ ଙ୍କ ଆଗ୍ରହ ବୃଦ୍ଧି କରିବା ପାଇଁ ଗୁରୁତ୍ୱ ଦେଇଥିଲେ। ମାଣ୍ଡିଆ ରେ ପ୍ରସ୍ତୁତ ବିଭିନ୍ନ ରକମ୍ ବ୍ୟଞ୍ଜନ ପ୍ରସ୍ତୁତ କରିଥିବା ଖାଦ୍ୟକୁ ବେଶ ପ୍ରଶଂସା କରାଯାଇଥିଲା। ବୈଠକରେ ସାଂସଦ ପ୍ରତିନିଧି ନରେଶ ସିଂ ଠାକୁର ମଣ୍ଡଳ ସଭାପତି ବିଷ୍ଣୁ ଅଗ୍ରୱାଲ ଓ ବବୁଲୁ ସାହୁଙ୍କ ସହ ବରିଷ୍ଠ ନେତା ସୁନିଲ ଦାସ ଅଗ୍ରଣୀ ଚାଷୀ ସୌଭାଗ୍ୟ ନାୟକ ସମାଜସେବୀ ନିର୍ମଳ କର୍ସେଲ ଆଦି ଉପସ୍ଥିତ ଥିଲେ।

## ■ ଫିରିଙ୍ଗିଆ ବସ୍ ଟର୍ମିନାଲ୍ ଭୁଶୁଡ଼ିବା ଘଟଣା

# କାର୍ଯ୍ୟାନୁଷ୍ଠାନରେ ବିଳମ୍ବ

କନ୍ଧମାଳ(ଭାସ୍କର ନ୍ୟୁଜ): ଫିରିଙ୍ଗିଆ ମୁଖ୍ୟ ବଜାର ନିକଟରେ ଠାରେ ନିର୍ମାଣ ଚାଲିଥିବା ବସ୍ଷ୍ଟାଣ୍ଡର ଛାତ ଭୁଶୁଡ଼ିବା ଘଟଣାର ବର୍ତ୍ତମାନ ସୁଦ୍ଧା ସରକାର କାହାଉପରେ ଦୃଢକାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି। ତେଣୁ ସମସ୍ତ କାଗଜପତ୍ର, କାର୍ଯ୍ୟର ରଫାଦଫା କରିବାରେ ଲାଗିପଡିଛନ୍ତି ଠିକାଦାର, ଯନ୍ତ୍ରୀ,ଏସ୍‌ଡିଓ, ନିର୍ବାହୀ ଯନ୍ତ୍ରୀ। ରାଜ୍ୟ ସଡ଼କ ପରିବହନ ନିଗମ (ଓଏସଆରଟିସି) ପକ୍ଷରୁ ଗଠିତ ୩ ଜଣିଆ ଟିମ ଗୁରୁବାର ଯୁଗ୍ମ ତଦନ୍ତ ଆରମ୍ଭ କରିଥିବାର ଦେଖାଯାଉଛି। ଏହି ତଦନ୍ତ ଜନସାଧାରଣଙ୍କୁ ଦେଖାଇବାପରି ଲାଗୁଛି। ଏହି ଟିମ୍‌ରେ ଓଆର୍‌ଟିସି ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ପାଇକରାୟ, ବ୍ରହ୍ମପୁର ପାରଳା ମହାରାଜ ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ସି.ଆର ମହାନ୍ତି ଓ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ବୀରେନ୍ଦ୍ର ଖୁରା ସାମିଲ ଅଛନ୍ତି। ଏନେଇ ଓଆର୍‌ଟିସି ପକ୍ଷରୁ ହୋଇଥିବା ଚିଠିରେ ଫୁଲବାଣୀ ପୂର୍ବ ନିର୍ବାହୀ ଯନ୍ତ୍ରୀଙ୍କ ସହଯୋଗରେ ତଦନ୍ତ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଆଶ୍ଚର୍ଯ୍ୟଜନକ ଭାବେ ସ୍ଥାନୀୟ ଅଧିକ୍ଷଣ ଯନ୍ତ୍ରୀ ପହଞ୍ଚିବା ପୂର୍ବରୁ ତରବରିଆ ଭାବେ ଟିମର ଅନ୍ୟ ଦୁଇ ସଦସ୍ୟ ଘଟଣାସ୍ଥଳକୁ ଯାଇ ସେଠାରେ ରଫାଦଫା କରିଥିବାର ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ ଛାତ ଭୁଶୁଡ଼ିବା ବେଳେ ପୁରୁଣାକାଠ ବଲାରେ ସେଣ୍ଟରିଂ କରଯାଇଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା। ଏହା ସହିତ ମଧ୍ୟ ପୁରା ନିମ୍ନମାନର କାର୍ଯ୍ୟ ହୋଇଥିଲା ବୋଲି ଭୁଶୁଡି ପଡିଲା। ଉକ୍ତ ନିର୍ମାଣ ଦାୟିତ୍ୱ ନେଇଥିବା ପୋଲିସ ହାଉସିଂ ବୋର୍ଡର ଡେପୁଟି ମ୍ୟାନେଜର ଓ ପ୍ରୋଜେକ୍ଟ ମ୍ୟାନେଜର ଉଭୟ ସ୍ୱୀକାର ମଧ୍ୟ କରିଥିଲେ। ଆଜି ତଦନ୍ତବେଳେ ସେଠାରେ ଲୁହା ପାଇପ ଥିବା ଘଟଣାକୁ ସନ୍ଦେହ ଘେରକୁ ଆଣିଛି। ଘଟଣା ତଦନ୍ତ ପରିସରଭୁକ୍ତ ଥିବାବେଳେ ଠିକାଦାର କିପରି କାଠ ବଲ୍ ବଦଳାଇ ଲୁହା ପାଇପ ଲଗାଇଲେ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପଟେ ଟିମ୍ ସଦସ୍ୟ ଗଣମାଧ୍ୟମକୁ ଆଡେଇ ଯିବା ସହିତ କିଛି କହିବାକୁ ସିଧାସଳଖ ମନା କରି ଦେଇଛନ୍ତି। ଟିମ୍ ଓଏସ୍‌ଆର୍‌ଟିସିକୁ ତାର ରିପୋର୍ଟ ଦେବ। ତେଣୁ ଏ ସମ୍ପର୍କରେ କିଛି କହି ପାରିବି ନାହିଁ ବୋଲି କହିଛନ୍ତି ପୋଲିସ ହାଉସିଂ ବୋର୍ଡ ପ୍ରୋଜେକ୍ଟ ମ୍ୟାନେଜର ସୁନୀଲ ରାୟ। ସୂଚନା ଥାଉକି, ପୋଲିସ ହାଉସିଂ ବୋର୍ଡ ପକ୍ଷରୁ ଏହି ବସ୍ ଟର୍ମିନାଲ ନିର୍ମାଣ ପାଇଁ ୭ କୋଟି ୯୨ ଲକ୍ଷ ୫୮୩ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଥିଲା। ମାସ ଗତ ୨୮ ତାରିଖରେ ଛାତ ଭୁଶୁଡ଼ି ପଡ଼ିଛି। ୫ ଜଣ ମିସ୍ତ୍ରୀ ଏବଂ ପ୍ରାୟ ୨୦ ଶ୍ରମିକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହିପରି ବିଭିନ୍ନ ସ୍ଥାନରେ ପୋଲିସ ଥାନା କ୍ୱାର୍ଟର ନିର୍ମାଣ ନିମ୍ନ ମାନର ଫଳରେ ଘରରେ ଫାଟ ସୃଷ୍ଟି ହୋଇଥିବାର ଦେଖିବାକୁ ମିଳୁଛି। କିଛିଦିନ ତଳେ ଭିଜିଲାନ୍ସ ଜାଲରେ ପୋଲିସ ହାଉସିଂ ବୋର୍ଡର ଉଚ୍ଚପଦସ୍ଥ ଅଧିକାରୀ ଧରାପଡିଥିଲେ। ତାଙ୍କ ଘରୁ କୋଟି କୋଟି ଟଙ୍କା ସୁନା ବାହାରିଥିଲା। ଦେଖିବାକୁ ରହିଲା ସରକାର ଏହି ମାନଙ୍କ ଉପରେ ଦୃଢ଼ ପଦକ୍ଷେପ ନେଲେ ନିମ୍ନମାନର କାର୍ଯ୍ୟ କରିବାପାଇଁ ସାହସ କରିବେ ନାହିଁ।

## ପେଶାଦାର ସାମ୍ବାଦିକ ସଂଘର କାର୍ଯ୍ୟକରିଣୀ ବୈଠକ



କଣ୍ଟାବାଞ୍ଜି (ଭାସ୍କର ନ୍ୟୁଜ) : ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି- ବଙ୍ଗୋମୁଣ୍ଡା ୪୨ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ପଶ୍ଚିମ ଓଡିଶାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଡଙ୍ଗର ବୁଢା ପୁଞ୍ଜିପଥର ମନ୍ଦିର ଠାରେ ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘର କାର୍ଯ୍ୟକରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମେ ଡଙ୍ଗରବୁଢା ଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଆୟୋଜିତ ଏହି ସାଧାରଣ ସଭାରେ ସଭାପତି ଅଶ୍ୱିନୀ ନାଏକଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା। ସଭାରେ ବଙ୍ଗୋମୁଣ୍ଡା ବ୍ଲକ୍ ସାମ୍ବାଦିକ ସଂଘ ସଭାପତି ରଶ୍ମି ରଞ୍ଜନ ପୁଟେଲ ( ସମ୍ମାନିତ ଅତିଥି) ବିଶିଷ୍ଟ ଅତିଥି ଭାବେ ସମ୍ପାଦକ ଶ୍ୟାମ ସୁନ୍ଦର ମେହେର ସଂଗଠନ ସମ୍ପାଦକ ହୁଲେଶ୍ୱର୍ ହଂସ ସହ ସମ୍ପାଦକ ଗୁରୁ ଦୟାଲ ହଂସ ମଞ୍ଚାସୀନ ଥିଲେ। ସଭାରେ ବରିଷ୍ଠ ସାମ୍ବାଦିକ ଜୀବନାନନ୍ଦ ମହାନ୍ତି ଉପସଭାପତି ସୁଧାକର ଦାସଙ୍କୁ ଉପଢୌକନ୍ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ନୂତନ ସଦସ୍ୟ ସୁଶାନ୍ତ ବେହେରାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲ୍ଲା ଉପସଭାପତି ଅଶୋକ ନାରାୟଣ ଭୋଇ ମଞ୍ଚ ପରିଚାଳନା କରିଥିଲେ। ସଭାରେ ଅଜିତ କୁମାର ମିଶ୍ର, କୈଳାସ ସଗରିଆ ତ୍ରିନାଥ ସାହୁ, ଅନ୍ତର୍ଯ୍ୟାମୀ ସାହୁ ରାଧେଶ୍ୟାମ ମେହେରଙ୍କ ସହ ଅନ୍ୟମାନେ ସାମିଲ ଥିଲେ। ସଭାରେ ସାମ୍ବାଦିକମାନଙ୍କ ବିଭିନ୍ନ ହକ ଅଧିକାର ଉପରେ ସରକାରଙ୍କ ଠାରେ ଦାବୀ ଜଣାଇବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା।

## ଶାନ୍ତନୁ ସମ୍ପାଦକ ଭାବେ ନିର୍ବାଚିତ

ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ଓକିଲ ସଂଘ ନିର୍ବାଚନ ରେ ବରିଷ୍ଠ ଆଇନଜୀବୀ ଶାନ୍ତନୁ କୁମାର ବାହିନୀପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଇଛନ୍ତି। ସମ୍ପାଦକ ପଦବୀ ସକାଶେ ସୁରେଶ କୁମାର ବେହେରା ମଧ୍ୟ ନାମାଙ୍କନ ପତ୍ର ଦାଖଲ କରିଥିଲେ ହେ ସେ ତାଙ୍କର ପ୍ରାର୍ଥିତ୍ୱକୁ ପ୍ରତ୍ୟାହାର କରି ନେଇଛନ୍ତି। ସେହିପରି କୋଷାଧ୍ୟକ୍ଷ ଭାବେ ଜିତେନ୍ଦ୍ର କୁମାର ମହାନ୍ତି ମଧ୍ୟ ନିର୍ଦ୍ୱନ୍ଦ୍ୱ ରେ ନିର୍ବାଚିତ ହେଇଛନ୍ତି। ଏହି ପଦବୀ ସକାଶେ ଜିତେନ୍ଦ୍ର ଙ୍କ ବ୍ୟତୀତ ଆଉ କେହି ପ୍ରାର୍ଥିପତ୍ର ଦାଖଲ କରି ନଥିଲେ। ବର୍ତ୍ତମାନ ନିର୍ବାଚନ ମଇଦାନ ରେ ସଭାପତି ପଦ ପାଇଁ ପ୍ରଶାନ୍ତ କୁମାର ସାହୁ ଓ ବିପିନ ହିଆଲ, ଉପ ସଭାପତି ପଦ ସକାଶେ ଭଗବାନ କଲାର ଓ ବିଜୟ ଲତା ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ପଦବୀ ସକାଶେ ସଞ୍ଜୟ କୁମାର ନାୟକ ଓ ସୁଧାଂଶୁ ପୁନେଲ ସାଧୁ ଙ୍କ ମଧ୍ୟରେ କଡା ଟକ୍କର ହେବ। ପାଇଁ ଯାଉଛି।

## ସ୍ଥାୟୀ ଚାକିରୀ ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ

ତେନ୍ତୁଳି ଖୁଣ୍ଟି (ଭାସ୍କର ନ୍ୟୁଜ) : ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା ସଂଘର ଡାକରା କ୍ରମେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ବ୍ଲକ,ଜିଲ୍ଲା ତଥା ରାଜ୍ୟରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ୨ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ସୂଚନା ଅନୁଯାୟୀ ଦୀର୍ଘ ଦିନ ଧରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ମେନେଜରିଆଲ ପଦବୀରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ସ୍ୱଳ୍ପ ଦରମାରେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କାର୍ଯ୍ୟ ପରିଚାଳନା କରି ଆସୁଛନ୍ତି। ବହୁ ବର୍ଷ ହେବ ଦରମା ବୃଦ୍ଧି ଓ ସ୍ଥାୟୀ ଚାକିରି ପାଇଁ ବାରମ୍ବାର ସ୍ୱର ଉତ୍ତୋଳନ କଲେ ସୁଧା ସରକାର ଲଲିପପ୍ ଦେଲା ଭଳି କେବଳ ପ୍ରତିଶ୍ରୁତି ହିଁ ଦେଇ ଠକିଛନ୍ତି। ଟୀକା କରଣ, ଯକ୍ଷ୍ମା ନିୟନ୍ତ୍ରଣ, ମ୍ୟାଲେରିଆ ନିରାକରଣ, ଜନନୀ ସୁରକ୍ଷା ଯୋଜନା, ଅଣ ସଂକ୍ରମଣ ରୋଗ, ଥାଲେସେମିଆ, ସିକଲ ସେଲ, ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇବା, ଉପକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ଉନ୍ନତି ମିଳନ କାର୍ଯ୍ୟ ପରିଚାଳନାରେ ଉଚ୍ଚ ଶିକ୍ଷିତ, କୁଶଳୀ ଦକ୍ଷ କର୍ମଚାରୀମାନେ ବିଶେଷ ଯୋଗଦାନ କରିଥାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ଓ ଏନ୍‌କ୍ୟୁଏଏସ୍ ଭଳି ରାଜ୍ୟ ସ୍ତରୀୟ ମାନ୍ୟତା ପ୍ରଦାନରେ ଏମାନଙ୍କ ବିଶେଷ ଭୂମିକା ରହିଥାଏ। ଆଜିକା ଦିନରେ ସ୍ୱାସ୍ଥ୍ୟ ସେବାର ମାନକ ଅନଲାଇନ୍ ଡାଟା ଉପରେ ନିର୍ଭର କରାଯାଉଛି। ବର୍ତ୍ତମାନ ଏହି ସବୁ କାର୍ଯ୍ୟ କ୍ରମ ବନ୍ଦ ଥିବାରୁ ଆର୍ଥିକ ବର୍ଷ ଶେଷ ଭାଗରେ ସ୍ୱାସ୍ଥ୍ୟ ସୂଚକାଙ୍କ ହ୍ରାସ ହେବାର ଆଶଙ୍କା ଦେଖାଯାଇଛି। ଗତ ଦିନରେ ପୂର୍ବ ସରକାର ୫୭ ହଜାର ଠିକା କର୍ମଚାରୀମାନଙ୍କୁ ସ୍ଥାୟୀ କରିଛନ୍ତି। କିନ୍ତୁ ସ୍କିମ୍ ଅଧୀନରେ ରହି ଥିବାରୁ ଯୋଗ୍ୟ କର୍ମଚାରୀମାନଙ୍କୁ ଅଣଦେଖା କରାଯାଉଛି। କୋଭିଡ ମହାମାରୀ ସମୟରେ ଏହି ଯୋଦ୍ଧାମାନେ ନିଜ ଜୀବନକୁ ବାଜି ଲଗେଇ କୋଭିଡ ନିୟନ୍ତ୍ରଣରେ ସହଯୋଗ କରି ଥିଲେ। କିନ୍ତୁ ନିଜ ହକ୍ ପାଇଁ ଲଢେଇ କଲାବେଳେ ଏସମା ନିୟମ ଲାଗୁ କରି ଦବାଇ ଦିଆ ଯାଉଛି। ବର୍ତ୍ତମାନ ଗତ ୧୦ ତାରିଖ ରୁ ରାଜ୍ୟ ରେ ୪୨୦୦ ଏନଏଚଏମ କର୍ମଚାରୀ ରାଜରାସ୍ତାରେ ବସିଛନ୍ତି। ତେନ୍ତୁଳିଖୁଣ୍ଟିରୁ ରଞ୍ଜନ ମିଶ୍ର, ପ୍ରଦୀପ ପଲ୍, ଏନ୍ ଅଭିନସ, ସୀତା ଦେବି ନାୟକ,ଶ୍ରୀନିବାସ ପଣ୍ଡା ଭଳି ୫ଜଣ ଓ ନବରଙ୍ଗପୁର ଜିଲ୍ଲାରୁ କାର୍ଯ୍ୟକ୍ରମ ପରିଚାଳକ ସୁଶାନ୍ତ ପ୍ରହରାଜ ସମେତ ନବରଂଗପୁର ଜିଲ୍ଲା ର ୧୨୪ ଜଣ ଏହି ଆନ୍ଦୋଳନ ରେ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ଜିଲ୍ଲାର ସମସ୍ତ ଏନଏଚଏମ କାର୍ଯ୍ୟାଳୟରେ ତାଲା ଝୁଲୁଛି।



## ଆଉଟସୋର୍ସିଙ୍ଗ କର୍ମଚାରୀ ସଂଘର ଦାବିପତ୍ର



ମାଲକାନଗିରି(ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାର ଆଉଟସୋର୍ସିଙ୍ଗ କର୍ମଚାରୀ ସଂଘ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ଗୋଟି ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ୩ ଗୋଟି ଦାବି ହେଲା ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ ଚାକିରୀରେ ନିୟମିତ କରାଇବା, ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଏବଂ ସମାନ କାମକୁ ସମାନ ଦରମା ଏପରି ବିଭିନ୍ନ ଦାବି ନେଇ ଗତକାଲି ମାଲକାନଗିରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଭେଟି ମୋହନ ସରକାର ଙ୍କ ଉଦ୍ଦେଶ୍ୟ ରେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ଯଦି ଲିଖିତ ଦାବିଗୁଡ଼ିକର ତୁରନ୍ତ ସମାଧାନ କରା ନଯାଏ ତାହେଲେ ଆଗାମୀ ଦିନରେ ଏହି ଆଉଟସୋର୍ସିଙ୍ଗ ସଂଘର କର୍ମକର୍ତ୍ତାମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ଆଉଟସୋର୍ସିଙ୍ଗ କର୍ମଚାରୀ ସଂଘ ସଭାପତି କାହ୍ନା ପ୍ରଧାନ, ସମ୍ପାଦକ ବିକ୍ରମ ରାଉତଙ୍କ ସମେତ ସଂଘର ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ।

## କୁନି ଝିଅଙ୍କ ସହ ହୋଲି ଖେଳିଲେ ବ୍ଲକ ଉପାଧକ୍ଷ



ଖଡ଼ିଆଳ (ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ସାନମହେଶ୍ୱର ଗ୍ରାମ ପଂଚାୟତ ର କୁଲିଗାଁ, ରାଜାମୁଣ୍ଡା, ତିଖାଲି ଗାଁରେ ମାଆ ମାଉସୀ, କକା ବଡ଼ୁ, ଭାଇ ବନ୍ଧୁ, ପରିଜନ, ଗୁରୁଜନ, ସମସ୍ତଙ୍କ ସହ ହୋଲି ଉତ୍ସବ ପାଳନ କଲେ ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି। ଧୂମଧାମରେ ବାଜା ଗାଜା ସହ ଲୋକଙ୍କ ସହ ବିଭିନ୍ନ ରଙ୍ଗରେ ରଂଗୀନ ହୋଇ ହୋଲି ଉତ୍ସବ ପାଳନ କରିଥିଲେ। ପରେ ଉପାଧ୍ୟକ୍ଷ କୁନି କୁନି ଝିଅମାନଙ୍କ ସହ ହୋଲି ଖେଳି ଝିଅ ମାନଙ୍କୁ ଉତ୍ସାହିତ କରିଥିଲେ। ଉପାଧ୍ୟକ୍ଷଙ୍କ ଏଭଳି ଲୋକଙ୍କ ସହ ମିଶି ଜଡିତ ରହିଥିବାରୁ ଲୋକେ ତାଙ୍କୁ ଖୁବ ପ୍ରଶଂସା କରୁଛନ୍ତି। ଆଗରୁ ଏମିତି ଅନେକ ନେତା ଏହି ଅଞ୍ଚଳରୁ ଜିତି ସମିତି ସଭ୍ୟ ହୋଇଛନ୍ତି। ହେଲେ ନିର୍ବାଚନ ଜିତିଲା ପରେ ଗାଁ ତାଙ୍କର ଛାଇ ବି ପଡୁନଥିବା ଲୋକେ ହୋଲି ଖେଳ ବେଳେ କହି ଆନନ୍ଦରେ ହୋଲି ଖେଳିଥିଲେ।

## କନ୍ଧମାଳ ମହୋତ୍ସବ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସାଂସଦ ଓ ଜିଲ୍ଲାପାଳଙ୍କ ନିମନ୍ତ୍ରଣ

କନ୍ଧମାଳ(ଭାସ୍କର ନ୍ୟୁଜ) : ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କୁ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଏବଂ କନ୍ଧମାଳ ଜିଲ୍ଲାପାଳ ଅମୃତ ଋତୁରାଜ ଭୁବନେଶ୍ୱର ଠାରେ ସାକ୍ଷାତ କରି କନ୍ଧମାଳ ମହୋତ୍ସବ ଏବଂ ପଲିଶ୍ରୀ ମେଳା ନିମନ୍ତେ ନିମନ୍ତ୍ରଣ କରିଛନ୍ତି। ଏହି ନିମନ୍ତ୍ରଣ ପତ୍ରକୁ ଗ୍ରହଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ମୁଁ କନ୍ଧମାଳ ଜିଲ୍ଲାକୁ ଯିବି। ଏହା ସହିତ କନ୍ଧମାଳ ଜିଲ୍ଲାର ସାମୂହିକ ବିକାଶ ,ସମସ୍ୟା ଦିଗରେ ଆଲୋଚନା କରିଥିଲେ। ସରକାରଙ୍କ ଯେଉଁ ସମସ୍ତ ଯୋଜନା ରହିଛି ଏଥିରେ ସମ୍ପୃକ୍ତ କରାନ୍ତୁ। ଏହି ସାକ୍ଷାତ ସମୟରେ କନ୍ଧମାଳ ଜିଲ୍ଲାର ବିଜେପି ସଭାପତି ପଣ୍ଡିତ ବିସି ମାଝୀ, ଲୋକସଭାର ପ୍ରତିନିଧି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, କନ୍ଧମାଳ ଲୋକସଭାର ସଂଯୋଜକ ପଦ୍ମ ଚରଣ ଦାସ,ବାଲିଗୁଡା ବ୍ଲକର ସାଂସଦଙ୍କ ପ୍ରତିନିଧି ରଞ୍ଜିତ ସାହୁ ମଧ୍ୟ ଉପସ୍ଥିତ ରହିଥିଲେ। ଏହି ଅବସରରେ କନ୍ଧମାଳ ଲୋକସଭା ସଂଯୋଜକ ପଦ୍ମ ଚରଣ ଦାସ, କନ୍ଧମାଳ ଲୋକସଭା ପ୍ରତିନିଧି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଏବଂ ବାଲିଗୁଡା ବ୍ଲକ ସାଂସଦଙ୍କ ପ୍ରତିନିଧି ରଞ୍ଜିତ ସାହୁ ମଧ୍ୟ ଉପସ୍ଥିତ ଥିଲେ।

## ସେବାଶ୍ରମର ବାର୍ଷିକ ଉତ୍ସବ ପାଳିତ

ମାଲକାନଗିରି (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ପୋଟେରୁ ସ୍ଥିତ ନର ନାରାୟଣ ସେବାଶ୍ରମ ରେ ଅନୁଷ୍ଠିତ ହୋଇଛ ୫୦ ତମ ବର୍ଷକ ଉତ୍ସବ ଅନୁଷ୍ଠିତ ହୋଇଯାଇଛ। ବାର୍ଷିକ ଉତ୍ସବର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବ ରେ ମାଲକାନଗିରି ଜିଲ୍ଲା ସମେତ ୮ ଟି ରାଜ୍ୟ ରୁ ଭକ୍ତ ଆସି ପହଂଚିଥିଲେ। ପ୍ରତ୍ୟେକ ବର୍ଷ ଦୋଳ ପୂର୍ଣ୍ଣମୀ ଉପଲକ୍ଷେ ପାଳିତ ହେଉଥିବା ନାରନାରାୟଣ ସେବାଶ୍ରମ ରେ ଅଷ୍ଟ ପ୍ରହରୀ ନାମ ଯଜ୍ଞ ଭଳି ବିଭିନ୍ନ କାର୍ଯ୍ୟକ୍ରମ ହେଉଥିବା ବେଳେ ଏହି ବର୍ଷ କିନ୍ତୁ ଆଶ୍ରମର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ୨୪ ଘଣ୍ଟିଆ ନାମଯଜ୍ଞ ଅନୁଷ୍ଠିତ ହେବା ସହ ପଶ୍ଚିମ ବଙ୍ଗର ପ୍ରସିଦ୍ଧ ଗୀତିକାର ତଥା ବିଧାୟକ ଅସୀମ ସରକାର, ପୂର୍ବତନ ମନ୍ତ୍ରୀ ତଥା ବିଜେପି ନେତା ଅରବିନ୍ଦ ଢ଼ାଲି ଉପସ୍ଥିତ ଥିଲେ। ତା ପର ଦିନ ହୋଲି ଖେଳରେ ହଜାର ହଜାର ଭକ୍ତ ଅନ୍ତର୍ଭୁକ୍ତ ହୋଇଥିବା ଦେଖିବାକୁ ମିଳିଥିଲା। ଆଶ୍ରମର ସଭାପତି ଉତ୍ତମ ଓଝାଙ୍କ ତତ୍ତ୍ୱାବଧାନରେ ବର୍ତ୍ତମାନ ପ୍ରଥମ ଦିନରେ ୫୦ ହଜାର ଭକ୍ତ ଙ୍କ ଆଗମନ ଦେଖି ୧ ଲକ୍ଷ ଭକ୍ତଙ୍କ ଅକାଳନ କରି ସୁରୁଖୁରୁରେ ସମସ୍ତ ଦୂର ଦୂରାନ୍ତ ରୁ ଆସିଥିବା ଭକ୍ତଙ୍କ ଉତ୍ତମ ବ୍ୟବସ୍ଥା ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ନେଇ ସ୍ଥାନୀୟ ଲୋକେ ମତ ପ୍ରକାଶ କରିଛନ୍ତି।

## ଈଶ୍ୱର ମାଝି ହେଲେ ନୂଆ ବ୍ଲକ ଶିକ୍ଷା ଅଧିକାରୀ



ଉମରକୋଟ(ଭାସ୍କର ନ୍ୟୁଜ) : ଈଶ୍ୱର ମାଝି ଉମରକୋଟର ନୂତନ ବ୍ଲକ ଶିକ୍ଷା ଅଧିକାରୀ ଭାବରେ ଯୋଗଦାନ କରିଛନ୍ତି। ସେ ଏଥିପୂର୍ବରୁ ରାଇଘର ବ୍ଲକ ରେ ୪ ବର୍ଷ ଯାଏଁ ବ୍ଲକ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଆଜି ଶ୍ରୀ ମାଝି ଯୋଗଦାନ ପରେ ଏଠାରୁ ବଦଳି ହେଇ ଥିବା ବ୍ଲକ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାର, ଏବିଇଓ ଦେବେନ୍ଦ୍ର କୁମାର ବାଘ, ସେକ୍ସନ ଅଫିସର ଅଶୋକ କୁମାର ସୁଆର, ସୁନିଲ କୁମାର ବେହେରା ଓ ସତ୍ୟ ବେହେରା ପ୍ରମୁଖ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଉମରକୋଟ ନିବାସୀ ଈଶ୍ୱର ମାଝି ଜଣେ ମିଷ୍ଟଭାଷୀ, ସରଳ, ଅମାୟିକ୍ ଓ କର୍ମଠ ବ୍ୟକ୍ତି ଭାବରେ ଖ୍ୟାତି ରହିଛି। ବିକାଶ ସରକାରଙ୍କୁ ରାଇଘର ବ୍ଲକ ବିଇଓ ଭାବେ ବଦଳି କରାଯାଇଛି। ଶିକ୍ଷକ ମାନଙ୍କ ଯେକୌଣସି ସମସ୍ୟା କୁ ଯୁଦ୍ଧକାଳୀନ ଭିତିରେ ସମାଧାନ କରିବା ସହ ଉମରକୋଟ ବ୍ଲକ୍‌ରେ ଶିକ୍ଷାର ବିକାଶ ଯେପରି ହେବ ତା'ପାଇଁ ମଧ୍ୟ ଉଦ୍ୟମ କରିବି ବୋଲି ନୂଆ ବ୍ଲକ ଶିକ୍ଷା ଅଧିକାରୀ ଈଶ୍ୱର ମାଝି ନିଜ ପ୍ରାଥମିକ ପ୍ରତିକ୍ରିୟା ରେ କହିଛନ୍ତି।

## ଅଖଣ୍ଡ ନାମଯଜ୍ଞ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଓଡ଼ିଆ ପେଣ୍ଠ ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଆଡା ଗ୍ରାମର ଅଖଣ୍ଡ ନାମ ଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି।ଗୁରୁବାର ଦିନ ସକାଳ ତିନିଟା ବେଳେ ସ୍ଥାନୀୟ ମହିଳାମାନଙ୍କ ଦ୍ୱାରା କଳସ ଯାତ୍ରା କରାଯାଇ ରାତି ଆଠଟାରେ ଅଧିବାସ କାର୍ଯ୍ୟ ଆରମ୍ଭ ହୋଇଥିଲା। ଶୁକ୍ରବାର ସକାଳ ସାତଟାରୁ ନାମଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇ ଥିଲା। ଏଥିରେ ବିରିଗୁଡା, ଖାଲକଣା, ବାଘମାରୀ, ବିଷମପୁର ଉପର କୁଟିଙ୍ଗା,ଭିତରଗଡ଼,ରାଜନ ପଣସଗୁଡା, ନୂଆଗାଁ, କୁମ୍ଭାର ଗୁଡା,ପରଡିଗୁଡା ଓ ଟିମାଝୋଲା ଆଦି ଅଞ୍ଚଳର ୧୧ଟି ସଂକୀର୍ତ୍ତନ ଦଳ ଯୋଗ ଦେଇଥିବା ବେଳେ ଝାଞ୍ଜ, ମୃଦଙ୍ଗ ଓ ଘଣ୍ଟର ତାଳେ ତାଳେ 'ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ,ହରେ ରାମ ହରେ ରାମ ରାମ ରାମ ହରେ ହରେ' ଶବ୍ଦରେ ସାରା ଗ୍ରାମ କମ୍ପି ଉଠିଥିଲା। ଏନେଇ ପ୍ରାୟ ତିନି ହଜାର ଭକ୍ତଙ୍କ ପାଇଁ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିବା ବେଳେ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ଶନିବାର ଦିନ ସକାଳ ଆଠଟାରେ ପୂର୍ଣ୍ଣାହୁତି, ନଅଟା ବେଳେ ନଗର କୀର୍ତ୍ତନ କରାଯାଇଛି କାର୍ଯ୍ୟକ୍ରମ ସମାପନ କରାଯାଇଥିଲା। ଓଡ଼ିଆପେଣ୍ଠ ସରପଞ୍ଚ ବଂଶୀଧର ମାଣ୍ଡିଙ୍ଗାଙ୍କ ସହ କେନ୍ଦୁଆଡା ସଂକୀର୍ତ୍ତନ ମଣ୍ଡଳୀ ତରଫରୁ ଏହି ଅଖଣ୍ଡ ଅଷ୍ଟ ପ୍ରହର ନାମଯଜ୍ଞ ସୁଚାରୁ ରୂପେ ପରିଚାଳନା କରାଯାଇଥିଲାବେଳେ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିବା ଦେଖିବାକୁ ମିଳିଥିଲା।

## ସକାଳ ଓ ସନ୍ଧ୍ୟାରେ ସହର ମଧ୍ୟରେ ଯାଉଥିବା ଟ୍ରକକୁ 'ନୋ ଏଣ୍ଟ୍ରି ' କରିବାକୁ ଦାବି

ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲାର ଖଡ଼ିଆଳ ସହର ଏକ ବ୍ୟସ୍ତ ବହୁଳ ସହର ଅଟେ। ସହରରେ ଜନସଂଖ୍ୟା ବଢ଼ି ବଢ଼ି ଚାଲିଥିବା ବେଳେ ଗାଡି ମୋଟର ସଂଖ୍ୟା ମଧ୍ୟ ହୁ ହୁ ହୋଇ ବଢ଼ି ଚାଲିଛି। ସହର ଭିତର ଦେଇ ଯାଇଥିବା ଜାତୀୟ ରାଜପଥ ୩୫୩ ନମ୍ବର ଖଡ଼ିଆଳ କଲେଜ ଛକ ଠାରୁ ଆମ୍ବେଦକର ଛକ ଦେଇ ଯାଇଥିବା କଣ୍ଟାବାଞ୍ଜି ଓ ଟିଟିଲାଗଡ଼ ଓ ଆମ୍ବେଦକର ଛକରୁ କଳାହାଣ୍ଡି କୁ ସଂଯୋଗ କରୁଛି ରାଜ୍ୟ ରାଜ ପଥ ନମ୍ବର ୧୬। ଏହି ଜାତୀୟ ରାଜ ପଥ ଓ ରାଜ୍ୟ ରାଜପଥରେ ଦୈନିକ ଶହ ଶହ ମାଲବାହିଁ ଟ୍ରକଗୁଡିକ ଦିନ ଓ ରାତି ଚାଲିଛି। ମାଲବାହିଁ ଟ୍ରକ ଗୁଡିକ ରାୟପୁର ଛତିଶଗଡ, ଭିଲାଇ ଦୁରୁଗ, ଆନ୍ଧ୍ରା ପ୍ରଦେଶ ସହ ବିଭିନ୍ନ ରାଜ୍ୟ ରୁ ଟ୍ରକ ଯିବା ଆସିବା କରୁଛି। ସହର ଭିତରେ ମଧ୍ୟ ଦ୍ରୁତରୁ ଦ୍ରୁତ ଗତିରେ ଟ୍ରକ ଗୁଡିକ ଯିବା ଆସିବା କରୁଛି। ଫଳରେ ଭୟଙ୍କର ଦୁର୍ଘଟଣା ମାନ ଘଟୁଛି। କେତେବେଳେ କୁନି କୁନି ସ୍କୁଲ ଯାଉଥିବା ଦେଶ ଓ ରାଜ୍ୟ ର ଉଜ୍ଜ୍ୱଳ ଭବିଷ୍ୟତ ର ପିଲାମାନଙ୍କର ଟ୍ରକ ଚାପରେ ଜୀବନ ଯାଉଥିବାବେଳେ କେତେବେଳେ ଯୁବକମାନଙ୍କ ଜୀବନ ଚାଲି ଯାଉଛି ଏହି ଟ୍ରକ ଚାପରେ। ଏହି ମାଲବାହିଁ ଟ୍ରକ ଚାପରେ ପ୍ରତି ବର୍ଷ ପାଞ୍ଚ ରୁ ଅଧିକ ଜୀବନ ଯାଉଛି। ତେଣୁ ଖଡ଼ିଆଳ ଅଂଚଳର ବୁଦ୍ଧିଜୀବି, ଜ୍ଞାନୀ, ବିଭିନ୍ନ ସ୍ୱେଚ୍ଛାସେବୀ, ସମାଜସେବୀ ଓ ସାଧାରଣରେ ଦାବୀ ହେଉଛି ଯେ ସକାଳ ୭ ଘଣ୍ଟା ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ଓ ସନ୍ଧ୍ୟା ୪ ରି ଘଣ୍ଟା ରାତ୍ରି ୭ ଘଣ୍ଟା ପର୍ଯ୍ୟନ୍ତ ସହର ଭିତରକୁ ଟ୍ରକକୁ ସମ୍ପୂର୍ଣ୍ଣ ପ୍ରବେଶ ନିଷେଧ ( ନୋ ଏଣ୍ଟ୍ରି ) କରିବାକୁ ନୂଆପଡା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ସମସ୍ତ ମହଲରେ ଦାବି କରାଯାଉଛି। ସହରରେ ତୁରନ୍ତ ନୋ ଏଣ୍ଟ୍ରି ର ବ୍ୟବସ୍ଥା କରାଯାଉ ନଚେତ ଆଗାମୀ ଦିନରେ ଘୋର ଆନ୍ଦୋଳନ କରାଯିବ ବୋଲି ସାଧାରଣ ରେ ଆଲୋଚନା ହେବା ସଂଗେ ସଂଗେ ଆନ୍ଦୋଳନର ଦାନା ବାନ୍ଧୁ ଥିବା ଲୋକେ ଚର୍ଚ୍ଚା କରୁଛନ୍ତି।

# ଧୂମ୍‌ଧାମ୍‌ରେ ପାଳିତ ହେଲା ହୋଲି ଉତ୍ସବ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ଲକ୍ଷ୍ମୀପୁର ଠାରେ ହୋଲି ଉତ୍ସବ ବଡ ଧୂମ୍‌ଧାମରେ ପାଳିତ ହୋଇ ଯାଇଛି। ଏଠି ସବୁଧର୍ମର ଲୋକେ ଭାଇଚାରାର ଏଇ ହୋଲି ଉତ୍ସବକୁ ଏକତ୍ରିତ ହୋଇ ପାଳନ କରିଥିଲେ।ପିଲାଠୁ ବୁଢ଼ା ସଭିଏଁ ପରସ୍ପରକୁ ଆଲିଙ୍ଗନ କରି ହୋଲି ଉତ୍ସବର ଶୁଭେଚ୍ଛା ଜଣାଇଥିଲେ। ବ୍ଲକ୍ ସଦର ପୁରା ହୋଲି ରଙ୍ଗରେ ରଙ୍ଗେଇ ହେଇ ଉଠିଥିବା ବେଳେ ଜଣେ ଜଣକୁ ମିଷ୍ଟାନ୍ନ ଖୁଆଇ ଖୁସି ମନାଇଥିଲେ। ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସକାଳ ସାତଟାରେ ଖେଳ ଆରମ୍ଭ ହୋଇ ଦିନ ଦୁଇଟାରେ ସରିଥିଲା।ଲୋକେ ହାତରେ ବିଭିନ୍ନ ରଙ୍ଗର ଅଭିର ଧରି ସାଙ୍ଗ ସାଥୀ ବନ୍ଧୁବର୍ଗଙ୍କ ସହ ଦିନ ତମାମ ହୋଲି ଖେଳରେ ମସଗୁଲ ଥିବା ବେଳେ କିଛି ଲୋକ ଭୋଜି ଭାତ କରି ବେଶ୍ ମଜା ଉଠାଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

# ୬ଦିନିଆ ଦୋଳ ଉତ୍ସବ ପାଳିତ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ) : ଦୀର୍ଘ ଛଅ ଦିନ ବ୍ୟାପି ଦୋଳଉତ୍ସବ ସ୍ଥାନୀୟ ଦୋଳ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ମଘାପୋଡ଼ି ଅବସରରେ ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ ଯୋଗଦେଇଥିଲେ। ସେହିପରି ଦୋଳ ପୂର୍ଣ୍ଣିମା ଅବସରରେ ପାରଳା ବିଧାୟକ ରୂପେଶ ପାଣିଗ୍ରାହୀ, ଜିଲ୍ଲାପାଳ ବିଜୟ କୁମାର ଦାଶ,ପାରଳା ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ ଯୋଗ ଦେଇଥିଲେ। ଏହି ପରମ୍ପରାକୁ ସର୍ବଦା ଉଜ୍ଜୀବିତ ରଖିବାକୁ ହେଲେ ଯୁବପିଢୀଙ୍କ ଆନ୍ତରିକତା ଓ ସ୍ପୃହା ନିତାନ୍ତ ଆବଶ୍ୟକ ବୋଲି ବକ୍ତାମାନେ କହିଥିଲେ। ପ୍ରତି ସନ୍ଧ୍ୟାରେ ପୂଜା ପାର୍ବଣ, ଶୋଭାଯାତ୍ରା ସହ ନୃତ୍ୟ,ଗୀତ,ସଙ୍ଗୀତ, ପ୍ରବଚନ, ଭଜନ,ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ଆଚାର୍ଯ୍ୟ ବିନୋଦଚନ୍ଦ୍ର ଜେନା, ମଙ୍ଗଳା ପଟ୍ଟନାୟକ,ଦେବେନ୍ଦ୍ର ମିଶ୍ର,ରାଜେନ୍ଦ୍ର ବେହେରା,ଶରତ ପାଣିଗ୍ରାହୀ,ଦୀନବନ୍ଧୁ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଚିତ୍ରାନନ୍ଦ ବେବର୍ତ୍ତା, ଭାରତ ଭୂଷଣ ମହାନ୍ତି, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।



ଗୋପ (ଭାସ୍କର ନ୍ୟୁଜ): ଗୋପ ବ୍ଲକ ଅନ୍ତର୍ଗତ ନାଗପୁର ପଂଚାୟତ ଷୋଳପୁର ଠାରେ ହେବାକୁ ଥିବା ମିନି ଷ୍ଟାଡିୟମ ପାଇଁ ଜମି ନିର୍ଦ୍ଧାରଣ ପରେ ଉପମୁଖ୍ୟମନ୍ତ୍ରୀ ତଥା ନିମାପଡା ବିଧାୟିକା ପ୍ରଭାତୀ ପରିଡା ପରିଦର୍ଶନରେ କରିଛନ୍ତି । ପୂର୍ବରୁ ଥିବା ଷୋଳପୁର ହେଲିପ୍ୟାଡ୍ ର ୧୦ ଏକର ଜମିରେ ଏହି ମିନି ଷ୍ଟାଡିୟମ ନିର୍ମାଣ କରାଯିବ ଏବଂ ଏବାବଦରେ ୧୫ କୋଟି ଟଙ୍କା ବ୍ୟୟ ବରାଦ କରାଯିବ ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ । ସେହିପରି ଜଳ ବାୟୁ ପରିବର୍ତ୍ତନ ଏବଂ ପରିବେଶକୁ ଆଖି ଆଗରେ ରଖି ଏହି ଷ୍ଟାଡିୟମର ଚତୁଃପାର୍ଶ୍ୱରେ ବୃକ୍ଷ ରୋପଣ କରାଯାଇ ଜଙ୍ଗଲ ସୃଷ୍ଟି କରାଯିବ ବୋଲି ମଧ୍ୟ କହିଛନ୍ତି । ଗୋପ ବିଡିଓ ଛବିରାଣୀ ସାହୁ, ତହସିଲଦାର ଅନିଲ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଉକ୍ତ ସ୍ଥାନର ନକ୍ସା ଦେଖାଇଥିଲେ । ସେହିପରି ଗୋପ ରେ ଏକ ଶୀତଳଭଣ୍ଡାର ନିର୍ମାଣ ଖୁବ୍ ଶୀଘ୍ର କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପ୍ରତିଶୃତି ଦେଇଛନ୍ତି । ଉପ ମୁଖ୍ୟମନ୍ତ୍ରୀଙ୍କ ଏହି ପରିଦର୍ଶନ ସମୟରେ ଗୋପ ପଂଚାୟତ ସମିତି ଉପାଧକ୍ଷ ବନ ରଂଜନ ପଟ୍ଟନାୟକ, ୧୧ ନଂ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ, ସାଂସଦଙ୍କ ପ୍ରତିନିଧି ସୁଶାନ୍ତ କୁମାର ସ୍ୱାଇଁ, ରାଜ କିଶୋର ନାୟକ, ପ୍ରଶାନ୍ତ କୁମାର ସେନାପତି, ବିଭୂଦତ୍ତ ପାତ୍ର, ବିଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ହୋଲିରେ ଗଡ଼ିଲା ୬ ମୁଣ୍ଡ

# ଭୁବନେଶ୍ୱର ଡବଲ ମର୍ଡର ଘଟଣାରେ ୬ ଗିରଫ

ଭୁବନେଶ୍ୱର/କଟକ (ଭାସ୍କର ନ୍ୟୁଜ): ରଙ୍ଗର ପର୍ବ ହୋଲିରେ ରକ୍ତର ହୋଲି ଖେଳିଲେ ହତ୍ୟାକାରୀ। ରଙ୍ଗ ବଦଳରେ ବୋହିଚାଲିଲା ରକ୍ତର ସୁଅ। ଭୁବନେଶ୍ୱର ସମେତ ରାଜ୍ୟର ୬ ସହରରେ ୬ଟି ହତ୍ୟାକାଣ୍ଡ ରଙ୍ଗର ପର୍ବକୁ ରକ୍ତରଞ୍ଜିତ କରି ଦେଇଛି। ଭୁବନେଶ୍ୱରଠାରୁ ଆରମ୍ଭ କରି ସମ୍ବଲପୁର, ବ୍ରହ୍ମପୁର, କଟକ ଓ ଅନୁଗୋଳରେ ଘଟିଛି ହତ୍ୟାକାଣ୍ଡ। ଗୋଟିଏ କି ଦୁଇଟି ନୁହେଁ, ଗଡ଼ିଗଲା ୬ଟି ମୁଣ୍ଡ। ତେବେ ଭୁବନେଶ୍ୱର ଡବଲ ମର୍ଡର ଘଟଣାରେ ୬ଜଣଙ୍କୁ ଗିରଫ କରାଯାଇଥିବା ନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମିନା । ଭୁବନେଶ୍ୱର ସହିଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତିରେ ସାମାନ୍ୟ କଥା କଟାକଟିରୁ ପତ୍ନୀ ସମ୍ମୁଖରେ ସ୍ୱାମୀଙ୍କୁ ଛୁରି ଭୁସି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ସେହିପରି ମଞ୍ଚେଶ୍ୱର ଥାନା ସମେଇଗାଡ଼ିଆରେ ଜଣେ ଯୁବକଙ୍କୁ ଛୁରିଭୁସି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ କମିଶନରେଟ୍ ପୋଲିସ ୬ଜଣଙ୍କୁ ଗିରଫ କରିଛି। ସମେଇଗାଡ଼ିଆ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ତନ୍ମୟ ବେହେରାକୁ ପିପିଲି ନିକଟରୁ ଗିରଫ କରାଯାଇଥିବାବେଳେ ତା'ର ୩ ସହଯୋଗୀଙ୍କୁ ମଧ୍ୟ ଗିରଫ କରାଯାଇଛି। ସେହିପରି ସହିଦନଗର ଶାନ୍ତିପଲ୍ଲୀ ହତ୍ୟାକାଣ୍ଡ ଘଟଣାରେ ମୁଖ୍ୟ ଅଭିଯୁକ୍ତ ବାନା ଗୁନି ସହ ଅନ୍ୟ ଜଣେ ନାବାଳକକୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ ସମ୍ବଲପୁର ଟାଉନଥାନା ଅନ୍ତର୍ଗତ ସାହୁ କଲୋନୀରେ ସାମାନ୍ୟ କଥାରେ ବଚସାରୁ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ସାହୁଲ ସିଂ ନାମକ ଜଣେ ଯୁବକ ଆଦିତ୍ୟ ସାଲେମା ନାମକ ଯୁବକଙ୍କୁ ଛୁରିଭୁସି ହତ୍ୟା କରିଛି। ପୋଲିସ ଅଭିଯୁକ୍ତକୁ ଗିରଫ କରିଛି। ସେହିପରି ଗଞ୍ଜାମ ଜିଲ୍ଲା ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଠିକାଦାର ଟି.ରାମଚନ୍ଦ୍ର ପାତ୍ରଙ୍କୁ ଛୁରିମାରି ଦୁର୍ବୃତ୍ତ ହତ୍ୟା କରିଛନ୍ତି। ଏହି ଘଟଣାରେ ପୋଲିସ ଚନ୍ଦନ ସାବତ ନାମକ ଜଣେ ଯୁବକକୁ ଗିରଫ କରିଛି। ସେହିପରି ଅନୁଗୋଳ ଜିଲ୍ଲା ନିଶା ଶିଙ୍ଖାଞ୍ଚଳ ଥାନା ଅଞ୍ଚଳରେ ଜଣେ ଶିଶୁକନ୍ୟାର ମୃତଦେହ ଉଦ୍ଧାର ହୋଇଛି। କେହି ଦୁର୍ବୃତ୍ତ ଦୁଷ୍କର୍ମ ପରେ ତାକୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ସେହିପରି ଭାଇଚାରାର ସହର କଟକ ଉପକଣ୍ଠ ବୟାଳିଶ ମୌଜା ଶ୍ରୀକୃଷ୍ଣବିହାରରେ ସାମାନ୍ୟ ପାଟିତୁଣ୍ଡରୁ ଜଣଙ୍କୁ ଗୁଳିକରି ହତ୍ୟା କରାଯାଇଛି। ମୃତ ଯୁବକଙ୍କ ପରିଚୟ ମିଳିନଥିବାବେଳେ ତାଙ୍କ ଘର ଜଗତସିଂହପୁର ବୋଲି ପୋଲିସ କହିଛି। ତେବେ ଗୁଳି କରିଥିବା କେନ୍ଦ୍ରାପଡ଼ାର ଅଭିଯୁକ୍ତକୁ ପୋଲିସ ଗିରଫ କରିବା ସହ ତା'ଠାରୁ ଏକ ବନ୍ଧୁକ ଜବତ କରିଛି।

## ପାକିସ୍ତାନରେ ପୁଣି ବଡ଼ଧରଣର ଆତଙ୍କୀ ଆକ୍ରମଣ

# ୯୦ ସୈନ୍ୟଙ୍କୁ ହତ୍ୟାକଲା ବିଏଲ୍ଏ







ନୂଆଦିଲ୍ଲୀ : ଜଣ ଜଣ କରି ୯୦ଜଣ ପାକିସ୍ତାନୀ ସୈନ୍ୟଙ୍କୁ ହତ୍ୟାକଲା ବେଲୁଚିସ୍ତାନ ଲିବରେସନ ଆର୍ମି। ପାକିସ୍ତାନୀ ସେନାର ଏକ କନଭୟ ଉପରେ ଆକ୍ରମଣ କରି ୯୦ଜଣ ପାକ୍ ସୈନିକଙ୍କୁ ହତ୍ୟା କରିଥିବା ନେଇ ବିଏଲ୍ଏ ଦାବି କରିଛି। ଗତ ୫ ଦିନ ମଧ୍ୟରେ ବିଏଲଏ ପକ୍ଷରୁ ଏହା ବଡ଼ଧରଣର ଦ୍ୱିତୀୟ ଆକ୍ରମଣ। ରବିବାର ପାକିସ୍ତାନୀ ସେନାର ଏକ କାଫଲା ୮ଟି ବସ୍‌ରେ ଯାଉଥିଲା। ନୁସ୍କି ହାଇୱେରେ ବିଏଲ୍ଏର ଆତଙ୍କବାଦୀମାନେ କନଭୟ ଉପରେ ଆକ୍ରମଣ କରିଥିଲେ। ଏହି ସମୟରେ ଏକ ବଡ଼ଧରଣର ଆତ୍ମଘାତୀ ବିସ୍ଫୋରଣ ମଧ୍ୟ ହୋଇଥିଲା। ଆଇଇଡି ଦ୍ୱାରା ଏହି ବିସ୍ଫୋରଣ କରାଯାଇଥିବା କୁହାଯାଉଛି। ଏହାପରେ ଗ୍ରେନେଡ ମାଡ଼ କରାଯାଇଥିଲା। କ୍ୱେଟାରୁ ଟଫତାନ ଯାଉଥିବା ସମୟରେ ଏହି ଆକ୍ରମଣ କରାଯାଇଥିଲା। ଏଥିରେ ମୃତ୍ୟୁସଂଖ୍ୟା ଆଗକୁ ଅଧିକ ହେବ ବୋଲି ଆଶଙ୍କା କରାଯାଉଛି। ସୂଚନାଯୋଗ୍ୟ ଯେ ଗତ ୧୧ ତାରିଖରେ ପାକିସ୍ତାନରେ ବିଏଲଏ ଜାଫର ଏକ୍ସପ୍ରେସକୁ ଅପହରଣ କରି ନେଇଥିଲା। ଏଥିରେ ଥିବା ୨୧୪ଜଣଙ୍କୁ ପଣବନ୍ଦୀ ରଖାଯାଇଥିଲା। ପଣବନ୍ଦୀ ସମସ୍ତଙ୍କୁ ହତ୍ୟା କରାଯାଇଥିବା ବିଏଲ୍ଏ ପକ୍ଷରୁ ଦାବି କରାଯାଇଛି। ବିଏଲଏ ପକ୍ଷରୁ କୁହାଯାଇଛି ଯେ ପାକିସ୍ତାନ ସରକାରଙ୍କ ସହ ବନ୍ଦୀ ଅଦଳବଦଳ ନେଇ ଯେଉଁ ସର୍ତ୍ତ ରଖାଯାଇଥିଲା ତାହା ପୂରଣ ନ ହେବାରୁ ସମସ୍ତ ବନ୍ଦୀଙ୍କୁ ହତ୍ୟା କରାଯାଇଛି। ସୂଚନାଯୋଗ୍ୟ ଯେ ବେଲୁଚିସ୍ତାନର ଲୋକମାନେ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଦାବି କରି ଯୁଦ୍ଧ ଆରମ୍ଭ କରିଛନ୍ତି। ତାଙ୍କର ଲଢେଇ ପାକିସ୍ତାନ ଓ ତା'ର ସେନା ସହିତ ହେଉଛି। କେବଳ ଏଇଥିପାଇଁ ବିଏଲଏ ସେନାଗାଡ଼ିକୁ ଆକ୍ରମଣ କରି ପ୍ରଚୁର କ୍ଷତି କରୁଥିବା କୁହାଯାଉଛି।

## ଶ୍ରୀଜିଉଙ୍କ ରାଜରାଜେଶ୍ୱର ବେଶ



ପୁରୀ (ଭାସ୍କର ନ୍ୟୁଜ) : ବଡଦାଣ୍ଡରେ ମହାପ୍ରଭୁଙ୍କ ସହ ଫଗୁ ଖେଳିଲେ ଭକ୍ତ । ଦୋଳବେଦୀରେ ମହାପ୍ରଭୁଙ୍କ ଦର୍ଶନ ପାଇ ଭକ୍ତ ହେଲେ ଭାବ ବିହ୍ୱଳ । ଶ୍ରୀମନ୍ଦିରରେ ରାଜରାଜେଶ୍ୱର ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ଶ୍ରୀଜିଉ । ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସୃଷ୍ଟି ହେଲା ଆଧ୍ୟାତ୍ମିକ ପରିବେଶ । ମହାପ୍ରଭୁଙ୍କ ଶ୍ରୀମନ୍ଦିର ସମ୍ମୁଖରେ ଚାଲିଛି ସଂକୀର୍ତ୍ତନ ସହ ବେଦପାଠ। ଆଜି ପବିତ୍ର ଦୋଳପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ପାଇଁ ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଛି ସମସ୍ତ ବ୍ୟବସ୍ଥା । ତେବେ ଶ୍ରୀମନ୍ଦିରର ନୀତି ନିର୍ଘଣ୍ଟ ଅନୁଯାୟୀ ଦ୍ୱାରଫିଟା, ମଙ୍ଗଳଆଳତୀ, ମଇଲମ ଓ ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବା ପରେ ନାଭିକଟା ମଣ୍ଡପକୁ ବିଜେ କରିଥିଲେ । ମହାପ୍ରଭୁ ରାଜାଧିରାଜ ବା ସୁନାବେଶ ଏବଂ ନାଭିକଟା ମଣ୍ଡପ ନୀତି ସମ୍ପନ୍ନ ହେବା ପରେ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀ ବିମାନକୁ ବିଜେ କରିଥିଲେ । ଘଣ୍ଟ, ଛତା, କାହାଳୀ ସହ ଭକ୍ତଙ୍କ ହରିବୋଲ ହୁଳହୁଳି ଧ୍ୱନି ଏବଂ ରଙ୍ଗବେରଙ୍ଗର ଫଗୁ ମଧ୍ୟରେ ବଡ଼ଦାଣ୍ଡ ଦେଇ ବିମାନ ଦୋଳବେଦୀରେ ପହଞ୍ଚିଥିଲା । ସେଠାରେ ଦୋଳବେଦୀର ତଳ ଓ ଉପର ଭାଗରେ ବିମାନ ସାତ ଘେରା ପରିକ୍ରମା କରିବା ପରେ ଠାକୁର ଦୋଳବେଦୀରେ ବିରାଜିତ ହୋଇଥିଲେ ।ପରମ୍ପରା ଅନୁସାରେ, ପବିତ୍ର ଦୋଳପୂର୍ଣ୍ଣିମାରେ ମହାପ୍ରଭୁ ଭକ୍ତଙ୍କ ସହ ଫଗୁ ଖେଳିଛନ୍ତି । ଦୋଳପୂର୍ଣ୍ଣିମା ପାଇଁ ସମ୍ପୂର୍ଣ୍ଣ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇପଡ଼ିଛି । ସେପଟେ ଦୋଳବେଦୀରେ ପ୍ରଭୁ ଦୋଳଗୋବିନ୍ଦ, ଭୂଦେବୀ ଓ ଶ୍ରୀଦେବୀଙ୍କ ସମସ୍ତ ରୀତି, ନୀତି ସମ୍ପନ୍ନ ହୋଇଛି । ସେହିପରି ରତ୍ନସିଂହାସନସ୍ଥ ଚତୁର୍ଦ୍ଧାବିଗ୍ରହ ରାଜାଧିରାଜ ବା ସୁନାବେଶରେ ଅଗଣିତ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ମହାପ୍ରଭୁଙ୍କ ଦୁର୍ଲଭ ସୁନାବେଶ ଦର୍ଶନ କରି ଭକ୍ତମାନେ ନିଜକୁ ଭାଗ୍ୟବାନ ମନେ କରିଛନ୍ତି । ଶତାଧିକ ଭକ୍ତ, ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ବିମାନ ଆଗରେ ଏବଂ ପରିକ୍ରମା ସମୟରେ ଫଗୁ ଛିଞ୍ଚି ଛିଞ୍ଚି ଆତ୍ମବିଭୋର ହୋଇ ପଡ଼ିଥିଲେ । ଭକ୍ତଙ୍କ ସହ ଅବୀର ଓ ଫଗୁ ଖେଳିଥିଲେ ମହାପ୍ରଭୁ । ବଡ଼ଦାଣ୍ଡ ଏବଂ ଦୋଳବେଦୀ ଚତୁଃପାର୍ଶ୍ୱରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ । ସେପଟେ ଆଜିର ଏହି ପବିତ୍ର ଦୋଳପୁର୍ଣ୍ଣିମା ଅବସରରେ ଶ୍ରୀମନ୍ଦିର ରତ୍ନ ସିଂହାସନରେ ଚତୁର୍ଦ୍ଧାବିଗ୍ରହ ସୁନାବେଶ ତଥା ରାଜ ରାଜେଶ୍ୱର ବେଶରେ ଅଗଣିତ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ମହାପ୍ରଭୁଙ୍କ ଏହି ସୁନାବେଶ ଦର୍ଶନ କରିବା ପାଇଁ ଭକ୍ତଙ୍କ ମଧ୍ୟରେ ସବୁବେଳେ ରହିଥାଏ ଖୁବ ଉତ୍ସାହ । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଦୋଳବେଦୀ ଉପରେ ଦୋଳଠାକୁରଙ୍କ ସମସ୍ତ ରୀତିନୀତି ସଂପାଦିତ ହେବାପରେ ସାହାଣମେଳା ଦର୍ଶନ ଆରମ୍ଭ ହୋଇଥିଲା।

## ଗଣଶିକ୍ଷାମନ୍ତ୍ରୀଙ୍କ ସୂଚନା

# ଖୁବ୍‌ଶୀଘ୍ର ସକାଳୁଆ ସ୍କୁଲ ନିଷ୍ପତ୍ତି

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ରାଜ୍ୟରେ ସାଧାରଣତଃ ଏପ୍ରିଲ ମାସରୁ ସକାଳୁଆ ସ୍କୁଲ ହୋଇଥାଏ। ତେବେ ଚଳିତବର୍ଷ ଆଗୁଆ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଅନୁଭୂତ ହେଉଥିବାରୁ ଖୁବ୍‌ଶୀଘ୍ର ସ୍କୁଲ ସକାଳୁଆ ହେବା ନେଇ ଆଶା କରାଯାଉଛି। ଏ ନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ସେ କହିଛନ୍ତି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସହ ଆଲୋଚନା ପରେ ସ୍ଥିତିକୁ ଦେଖି ନିଷ୍ପତ୍ତି ନିଆଯିବ। ସେ କହିଥିଲେ ଯେ ଗତବର୍ଷ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ବିଦ୍ୟାଳୟର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢା ସମୟରେ ପରିବର୍ତ୍ତନ କରାଯାଇଥିଲା। ଏପ୍ରିଲ ୨ରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ଘରୋଇ ବିଦ୍ୟାଳୟଗୁଡ଼ିକରେ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ପାଠ ପଢାଯାଉଥିଲା। ଏହି ସମୟରେ ପ୍ରଧାନଶିକ୍ଷକମାନେ କ୍ୟାମ୍ପସରେ ସୁରକ୍ଷିତ ପାନୀୟଜଳ, ଓଆରଏସ୍ ପ୍ୟାକେଟ ସମେତ ଅନ୍ୟାନ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଥିଲା। ସ୍ଥିତିକୁ ଦେଖି ବିଦ୍ୟାଳୟ ଖୋଲିବା ନେଇ ଜିଲ୍ଲାପାଳମାନେ ଜିଲ୍ଲାର ନିଷ୍ପତ୍ତି ନେଇପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା।

# ୬୪ ମାଓବାଦୀଙ୍କ ଆତ୍ମସମର୍ପଣ




ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନା ରେ ମାଓ ସଂଗଠନରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଆସୁଥିବା ୬୪ ଜଣ କ୍ୟାଡର ମାଓବାଦୀ ତେଲେଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ସୂଚନା ଅନୁଯାୟୀ ତେଲେଙ୍ଗାନାର ଭଦ୍ରାଦି କୋଠାଗୁଡ଼େମ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ମଲ୍ଟି ଜୋନ-୧ ର ଆଇଜିପି ଚନ୍ଦ୍ର ଶେଖର ରେଡ୍ଡୀ, କୋଠାଗୁଡ଼େମ ଏସପି ରୋହିତ ରାଜା,ଭଦ୍ରଚଲାମ ଏଏସପି ଙ୍କ ସମେତ ଅନ୍ୟ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ୬୪ ଜଣ ମାଓବାଦୀ ମାଓ ସଂଗଠନ ଛାଡି ଆତ୍ମସମର୍ପଣ କରିଛନ୍ତି । ଆତ୍ମସମର୍ପଣ କରିଥିବା ୬୪ମାଓବାଦୀ ମଧ୍ୟରେ ୧୬ ଜଣ ମହିଳା ମାଓବାଦୀ ଥିବା ଜଣା ପଡ଼ିଛି । ସମସ୍ତ ମାଓବାଦୀ ଛତିଶଗଡର ସୁକମା ଜିଲ୍ଲା ବିଜାପୁର ଜିଲ୍ଲା ମାଓ ସଂଗଠନର ହୋଇଥିବା ଜଣାପଡିଛି ।ତେଲେଙ୍ଗାନା ପୁଲିସ ଦ୍ୱାରା ଆତ୍ମସମର୍ପଣ କରିଥିବା ୬୪ ଜଣ ମାଓବାଦୀଙ୍କୁ ୨୫-୨୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିବା ସହ ଆତ୍ମସମର୍ପଣ ନୀତି ଏବଂ ପୁନର୍ବାସ ଯୋଜନା ଅନ୍ତର୍ଗତ ସମସ୍ତ ସୁବିଧା ଆଗାମୀ କିଛି ଦିନ ମଧ୍ୟରେ ଯୋଗାଇ ଦିଆଯିବା ନେଇ ତେଲେଙ୍ଗାନା ପୁଲିସ ପକ୍ଷରୁ ସୂଚନା ଦିଆଯାଇଥିବା ଜଣା ପଡ଼ିଛି ।

# ଶ୍ରୀମନ୍ଦିର ଭିତରକୁ ପଶିଲା ଗୁଇନ୍ଦା କ୍ୟାମେରା

ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀମନ୍ଦିରର ସୁରକ୍ଷାକୁ ନେଇ ପୁଣି ଉଠିଛି ବଡ଼ ପ୍ରଶ୍ନ। ବାରମ୍ବାର ଶ୍ରୀମନ୍ଦିରର ଭିତର ଫଟୋ ଓ ଭିଡିଓ ଭାଇରାଲ ହେଉଥିବା ବେଳେ ଗତକାଲି ଶ୍ରୀମନ୍ଦିର ଭିତରେ ସ୍ପାଏ କ୍ୟାମେରା ନେଇ ଜଣେ ଯୁବକ ଭିଡିଓ ସୁଟ୍ ? କରୁଥିବା ଦେଖାଯାଇଛି। ଯାହା ପରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ମନ୍ଦିର ବାହାରେ ପୁଲିସ ଲୋକଙ୍କୁ ଚେକ୍ ? କରି ଛାଡୁଥିବା ବେଳେ ସ୍ପାଏ କ୍ୟାମେରା କିପରି ଭିତରକୁ ଗଲା ।ସୁରକ୍ଷାକର୍ମୀ କେମିତି ଜାଣିପାରିଲେ ନାହିଁ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।ମିଳିଥିବା ସୂଚନା ଅନୁସାରେ ଗତକାଲି ଭାସ୍କର ସାମନ୍ତ ନାମକ ଜଣେ ଯୁବକ ଶ୍ରୀମନ୍ଦିର ଭିତରେ ସ୍ପାଏ କ୍ୟାମେରା ଧରି ପଶିଥିଲେ। ମନ୍ଦିର ଭିତରେ ସେ ଭିଡିଓ ସୁଟ୍ କରିବା ବେଳେ ଧରାପଡିଥିଲେ। ଯାହା ପରେ ସିଂହଦ୍ୱାର ଥାନା ପୁଲିସ ଶ୍ରୀଜଗନ୍ନାଥ ଟେମ୍ପୁଲ୍ ଆକ୍ଟ ସେକ୍ସନ ୩୦(ଇ) ୪ଉ ଅନୁସାରେ ଭାସ୍କରକୁ ଅଟକ ରଖି ପଚରାଉଚରା କରୁଛି। ଭାସ୍କରଙ୍କ ଉପରେ ଖୁବଶୀଘ୍ର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁରୀ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।ସୂଚନାଯୋଗ୍ୟ ଶ୍ରୀମନ୍ଦିର ଭିତରକୁ ମୋବାଇଲ୍ ଏବଂ କ୍ୟାମେରା ନେବା ମନା ରହିଛି। ଶ୍ରୀମନ୍ଦିର ଭିତରକୁ ମୋବାଇଲ୍ ଫୋନ୍ ନେଲେ ଏକହଜାର ଟଙ୍କା ଜରିମାନା ସହିତ ମୋବାଇଲ୍ ଫୋନ ଜବତ୍ ହେବାର ନିୟମ ରହିଥିବା ବେଳେ ଅଭିଯୁକ୍ତ ଭାସ୍କର କାହିଁକି ଏବଂ କେଉଁ ପରିସ୍ଥିତିରେ ସ୍ପାଏ କ୍ୟାମେରା ଶ୍ରୀମନ୍ଦିର ଭିତରକୁ ନେଇଥିଲା ସେ ନେଇ ଚର୍ଚ୍ଚା ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପାରଦ ଟପିଲା...

୪୦.୩, ଭବାନୀପାଟଣାରେ ୪୦.୨ ଓ ଭୁବନେଶ୍ୱରରେ ୩୬.୮ ଡିଗ୍ରୀ ରେକର୍ଡ କରାଯାଇଛି। ପ୍ରବଳ ତାତି ପାଇଁ ସତର୍କତା ଅବଲମ୍ବନ କରିବାକୁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

### ୧୪୦ କୋଟି...

ସେତେବେଳେ ସାରା ବିଶ୍ୱ ଏହାକୁ ଶୁଣେ। କାରଣ ଭାରତ ଗୌତମ ବୁଦ୍ଧ ଓ ମହାତ୍ମା ଗାନ୍ଧୀଙ୍କ ଦେଶ । ଏହି ଆଲୋଚନାରେ ସେ ଚୀନ୍ ସହ ସଂପର୍କ ସୁଧାରିବା ନେଇ ମଧ୍ୟ ବଡ଼ ମନ୍ତବ୍ୟ ରଖିଥିଲେ। ମୋଦୀ କହିଥିଲେ ଯେ ପାଖରେ ଦୁଇ ପଡ଼ୋଶୀ ରହିଲେ ମତଭେଦ ହେବା ସ୍ୱାଭାବିକ। କିନ୍ତୁ ଏହି ମତଭେଦ ଯେପରି ବିବାଦରେ ପରିଣତ ନ ହୁଏ ସେଥିପାଇଁ ଆଲୋଚନା ମାଧ୍ୟମରେ ଏହାର ସମାଧାନ ଆବଶ୍ୟକ। ଚୀନ୍ ସହିତ ସଂପର୍କରେ ସୁଧାର ଆସିବ ବୋଲି ସେ ଆଶା ପ୍ରକାଶ କରିବା ସହ କହିଥିଲେ ଯେ ଚୀନ୍ ସହ ଦ୍ୱିପାକ୍ଷିକ ସଂପର୍କରେ ବିଶ୍ୱାସ, ଉତ୍ସାହ ଓ ଶକ୍ତି ଧିରେ ଧିରେ ଫେରି ଆସିବ। ସେ ଆହୁରି କହିଥିଲେ ଯେ ୨୦୨୦ ମସିହାରେ ସୀମାରେ ଘଟିଥିବା ଘଟଣା ଦୁଇଦେଶ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିଥିଲା। ନିକଟରେ ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗଙ୍କୁ ସାକ୍ଷାତ କରିବା ପରେ ସୀମା ସ୍ୱାଭାବିକ ରହିଛି। ୨୦୨୦ ପୂର୍ବରୁ ସ୍ଥିତିକୁ ଫେରାଇ ଆଣିବା ପାଇଁ ଉଦ୍ୟମ ଚଳାଇଛୁ ବୋଲି ମୋଦୀ କହିଥିଲେ।

### ଶାହଙ୍କ ଗସ୍ତସୂଚୀ...

ଆଶୀର୍ବାଦ ଭିକ୍ଷା କରିବା ସହ ପରେ ବିଏଚ୍‌ଡି ପଡ଼ିଆରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ। ସେଠାରୁ ପୁରୀ ଯାଇ ରାତ୍ରିଯାପନ କରିବେ। ୨୩ ତାରିଖ ସକାଳେ ଶ୍ରୀ ଶାହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ଭୁବନେଶ୍ୱର ଅଭିମୁଖେ ଆସିବେ। ସେଠାରୁ ଜଟଣୀ ଯାଇ ଦେଶର ଦ୍ୱିତୀୟ ଫରେନସିକ୍ ୟୁନିଭରସିଟିର ଶିଳାନ୍ୟାସ କରିବେ। ସେହିଦିନ ସନ୍ଧ୍ୟାରେ ସେ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି। ଶାହଙ୍କ ଗସ୍ତକୁ ନେଇ ରବିବାର ବିଜେପି ପକ୍ଷରୁ ସମ୍ବଲପୁର ଏମସିଏଲ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ବିଧାୟକ ଜୟନାରାୟଣ ମିଶ୍ର, ବିଧାୟକ ଅଗସ୍ତି ବେହେରାଙ୍କ ସମେତ ଦଳର ବହୁ ବିଶିଷ୍ଟ ନେତା ଉପସ୍ଥିତ ରହିଥିଲେ।

### ପରଲୋକରେ...

ଝିଅ ସୂଚନା ଦେଇଛନ୍ତି। ୧୯୩୪ ମସିହା ଡିସେମ୍ବର ୧୩ ତାରିଖରେ କଟକରେ ଜନ୍ମଗ୍ରହଣ କରିଥିବା ରମାକାନ୍ତ ଇଂରାଜୀ ଭାଷା ସାହିତ୍ୟରେ ରେଭେନ୍ସା କଲେଜରୁ ସ୍ନାତକୋତ୍ତର ଶେଷ କରିବା ପରେ ୧୯୫୭ ମସିହାରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ଅବସର ପୂର୍ବରୁ ସେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଭାବେ କାର୍ଯ୍ୟ ମଧ୍ୟ କରିଥିଲେ। ତାଙ୍କ ରଚିତ କବିତା ସଂକଳନ କେତେ ଦିନର, ସନ୍ଦିଗ୍ଧ ମୃଗୟା, ସପ୍ତମ ଋତୁ, ସଚିତ୍ର ଅନ୍ଧାର, ଶ୍ରୀରାଧା ଏବଂ ଶ୍ରେଷ୍ଠ କବିତା ତାଙ୍କୁ ବେଶ୍ ଖ୍ୟାତି ଆଣି ଦେଇଥିଲା। ତେବେ ସେ ଶ୍ରୀରାଧା ଲାଗି ସର୍ବାଧିକ ଚର୍ଚ୍ଚିତ ହୋଇଥିଲେ। ଯାହାକି ପାଠକୀୟ ମହଲରେ ବେଶ୍ ଆଦୃତି ଲାଭ କରିଥିଲା। ତାଙ୍କ କୃତିତ୍ୱ ପାଇଁ ୨୦୦୬ ମସିହାରେ ତାଙ୍କୁ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ୨୦୦୯ରେ ସେ ଫେଲୋସିପ୍ ସମ୍ମାନରେ ସମ୍ମାନିତ ହୋଇଥିଲେ। ୧୯୭୮ ମସିହାରେ କବିତା ସଂକଳନ ସପ୍ତମ ଋତୁପାଇଁ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା। ୧୯୮୪ରେ ସଚିତ୍ର ଅନ୍ଧାର ସଂକଳନ ପାଇଁ ତାଙ୍କୁ ସାରଳା ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ତାଙ୍କ ରଚିତ କାବ୍ୟକବିତା ଇଂରାଜୀ ଓ ୮ଟି ଭାରତୀୟ ଭାଷାରେ ଅନୁବାଦ କରାଯାଇଛି। ୧୯୯୨ ମସିହାରେ ସେ ମୁଖ୍ୟ ଶାସନସଚିବ ପଦରୁ ଅବସର ନେଇଥିଲେ। ୧୯୯୩ରୁ ୧୯୯୮ ପର୍ଯ୍ୟନ୍ତ ସେ କେନ୍ଦ୍ର ସାହିତ୍ୟ ଏକାଡେମୀର ଉପସଭାପତି ଓ ୧୯୯୮ରୁ ୨୦୦୩ ପର୍ଯ୍ୟନ୍ତ ସଭାପତି ଭାବେ କାର୍ଯ୍ୟ କରିଥିଲେ। ୨୦୧୮ରେ ତାଙ୍କୁ ଅତିବଡ଼ି ଜଗନ୍ନାଥ ଦାସ ସମ୍ମାନ, ୧୯୯୧ରେ ବିଷୁବ ପୁରସ୍କାର, ୧୯୭୦ରେ ଝଙ୍କାର କବିତା ପୁରସ୍କାର, ୨୦୦୬ରେ ସାହିତ୍ୟଭାରତୀ ସମ୍ମାନ, ୨୦୦୯ରେ କଳିଙ୍ଗ ରତ୍ନ ଏବଂ ୨୦୧୭ରେ ଉତ୍କଳ ରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା। ତାଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାର୍ଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ସାହିତ୍ୟିକ ଓ ରାଜନେତା ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ ପଦ୍ମଭୂଷଣ ସ୍ୱର୍ଗତଃ ରଥ ଭାରତୀୟ ସାହିତ୍ୟ ଜଗତର ଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କ ଥିଲେ। ତାଙ୍କର କାଳଜୟୀ ରଚନା ତାଙ୍କୁ ସାହିତ୍ୟ ଜଗତରେ ଚିରଦିନ ଅମର କରି ରଖିବ। ଭାରତୀୟ ପ୍ରଶାସନିକ ସେବା ସହ ସାହିତ୍ୟ ଜଗତରେ ନିଜର ଅବଦାନ ପାଇଁ ସେ ଚିର ସ୍ମରଣୀୟ ହୋଇ ରହିବେ। ତାଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମାପନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

OFFICE OF THE SR. GENERAL MANAGER (ELECTRICAL) CAD-2814
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, Ph.No.7328840415, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

NOTICE INVITING TENDER No. UIHEP-51/2024-25 DATE 11.03.2025

Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the Reputed Manufacturers or its Channel Partners/ Authorized dealers for supply of the following materials / providing services as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| SUPPLY OF 03 NOS. OF 220 KV CTs FOR GENERATING UNITS & 03 NOS. OF 220 KV CTs FOR 220 KV FEEDERS OF UIHEP, MUKHIGUDA | 7,080/- (inclusive of GST) | 32,346/- | From 19.03.2025 to 02.04.2025 upto 12:00 Hrs. | 02.04.2025 (upto 13:00 Hrs.) | 02.04.2025 at 16:30 Hrs. |

For details of the tender documents, terms and conditions please visit our website www.ohpcltd.com

OIPR 32136/11/0033/2425
Sd/-C&P Head
UIHEP, Mukhiguda

BHUBANESWAR DEVELOPMENT AUTHORITY
BHUBANESWAR
AKASH SHOVA BUILDING,
SACHIVALAYA MARG, BHUBANESWAR – 751001
Visit us at: http://www.bda.gov.in

RFP No. 266 Date: 13.03.2025 CAD-2830

Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites Request for proposal (RFP) in ONLINE MODE only for the following works :

1. "SELECTION OF AN AGENCY FOR PROVIDING TEMPORARY LIGHTING ON HIRE / RENTAL BASIS FOR THE BEAUTIFICATION OF STREETS AT VARIOUS LOCATIONS AND B.D.A. OFFICE BUILDING'S IN BHUBANESWAR FOR DIFFERENT OCASIONS" and
2. "SELECTION OF AN AGENCY FOR SUPPLY OF EXCAVATORS & MACHINERIES WITH OPERATOR ON HIRE BASIS FOR BDA"
3. The RFP documents will be available in the website: https://tendersodisha.gov.in from Dtd. 18.03.2025 to 27.3.2025 up to 5.00PM.. The last date of receipt of proposals in online mode is up to 5.00PM on Dtd. 03.4.2025 and the RFP will be opened at 11.30AM on Dtd. 04.4.2025 in the office chamber of the Executive Engineer, Division No-IV, BDA, Bhubaneswar in the presence of the bidders or their authorized representatives. Please refer to the RFP documents available in the website https://tendersodisha.gov.in for further details. Any addendum / corrigendum / cancellation of RFP can be seen in this website only.

Sd/- Executive Engineer
Division-IV, BDA
OIPR 13033/11/0255/2425

GOVERNMENT OF ODISHA O-1611
OFFICE OF THE SUPERINTENDING ENGINEER
RURAL WORKS DIVISION, JAJPUR

e-PROCUREMENT NOTICE NO. Tender Online 15 JJPT of 2024-25

1. Name of work : Building Works.
2. Total No of Work : 1 No. Road Work.
3. Estimated Cost (Approx.) : Rs. 5.05 Lakhs
4. Period of Completion : 7 days
5. Class of contractors : "D & C" Class

Other details as follows:

a) Procurement officer Rural Works Division, Jajpur : Executive Engineer,
b) Availability of tender online & submission of bid :17.03.2025 at 10.00 AM to 24.03.2025 upto 12.00 PM
c) Last date & time of seeking of tender clarification : 22.03.2025 up to 1.00 PM
d) Opening of Technical Bid : 24.03.2025 at 04.00 P.M.

Further details can be seen from the Govt. website www.tendersodisha.gov.in

Sd/-Executive Engineer
R.W. Division, Jajpur
OIPR 25047/11/0034/2425

ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା-୨୦୨୪-୨୫ KK-383

ଜିଲ୍ଲା ପ୍ରଶାସନ, ଜଗତସିଂହପୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଓଡିଶାଙ୍କ ଆନୁକୁଲ୍ୟରେ ଆସନ୍ତା ତା ୧୯.୦୩.୨୦୫ ରିଖ ସାଇଲୋ, ରାହାମା ସ୍ଥିତ ମିନି ଷ୍ଟାଡିୟମ ଠାରେ ଦିବା ୧୦ ଘଟିକା ଠାରୁ ଅପରାହ୍ନ ୦୩ ଘଟିକା ପର୍ଯ୍ୟନ୍ତ ଜଗତସିଂହପୁର ଜିଲ୍ଲାର ସମସ୍ତ ଆଶାୟୀ ବେକାର ଯୁବକ ଓ ଯୁବତୀ ମାନଙ୍କ ପାଇଁ ଏକ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହେବାକୁ ଯାଉଅଛି ।

ଏହି ମେଳାରେ ୧୮ରୁ ୩୫ ବର୍ଷ ମଧ୍ୟରେ ଥିବା ୫ମ ପାସ ଠାରୁ +୩ ପାସ, ଆଇ.ଟି.ଆଇ. ଓ ଡିପ୍ଲୋମା ପାସ କରିଥିବା ପ୍ରାର୍ଥୀ ମାନେ ସେମାନଙ୍କ ସମସ୍ତ ପ୍ରମାଣ ପତ୍ର ଆଣି ମେଳାରେ ଯୋଗ ଦେଇ ପାରିବେ । ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରଚ୍ଛନ୍ନ ନିଯୁକ୍ତି ଦାତା ମାନେ ଯୋଗ ଦେଇ ଆମ ଜିଲ୍ଲାର ବେକାର ଯୁବକ ଓ ଯୁବତୀ ମାନଙ୍କୁ ସିଧା ସଳଖ ନିଯୁକ୍ତି ପ୍ରଦାନ କରିବେ ଏବଂ ନିଯୁକ୍ତି ଭିତ୍ତିକ ପ୍ରଶିକ୍ଷଣ ସଂସ୍ଥା ମାନେ ବିଭିନ୍ନ ଟ୍ରେଡରେ ତାଲିମ ପାଇଁ ପିଲା ମାନଙ୍କୁ ଚୟନ କରିବେ।

ଏଣୁ ଏହି ଜିଲ୍ଲାର ସମସ୍ତ ଆଶାୟୀ ପ୍ରାର୍ଥୀ ଓ ପ୍ରାର୍ଥିନୀ ମାନେ ବହୁ ସଂଖ୍ୟାରେ ଯୋଗ ଦେଇ ଏହି ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳାକୁ ସାଫଲ୍ୟ ମଣ୍ଡିତ କରିବାକୁ ଜିଲ୍ଲା ପ୍ରଶାସନ, ଜଗତସିଂହପୁରଙ୍କ ତରଫରୁ ଅନୁରୋଧ ।

| ମେଳାର ଦିନାଙ୍କ | ମେଳାର ସ୍ଥାନ | ସମୟ |
|---|---|---|
| ୧୯.୦୩.୨୦୨୫ | ମିନି ଷ୍ଟାଡିୟମ, ସାଇଲୋ, ରାହାମା, ଜଗତସିଙ୍ଘପୁର | ଦିବା ୧୦ ଘଟିକା ଠାରୁ ଅପରାହ୍ନ ୩ ଘଟିକା |

ଜିଲ୍ଲା ଦକ୍ଷତା ବିକାଶ-ତଥା-ନିୟୋଜନ ଅଧିକାରୀ
ଜଗତସିଂହପୁର।
ଜିଲ୍ଲା ପ୍ରଶାସନ,
ଜଗତସିଂହପୁର।
OIPR 44028/11/0003/2425

ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ
(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)
IDFC FIRST Bank
ସିଆଇଏନ: ଏଲ୬୫୧୧୦ଟିଏନ୨୦୧୪ପିଏଲସି୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ-କେଆରଏମ ଟାୱାର,ଅଷ୍ଟମ ମହଲା, ହ୍ୟାରିଂଟନ ରୋଡ,ଚେଟପେଟ,ଚେନ୍ନାଇ-୬୦୦୦୩୧
ଟେଲିଫୋନ:+୯୧ ୪୪ ୪୫୬୪ ୪୦୦୦ ଫାକ୍ସ :+୯୧ ୪୪ ୪୫୬୪ ୪୦୨୨

ସିକ୍ୟୁରିଟାଇଜେସନ ଓ ରିକନଷ୍ଟ୍ରକସନ ଅଫ ଫାଇନାନସିଆଲ ଆସେଟ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟ୍ ଇଣ୍ଟ୍ରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅଧିନରେ ନୋଟିସ

ନିମ୍ନଲିଖିତ ଋଣଗ୍ରହିତା ଓ ସହ -ଋଣ ଗ୍ରହିତା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)ରୁ ନିମ୍ନ ପ୍ରଦତ୍ତ ସିକ୍ୟୁରଡ ଋଣ ଉପଲବ୍ଧ କରିଥିଲେ। ନିମ୍ନ ଲିଖିତ ଋଣଗ୍ରହିତା ଓ ସହ- ଋଣ ଗ୍ରହିତାଙ୍କ ଋଣ ସେମାନଙ୍କର ସମ୍ପତ୍ତି ବନ୍ଧକ ଦ୍ୱାରା ସିକ୍ୟୁର୍ଡ ହୋଇଅଛି। ଯେ ହେତୁ ସେମାନେ ଋଣ ଚୁକ୍ତିନାମାର ଟର୍ମସ ଓ କଣ୍ଡିସନ ପାଳନ କରିବାରେ ବିଫଳ ହୋଇଛନ୍ତି ଓ ଏହା ନିୟମିତ ହୋଇଥିବା ଦୃଷ୍ଟିରୁ ସେମାନଙ୍କର ଋଣ ଆରବିଆଇ ଗାଇଡ ଲାଇନ ଅନୁଯାୟୀ ଏନପିଏ ଭାବେ କ୍ଲାସିଫାଇଡ ହୋଇ ଯାଇଛି। ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ପୈଠ କରିବାକୁ ଥିବା ଦେୟ ଜାରି କରା ଯାଇଥିବା ନୋଟିସରେ ଉଲ୍ଲେଖ ସହିତ ନିମ୍ନଲିଖିତ ଟେବୁଲରେ ତାହା ପ୍ରଦତ୍ତ ହୋଇଛି ଓ ମୋଟ ଦେୟ ଉପରେ ପରବର୍ତ୍ତୀ ସୁଧ ପ୍ରଯୁଜ୍ୟ ହେବା ସହିତ ତାହା ଚୁକ୍ତି ରେଟ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖ ଠାରୁ ଚାର୍ଜଡ ହେବ।

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣର ପ୍ରକାର | ଧାରା ୧୩(୨) ନୋଟିସ ତାରିଖ | ଧାରା ୧୩ (୨) ନୋଟିସ ଅନୁଯାୟୀ ବକେୟା ଋଣ |
|---|---|---|---|---|
| ୧ | ୮୪୯୨୯୦୨୦ ଏବଂ ୪୧୮୫୧୯୧୩ | ସମ୍ପତ୍ତି ବଦଳରେ ଋଣ | ୧୫.୦୨.୨୦୨୫ | ୭,୩୫,୪୩୩.୪୧/- |

ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କ ନାମ: ୧. ଲକ୍ଷ୍ମୀପ୍ରିୟା ଭଞ୍ଜ, ୨. ଚନ୍ଦ୍ରଶେଖର ଭଞ୍ଜ

ସମ୍ପତ୍ତି ଠିକଣା: ସମସ୍ତ ସମ୍ପତ୍ତିର ଖଣ୍ଡ ଓ ଅଂଶବିଶେଷ: ପ୍ଲଟ ନଂ ୪୮୬, ଖାତା ନଂ ୧୮୦, ପ୍ଲଟ୍ ଏରିଆ- ଏ.୦.୧୪୫ ଡିସିମିଲ କିମ୍ବା ୬୩୧୬.୨୦ ବର୍ଗଫୁଟ, ମୌଜା ଅବସ୍ଥିତି: ଗଡ଼ହଳଦିଆ, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା-୭୫୨୦୫୭, ବାଉଣ୍ଡରୀ: ପୂର୍ବ- ଦେବେନ୍ଦ୍ର କୁମାର ଭଞ୍ଜ ଓ ଅନ୍ୟମାନେ, ପଶ୍ଚିମ- ସୁଭାଷଚନ୍ଦ୍ର ଭଞ୍ଜ ଓ ଅନ୍ୟମାନେ, ଉତ୍ତର- ସୁଭାଷଚନ୍ଦ୍ର ଭଞ୍ଜ ଓ ଅନ୍ୟମାନେ, ଦକ୍ଷିଣ- ରାସ୍ତା

ଏତଦ୍ ଦ୍ୱାରା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଉପରେ ପ୍ରଦତ୍ତ ଟେବୁଲରେ ଉଲ୍ଲିଖିତ ବିବରଣୀ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖରୁ କଣ୍ଟ୍ରାକଟେଡ ରେଟ୍ ଅଫ ଇଣ୍ଟ୍ରେଷ୍ଟ ଓ ଅନ୍ୟାନ୍ୟ କଷ୍ଟ ଓ ଚାର୍ଜେସ ସହିତ ମୋଟ ଦେୟ ନୋଟିସ ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ଆପଣଙ୍କୁ ଆହ୍ୱାନ କରା ଯାଉଛି। ଏଥିରେ ବିଫଳ ହେଲେ ନିମ୍ନ ସ୍ୱାକ୍ଷରିତ ସର୍ଫେଶୀ ଆଇନର ଧାରା ୧୩(୪) ଓ ଧାରା ୧୪ ଅଧିନରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଦେବା ପାଇଁ ଥିବା ଆମାଉଣ୍ଟ ପାଇବା ସକାଶେ ବନ୍ଧକ ସମ୍ପତ୍ତି ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ସହିତ ସଂପୃକ୍ତ ଆଇନର ଧାରା ୧୩(୧୩) ଅଧିନରେ ସିକ୍ୟୁର୍ଡ ସମ୍ପତ୍ତିକୁ କୌଣସି ପ୍ରକାରେ ବିକ୍ରି କିମ୍ବା ଅନ୍ୟ ଭାବେ ହସ୍ତାନ୍ତର କରିବା ପାଇଁ ଆପଣଙ୍କୁ ବାରଣ କରା ଯାଉଛି।

ସ୍ୱା/-
ଅଧିକୃତ ଅଧିକାରୀ
ତାରିଖ: ୧୭.୦୩.୨୦୨୫
ସ୍ଥାନ: ଓଡିଶା
ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)



ନୂଆଦିଲ୍ଲୀ: ଅପେକ୍ଷାର ଅନ୍ତ ଘଟିଲା। ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ପହଞ୍ଚିଲା ସ୍ପେଶ ଏକ୍ସର ମହାକାଶ ଯାନ 'ଡ୍ରାଗନ'। ଯେଉଁଥିରେ ପୃଥିବୀକୁ ଫେରିବେ ସୁନୀତା ଓ ତାଙ୍କ ସାଥି ମହାକାଶଚାରୀ ବଚ୍ ୱିଲ୍‌ମର। ଗତ ବର୍ଷ ଜୁନ୍ ୫ ତାରିଖରୁ ମହାକାଶ କେନ୍ଦ୍ରରେ ଫସି ରହିଛନ୍ତି ଉଭୟ ମହାକାଶଚାରୀ। ଭାରତୀୟ ସମୟ ଦିନ ୧୧ଟା ୧୫ ମିନିଟରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ପହଞ୍ଚିଥିଲା ଡ୍ରାଗନ। ଧୀରେ ଧୀରେ ଖୋଲିଥିଲା ଡ୍ରାଗନର ହ୍ୟାଚ୍ ବା ଡୋର ଆଉ ତା'ପରେ ଖୁସିର ଲହରି ଖେଳିଯାଇଥିଲା। ରିଲିଭର ଟିମକୁ ଦେଖି ଖୁସି ହୋଇଯାଇଥିଲେ ସୁନୀତ। ଏହି ଟିମ୍‌ରେ ଅଛନ୍ତି ୨ ଜଣ ନାସାର ମହାକାଶଚାରୀ, ଜଣେ ଜାପାନିଜ୍ ଓ ଜଣେ ରୁଷୀୟ କସମୋନଟ୍। ପରମ୍ପରା ଅନୁଯାୟୀ ୪ ଜଣଙ୍କୁ ବେଲ୍ ବଜାଇ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ସ୍ୱାଗତ କରାଯାଇଥିଲା। ଏହାପରେ ପରସ୍ପରକୁ ଆଲିଙ୍ଗନ କରିଥିଲେ ମହାକାଶଚାରୀମାନେ। ଏପରିକୁ ସୁନୀତା ୱିଲିୟମସଙ୍କୁ ଖୁସିରେ ନାଚୁଥିବାର ମଧ୍ୟ ଦେଖାଯାଇଥିଲା।

# ଶାହଙ୍କ ଉପସ୍ଥିତିରେ ଆସାମ ରାଇଫଲ୍ସ ବାଟାଲିୟନ ଜମି ମିଜୋରାମ ସରକାରଙ୍କୁ ହସ୍ତାନ୍ତର




ନୂଆଦିଲ୍ଲୀ: କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ଉପସ୍ଥିତିରେ ଆସାମ ରାଇଫଲ୍ସ ବାଟାଲିୟନ ଜମିକୁ ମିଜୋରାମ ସରକାରଙ୍କୁ ହସ୍ତାନ୍ତର ଏବଂ ମାନଚିତ୍ରର ଆନୁଷ୍ଠାନିକ ଆଦାନ ପ୍ରଦାନ ଆଜି ମିଜୋରାମର ଆଇଜୋଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମିଜୋରାମ ମୁଖ୍ୟମନ୍ତ୍ରୀ ଲାଲଦୁହୋମା, କେନ୍ଦ୍ର ଗୃହ ସଚିବ, ଗୁଇନ୍ଦା ବ୍ୟୁରୋର ନିର୍ଦ୍ଦେଶକ ଏବଂ ଆସାମ ରାଇଫଲ୍ସର ମହାନିର୍ଦ୍ଦେଶକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଅବସରରେ କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ କାର୍ଯ୍ୟକ୍ରମକୁ ମିଜୋରାମର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ବର୍ଣ୍ଣନା କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଭୌଗୋଳିକ ସ୍ଥିତି ଯୋଗୁଁ ସ୍ଥାନ ଅଭାବ ଦେଖାଦେଇଥିବା ହେତୁ ପ୍ରାୟ ୩୫ ବର୍ଷ ଧରି ଆସାମ ରାଇଫଲ୍ସକୁ ଆଭ୍ୟନ୍ତରୀଣ ଅଞ୍ଚଳକୁ ସ୍ଥାନାନ୍ତର କରିବା ପାଇଁ ଦୀର୍ଘ ଦିନ ଧରି ଦାବି ହେଉଥିଲା ଯଦ୍ୱାରା ଆଇଜୋଲ ସମେତ ମିଜୋରାମର ସାମଗ୍ରିକ ବିକାଶକୁ ସୁଗମ କରାଯାଇପାରିବ। ଆଇଜୋଲରେ ଜାଗାର ବହୁତ ଅଭାବ ଏହାର ଆଧୁନିକୀକରଣ ଏବଂ ସରକାରୀ ସୁବିଧା ବୃଦ୍ଧିରେ ବାଧା ସୃଷ୍ଟି କରୁଛି ବୋଲି ସେ ଆଲୋକପାତ କରିଥିଲେ। ଦଶନ୍ଧି ପୁରୁଣା ଏହି ଦାବିକୁ ପୂରଣ କରିବା ପାଇଁ ଶ୍ରୀ ଶାହ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ଶ୍ରେୟ ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନିଷ୍ପତ୍ତି ମିଜୋରାମର ଏକ ପ୍ରମୁଖ ଅଞ୍ଚଳରେ ଏକ ବିଶାଳ ଜମି ଉପଲବ୍ଧ କରାଇବ ଏବଂ ରାଜ୍ୟର ବିକାଶକୁ ଏକ ନୂତନ ଦିଗ ଦେବ। ଅମିତ ଶାହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଉତ୍ତର-ପୂର୍ବ କେବଳ ଦ୍ରୁତ ବିକାଶ ଦେଖୁନାହିଁ ବରଂ ଅଭୂତପୂର୍ବ ଶାନ୍ତି ଅନୁଭବ କରୁଛି। ସେ ମିଜୋରାମରେ ୨୫୦୦ କୋଟି ଟଙ୍କା ବ୍ୟୟରେ ୫୦୨-ଏ ଜାତୀୟ ରାଜପଥରେ ପ୍ୟାକେଜ୍ -୧ ଏବଂ ପ୍ୟାକେଜ୍ -୩ ଆରମ୍ଭ କରିବା ସମେତ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଉପରେ ଆଲୋକପାତ କରିଥିଲେ। ଏହାବ୍ୟତୀତ ଆଇଜୋଲ ଓ କୋଲାସିବ ଜିଲ୍ଲାର ୬ ନମ୍ବର ଜାତୀୟ ରାଜପଥରେ ୧୭୪୨ କୋଟି ଟଙ୍କା ବ୍ୟୟରେ ୪ ଲେନ୍ ରାସ୍ତା ନିର୍ମାଣ କରାଯାଉଥିବା ବେଳେ ୫୪ ନମ୍ବର ଜାତୀୟ ରାଜପଥର ଆଇଜୋଲ-ଟୁଇପାମ ସେକ୍ସନର ଡବଲ ଲେନ୍ ନିର୍ମାଣ କାର୍ଯ୍ୟ ୧୦୦୬ କୋଟି ଟଙ୍କା ବ୍ୟୟରେ ଚାଲିଛି। ସେହିପରି ୬୦୦ କୋଟି ଟଙ୍କା ବ୍ୟୟରେ ୧୬୪ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶାଲିଟି ଗବେଷଣା କେନ୍ଦ୍ର ନିର୍ମାଣ କରାଯାଉଥିବା ବେଳେ ୧୩୦୦ କୋଟି ଟଙ୍କାର ଟୁଇରିଆଲ ହାଇଡ୍ରୋ ପାୱାର ପ୍ରୋଜେକ୍ଟ ମଧ୍ୟ ଆରମ୍ଭ ହୋଇଛି। କନେକ୍ଟିଭିଟି ବଢାଇବା ପାଇଁ ସାରା ରାଜ୍ୟରେ ୩୧୪ଟି ମୋବାଇଲ ଟାୱାର ସ୍ଥାପନ କରାଯାଇଛି। ଏକ ବିକଶିତ, ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଏବଂ ସୁନ୍ଦର ମିଜୋରାମ ଗଠନ ପାଇଁ ଭାରତ ସରକାରଙ୍କ ଅତୁଟ ପ୍ରତିବଦ୍ଧତାକୁ କେନ୍ଦ୍ର ଗୃହମନ୍ତ୍ରୀ ଦୋହରାଇଥିଲେ।

## ବିମାନବନ୍ଦରରୁ ଡ୍ରଗ୍ସ ଜବତ : ୨ ମହିଳା ଗିରଫ

ମାଙ୍ଗାଲୁରୁ: ବେଙ୍ଗାଲୁରୁ ବିମାନ ବନ୍ଦରରୁ ୩୭ କିଲୋଗ୍ରାମ୍ ଡ୍ରଗ୍ସ ସହ ନାଇଜେରିଆର ୨ ମହିଳାଙ୍କୁ ଗିରଫ କରାଯାଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୭୫ କୋଟି ଟଙ୍କା ହେବ। କର୍ଣ୍ଣାଟକରେ ଏହା ସର୍ବାଧିକ ଡ୍ରଗ୍ସ ଜବତ ବୋଲି ପୋଲିସ କହିଛି। ଗିରଫ ମହିଳା ହେଲେ ବାମ୍ବା ଫାଣ୍ଟା (୩୧) ଏବଂ ଅବିଗେଲ ଆଡୋନିସ୍ (୩୦)। ସେମାନେ ଦିଲ୍ଲୀରୁ ଆସି ବେଙ୍ଗାଲୁରୁ ଏୟାରପୋର୍ଟରେ ପହଞ୍ଚିବାବେଳେ ସେମାନଙ୍କ ଟ୍ରଲିବ୍ୟାଗ୍ ?ରେ ଏମ୍‌ଡିଏମ୍ ?ଏ (ମିଥାଇଲିନ୍ ଡାୟୋକ୍ସିମିଥାମ୍ ଫେଟାମାଇନ୍) ଥିଲା ବୋଲି ମାଙ୍ଗାଲୁରୁ ପୋଲିସ କମିଶନର ଅନୁପମ ଅଗ୍ରୱାଲ ଗଣମାଧ୍ୟମକୁ କହିଛନ୍ତି। ଏଥିସହ ୪ଟି ମୋବାଇଲ ଫୋନ୍, ପାସ୍‌ପୋର୍ଟ ଏବଂ ନଗଦ ୧୮,୦୦୦ ଟଙ୍କା ଜବତ କରାଯାଇଛି। ସେମାନେ ଦିଲ୍ଲୀରେ ରହିବା ସହ ଭାରତରେ ଏମଡିଏମ୍‌ଏ ଚୋରା ଚାଲାଣରେ ସମ୍ପୃକ୍ତ ଥିଲେ। ସେମାନେ ବିମାନ ଯୋଗେ ଡ୍ରଗ୍ସ ପରିବହନ କରୁଥିଲେ। ଏଥିପାଇଁ ଗତବର୍ଷ ଅଭିଯୁକ୍ତ ମହିଳା ୩୭ ଥର ମୁମ୍ବାଇ ଏବଂ ୨୨ ଥର ବେଙ୍ଗାଲୁରୁ ଯାଇଥିଲେ। ଫାଣ୍ଟା ୨୦୨୦ରେ ଏକ ବ୍ୟବସାୟିକ ଭିଜା ବଳରେ ଭାରତ ଆସିଥିବାବେଳେ ଆଡୋନିସ୍ ୨୦୧୬ରୁ ଏଠାରେ ରହିଆସୁଛନ୍ତି। ସେମାନେ ପ୍ରାୟ ୨ ବର୍ଷ ହେବ ଡ୍ରଗ୍ସ କାରବାରରେ ସମ୍ପୃକ୍ତ ଥିବା ଅଗ୍ରୱାଲ କହିଛନ୍ତି।

## ଅନ୍ତର୍ଜାତୀୟ ଶ୍ରମ ସଂଗଠନରପରିଚାଳନା ପରିଷଦ ବୈଠକରେ ନେତୃତ୍ୱ ନେଲେ ଶ୍ରମ ଏବଂ ନିଯୁକ୍ତି ସଚିବ ସୁମିତା ଦାଓରା



ନୂଆଦିଲ୍ଲୀ: ଆନ୍ତର୍ଜାତିକ ଶ୍ରମ ସଂଗଠନ (ଆଇଏଲ୍‌ଓ)ର ୩୫୩ତମ ପରିଚାଳନା ପରିଷଦ ବୈଠକ ୧୦ ମାର୍ଚ୍ଚରୁ ୨୦ ମାର୍ଚ୍ଚ, ୨୦୨୫ ପର୍ଯ୍ୟନ୍ତ ସୁଇଜରଲ୍ୟାଣ୍ଡର ଜେନେଭାରେ ଅନୁଷ୍ଠିତ ହେଉଛି। ଏହି ବୈଠକରେ ଆଇଏଲ୍‌ଓର ତିନୋଟି ଅଙ୍ଗ ସରକାର, କର୍ମଚାରୀ ଏବଂ ନିଯୁକ୍ତିଦାତାଙ୍କୁ ଏକତ୍ରିତ କରାଯାଇ ଶାସନ ସହିତ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଆଲୋଚନା ପାଇଁ ସୁଯୋଗ ସୃଷ୍ଟି କରାଯାଇଛି। ଭାରତ ସରକାରଙ୍କ ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟର ସଚିବ ସୁମିତା ଦାଓରାଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧିମଣ୍ଡଳ ପ୍ରମୁଖ ପ୍ରସଙ୍ଗଗୁଡ଼ିକରେ ଆଲୋଚନା ପାଇଁ ସୁଯୋଗ ସୃଷ୍ଟି କରିଥିଲା। ଚଳିତ ବର୍ଷ ଶେଷ ଆଡ଼କୁ କାତାରର ଦୋହାଠାରେ ଜାତିସଂଘ ନେତୃତ୍ୱରେ ସାମାଜିକ ବିକାଶ ପାଇଁ ଆୟୋଜିତ ହେବାକୁ ଥିବା ତୀୟ ବିଶ୍ୱ ସମ୍ମିଳନୀ ପାଇଁ ଆଇଏଲ୍‌ଓକୁ ସମର୍ଥନ କରିଛି। କାରଣ ଏହା ୨୦୩୦ ସୁଦ୍ଧା ସାମାଜିକ ବିକାଶ ପାଇଁ ଏଜେଣ୍ଡାକୁ ସୁଦୃଢ଼ କରିବା ଲକ୍ଷ୍ୟ ରଖିଛି। ଏହି ପରିପ୍ରେକ୍ଷୀରେ, ଭାରତର ପ୍ରମୁଖ ସଂସ୍ଥା ଏବଂ ଯୋଜନା ଯେପରିକି ଇପିଏଫ୍‌ଓ (୭.୩୭ କୋଟି ସଦସ୍ୟ), ଇଏସ୍‌ଆଇସି (୧୪.୪ କୋଟି ହିତାଧିକାରୀ), ଇ-ଶ୍ରମ ପୋର୍ଟାଲ (୩୦.୬ କୋଟି ପଞ୍ଜିକୃତ ଅଣସଂଗଠିତ ସଦସ୍ୟ), ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (୬୦ କୋଟି ହିତାଧିକାରୀ) ଏବଂ ଲକ୍ଷ୍ୟଭିତ୍ତିକ ପିଡିଏସ୍ (୮୧.୩୫ କୋଟି ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା) ର ଅବଦାନକୁ ସ୍ୱୀକାର କରାଯାଇଥିଲା। ପ୍ରବାସୀ ଶ୍ରମିକଙ୍କ କ୍ଷେତ୍ରରେ ବିଶ୍ୱର ବଡ଼ ଦେଶମାନଙ୍କ ଭିତରେ ଅନ୍ୟତମ ତଥା ସର୍ବାଧିକ ଅର୍ଥ ପ୍ରାପ୍ତିକର୍ତ୍ତା ଭାବରେ ପରିଚିତ ଭାରତ ନିଜର ସୁପରିଚାଳିତ, ଦକ୍ଷତା-ଆଧାରିତ ପ୍ରବାସ ପଥଗୁଡ଼ିକୁ ପ୍ରୋତ୍ସାହିତ କରିବାରେ ଅଧିକ ବିଶ୍ୱସ୍ତରୀୟ ସହଯୋଗ ପାଇଁ ନିଜର ସମର୍ଥନକୁ ପୁନର୍ବାର ଦୋହରାଇଛି। ରାସାୟନିକ ପଦାର୍ଥ ଏବଂ ଏହାର ଅପଚୟ ଜନିତ କ୍ଷତିମୁକ୍ତ ଗ୍ରହ ନିଶ୍ଚିତ କରିବା ଏବଂ ଶ୍ରମିକ, ସମ୍ପ୍ରଦାୟ ଏବଂ ପରିବେଶକୁ ସୁରକ୍ଷା ଦେବା ପାଇଁ ଭାରତ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। 'ବନ୍' ଘୋଷଣାନାମା ଅନୁସାରେ ଆଇଏଲ୍‌ଓ ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟଗୁଡ଼ିକୁ ଏଠାରେ ସ୍ୱୀକୃତି ଦିଆଯାଇଥିଲା। ଭାରତୀୟ ପ୍ରତିନିଧିମଣ୍ଡଳ ଆନ୍ତର୍ଜାତିକ ଶ୍ରମ ସଂଗଠନର ମହାନିର୍ଦ୍ଦେଶକ ଏବଂ ବରିଷ୍ଠ ବିଶେଷଜ୍ଞଙ୍କ ସମେତ ଶ୍ରମ ଏବଂ ନିଯୁକ୍ତି ପ୍ରସଙ୍ଗରେ ଅନ୍ୟ ଦେଶର ପ୍ରତିନିଧିମାନଙ୍କ ସହିତ ଭାରତୀୟ ପ୍ରତିନିଧି ମଣ୍ଡଳୀ ଅନେକ ଦ୍ୱିପାକ୍ଷିକ ଆଲୋଚନା ମଧ୍ୟ କରିଥିଲେ। ସୁଶ୍ରୀ ଦାଓରା ଆନ୍ତର୍ଜାତିକ ଶ୍ରମ ସଂଗଠନର ମହାନିର୍ଦ୍ଦେଶକ ଗିଲବର୍ଟ ଏଫ୍. ହୌଙ୍ଗବୋଙ୍କୁ ଭେଟିଥିଲେ ଏବଂ ତାଙ୍କର ପ୍ରମୁଖ ପଦକ୍ଷେପ ଗ୍ଲୋବାଲ୍ କୋଆଲିସନ୍ ଫର ସୋସିଆଲ ଜଷ୍ଟିସ୍ ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଆଇଏଲ୍‌ଓ ଏବଂ ଓଇସିଡିଦ୍ୱାରା ବୃତ୍ତିର ଆନ୍ତର୍ଜାତୀୟ ସନ୍ଦର୍ଭ ବର୍ଗୀକରଣ ବିକାଶ ଶୀର୍ଷକ ସମ୍ଭାବ୍ୟତା ଅଧ୍ୟୟନ ପାଇଁ ଆଇଏଲ୍‌ଓକୁ ଭାରତର ପ୍ରଥମ ସ୍ୱେଚ୍ଛାକୃତ ଆର୍ଥିକ ସହାୟତାକୁ ନେଇ ଡିଜି ମଧ୍ୟ କୃତଜ୍ଞତା ପ୍ରକାଶ କରିଥିଲେ। ଭାରତୀୟ ପ୍ରତିନିଧିମଣ୍ଡଳରେ ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟର ଉପନିର୍ଦ୍ଦେଶକ ରାକେଶ ଗୌର ସାମିଲ ଥିଲେ।

## ପଦ୍ମ ପୁରସ୍କାର ପାଇଁ ନାମାଙ୍କନ ଆରମ୍ଭ

ନୂଆଦିଲ୍ଲୀ : ପଦ୍ମ ପୁରସ୍କାର-୨୦୨୬ ପାଇଁ ନାମାଙ୍କନ ଆଜିଠାରୁ ଆରମ୍ଭ ହୋଇଛି। ପଦ୍ମ ପୁରସ୍କାର ପାଇଁ ନାମାଙ୍କନର ଶେଷ ତାରିଖ ୩୧ ଜୁଲାଇ, ୨୦୨୫। ଅନଲାଇନରେ କେବଳ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲhttps://awards.gov.inରେ ଏହି ପୁରସ୍କାର ଲାଗି ନାମାଙ୍କନ ଅଥବା ନାମାଙ୍କନ ଲାଗି ସୁପାରିସ ଗ୍ରହଣ କରାଯିବ। ୨୦୨୬ ଗଣତନ୍ତ୍ର ଦିବସ ଅବସରରେ ପୁରସ୍କାର ପାଇଁ ମନୋନୀତ ବ୍ୟକ୍ତିଙ୍କ ନାମ ଘୋଷଣା କରାଯିବ। ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର ମଧ୍ୟରୁ ପଦ୍ମ ପୁରସ୍କାର ଅନ୍ୟତମ। ଏହି ବର୍ଗରେ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥାଏ। ୧୯୫୪ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ପୁରସ୍କାର ପ୍ରତିବର୍ଷ ଗଣତନ୍ତ୍ର ଦିବସ ଅବସରରେ ଘୋଷଣା କରାଯାଏ। ଏହି ପୁରସ୍କାରସବୁ ସାଧାରଣ ବ୍ୟକ୍ତିବିଶେଷଙ୍କ 'ଉଲ୍ଲେଖନୀୟ ଅବଦାନ'କୁ ସ୍ୱୀକୃତିଦେବାପାଇଁଉଦ୍ଦିଷ୍ଟଏବଂକଳା, ସାହିତ୍ୟ ଏବଂ ଶିକ୍ଷା, କ୍ରୀଡା, ଔଷଧ, ସମାଜସେବା, ବିଜ୍ଞାନ ଏବଂ ଇଞ୍ଜିନିୟରିଂ, ଲୋକ ବ୍ୟାପାର, ନାଗରିକ ସେବା, ବାଣିଜ୍ୟ ଏବଂ ଶିଳ୍ପ ଇତ୍ୟାଦି ସମସ୍ତ କ୍ଷେତ୍ର ବା ବିଷୟରେରେବିଶିଷ୍ଟ ଏବଂ ଅସାଧାରଣ ସଫଳତା ତଥା ସେବା ପାଇଁ ପ୍ରଦାନ କରାଯାଏ। ଜାତି, ବୃତ୍ତି, ପଦବୀ କିମ୍ବା ଲିଙ୍ଗ ନିର୍ବିଶେଷରେ ସମସ୍ତ ବ୍ୟକ୍ତି ଏହି ପୁରସ୍କାର ପାଇଁ ଯୋଗ୍ୟ। ଡାକ୍ତର ଏବଂ ବୈଜ୍ଞାନିକମାନଙ୍କୁ ଛାଡ଼ି ପିଏସୟୁରେ କାମ କରୁଥିବା ତଥା କୌଣସି ସରକାରୀ କର୍ମଚାରୀ ପଦ୍ମ ପୁରସ୍କାର ପାଇଁ ଯୋଗ୍ୟ ନୁହଁନ୍ତି। ସରକାର ପଦ୍ମ ପୁରସ୍କାରକୁ 'ଜନତା ପଦ୍ମ'ରେ ପରିଣତ କରିବାକୁ ପ୍ରତିବଦ୍ଧ। ତେଣୁ, ସମସ୍ତ ନାଗରିକଙ୍କୁ ନିଜ ପାଇଁ ମନୋନୟନକରିବା ଏବଂ ଅନ୍ୟ ପାଇଁ ସୁପାରିଶ କରିବାକୁ ଅନୁରୋଧ କରାଯାଇଛି। ନାମାଙ୍କନ ବା ସୁପାରିଶପତ୍ର ନିର୍ଦ୍ଧାରିତ ପୋର୍ଟାଲରେ ଉପଲବ୍ଧ ଫର୍ମାଟ ମାଧ୍ୟମରେ ପ୍ରଦତ୍ତ ସମସ୍ତ ପ୍ରାସଙ୍ଗିକ ବିବରଣୀ ସହ ହେବା ଉଚିତ। ଏଥିରେ ଏକ ବର୍ଣ୍ଣାତ୍ମକ ପ୍ରଶଂସାପତ୍ର (ସର୍ବାଧିକ ୮୦୦ ଶବ୍ଦ) ଅନ୍ତର୍ଭୁକ୍ତ ହେବା ଆବଶ୍ୟକ।

## ଶୋଷିତ ଓ ପୀଡିତଙ୍କୁ ନ୍ୟାୟ ଦିଅ: ବିଷ୍ଣୁଦେବ



ରାୟପୁର: ଯଶପୁର ଜିଲ୍ଲାର ନ୍ୟାୟାଳୟଠାରେ ଆୟୋଜିତ ଜିଲ୍ଲା ଅଧିବକ୍ତା ସଂଘର ଶପଥ ଗ୍ରହଣ ସମାରୋହରେ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଯୋଗଦେଇ ନବନିର୍ବାଚିତ ପଦାଧିକାରୀଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବା ସହ ନ୍ୟାୟିକ ସେବା ପ୍ରତି ସମର୍ପଣଭାବ ରଖିବାକୁ ଆହ୍ୱାନ ଦେଇଛନ୍ତି। ଏହି ସମାରୋହରେ ପ୍ରଧାନଜିଲ୍ଲା ନ୍ୟାୟଧିଶ ମନ୍‌ସୁର ଅହମ୍ମଦ, ଅତିରିକ୍ତ ଜିଲ୍ଲା ନ୍ୟାୟଧିଶ ଜନାର୍ଦ୍ଦନ ଖରେ, ବିଧାୟକ ଗୋମତି ସାଏ, ରାନୁମତି ଭଗତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ। ଅଧିବକ୍ତ ସଂଘର ସଭାପତି ଭାବେ ଓମ୍‌ପ୍ରକାଶ ସାଏ ଶପଥ ନେଇଥିବା ବେଳେ ବରିଷ୍ଠ ଉପାଧ୍ୟକ୍ଷ ଭାବେ ଜନାର୍ଦ୍ଦନ ପ୍ରସାଦ ସିହ୍ନା, କନିଷ୍ଠ ଉପାଧ୍ୟକ୍ଷ ଦୀପିକା କୁଜୁରୁ, ସଚିବ ସତ୍ୟପ୍ରକାଶ ତିୱାରୀ, ସହକାରୀ ସଚିବ ସୁରଜ ଚୌରାଶିଆ, କୋଷାଧ୍ୟକ୍ଷ ସୁଚେନ୍ଦ୍ର କୁମାର ସିଂ, ଗ୍ରନ୍ଥପାଳ ଗୋପାଳ ପ୍ରସାଦ ରଖୋନି, କ୍ରୀଡା ଏବଂ ସାଂସ୍କୃତିକ ସଂପାଦ ସତ୍ୟନ୍ଦ୍ର ଜୋଲେହ୍ନ ଶପଥ ନେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଅଧିବକ୍ତା ସଂଘର ଭାଙ୍ଗିରୁଜି ଯାଇଥିବା ଘର ଏବଂ ଇ-ଲାଇବ୍ରେରୀ ନିର୍ମାଣ ପାଇଁ ୧କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ଶ୍ରୀ ସାଏ କହିଥିଲେ ଯଶପୁର ଜିଲ୍ଲା ଅଧିବକ୍ତା ସଂଘ ଆମ ରାଜ୍ୟର ଏକ ଅଗ୍ରଣୀ ସଂଘ ଭାବେ ମାନ୍ୟତା ପାଇଛି। ଆଗାମୀ ଦିନରେ ସଂଘର କର୍ମକର୍ତ୍ତା ସମାଜର ସେବାରେ ନିଜକୁ ନିୟୋଜିତ କରିବା ସହ ଗରିବଙ୍କୁ ନ୍ୟାୟ ଦେବାରେ ସଫଳ ହେବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ।

# ବାଣିଜ୍ୟ



ଡେରାଡୁନ୍: କେଦାରନାଥ ଧାମ୍‌ରେ ଅଣହିନ୍ଦୁଙ୍କ ପ୍ରବେଶ ଏବଂ ଗତିବିଧି ଉପରେ କଟକଣା ଲଗାଯିବା ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ଏନେଇ କେଦାରନାଥର ଭାଜପା ବିଧାୟିକା ଆଶା ନୋଟିୟାଲ କହିଛନ୍ତି, କେତେକ ଅଣହିନ୍ଦୁ ତତ୍ତ୍ୱ କେଦାରନାଥ ଧାମ୍‌ର ପବିତ୍ରତାକୁ ନଷ୍ଟ କରିବା ପାଇଁ ପ୍ରୟାସ କରୁଛନ୍ତି। ସେମାନେ ଏଠାରେ ମାଛ, ମାଂସ, ମଦ ଆଦି ପରଷିବା କାର୍ଯ୍ୟରେ ଲିପ୍ତ ଅଛନ୍ତି। ଫଳରେ କେଦାରନାଥ ଧାମ୍‌ର ଗରିମା ଏବଂ ସମ୍ମାନକୁ କ୍ଷତି ପହଞ୍ଚୁଛି। ଏଭଳି ତତ୍ତ୍ୱଙ୍କୁ ଚିହ୍ନଟ କରି କେଦାରନାଥ ମନ୍ଦିରରେ ସେମାନଙ୍କର ପ୍ରବେଶ ଉପରେ କଟକଣା ଲଗାଇବାକୁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଥିବା ସେ କହିଛନ୍ତି। ନିକଟରେ ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କ ମନ୍ତ୍ରୀ ସୌରଭ ବହୁଗୁଣା ଜିଲା ପ୍ରଶାସନ, ଅଧିକାରୀ ଏବଂ ସ୍ଥାନୀୟ ଲୋକଙ୍କ ସହ ଏକ ବୈଠକ କରିଥିଲେ। କେଦାରନାଥ ଧାମ୍‌କୁ ବଦ୍‌ନାମ କରିବାକୁ ପ୍ରୟାସ କରୁଥିବା ଅଣହିନ୍ଦୁ ତତ୍ତ୍ୱଙ୍କୁ ଚିହ୍ନଟ କରି ମନ୍ଦିର ମଧ୍ୟରେ ସେମାନଙ୍କ ପ୍ରବେଶ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରାଯାଉ ବୋଲି ଏହି ବୈଠକରେ ପ୍ରସ୍ତାବ ଦିଆଯାଇଛି। ତେବେ ଆଶାଙ୍କ ଏହି ମନ୍ତବ୍ୟକୁ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ହରିଶ ରାୱତ ସମାଲୋଚନା କରିଛନ୍ତି।

## ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଏବଂ ସିଏସଆଇଆର୍‌ଓ ସହଯୋଗରେ ହେବ ପ୍ରକଳ୍ପ




ନୂଆଦିଲ୍ଲୀ : ଭାରତୀୟ ବଂଶୋଦ୍ଭବ ଟାଇଟାନିୟମ ଖଣିଜ ପଦାର୍ଥ ଏବଂ ଭାନେଡିୟମ୍ ଧାରଣ କାରୀ ଟାଇଟାନିୟମ ଖଣିଜ ପଦାର୍ଥରୁ ଟାଇଟାନିୟମ ଡାଇଅକ୍ସାଇଡ୍‌ର ପୁନରୁଦ୍ଧାର ନେଇ ଅଷ୍ଟ୍ରେଲିଆର ଜାତୀୟ ବିଜ୍ଞାନ ସଂସ୍ଥା ସିଏସଆଇଆରଓ ସହ ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ପରିଷଦ (ସିଏସ୍‌ଆଇଆର୍) ଏହାର ସାମ୍ବିଧାନିକ ପରୀକ୍ଷାଗାର ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ ଟେକ୍ନୋଲୋଜି (ସିଏସ୍‌ଆଇଆର୍ ଆଇଏମଏମଟି) ଜରିଆରେ ଏକ ଗବେଷଣା ଓ ବିକାଶ ଚୁକ୍ତି ସ୍ୱାକ୍ଷର କରିଛି। ସିଏସ୍‌ଆଇଆର-ଆଇଏମଏମଟି ର ଡ. ଆର୍. ପି. ଦାସ ସେଣ୍ଟର ଫର୍ ହାଇଡ୍ରୋ, ବାୟୋ ଆଣ୍ଡ ଇଲେକ୍ଟ୍ରୋମେଟାଲର୍ଜି, ସିଏସଆଇଆର-ଆଇଏମଏମଟିରେ ସିଏସଆଇଆର-ଆଇଏମଏମଟି ଏବଂ ସିଏସଆଇଆରଓ ଦ୍ୱାରା ସ୍ୱାକ୍ଷରିତ ପ୍ରକଳ୍ପ ରାଜିନାମା ଆଦାନ ପ୍ରଦାନ ସହିତ ଏହି ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ସିଏସଆଇଆରଓର ପ୍ରମୁଖ ଗବେଷଣା ବୈଜ୍ଞାନିକ ଡ. ଗୌତମ କୁମାର ଦାସ ଏବଂ ସିଏସ୍‌ଆଇଆର ଆଇଏମଏମଟି ଜଳ, ଜୈବ ଏବଂ ଇଲେକ୍ଟ୍ରୋମେଟାଲର୍ଜି ବିଭାଗର ମୁଖ୍ୟ ବୈଜ୍ଞାନିକ ତଥା ମୁଖ୍ୟ ଡ. କାଳୀ ସଞ୍ଜୟ ଏହି ପ୍ରକଳ୍ପ ସହଯୋଗର ନେତୃତ୍ୱ ନେବେ। ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡକ୍ଟର ରାମାନୁଜ ନାରାୟଣ ଧନ୍ୟବାଦ ଅର୍ପଣ କରି କହିଲେ, 'ସିଏସଆଇଆର-ଆଇଏମଏମଟି ଏବଂ ସିଏସଆଇଆରଓ ମଧ୍ୟରେ ଏହି ସହଯୋଗ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥରେ ଆତ୍ମନିର୍ଭରଶୀଳତା ପାଇଁ ଭାରତର ଅଭିଯାନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଅଷ୍ଟ୍ରେଲିଆର ସିଏସଆଇଆରଓର ପ୍ରମୁଖ ଗବେଷଣା ବୈଜ୍ଞାନିକ ଡ. ଗୌତମ ଦାସ କହିଛନ୍ତି, ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ସିଏସଆଇଆରଓ ସିଏସଆଇଆର-ଆଇଏମଏମଟି ସହ ଭାଗିଦାରୀ କରି ଗର୍ବ ଅନୁଭବ କରୁଛି। ସିଏସଆଇଆର-ଆଇଏମଏମଟିର ହାଇଡ୍ରୋ, ବାୟୋ ଆଣ୍ଡ ଇଲେକ୍ଟ୍ରୋମେଟାଲର୍ଜିର ମୁଖ୍ୟ ଡ. କାଳୀ ସଞ୍ଜୟ କହିଲେ, 'ସିଏସଆଇଆର-ଆଇଏମଏମଟିରେ ଆମେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପ୍ରକ୍ରିୟାକରଣ ପାଇଁ ଅଭିନବ ସମାଧାନ ବିକଶିତ କରିବାରେ ଅଗ୍ରଣୀ ରହିଛୁ। ସିଏସଆଇଆରଓର ଗ୍ରୁପ୍ ଲିଡର୍ (କ୍ରିଟିକାଲ ମିନେରାଲ୍ସ ପ୍ରୋସେସିଂ) ଡ. ଜୋଆନ୍ ଲୋହ ଏବଂ ସିଏସ୍‌ଆଇଆର ଆଇଏମଏମଟି ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ସମନ୍ୱୟ ପରିଚାଳନା କରିବେ। ଏହି ସହଯୋଗକୁ ସିଏସଆଇଆରଓର ଭାରତ-ଅଷ୍ଟ୍ରେଲିଆ କ୍ରିଟିକାଲ ମିନେରାଲ୍ସ ରିସର୍ଚ୍ଚ ପାର୍ଟନରସିପ୍ ଦ୍ୱାରା ପାଣ୍ଠି ଯୋଗାଇ ଦିଆଯାଉଛି, ଯାହା କି ଅଷ୍ଟ୍ରେଲିଆ ଫେଡେରାଲ ସରକାରଙ୍କ ଅପଡେଟ୍ ଇଣ୍ଡିଆ ଇକୋନୋମିକ ଷ୍ଟ୍ରାଟେଜି (ଆଇଇଏସ୍) ଅଧୀନରେ ୨୦୩୫ ପର୍ଯ୍ୟନ୍ତ ଏକ ପଦକ୍ଷେପ। ଏହି ପଦକ୍ଷେପ ଉଭୟ ଦେଶର ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ପଦାର୍ଥ ପାଇଁ ସ୍ଥାୟୀ ଏବଂ ସ୍ଥିର ଯୋଗାଣ ଶୃଙ୍ଖଳା ବିକାଶ ଉପରେ ଗୁରୁତ୍ୱାରୋପ କରେ। ଏହି ପ୍ରକଳ୍ପ ଭାରତୀୟ ଖଣିଜ ପଦାର୍ଥର ପ୍ରକ୍ରିୟାକରଣକୁ ଅଗ୍ରସର କରିବ, ଯାହା ସମ୍ଭବତଃ ଭାରତର ବିଶାଳ ଟାଇଟାନିୟମ ଜମାକୁ ଉନ୍ମୋଚନ କରିବ - ବିଶ୍ୱର ତୃତୀୟ ବୃହତ୍ତମ - ଏବଂ ଅଷ୍ଟ୍ରେଲିଆ ଜମା ଉପରେ ସିଏସଆଇଆରଓର ଚାଲିଥିବା ଗବେଷଣାକୁ ସମର୍ଥନ କରିବ।

## ଜମାକାରୀଙ୍କୁ ଚିନ୍ତା କରିବାର ଆବଶ୍ୟକତା ନାହିଁ: ଆର୍‌ବିଆଇ

ନୂଆଦିଲ୍ଲୀ: ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କରେ ଚାଲିଥିବା ସଂକଟ ଭିତରେ କେନ୍ଦ୍ରୀୟ ବ୍ୟାଙ୍କ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏକ ବୟାନ ଜାରି କରିଛି। ଏହି ବୟାନରେ ରିଜର୍ଭ ବ୍ୟାଙ୍କ କହିଛି ଯେ ଇଣ୍ଡସ୍ ଇଣ୍ଡ ବ୍ୟାଙ୍କ ଆର୍ଥିକ ରୂପେ ସ୍ଥିର ଅଛି ଓ ବ୍ୟାଙ୍କ ପାଖରେ ପର୍ଯ୍ୟାପ୍ତ ମାତ୍ରାରେ ପୁଞ୍ଜି ରହିଛି। ତେଣୁ ଜମାକାରୀଙ୍କୁ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ। ରିଜର୍ଭ ବ୍ୟାଙ୍କ ନିଜ ବିବୃତ୍ତିରେ କହିଛି ଯେ ବ୍ୟାଙ୍କର ଆର୍ଥିକ ପରିଣାମକୁ ଅଡିଟରଙ୍କ ଦ୍ୱାରା ସମୀକ୍ଷା କରାଯାଇଛି। ଏଥିରେ ଜଣାପଡ଼ିଛି ଯେ ୨୦୨୪ ଡିସେମ୍ବର ୩୧ରେ ଶେଷ ହୋଇଥିବା ତ୍ରୈମାସରେ ପର୍ଯ୍ୟାପ୍ତ ପୁଞ୍ଜି ରହିଛି ଓ ଏହାର ପୁଞ୍ଜି ପର୍ଯ୍ୟାପ୍ତତା ୧୬.୪୬ ପ୍ରତିଶତ ରହିଛି। ଅନ୍ୟପଟେ ଯୋଗାଣ କଭରେଜ୍ ଅନୁପାତ ୭୦.୨୦ ପ୍ରତିଶତ ରହିଛି। ରିଜର୍ଭ ବ୍ୟାଙ୍କ ଅନୁସାରେ ଇଣ୍ଡସ୍ ଇଣ୍ଡ ବ୍ୟାଙ୍କର ୨୦୨୫ ମାର୍ଚ୍ଚ ୯ ଯାଏ ଲିକ୍ୱିଡିଟି କଭରେଜ୍ ଅନୁପାତ ୧୧୩ ପ୍ରତିଶତ ରହିଛି। ଆରବିଆଇ ଶନିବାର ଇଣ୍ଡସଇଣ୍ଡ ବ୍ୟାଙ୍କର ବୋର୍ଡକୁ ପରାମର୍ଶ ଦେଇ ଚଳିତ ତ୍ରୈମାସରେ ବ୍ୟାଙ୍କ ଦ୍ୱାରା ଘୋଷିତ ୨୧୦୦ କୋଟି ଟଙ୍କାର ଆର୍ଥିକ ଅନିୟମିତତା ଭିତରେ ସଂସ୍କାରମୂଳକ ପଦକ୍ଷେପ ନେବା ପାଇଁ କହିଛି।

## ଭାରତରେ ଅଗ୍ରଣୀ ସ୍ଥାନ ସୁଦୃଢ଼ କରିଛି ଜିଓ

ନୂଆଦିଲ୍ଲୀ : ରିଲାଏନ୍ସ ଜିଓର ଜିଓ ଏୟାରଫାଇବର ସେବା ଭାରତରେ ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ (ଏଫଡ଼ବ୍ଲ୍ୟୁଏ) ସେବା ମାଧ୍ୟମରେ ଘରଗୁଡ଼ିକୁ ହାଇ ସ୍ପିଡ଼ ବ୍ରଡ଼ବ୍ୟାଣ୍ଡ ସଂଯୋଗ କରିବାର ଗତିକୁ ଏକ ନୂତନ ସ୍ତରକୁ ନେଇଯାଇଛି। ସଦ୍ୟତମ ତଥ୍ୟ ଅନୁଯାୟୀ, ଜିଓ ଡିସେମ୍ବର ୨୦୨୪ ରେ ଶେଷ ହୋଇଥିବା ତ୍ରୈମାସିକରେ ୨୦ ଲକ୍ଷ ନୂତନ ଘରକୁ ବ୍ରଡ଼ବ୍ୟାଣ୍ଡ ସଂଯୋଗ ସହ ଯୋଡିଛି, ଯାହା ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାରତୀ ଏୟାରଟେଲ ତୁଳନାରେ ତିନି ଗୁଣ ଅଧିକ। ଜିଓ ପକ୍ଷରୁ ପ୍ରକାଶ କରାଯାଇଛି ଯେ ଏହାର ୪୫ ଲକ୍ଷ ଘର ଏବେ ୫ଜି ଫିକ୍ସଡ୍ ୱାୟାରଲେସ୍ ଆଧାରିତ ଜିଓ ଏୟାରଫାଇବର ସହିତ ସଂଯୁକ୍ତ, ଯାହା ଏହି ତ୍ରୈମାସିକରେ ମୋଟ ନୂତନ ସଂଯୋଗର ୮୫% ଅଟେ। ସବୁଠାରୁ ବଡ କଥା ହେଉଛି ଏହି ଗ୍ରାହକମାନଙ୍କ ମଧ୍ୟରୁ ୭୦% ଦେଶର ୧,୦୦୦ ବଡ ସହର ବାହାରର, ଯାହା ସ୍ପଷ୍ଟ କରିଛି ଯେ ଛୋଟ ସହର ଏବଂ ଗ୍ରାମାଞ୍ଚଳରେ ଏହି ସେବାର ବହୁତ ଚାହିଦା ଅଛି। ସିଏଲଏସଏ ରିସର୍ଚ୍ଚ ଅନୁଯାୟୀ, ଜିଓର ମୋଟ ୧.୭ କୋଟି ଘରୋଇ ବା ହୋମ ବ୍ରଡ଼ବ୍ୟାଣ୍ଡ ଗ୍ରାହକ ଅଛନ୍ତି, ଯାହା ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲର ୯୨ ଲକ୍ଷ ଗ୍ରାହକଙ୍କଠାରୁ ୯୦% ଅଧିକ ରହିଛି। ଭାରତର ଘରୋଇ ବ୍ରଡବ୍ୟାଣ୍ଡ ବଜାରରେ ଉଭୟ କମ୍ପାନୀର ମିଳିତ ଭାବରେ ପ୍ରାୟ ୬୦% ଅଂଶ ରହିଛି। ରିପୋର୍ଟ ଅନୁଯାୟୀ, ଜିଓର ୫ଜି ଷ୍ଟାଣ୍ଡଏଲୋନ୍ ପ୍ରଯୁକ୍ତି ଏବଂ ସାରା ଭାରତରେ ଏଫଡ଼ବ୍ଲ୍ୟୁଏ ଉପଲବ୍ଧତା ଏହାକୁ ଅନ୍ୟ କମ୍ପାନୀଗୁଡ଼ିକ ତୁଳନାରେ ଅଗ୍ରଣୀ କରିଛି। ମୋତିଲାଲ ଓସୱାଲର ଏକ ରିପୋର୍ଟ ଅନୁଯାୟୀ, 'ବହୁତ କମ ସମୟ ମଧ୍ୟରେ, ଜିଓ ଏହାର ଏଫଡ଼ବ୍ଲ୍ୟୁଏ ସେବା ଜିଓ ଏୟାରଫାଇବରକୁ ୪୫ ଲକ୍ଷ ଘରେ ପହଞ୍ଚାଇଛି ଏବଂ ଆଗାମୀ କିଛି ତ୍ରୟମାସ ମଧ୍ୟରେ ବିଶ୍ୱର ସର୍ବବୃହତ ଏଫଡ଼ବ୍ଲ୍ୟୁଏ ସେବା ପ୍ରଦାନକାରୀ ହେବାର ଆଶା କରାଯାଉଛି।' କାଉଣ୍ଟରପଏଣ୍ଟ ରିସର୍ଚ୍ଚ ଅନୁଯାୟୀ, ଭାରତ ୨୦୨୭ ସୁଦ୍ଧା ଆମେରିକାକୁ ପଛରେ ପକାଇ ବିଶ୍ୱର ସର୍ବବୃହତ ୫ଜି ଏଫଡ଼ବ୍ଲ୍ୟୁଏ ବଜାର ହୋଇପାରିବ। 'ଜିଓ ଏୟାରଫାଇବରର ଦ୍ରୁତ ବଢୁଥିବା ଲୋକପ୍ରିୟତା ଏବଂ ଗ୍ରାହକଙ୍କ ପରିବର୍ତ୍ତନଶୀଳ ବିଷୟବସ୍ତୁ ବ୍ୟବହାର ଅଭ୍ୟାସ ଘରୋଇ ବ୍ରଡବ୍ୟାଣ୍ଡ ବଜାରରେ ଏକ ବିଶାଳ ଅଭିବୃଦ୍ଧି ଆଣିବ ବୋଲି ଆଶା କରାଯାଉଥିବା ସିଏଲଏସଏ ଏହାର ରିପୋର୍ଟରେ କହିଛି। ସିଏଲଏସଏ ଆକଳନ କରିଛି ଯେ ଘରୋଇ ଯୋଗାଯୋଗ ସଂଯୋଗ ଏବଂ ବଣ୍ଡଲ୍ଡ କଣ୍ଟେଣ୍ଟରୁ ବାର୍ଷିକ ୧୧ ରୁ ୧୫ ବିଲିୟନ ଡଲାର ରାଜସ୍ୱ ମିଳିପାରିବ। ଜିଓର ଆକ୍ରମଣାତ୍ମକ ରଣନୀତି ଏବଂ ବ୍ୟାପକ ୫ଜି ନେଟୱାର୍କ ବିସ୍ତାର ଏହାକୁ ଭାରତର ଡିଜିଟାଲ୍ ଦୃଶ୍ୟପଟରେ ଆହୁରି ମଜଭୁତ ଶକ୍ତି ଭାବରେ ପ୍ରସ୍ତୁତ କରୁଛି ଏବଂ ବର୍ତ୍ତମାନ ସମୟରେ ଜିଓ ଭାରତରେ ଘରୋଇ ବା ହୋମ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ଏକ ସ୍ପଷ୍ଟ ଅଗ୍ରଣୀ ସ୍ଥାନ ନେଇସାରିଛି।

## ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ପକ୍ଷରୁ ୧୦୦ତମ ବିମାନକୁ ସ୍ୱାଗତ




ନୂଆଦିଲ୍ଲୀ:ଏୟାର ଇଣ୍ଡିଆ ଏକ୍ସପ୍ରେସ ଏହାର ୧୦୦ତମ ବିମାନ ବୋଇଂ ୭୩୭-୮କୁ ନିଜ ଫ୍ଲିଟ୍‌ରେ ସାମିଲ କରିଛି। ଏୟାର ଇଣ୍ଡିଆ ଏକ୍ସପ୍ରେସର ପରିଚାଳନା ନିର୍ଦ୍ଦେଶକ ଆଲୋକ ସିଂହ ବେଙ୍ଗାଲୁରୁର କେମ୍ପେଗୌଡା ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଏହି ବିମାନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହାପରେ ବିମାନଟି ବେଙ୍ଗାଲୁରୁ-ହିଣ୍ଡୋନ୍ ରୁଟ୍‌ରେ ଚଳାଚଳ କରିଥିଲା। ଚଳିତ ମାସ ପ୍ରାରମ୍ଭରେ ଏୟାରଲାଇନ୍ସର ନେଟୱାର୍କରେ ହିଣ୍ଡନ (ଗାଜିଆବାଦ, ଦିଲ୍ଲୀ ଏନସିଆର)କୁ ଯୋଡ଼ିବା ଏହାର ଦ୍ରୁତ ବିସ୍ତାରକୁ ସୂଚାଉଛି ଯାହା ଜାତୀୟ ରାଜଧାନୀ ଅଂଚଳର ଦୁଇଟି ବିମାନବନ୍ଦରକୁ ସେବା ପ୍ରଦାନ କରୁଥିବା ପ୍ରଥମ ଏବଂ ଏକମାତ୍ର ଏୟାରଲାଇନ୍ସରେ ପରିଣତ ହୋଇଛି। ଏୟାର ଇଣ୍ଡିଆ ଏକ୍ସପ୍ରେସର ପରିଚାଳନା ନିର୍ଦ୍ଦେଶକ ଆଲୋକେ ସିଂହ କହିଛନ୍ତି ଯେ, 'ଆମର ୧୦୦ତମ ବିମାନ ସାମିଲ ହେବା ଏୟାର ଇଣ୍ଡିଆ ଏକ୍ସପ୍ରେସର ଅଭିବୃଦ୍ଧି ଏବଂ ପରିବର୍ତ୍ତନ ଯାତ୍ରାରେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ। ଘରୋଇକରଣର ମାତ୍ର ତିନି ବର୍ଷ ମଧ୍ୟରେ ଆମେ ଏଲସିସି ଏୟାରଲାଇନ୍ସଗୁଡ଼ିକୁ ଏକୀକୃତ ଏବଂ ମିଶ୍ରଣ ଏବଂ ଏକ ଆଧୁନିକ ଏବଂ ଇନ୍ଧନ-ଦକ୍ଷ ଫ୍ଲିଟ୍ ସହିତ ଦ୍ରୁତ ଗତିରେ ବୃଦ୍ଧି କରିଥିଲୁ। ଜାନୁଆରୀ ୨୦୨୨ରେ ଟାଟା ଗ୍ରୁପରେ ଯୋଗ ଦେବା ପରେ ଏୟାର ଇଣ୍ଡିଆ ଏକ୍ସପ୍ରେସ ଏକ ଅଭୂତପୂର୍ବ ଅଭିବୃଦ୍ଧି ଏବଂ ପରିବର୍ତ୍ତନ ଦେଇ ଗତି କରିଛି। ୨୬ଟି ବୋଇଂ ୭୩୭ ଏନଜି ଏବଂ ୨୮ଟି ଏ୩୨୦ ବିମାନ ଥିବା ଏୟାରଲାଇନ୍ସ ଏହାର ଫ୍ଲିଟ୍‌କୁ ପ୍ରାୟ ଦ୍ୱିଗୁଣିତ କରି ୧୦୦ଟି ବିମାନରେ ପହଂଚାଇଛି। ଦ୍ରୁତ ନେଟୱାର୍କ ସମ୍ପ୍ରସାରଣର ଏକ ଅଂଶ ଭାବରେ ଏୟାରଲାଇନ୍ସ ନିକଟରେ ବ୍ୟାଙ୍କକ, ଡିବ୍ରୁଗଡ଼, ଡିମାପୁର, ହିଣ୍ଡନ, ଜମ୍ମୁ, ପାଟନା, ଫୁକେଟ ଏବଂ ପୋର୍ଟ ବ୍ଲେୟାର (ଶ୍ରୀ ବିଜୟପୁରମ୍)କୁ ଏହାର ବଢୁଥିବା ନେଟୱାର୍କରେ ସାମିଲ କରିଛି।

## ଆର୍‌ଏସ୍‌ପି ପକ୍ଷରୁ ଏକକ-ବ୍ୟବହାର ପ୍ଲାଷ୍ଟିକ୍ ଦୂର କରିବାକୁ ପ୍ରୟାସ



ରାଉରକେଲା (ଭାସ୍କର ନ୍ୟୁଜ୍): କମ୍ୟୁନିଟି ସେଣ୍ଟର ଗୁଡ଼ିକରେ ଏକକ-ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାର ଦୂର କରିବା ପାଇଁ ରଣନୀତି ଉପରେ ଆଲୋଚନା କରିବା ପାଇଁ ମାର୍ଚ୍ଚ ୪ ତାରିଖରେ ସେଲ୍, ରାଉରକେଲା ଇସ୍ପାତ କାରଖାନାର ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ଇନ-ଚାର୍ଜଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ଇନ-ଚାର୍ଜ ପି.କେ. ସ୍ୱାଇଁ ଅଧ୍ୟକ୍ଷତା କରିଥିବା ଏହି ବୈଠକରେ ସମାଜ କଲ୍ୟାଣ, ପିଏଚଏସ, ବିମାନବନ୍ଦର) ବିଭାଗର ଜିଏମ ଜେ ପି ମିଶ୍ର, ସହର ଇଞ୍ଜିନିୟରିଂ ଜନସ୍ୱାସ୍ଥ୍ୟ ବିଭାଗର ଡେପୁଟି ସିଏମଓ ଡକ୍ଟର ଦୀପାଡି ଲାଭାଙ୍ଗରେ ତଥା ସମାଜ କଲ୍ୟାଣ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗର ପଦାଧିକାରୀ ତଥା ଏବଂ ସମସ୍ତ କମ୍ୟୁନିଟି ସେଣ୍ଟରର ପ୍ରତିନିଧିମାନେ ଯୋଗଦେଇଥିଲେ। ବୈଠକରେ ପ୍ଲାଷ୍ଟିକ୍ ବ୍ୟବହାରକୁ ରୋକିବା ପାଇଁ ବିଦ୍ୟମାନ ପଦକ୍ଷେପଗୁଡ଼ିକୁ ଆହୁରି ସୁଦୃଢ଼ କରିବା ଏବଂ ଅତିରିକ୍ତ ପଦକ୍ଷେପ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଲୋଚନା ସମୟରେ, କମ୍ୟୁନିଟି ସେଣ୍ଟରଗୁଡ଼ିକର କର୍ମକର୍ତ୍ତାମାନେ ପରିବେଶଗତ ସ୍ଥାୟିତ୍ୱ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ ଏବଂ ବର୍ଜ୍ୟପ୍ଲାଷ୍ଟିକ୍‌କୁ ଆହୁରି ହ୍ରାସ କରିବା ପାଇଁ ସକ୍ରିୟ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ପଦକ୍ଷେପ ସେଲ ଆରଏସପିର ସିଏସଆର ଏବଂ ଜନ କଲ୍ୟାଣ ପଦକ୍ଷେପ ମାଧ୍ୟମରେ ଏକ ସ୍ୱଚ୍ଛ ଏବଂ ସବୁଜ ସମ୍ପ୍ରଦାୟକୁ ପ୍ରୋତ୍ସାହିତ କରିବା ପାଇଁ ଚାଲିଥିବା ପ୍ରୟାସ ସହିତ ସମନ୍ୱିତ ଅଟେ। ବୈଠକକୁ ସହର ଇଞ୍ଜିନିୟରିଂ ଜନସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ରସାନନ୍ଦ ପ୍ରଧାନ ପରିଚାଳନା କରିଥିଲେ। ରାଉରକେଲା ଇସ୍ପାତ କାରଖାନା ପରିବେଶ ସଂରକ୍ଷଣ ଏବଂ ସ୍ଥାୟୀତ୍ୱ ପ୍ରତି ସମର୍ପିତ ରହିଛି, ପ୍ରଭାବଶାଳୀ ପରିବର୍ତ୍ତନ ଆଣିବା ପାଇଁ ସମ୍ପ୍ରଦାୟ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛି।



ଭୁବନେଶ୍ୱର (ଭାସ୍କର ନ୍ୟୁଜ): କିଟ୍ ବିଶ୍ୱବିଦ୍ୟାଳୟଠାରେ ଚାଲିଥିବା ସର୍ବଭାରତୀୟ ଅନ୍ତଃବିଶ୍ୱବିଦ୍ୟାଳୟ ଟ୍ରାକ୍ ସାଇକ୍ଲିଂ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମିନତି ମହାପାତ୍ର ଭେଲଡ୍ରୋମ୍‌ଠାରେ ଆୟୋଜିତ ଏହି ପ୍ରତିଯୋଗିତାର ଶେଷ ଦିନରେ ଓଡ଼ିଶାର ସ୍ୱସ୍ତି ସିଂହ ରୌପ୍ୟ ପଦକ ଜିତିଛନ୍ତି। ଏହି କିଟ୍ ଛାତ୍ରୀ ମହିଳା ସ୍କ୍ରାଚ୍ ରେସ୍‌ରେ ଏହି ପଦକ କରାୟତ୍ତ କରିଥିଲେ। ଓଭରଅଲ୍ ଟିମ୍ ପୁରୁଷ ଓ ମହିଳାରେ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ବିଜେତା ହୋଇଛି। ପୁରୁଷରେ ୟୁନିଭର୍ସିଟି ଅଫ୍ କେରଳ ଦ୍ୱିତୀୟ ଓ ସାବିତ୍ରୀ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନରେ ରହିଛନ୍ତି। ମହିଳାରେ ବେଙ୍ଗାଲୁରୁ ନର୍ଥ ଏବଂ ଚଣ୍ଡିଗଡ଼ ୟୁନିଭର୍ସିଟି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶ୍ରେଷ୍ଠ ଖେଳାଳି ପୁରସ୍କାର ୟୁନିଭର୍ସିଟି ଅଫ୍ କେରଳର ଅଥର୍ବ ପାଟିଲ (ପୁରୁଷ) ଓ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟର ପୂଜା ଧାନୋଲେ (ମହିଳା) ପାଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ଶରଣଜିତ ସିଂହ, ଓଡ଼ିଶା ସାଇକ୍ଲିଂ ସଂଘ ସଭାପତି ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ମିନତି ମହାପାତ୍ର, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଜ୍ଞାନରଞ୍ଜନ ମହାନ୍ତି, ଏଆଇୟୁ ପର୍ଯ୍ୟବେକ୍ଷକ ଅନୀଲ କୁମାର, ଓଡ଼ିଶା ସାଇକ୍ଲିଂ ସଂଘ ସମ୍ପାଦକ ପ୍ରସନ୍ନ ରାଉତ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ୫ ଦିନିଆ ପ୍ରତିଯୋଗିତାରେ ୪୧ ବିଶ୍ୱବିଦ୍ୟାଳୟରୁ ୪୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ।

### ମହିଳା ପ୍ରିମିୟର ଲିଗ୍

# ଦ୍ୱିତୀୟ ଥର ଚାମ୍ପିଅନ୍ ହେଲା ମୁମ୍ବାଇ ଇଣ୍ଡିଆନ୍ସ



ମୁମ୍ବାଇ: ମହିଳା ପ୍ରିମିୟରଲିଗ୍ ଟ୍ରଫିକୁ ଚଳିତ ବର୍ଷ ମୁମ୍ବାଇ ଇଣ୍ଡିଆନ୍ସ ହାତେଇଛି। ହରମନପ୍ରୀତ କୌରଙ୍କ କ୍ୟାପ୍ଟେନ ଇନିଂସ ବଳରେ ମହିଳା ପ୍ରିମିୟର ଲିଗ୍ ୨୦୨୫ରେ ଚାମ୍ପିଅନ ହୋଇଛି ମୁମ୍ବାଇ ଇଣ୍ଡିଆନ୍ସ। ଦିଲ୍ଲୀ କ୍ୟାପିଟାଲ୍ସକୁ ୮ ରନରେ ପରାସ୍ତ କରି ଟ୍ରଫି ନିଜ ନାଁରେ କରିଛି ମୁମ୍ବାଇ ଇଣ୍ଡିଆନ୍ସ। ଏହାସହ ମୁମ୍ବାଇ ଇଣ୍ଡିଆନ୍ସ ଦ୍ୱିତୀୟ ଥର ପାଇଁ ଡବ୍ଲୁପିଏଲ୍ ଚାମ୍ପିଅନ ହୋଇଛି । ଶନିବାର ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଫାଇନାଲ୍ ଖେଳାଯାଇଥିଲା । ପ୍ରଥମେ ବ୍ୟାଟିଂ କରି ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୭ ୱିକେଟ୍ ହରାଇ ୧୪୯ ରନ୍ କରିଥିଲା । ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୯ ୱିକେଟ୍ ହରାଇ ୧୪୧ ରନ୍ କରିବାରେ ସକ୍ଷମ ହେଲା।୧୫୦ ରନ୍‌ର ଟାର୍ଗେଟକୁ ପିଛା କରିବା ପାଇଁ ମୈଦାନକୁ ଓହ୍ଲାଇଥିବା ଦିଲ୍ଲୀ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସାମନା କରିଥିଲା । ଦଳ ୧୫ ରନ ସ୍କୋରରେ ଅଧିନାୟିକା ମେଗ୍ ଲାନିଙ୍ଗଙ୍କ ୱିକେଟ୍ ହରାଇଥିଲା। ସେ ମାତ୍ର ୧୩ ରନ୍ କରିଥିଲେ। ଶେଫାଳି ବର୍ମା ୯ ବଲ୍‌ରେ ମାତ୍ର ୪ ରନ୍ କରି ଆଉଟ୍ ହୋଇଥିଲେ। ଜୋନାସେନ ୧୫ ବଲ ଖେଳି ୧୩ ରନ୍ କରିଥିଲେ । ସଦରଲାଣ୍ଡ ମାତ୍ର ଦୁଇଟି ରନ୍ କରି ସାଇକାଙ୍କ ବଲରେ ଷ୍ଟମ୍ପ ଆଉଟ୍ ହୋଇଥିଲେ। ତେବେ ଜେମିମା ରଡ୍ରିଗ୍ସ ୨୧ ବଲ୍‌ରେ ୩୦ ରନ୍ ଟିମକୁ ଲଢୁଆ ସ୍ଥିତିକୁ ଆଣିଥିଲେ। କିନ୍ତୁ ୧୮ତମ ଓଭରରେ ବ୍ରଣ୍ଟ ଦିଲ୍ଲୀକୁ ଡବଲ୍ ଝଟକା ଦେଇଥିଲେ । ସେ ୨୬ ବଲ୍‌ରେ ୪୦ ରନ୍ କରିଥିବା କାପ୍‌ଙ୍କୁ ପାଭିଲିୟନ୍ ପଠାଇ ଥିଲେ । ଏହା ପରେ ଶିଖା ପାଣ୍ଡେଙ୍କ ବି ଆଉଟ୍ କରିଥିଲେ । ମୁମ୍ବାଇ ପାଇଁ ବ୍ରଣ୍ଟ ସର୍ବାଧିକ ୩ ୱିକେଟ୍ ନେଇଥିଲେ। ଫାଇନାଲରେ ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିବା ମୁମ୍ବାଇ ଇଣ୍ଡିଆନ୍ସର ଆରମ୍ଭ ଖରାପ ଥିଲା । ଦଳ ୫ ଓଭର ମଧ୍ୟରେ ପ୍ରାରମ୍ଭିକ ବ୍ୟାଟରଙ୍କ ୱିକେଟ୍ ହରାଇଥିଲା । ୟାସ୍ତିକା ୮ ରନ୍ କରି ଆଉଟ ହୋଇଥିଲେ ଏବଂ ହେଲି ମାଥ୍ୟୁସ୍ ୩ ରନ୍ କରି ଆଉଟ୍ ହୋଇଥିଲେ । ଏହାପରେ ହରମନପ୍ରୀତ ଏବଂ ବ୍ରଣ୍ଟଙ୍କ ମଧ୍ୟରେ ତୃତୀୟ ୱିକେଟ୍ ପାଇଁ ୬୨ ବଲରେ ୮୯ ରନ୍‌ର ଭାଗୀଦାରି ହୋଇଥିଲା । ବ୍ରଣ୍ଟ ୨୮ ବଲ୍‌ରେ ମାତ୍ର ୩୦ ରନ୍ କରିପାରିଥିଲେ । ଆମେଲିଆ କର ତିନୋଟି ବଲ୍‌ରେ ମାତ୍ର ଦୁଇ ରନ୍ କରିପାରିଥିଲେ । ସଜନା ଖାତା ଖୋଲିପାରି ନଥିଲେ । ଅଧିନାୟିକା ହରମନପ୍ରୀତ କୌର ୪୪ ବଲ୍‌ରେ ସର୍ବାଧିକ ୬୬ ରନ୍ କରିଥିଲେ । ଦିଲ୍ଲୀ ପାଇଁ କାପ୍, ଜୋନାସେନ ଓ ଚାରାଣି ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଅନ୍ୟପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସ ଉପରେ ଟଙ୍କାର ବର୍ଷା ହୋଇଛି। ଚମ୍ପିଆନ ମୁମ୍ବାଇ ଇଣ୍ଡିଆନ୍ସଙ୍କୁ ପୁରସ୍କାର ରାଶି ଭାବରେ ଛଅ କୋଟି ଟଙ୍କା ମିଳିଛି। ରନର୍ସଅପ ଦିଲ୍ଲୀ କ୍ୟାପିଟାଲ୍ସ ଦଳକୁ ତିନି କୋଟି ପୁରସ୍କାର ରାଶି ଦିଆଯାଇଛି।

# ବିସିସିଆଇର ପ୍ରତିବନ୍ଧକ ନିୟମ ଉପରେ ପ୍ରଶ୍ନ ଉଠାଇଲେ କୋହିଲି



ନୂଆଦିଲ୍ଲୀ: ଅଷ୍ଟ୍ରେଲିଆରେ ଟେଷ୍ଟ ସିରିଜ୍ ହାରିବା ପରେ ଭାରତୀୟ ଦଳ ପାଇଁ ବିସିସିଆଇ କିଛି ନୂଆ ନିୟମ ତିଆରି କରିଥିଲା। ଏଥିରୁ ଗୋଟିଏ ନିୟମ ଖେଳାଳିଙ୍କ ପରିବାର ସହ ଜଡ଼ିତ। ତେବେ ବୋର୍ଡର ଏହି ନିୟମ ଉପରେ ପ୍ରଶ୍ନ ଉଠାଇଛନ୍ତି ତାରକା ବ୍ୟାଟର ବିରାଟ କୋହଲି। ସେ କହିଛନ୍ତି ଯେ ଖେଳାଳିମାନେ ଗସ୍ତରେ କଷ୍ଟକର ପରିସ୍ଥିତି ଦେଇ ଗତି କରୁଥିବା ସମୟରେ ପରିବାରର ଏକ ବଡ଼ ଭୂମିକା ଥାଏ। ଚଳିତ ବର୍ଷ ଆରମ୍ଭରେ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ସିରିଜରେ ଭାରତର ୧-୩ ପରାଜୟ ପରେ, ଭାରତୀୟ କ୍ରିକେଟ୍ ବୋର୍ଡ ଏକ ନୂତନ ନୀତି କାର୍ଯ୍ୟକାରୀ କରିଛି। ଏଥିରେ କୁହାଯାଇଛି ଯେ, ଯେଉଁ ଗସ୍ତ ୪୫ ଦିନରୁ ଅଧିକ ସମୟ ପାଇଁ ଥିବ ସେଥିରେ ଖେଳାଳିଙ୍କ ସାଥୀ ଏବଂ ପିଲାମାନେ ପ୍ରଥମ ଦୁଇ ସପ୍ତାହ ପରେ କେବଳ ୧୪ ଦିନ ପାଇଁ ସେମାନଙ୍କ ସହିତ ଯୋଗ ଦେଇପାରିବେ। ଲୋକମାନଙ୍କୁ ବୁଝାଇବା ବହୁତ କଷ୍ଟକର ଯେ ପ୍ରତ୍ୟେକ ଥର ଯେତେବେଳେ ତୁମ ପାଖରେ କିଛି ଘଟଣା ଘଟେ, ସେତେବେଳେ ତୁମ ପରିବାର ପାଖକୁ ଫେରି ଆସିବା କେତେ ଜରୁରୀ। ମୁଁ ଭାବୁନାହିଁ ଯେ ଲୋକମାନେ ଏହା ବହୁ ପରିମାଣରେ କ'ଣ ମୂଲ୍ୟ ଆଣିଥାଏ ସେ ବିଷୟରେ ବୁଝିପାରୁଛନ୍ତି ଏବଂ ମୁଁ ଏଥିପାଇଁ ବହୁତ ନିରାଶ ଅନୁଭବ କରୁଛି କାରଣ ଏହା ଏପରି ଯାହା ଘଟୁଛି ତାହା ଉପରେ କୌଣସି ନିୟନ୍ତ୍ରଣ ନ ଥିବା ଲୋକଙ୍କୁ ଏକ ପ୍ରକାର ଆଲୋଚନାରେ ଅଣାଯାଉଛି ଏବଂ ସର୍ବାଗ୍ରେ ରଖାଯାଇଛି ଯେ, 'ଓଃ, ହୁଏତ ସେମାନଙ୍କୁ ଦୂରରେ ରଖିବା ଆବଶ୍ୟକ' କୋହଲି କହିଥିଲେ। ନିକଟରେ ଦିନିକିଆରେ ୧୪,୦୦୦ ରନର ସବୁଠାରୁ ଦ୍ରୁତତମ ବ୍ୟାଟ୍ସମ୍ୟାନ୍ ହୋଇଥିବା କୋହଲି କହିଛନ୍ତି ଯେ ଟୁର୍‌ରେ ପରିବାରର ଉପସ୍ଥିତି ଖେଳାଳିମାନଙ୍କୁ ସେମାନଙ୍କ ଖେଳ ପାଇଁ ଉତ୍ତମ ଉପାୟରେ ଦାୟିତ୍ୱ ନେବାକୁ ସାହାଯ୍ୟ କରେ। ଯଦି ତୁମେ କୌଣସି ଖେଳାଳିଙ୍କୁ ପଚାର, ତୁମେ କ'ଣ ଚାହୁଁଛ ଯେ ତୁମର ପରିବାର ସବୁବେଳେ ତୁମ ପାଖରେ ରହୁ? ତୁମେ ହଁ ବୋଲି କହିବ। ମୁଁ ମୋ ରୁମକୁ ଯାଇ ଏକା ବସି ମନ ଦୁଃଖ କରିବାକୁ ଚାହୁଁନାହିଁ। ମୁଁ ସାଧାରଣ ହେବାକୁ ଚାହୁଁଛି। ଏବଂ ତା'ପରେ ତୁମେ ପ୍ରକୃତରେ ତୁମର ଖେଳକୁ ଏକ ଦାୟିତ୍ୱ ଭାବରେ ଗ୍ରହଣ କରିପାରିବ। ତୁମେ ସେହି ଦାୟିତ୍ୱ ସମାପ୍ତ କର, ଏବଂ ତୁମେ ପୁଣି ଥରେ ଜୀବନ୍ତ ହୋଇଯାଅ ବୋଲି କୋହଲି ଆହୁରି କହିଛନ୍ତି। ସମ୍ପ୍ରତି ଯେତେବେଳେ ଭାରତ ଚାମ୍ପିଅନ୍ସ ଟ୍ରଫିରେ ଖେଳିଥିଲା, କୋହଲିଙ୍କ ପତ୍ନୀ ଅନୁଷ୍କା ଶର୍ମାଙ୍କୁ ଷ୍ଟାଣ୍ଡରୁ ତାଙ୍କ ସ୍ୱାମୀଙ୍କ ପାଇଁ ଉତ୍ସାହିତ କରୁଥିବାର ଦେଖାଯାଇଥିଲା। ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଫାଇନାଲରେ ଭାରତ ଚାରି ୱିକେଟରେ ବିଜୟୀ ହୋଇ ଟାଇଟଲ ଉଠାଇବା ପରେ, କୋହଲି ଅନୁଷ୍କାଙ୍କ ସହିତ ଉତ୍ସବ ପାଳନ କରିଥିଲେ। ସେମାନଙ୍କର ଏହି ମୁହୂର୍ତ୍ତଗୁଡ଼ିକ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

# ଅବସର ସମ୍ପର୍କରେ ବିରାଟଙ୍କ ସୂଚନା



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଟିମର ଦିଗଜ ବ୍ୟାଟ୍ସମ୍ୟାନ ବିରାଟ କୋହଲି ଏକ ସାକ୍ଷାତକାରରେ ଅବସର ସମ୍ପର୍କରେ ସୂଚନା ଦେଇଛନ୍ତି । ଚାମ୍ପିୟନ୍ସ ଟ୍ରଫି କ୍ରିକେଟ ପରେ କୋହଲି ଏବେ ଆଇପିଏଲ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ସେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦଳ ସହିତ ଯୋଗ ଦେଇଛନ୍ତି । ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ସମ୍ପର୍କରେ ପଚରାଯିବାରୁ ସେ କହିଥିଲେ, ମୋତେ ଲାଗୁନି ମୁଁ ଆଗକୁ ଅଷ୍ଟ୍ରେଲିଆ ଗସ୍ତରେ ଯାଇପାରିବି। ଏହା ପରେ ସେ ଆଉ ବେଶୀ ଦିନ ଖେଳିବେ ନାହିଁ ବୋଲି ଅନୁମାନ କରାଯାଉଛି । କୋହଲି ଟି୨୦ ବିଶ୍ୱକପ ପରେ ଆନ୍ତର୍ଜାତୀୟ ଟି୨୦ରୁ ଅବସର ଘୋଷଣା କରିଥିଲେ। କୋହଲି ଏବେ ଟେଷ୍ଟ ଏବଂ ଦିନିକିଆ କ୍ରିକେଟ ଖେଳିବା ଜାରୀ ରଖିବେ ବୋଲି ସ୍ପଷ୍ଟ କରିଛନ୍ତି। ୨୦୨୭ ଦିନିକିଆ ବିଶ୍ୱକପ ଖେଳିବା ନେଇ ମୋତେ ପରୋକ୍ଷରେ କୋହଲି ସୂଚନା ଦେଇଛନ୍ତି। ଅନ୍ୟ ଏକ ରିପୋର୍ଟ ଅନୁସାରେ ବିସିସିଆଇ ଇଂଲଣ୍ଡ ବିପକ୍ଷ ସିରିଜରେ ରୋହିତ ଶର୍ମାଙ୍କୁ ଅଧିନାୟକ କରିବା ନେଇ ସବୁଜ ସଙ୍କେତ ଦେଇଛି । ଅନ୍ୟ ଅର୍ଥରେ ବିସିସିଆଇ ଆଗାମୀ ୱାର୍ଲ୍ଡ ଟେଷ୍ଟ ସିରିଜ ଏବଂ ଦିନିକିଆ ବିଶ୍ୱକପ ପାଇଁ ଏହି ଦୁଇ ମହାନ ଖେଳାଳିଙ୍କୁ ଖେଳିବା ଅବସର ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଚାମ୍ପିୟନ୍ସ ଟ୍ରଫିରେ କୋହଲି ଭଲ ପ୍ରଦର୍ଶନ କରିଥିବା ବେଳେ ରୋହିତ ଫାଇନାଲରେ ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ।

## ଜିଲ୍ଲାସ୍ତରୀୟ ପୁରୁଷ ଓ ମହିଳା ଭଲିବଲ ଖେଳାଳି ଚୟନ ଶିବିର

ବାରିପଦା (ଭାସ୍କର ନ୍ୟୁଜ): ଓଡ଼ିଶା ଭଲିବଲ ଆସୋସିଏସନ ଆନୁକୂଲ୍ୟରେ ୭୧ ତମ ସିନିୟର ଆନ୍ତଃ ଜିଲ୍ଲା ଉଭୟ ପୁରୁଷ ଓ ମହିଳା ଭଲିବଲ ଚାମ୍ପିୟାନସିପ କିଟ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏହି ଅବସରରେ ମୟୁରଭଞ୍ଜ ଦଳ ପାଇଁ ଚୟନ ପ୍ରକ୍ରିୟା ବାରିପଦା ଷ୍ଟାଡିୟମ ପରିସରରେ ଚଳିତ ମାସ ୧୯ ତାରିଖ ଦିନ ଅନୁଷ୍ଠିତ ହେବ। ଇଚ୍ଛୁକ ଖେଳାଳି ମାନେ ନିଜର ଆଧାର କାର୍ଡ ଓ ଗୋଟିଏ ପାସ ପାର୍ଟ ଫୋଟୋ ଦାଖଲ କରି ୧୮ ତାରିଖ ଦିନ ବାରିପଦା ଷ୍ଟାଡିୟମ ଅଫିସରେ ନିଜନିଜର ନାମ ପଞ୍ଜିକରଣ କରିପାରିବେ ବୋଲି ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି ଓ ଏହି ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୨୦ ରୁ ୨୩ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଭଲିବଲ ସମ୍ପାଦକ ପାର୍ଥସାରଥୀ ସ୍ୱାଇଁଙ୍କ ସୂତ୍ରରୁ ପ୍ରକାଶ।

# ଆଇପିଏଲ୍ : ଉଦ୍‌ଘାଟନୀ ସନ୍ଧ୍ୟାରେ ଧମାକା କରିବେ ବରୁଣ-ଶ୍ରଦ୍ଧା



ମୁମ୍ବାଇ : ଆଉ ମାତ୍ର କ୍ରିକେଟର ଫଟାଫଟ୍ ବା ଆଇପିଏଲ୍ ୨୦୨୫ ଆରମ୍ଭ ହୋଇଯିବ। ଏ ନେଇ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଏହି କ୍ରିକେଟ୍ର ମହାକୁମ୍ଭ ଚଳିତ ମାସ ୨୨ ରେ ଅନୁଷ୍ଠିତ ହେବ। ପ୍ରତ୍ୟେକ ଥର ଭଳି ଏଥର ମଧ୍ୟ ଧମାକାଦାର ହେବ । ଇଣ୍ଡିଆନ୍ ପ୍ରିମିୟର ଲିଗର ୧୮ ତମ ସିଜନ୍ ମାର୍ଚ୍ଚ ୨୨ରେ କୋଲକାତାର ଇଡେନ୍ ଗାର୍ଡେନ୍ସରେ ଏକ ରୋମାଞ୍ଚକର ଉଦଘାଟନୀ ସମାରୋହରୁ ଆରମ୍ଭ ହେବ । ବଲିଉଡ ତାରକାମାନେ ସମାରୋହରେ ସନ୍ଧ୍ୟାକୁ ରଙ୍ଗୀନ କରିବାକୁ ପ୍ରସ୍ତୁତ ଅଛନ୍ତି । ବଲିଉଡ ତାରକା ଶ୍ରଦ୍ଧା କପୁର ଏବଂ ବରୁଣ ଧାୱନ ଏହି ଇଭେଣ୍ଟରେ ନିଜର ଦମ୍‌ଦାର ପ୍ରଦର୍ଶନ ସହିତ ଦର୍ଶକଙ୍କୁ ଆକର୍ଷିତ କରିବାକୁ ପ୍ରସ୍ତୁତ। ଏମାନଙ୍କ ସହିତ ଅରିଜିତ ସିଂ ମଧ୍ୟ ତାଙ୍କ ସ୍ୱରରେ ଇଡେନ୍ ଗାର୍ଡେନର ସନ୍ଧ୍ୟାକୁ ରଙ୍ଗୀନ କରିବେ। ଆଇପିଏଲ୍ ୨୦୨୫ର ପ୍ରଥମ ମ୍ୟାଚ୍ ପୂର୍ବରୁ ଉଦଘାଟନୀ ସମାରୋହ ସହିତ ଉତ୍ସାହ ଆହୁରି ବୃଦ୍ଧି ପାଇବ। ମାର୍ଚ୍ଚ ୨୨ରେ କୋଲକାତା ନାଇଟ୍ ରାଇଡର୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ କ୍ରିକେଟ୍ ମହୋତ୍ସବ ଆରମ୍ଭ ହେବ। ଆଇପିଏଲ୍ ୨୦୨୫ ଟୁର୍ନାମେଣ୍ଟ ମେ ୨୫ ପର୍ଯ୍ୟନ୍ତ ଚାଲିବ। ସମଗ୍ର ବିଶ୍ୱରୁ ଦଳ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ପ୍ରଶଂସକମାନେ ବହୁତ ଉତ୍ସାହିତ ଅଛନ୍ତି । ଆଇପିଏଲର ଉଦଘାଟନୀ ସମାରୋହ ପାଇଁ କାଉଣ୍ଟଡାଉନ୍ ଆରମ୍ଭ ହୋଇଛି ଏବଂ ବର୍ତ୍ତମାନ ମାର୍ଚ୍ଚ ୨୨ ରେ ହେବାକୁ ଥିବା ଉଦଘାଟନୀ ସମାରୋହରେ ସମସ୍ତଙ୍କ ନଜର ରହିଛି। ଏଥିରେ ୧୦ଟି ଦଳ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଯେଉଁଥିରେ ଚେନ୍ନାଇ ସୁପର କିଙ୍ଗ୍ସ, କୋଲକାତା ନାଇଟ୍ ରାଇଡର୍ସ, ସନରାଇଜର୍ସ ହାଇଦ୍ରାବାଦ, ମୁମ୍ବାଇ ଇଣ୍ଡିଆନ୍ସ, ଦିଲ୍ଲୀ କ୍ୟାପିଟାଲ, ଗୁଜୁରାଟ ଟାଇଟାନ୍ସ, ଲକ୍ଷ୍ନୌ ସୁପର ଜଏଣ୍ଟସ୍, ପଞ୍ଜାବ କିଙ୍ଗ୍ସ, ରାଜସ୍ଥାନ ରୟାଲ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଅନ୍ତର୍ଭୁକ୍ତ।

### ସପ୍ତମ ଜାତୀୟ ମାଷ୍ଟର ଗେମ୍ସ ୨୦୨୫

# ଦାରା ସିଂହଙ୍କୁ ୩ ମେଡ଼ାଲ




କେନ୍ଦୁଝର (ଭାସ୍କର ନ୍ୟୁଜ) : ମାଷ୍ଟର ଗେମ୍ସ ଫେଡେରେସନ ଅଫ ଇଣ୍ଡିଆ ପ୍ରାୟୋଜିତ ଏବଂ ମାଷ୍ଟର ଗେମ୍ସ ଫାଉଣ୍ଡେସନ ଅଫ ଓଡିଶା ଆନୁକୂଲ୍ୟରେ ରାଉରକେଲାର ବିଶ୍ରା ମୁଣ୍ଡା ଆଥଲେଟିକ ଷ୍ଟାଡିୟମ ଠାରେ ଅନୁଷ୍ଠିତ ସପ୍ତମ ଜାତୀୟ ମାଷ୍ଟର ଗେମ୍ସ ୨୦୨୫ରେ କେନ୍ଦୁଝର ଜିଲ୍ଲା ବଲାଣିସ୍ଥିତ ଷ୍ଟିଲ ଅଥରିଟି ଅଫ ଇଣ୍ଡିଆରେ ମାଇନିଙ୍ଗ ଫୋରମ୍ୟାନ ଭାବେ କାର୍ଯ୍ୟରତ ଦାରା ସିଂହ ୩ଟି ମେଡାଲ ହାସଲ କରି କେନ୍ଦୁଝର ଜିଲ୍ଲାର ଟେକ ରଖିଛନ୍ତି। ଅତୀତରେ କେନ୍ଦୁଝର ଜିଲ୍ଲାକୁ କ୍ରିକେଟରେ ପ୍ରତିନିଧିତ୍ୱ କରି ଜିଲ୍ଲାକୁ ଗୌରବାନ୍ୱିତ କରିଥିବା ଦାରା ସିଂହ ଗତ ୬ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଇସ୍ପାତ ନଗରୀ ରାଉରକେଲା ଠାରେ ଅନୁଷ୍ଠିତ ୫୫ ବର୍ଷରୁ ଊର୍ଦ୍ଧ୍ୱ ଜାତୀୟ ମାଷ୍ଟର ଗେମ୍ସରେ ଅତି ଉଚ୍ଚ କୋଟିର କ୍ରୀଡା ନୈପୂଣ୍ୟ ପ୍ରଦର୍ଶନ କରି ଶଟପୁଟ ଥ୍ରୋରେ ଦ୍ୱିତୀୟ ସ୍ଥାନ ହାସଲ କରି ରୌପ୍ୟ ଏବଂ ୧୦୦ ମିଟର ହର୍ଡଲସ ଓ ୫୦୦୦ ମିଟର ୱାକିଙ୍ଗରେ ତୃତୀୟ ସ୍ଥାନ ହାସଲ କରି ଦୁଇଟି ବ୍ରୋଞ୍ଜ ପଦକ ହାସଲ କରି ଜିଲ୍ଲାକୁ ସମଗ୍ର ରାଜ୍ୟରେ ଗୌରବାନ୍ୱିତ କରିବା ସହ ଜିଲ୍ଲାର ଟେକ ରଖିଛନ୍ତି। ତାଙ୍କର ଏହି ବିରାଟ ସଫଳତାରେ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଜୀବନର ଅପରାହ୍ନରେ ତାଙ୍କର ଏହି ବିରାଟ ସଫଳତାରେ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ତାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

## ସାଉଥ୍ ଫିଲ୍ମରେ ଡେବ୍ୟୁ କଲେ ୱାର୍ଣ୍ଣର




ମୁମ୍ବାଇ : ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ଡେଭିଡ ୱାର୍ଣ୍ଣର ତେଲୁଗୁ ଭାଷା ଚଳଚ୍ଚିତ୍ର 'ରବିନ୍ ହୁଡ୍' ସହିତ ଡେବ୍ୟୁ କରିବାକୁ ଯାଉଛନ୍ତି। ଏହାପୂର୍ବରୁ ସେ କୌଣସି ଫିଲ୍ମରେ କାମ କରିନାହାଁନ୍ତି। ମାର୍ଚ୍ଚ ୧୫ରେ ନିର୍ମାତାମାନେ ଏହି ଚଳଚ୍ଚିତ୍ରରୁ ତାଙ୍କର ପ୍ରଥମ ଲୁକ୍ ସେୟାର କରିଥିଲେ। ତାଙ୍କର ଗୋଟିଏ ପୋଷ୍ଟର ସାମ୍ନାକୁ ଆସିଛି। ପୋଷ୍ଟରରେ ଡେଭିଡଙ୍କ ଷ୍ଟାଇଲିସ୍ ଅନ୍ଦାଜ୍‌ରେ ନଜର ଆସିଛନ୍ତି। ପୋଷ୍ଟରରେ ଫିଲ୍ମର ନାମ ଲେଖାଯାଇଛି। ଏହା ବ୍ୟତୀତ, ତାଙ୍କୁ ସ୍ୱାଗତ କରି ଲେଖାଯାଇଥିଲା, 'ବାଉଣ୍ଡ୍ରି ଠାରୁ ବକ୍ସ ଅଫିସ ଯାଏଁ, ଡେଭିଡ ୱାର୍ଣ୍ଣରଙ୍କୁ ଭାରତୀୟ ସିନେମାକୁ ସ୍ୱାଗତ କର। ଏହି ଚଳଚ୍ଚିତ୍ରରେ ଡେଭିଡ୍‌ଙ୍କୁ ଏକ ପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ ନାହିଁ, ବରଂ ତାଙ୍କୁ ଏକ କ୍ୟାମିଓ ଭୂମିକାରେ ଦେଖିବାକୁ ମିଳିବ। ଏହି ଚଳଚ୍ଚିତ୍ର ମାର୍ଚ୍ଚ ୨୮ ରେ ସାରା ବିଶ୍ୱରେ ମୁକ୍ତିଲାଭ କରିବାକୁ ଯାଉଛି। ପୋଷ୍ଟର ରିଲିଜ ହେବା ପରଠାରୁ ଡେଭିଡଙ୍କ ପ୍ରଶଂସକମାନେ ଏହି ଚଳଚ୍ଚିତ୍ର ପାଇଁ ଉତ୍ସାହିତ ହୋଇପଡିଛନ୍ତି। ତାଙ୍କ ପ୍ରଶଂସକମାନେ ଉତ୍ସାହର ସହିତ ଏହି ଚଳଚ୍ଚିତ୍ରକୁ ଅପେକ୍ଷା କରିଛନ୍ତି। ତାଙ୍କର ପ୍ରଥମ ଚଳଚ୍ଚିତ୍ର ମାଧ୍ୟମରେ ସେ ଦର୍ଶକଙ୍କ ଉପରେ କି ପ୍ରକାର ଛାପ ଛାଡିଛନ୍ତି ତାହା ଦେଖିବାକୁ ବାକି ରହିଲା।

## ଆଇପିଏଲ୍‌ରେ ନାରିନ୍‌ଙ୍କୁ ରୋହିତଙ୍କ ଡ଼ର



ନୂଆଦିଲ୍ଲୀ: ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍) ୨୨ରୁ ଆରମ୍ଭ ହେବ। ଗତ ୧୭ ସିଜିନରେ ଅନେକ ଖେଳାଳିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖାଯାଇଛି। ଏଥିମଧ୍ୟରୁ କୋଲକାତା ନାଇଟ ରାଇଡର୍ସ (କେକେଆର) ସ୍ପିନର ସୁନୀଲ ନାରିନ୍ ଏବଂ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍ଆଇ) ଅଧିନାୟକ ରୋହିତ ଶର୍ମାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ସବୁଠାରୁ ଅଧିକ ଚର୍ଚ୍ଚାରେ ରହିଥାଏ। ନାରିନ୍ ଆଇପିଏଲ୍‌ରେ ରୋହିତଙ୍କୁ ୮ ଥର ଆଉଟ କରିଛନ୍ତି। ଯାହା କୌଣସି ବୋଲରଙ୍କ ଦ୍ୱାରା ବ୍ୟାଟ୍ସମ୍ୟାନଙ୍କୁ ସର୍ବାଧିକଥର ଆଉଟ୍ କରିବାର ରେକର୍ଡ। ରେକର୍ଡ ଦେଖିଲେ ନାରିନ୍‌ଙ୍କ ବିପକ୍ଷରେ ରୋହିତଙ୍କ ପ୍ରଦର୍ଶନ ବହୁତ ନିରାଶାଜନକ ରହିଛି। ୨୧ ଇନିଂସରେ ରୋହିତ ତାଙ୍କ ବିପକ୍ଷରେ ମାତ୍ର ୧୪୧ ରନ କରିଛନ୍ତି, ଯାହା ୧୩୪ ବଲରୁ ଆସିଛି। ଏଥିରେ ତାଙ୍କର ଷ୍ଟ୍ରାଇକ ରେଟ୍ ମାତ୍ର ୧୦୬.୭୧ ରହିଛି। ନାରିନ୍ ରୋହିତଙ୍କୁ ୮ ଥର ଆଉଟ କରିଛନ୍ତି । ତାଙ୍କୁ କେବଳ ୨ ଛକା ଏବଂ ୧୬ ଚୌକା ମାରିବାକୁ ଦେଇଛନ୍ତି। ଏହି ସଂଖ୍ୟା ଆଇପିଏଲରେ ଯେକୌଣସି ବୋଲର-ବ୍ୟାଟ୍ସମ୍ୟାନ ଯୋଡ଼ି ପାଇଁ ସର୍ବାଧିକ। ଆଶ୍ଚର୍ଯ୍ୟଜନକ କଥା ହେଉଛି, ରୋହିତଙ୍କ ୫ଥର ଆଉଟ୍ ମୁମ୍ବାଇ ଇଣ୍ଡିଆନ୍ସର ଘରୋଇ ପଡ଼ିଆ ୱାଙ୍ଖେଡେ ଷ୍ଟାଡିୟମରେ ହୋଇଛି। ୱାଙ୍ଖେଡେରେ ନାରିନ୍‌ଙ୍କ ବିପକ୍ଷରେ ରୋହିତଙ୍କ ହାରାହାରି ୧୦.୪୦ ରହିଛି। ସେହି ସମୟରେ ନାରିନ୍ କେକେଆରର ଘରୋଇ ପଡ଼ିଆ ଇଡେନ ଗାର୍ଡେନ୍ସରେ ରୋହିତଙ୍କୁ କେବଳ ଥରେ ଆଉଟ କରିଛନ୍ତି। ସେହିପରି ବରିଷ୍ଠ ଲେଗ-ସ୍ପିନର ଅମିତ ମିଶ୍ରା ୧୭ ଇନିଂସରେ ରୋହିତଙ୍କୁ ୭ ଥର ଆଉଟ କରିଥିବା ବେଳେ ରଶିଦ ଖାନ ୭ ଇନିଂସରେ ୪ ଥର ତାଙ୍କୁ ପାଭିଲିୟନ ପଠାଇଛନ୍ତି। ନାରିନ୍ ଆଇପିଏଲରେ ୧୭୭ ମ୍ୟାଚ୍ ଖେଳି ୧୮୦ ଉଇକେଟ ନେଇଛନ୍ତି, ଯେଉଁଥିରେ ତାଙ୍କର ଇକୋନୋମି ମାତ୍ର ୬.୭୩ ରହିଛି। ସେ ଆଇପିଏଲ୍‌ରେ ସର୍ବାଧିକ ଚାରି ଉଇକେଟ (୮) ନେବାର ରେକର୍ଡ ମଧ୍ୟ ରଖିଛନ୍ତି। ଗତ ସିଜନରେ ସେ ୧୭ ଉଇକେଟ ନେଇଥିଲେ, ଯେଉଁଥିରେ ତାଙ୍କର ଇକୋନୋମି ୬.୬୯ ଥିଲା। ସେହିପରି ରୋହିତ ଆଇପିଏଲ୍‌ରେ ୨୫୭ ମ୍ୟାଚ୍ ଖେଳି ୬,୬୨୮ ରନ୍ କରିଛନ୍ତି, ଯେଉଁଥିରେ ୪୩ଟି ଅର୍ଦ୍ଧଶତକ ଏବଂ ୨ଟି ଶତକ ଅନ୍ତର୍ଭୁକ୍ତ। ୨୦୨୪ ସିଜିନରେ ସେ ୩୨.୦୮ ହାରରେ ଏବଂ ୧୫୦ ଷ୍ଟ୍ରାଇକ ରେଟ୍ ସହିତ ୪୧୭ ରନ କରିଥିଲେ।

# ସର୍ବକାଳୀନ ଆଇପିଏଲ୍ ଏକାଦଶ ଚୟନ କଲେ ଗିଲ୍‌ଖ୍ରୀଷ୍ଟ




ନୂଆଦିଲ୍ଲୀ: ଅଷ୍ଟ୍ରେଲିଆର ପୂର୍ବତନ ୱିକେଟ୍ କିପର ବ୍ୟାଟର ଆଡାମ ଗିଲଖ୍ରୀଷ୍ଟ ଆଇପିଏଲ୍ ଇତିହାସର ସର୍ବକାଳୀନ ଚୂଡ଼ାନ୍ତ ଏକାଦଶ ଚୟନ କରିଛନ୍ତି। ଗିଲଖ୍ରୀଷ୍ଟ ନିଜର ସର୍ବଶ୍ରେଷ୍ଠ ଆଇପିଏଲ୍ ଦଳରେ ସାତ ଜଣ ଭାରତୀୟ ଖେଳାଳିଙ୍କୁ ସ୍ଥାନ ଦେଇଛନ୍ତି। ସେ ୧୨ତମ ଖେଳାଳି ଭାବେ ରଶିଦ ଖାନଙ୍କୁ ଚୟନ କରିଛନ୍ତି। ଆଡାମ ଗିଲଖ୍ରୀଷ୍ଟ ନିଜର ଏହି ସର୍ବକାଳୀନ ଆଇପିଏଲ୍ ଏକାଦଶରେ କୌଣସି ବି ଅଷ୍ଟ୍ରେଲିଆ ଖେଳାଳିଙ୍କୁ ଚୟନ କରି ନାହାନ୍ତି। ସେ ଓପନିଂ ପାଇଁ ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ୍ ଓ ଭାରତର ରୋହିତ ଶର୍ମାଙ୍କୁ ଚୟନ କରିଛନ୍ତି। ଏହାପରେ ତିନି ନମ୍ବରରେ ବିରାଟ କୋହଲିଙ୍କୁ ରଖିଛନ୍ତି। ଚତୁର୍ଥ ନମ୍ବରରେ ବ୍ୟାଟିଂ ପାଇଁ ମିଷ୍ଟର ଆଇପିଏଲ୍ ନାମରେ ପରିଚିତ ସୁରେଶ ରୈନାଙ୍କୁ ଚୟନ କରିଛନ୍ତି। ଏହାପରେ ପାଞ୍ଚ ନମ୍ବରରେ ମିଷ୍ଟର ୩୬୦ ଡିଗ୍ରୀ ଏବି ଡିଭିଲିୟର୍ସଙ୍କୁ ବାଛିଛନ୍ତି। ୱିକେଟ୍ କିପର ବ୍ୟାଟର ଭାବେ ଗିଲଖ୍ରୀଷ୍ଟ ଚେନ୍ନାଇ ସୁପର କିଙ୍ଗ୍ସର ପୂର୍ବତନ ଅଧିନାୟକ ଏମଏସ ଧୋନୀଙ୍କ ଚୟନ କରିଛନ୍ତି। ଏହାପରେ ସାତ ଓ ଆଠ ନମ୍ବରରେ ରବୀନ୍ଦ୍ର ଜାଡ଼େଜା ଓ ଡ୍ୱେନ ବ୍ରାଭୋଙ୍କୁ ରଖିଛନ୍ତି। ଏହି ଦୁଇ ଖେଳାଳି ନିଜର ଆଇପିଏଲ୍ କ୍ୟାରିୟରରେ ବୋଲିଂ ଓ ବ୍ୟାଟିଂରେ ଦମଦାର ପ୍ରଦର୍ଶନ କରିଛନ୍ତି। ଗିଲଖ୍ରୀଷ୍ଟ ନିଜର ଦଳରେ ଯୁଜବେନ୍ଦ୍ର ଚହଲଙ୍କୁ ମୁଖ୍ୟ ସ୍ପିନର ଭାବେ ଚୟନ କରିଛନ୍ତି। ଦ୍ରୁତ ବୋଲିଂ ବିଭାଗରେ ଗିଲଖ୍ରୀଷ୍ଟ ଆଇପିଏଲ୍‌ର ଦୁଇ ସବୁଠୁ ଘାତକ ବୋଲରଙ୍କୁ ଦଳରେ ରଖିଛନ୍ତି। ଯେ କୌଣସି କ୍ରିକେଟ୍ ଆଇପିଏଲର ସର୍ବକାଳୀନ ଏକାଦଶ ଚୟନ କଲେ ନିଶ୍ଚିତ ଭାବେ ଏହି ଦୁଇ ଖେଳାଳିଙ୍କୁ ରଖିବ। ଗିଲଖ୍ରୀଷ୍ଟ ନିଜ ଦଳରେ ଯଶପ୍ରୀତ ବୁମରା ଓ ଲସିଥ ମାଲିଙ୍ଗାଙ୍କୁ ଦ୍ରୁତ ବୋଲର ଭାବେ ଚୟନ କରିଛନ୍ତି। ଆଫଗାନିସ୍ତାନର ଲେଗ୍ ସ୍ପିନର ରଶିଦ ଖାନଙ୍କୁ ଏକାଦଶ ଖେଳାଳି ଚୟନ କରିଛନ୍ତି ଅଷ୍ଟ୍ରେଲିଆର ଏହି ପୂର୍ବତନ ମହାନ ୱିକେଟ୍ କିପର ବ୍ୟାଟର। ଦଳ: କ୍ରିସ୍ ଗେଲ୍, ରୋହିତ ଶର୍ମା, ବିରାଟ କୋହଲି, ସୁରେଶ ରୈନା, ଏବି ଡିଭିଲିୟର୍ସ, ଏମଏସ ଧୋନୀ (ୱିକେଟ୍ କିପର), ରବୀନ୍ଦ୍ର ଜାଡ଼େଜା, ଡ୍ୱେନ ବ୍ରାଭୋ, ଯୁଜବେନ୍ଦ୍ର ଚହଲ, ଯଶପ୍ରୀତ ବୁମରା, ଲସିଥ ମାଲିଙ୍ଗା। ଏକାଦଶ ଖେଳାଳି- ରଶିଦ ଖାନ।

# ବିବିଧବର୍ଣ୍ଣା





ପିଜୁଳି ପତ୍ର ମହିଳାଙ୍କ ପାଇଁ ବେଶ୍ ଉପକାରୀ । ଏହା ମହିଳାମାନଙ୍କୁ ଋତୁସ୍ରାବରେ ବେଳେ ହେଉଥିବା ଯନ୍ତ୍ରଣାରୁ ଆରାମ ଦେଇଥାଏ । ଡାଇରିଆରେ ପିଜୁଳି ପତ୍ର ବେଶ୍ ଉପକାରୀ। ଝାଡା ହେବା ବେଳେ ପିଜୁଳି ପତ୍ରକୁ ଖାଇବା ଦ୍ୱାରା ଏହା ଶୀଘ୍ର ଭଲ ହୋଇଯାଇଥାଏ । ଅଧ୍ୟୟନ ଅନୁଯାୟୀ, ପିଜୁଳି ପତ୍ର ଅନ୍ତନଳୀରେ ଥିବା କ୍ଷତିକାରକ ମାଇକ୍ରୋବସକୁ ମାରିଥାଏ । ପିଜୁଳି ପତ୍ର ଚା' ପିଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର କମିଥାଏ । ଏହାର ପ୍ରଭାବ ଦୁଇ ଘଣ୍ଟା ପର୍ଯ୍ୟନ୍ତ ରହିଥାଏ। ପିଜୁଳି ପତ୍ରକୁ ମଧ୍ୟ କର୍କଟ ବିରୋଧୀ ବିବେଚନା କରାଯାଏ । ଏଥିରେ ଥିବା ଶକ୍ତିଶାଳୀ ଆଣ୍ଟି-ଅକ୍ସିଡାଣ୍ଟ କୋଷର କ୍ଷତିକୁ ରୋକିଥାଏ । ପିଜୁଳି ପରି ଏହାର ପତ୍ରରେ ଭିଟାମିନ୍ ସି ରହିଥାଏ। ଏହାର ଭିଟାମିନ୍ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ପତ୍ରଗୁଡିକ ଆଣ୍ଟି-ମାଇକ୍ରୋବାୟଲ୍ ଏବଂ ସଂକ୍ରମଣରୁ ମଧ୍ୟ ରକ୍ଷା କରିଥାଏ। ପିଜୁଳି ପତ୍ରରେ ଅନେକ ବାୟୋ ଆକ୍ଟିଭ୍ କମ୍ପାଉଣ୍ଡ ରହିଥାଏ। ଯାହା ଶରୀରରେ କାର୍ବୋହାଇଡ୍ରେଟ୍ ଅବଶୋଷଣକୁ ରୋକିଥାଏ । ଏହାବ୍ୟତୀତ ଶରୀରରେ ସୁଗାର ଏବଂ କ୍ୟାଲୋରୀ ପରିମାଣକୁ ହ୍ରାସ କରିଥାଏ ପିଜୁଳି ପତ୍ର । ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ ।



*ତମ୍ବା ପାତ୍ରରେ ପାଣି ପିଇବା ଅତ୍ୟନ୍ତ ଲାଭଦାୟକ ଅଟେ। କୁହାଯାଏ ଯେ ତମ୍ବା ପାତ୍ରରେ ପାଣି ପିଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ଏବଂ ହଜମ ଶକ୍ତି ମଧ୍ୟ ବୃଦ୍ଧି ହୋଇଥାଏ । ତେବେ ତମ୍ବା ପାତ୍ରରେ ପାଣି ପିଉଥିବା ଲୋକମାନେ ଅନେକ ସମୟରେ କିଛି ଭୁଲ କରି ବସନ୍ତି ଯାହା କ୍ଷତି ହୋଇଥାଏ।*

ଆଧୁନିକ ଜୀବନଶୈଳୀରେ, ଅନେକ ଲୋକ ଅଛନ୍ତି ଯେଉଁମାନେ ରସ, କାଚ ଏବଂ ଷ୍ଟିଲରେ ନିର୍ମିତ ବାସନ ବ୍ୟବହାର କରନ୍ତି । କିନ୍ତୁ ଅନେକ ଲୋକଙ୍କ ଘରେ ତମ୍ବା ବାସନର ବ୍ୟବହାର କରାଯାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ତମ୍ବା ପାତ୍ରରେ ପାଣି ପିଇବା ଅତ୍ୟନ୍ତ ଲାଭଦାୟକ ଅଟେ। ଏଥିରେ ପାଣି ରଖି ଏହାକୁ ପିଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ ।ତେବେ ତମ୍ବା ବାସନ ଯଦି ବ୍ୟବହାର କରୁଛନ୍ତି ତେବେ କିଛି କଥା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ।

■ ଯାଦି ଆପଣ ତମ୍ବା ପାତ୍ରରେ ପାଣି ରଖୁଛନ୍ତି ତେବେ ଦିନ ସାରା ସେହି ପାଣି ରଖନ୍ତୁ ନାହିଁ । ଦିନସାରା ତମ୍ବା ପାତ୍ରରେ ପାଣି ରଖି ପିଇବା ଦ୍ୱାରା ଶରୀରରେ ତମ୍ବାର ପରିମାଣ ବଢିଯାଇଥାଏ । ଯେଉଁ କାରଣରୁ ମୁଣ୍ଡ ବୁଲାଇବା, ପେଟ ଯନ୍ତ୍ରଣା, କିଡନୀ ବିଫଳତା ଭଳି ଗମ୍ଭୀର ସମସ୍ୟା ଦେଖାଯାଏ ।

■ ଭୁଲରେ ମଧ୍ୟ ତମ୍ବା ପାତ୍ରରେ ଲେମ୍ବୁ କିମ୍ବା ମହୁ ମିଶାନ୍ତୁ ନାହିଁ । କାରଣ ଏହି ଦୁଇଟି ଜିନିଷ ଏକାଠି ହେଲେ ସେ ପାତ୍ରରେ ବିଷାକ୍ତ ପ୍ରକ୍ରିୟା ସୃଷ୍ଟି ହୋଇଥାଏ। ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ ।

■ ଏକ ତମ୍ବା ପାତ୍ରରେ ଲେମ୍ବୁ ପକାଇ ଖାଇବା ଦ୍ୱାରା ପେଟ ଯନ୍ତ୍ରଣା, ଗ୍ୟାସ୍ ଏବଂ ବାନ୍ତି ହୁଏ । ତମ୍ବା ପାତ୍ରରେ ସବୁବେଳେ ପାଣି ପିଇବା ଦ୍ୱାରା ଶରୀରରେ ଅମ୍ଳତା ବୃଦ୍ଧି ପାଇଥାଏ । ତମ୍ବା ପାତ୍ରରେ ଖଟା ଜିନିଷ ରଖନ୍ତୁ ନାହିଁ । ଏହା ଦ୍ୱାରା ପାତ୍ରରେ ଥିବା ଖାଦ୍ୟ ସମ୍ପୂର୍ଣ୍ଣ ବିଷାକ୍ତ ହୋଇଯାଇଥାଏ ।

■ ତମ୍ବା ପାତ୍ରରେ ପାଣି ପିଇବା ପୂର୍ବରୁ କିଡନୀ ଏବଂ ହୃଦ୍ ରୋଗୀମାନେ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଆବଶ୍ୟକ । ଯଦି ଆପଣ ତମ୍ବା ବୋତଲରେ ପାଣି ପିଉଛନ୍ତି ତେବେ ଏହାକୁ ସପ୍ତାହରେ ତିନିଥର ସଫା କରନ୍ତୁ । ତମ୍ବା ବାସନକୁ ସଠିକ୍ ଭାବରେ ସଫା ସୁତୁରା ରଖିବା ଉଚିତ୍ । ନହେଲେ ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ପ୍ରମାଣିତ କରିପାରେ । ତେଣୁ, ତମ୍ବା ବାସନକୁ ଲେମ୍ବୁ ଏବଂ ଲୁଣ ପକାଇ ଭଲ ଭାବରେ ସଫା କରନ୍ତୁ ।



## ପୁଣି ଅଡୁଆରେ ହ୍ରିତିକଙ୍କ କ୍ରିଶ-୪

ହ୍ରିତିକ ରୋଶନଙ୍କ ବହୁ ଚର୍ଚ୍ଚିତ କ୍ରିସ୍ ୪ ଫିଲ୍ମ ପୂନର୍ବାର ଅଡୁଆରେ ପଡିଛି। ରିପୋର୍ଟ ଅନୁସାରେ ଫିଲ୍ମକୁ ସମ୍ପୂର୍ଣ୍ଣ କରିବା ପାଇଁ ୭୦୦ କୋଟି ବଜେଟର ଆବଶ୍ୟକତା ରହିଛି । ଏତେ ମାତ୍ରାରେ ଅର୍ଥ ବାଜିରେ ଲଗାଇବାକୁ କେହି ରାଜି ହେଉନାହାନ୍ତି । କ୍ରିସ୍ ୩ ରିଲିଜ ହେବାର ୧୦ ବର୍ଷରୁ ଅଧିକ ସମୟ ହୋଇ ଗଲାଣି । ଏବେକାର ଦର୍ଶକ ଏହାକୁ ଗ୍ରହଣ କରିବେ କି ନାହିଁ ସେ ନେଇ ସମସ୍ତେ ଦ୍ୱନ୍ଦ୍ୱରେ ରହିଛନ୍ତି । ସିଦ୍ଧାର୍ଥ ଆନନ୍ଦ ମଧ୍ୟ ଏହି ପ୍ରୋଜେକ୍ଟରୁ ଦୂରେଇ ଯାଇଛନ୍ତି । ହ୍ରିତିକ ଏବଂ ତାଙ୍କ ବାପା ରାକେଶ ରୋସନ ଏ ନେଇ ଭାରତର ପ୍ରାୟ ସମସ୍ତ ଷ୍ଟୁଡିଓ ସହ ଯୋଗାଯୋଗ କରି ସାରିଛନ୍ତି । ପୂର୍ବରୁ ଏହାର ସୁଟିଂ ୨୦୨୫ରେ ଆରମ୍ଭ ହେବ ବୋଲି ସ୍ଥିର ହୋଇଥିଲା । ଏବେ ଏହାକୁ ଘୁଞ୍ଚାଇ ଦିଆଯାଇ ୨୦୨୬ରେ ଆରମ୍ଭ ହେବ ବୋଲି ମେକର୍ସଙ୍କ ପକ୍ଷରୁ କୁହାଯାଇଛି। ସିଦ୍ଧାର୍ଥଙ୍କ ପରେ ରାକେଶ ଏହି ଫିଲ୍ମ ପାଇଁ ଏକ ନୂଆ ଟିମ ପ୍ରସ୍ତୁତ କରିବାକୁ ଯାଉଛନ୍ତି । ତେବେ ମୂଖ୍ୟ ସମସ୍ୟା ଏହାର ବଜେଟ ରହିଛି । ୱାର ୨ ଫିଲ୍ମ ଯଦି ବକ୍ସ ଅଫିସରେ ଭଲ ବ୍ୟବସାୟ କରେ ତେବେ ହ୍ରିତିକଙ୍କ କ୍ରିଶ ୪ ଫିଲ୍ମ ପାଇଁ ସମସ୍ତ ଅସୁବିଧା ଦୂର ହୋଇଯିବ ବୋଲି ଆଶା କରାଯାଉଛି। ସୂଚନା ଯୋଗ୍ୟ କୋଇ ମିଲ ଗୟା ପରେ କ୍ରିଶ ଫ୍ରାଂଚାଇଜର ଆରମ୍ଭ ହୋଇଥିଲା । ସମସ୍ତ ଫିଲ୍ମ ବକ୍ସ ଅଫିସରେ ଭଲ ବ୍ୟବସାୟ କରିଛି ।



## ଗୌରୀଙ୍କୁ ଡେଟ୍ କରୁଛନ୍ତି ଅମୀର

ବଲିଉଡର ମିଷ୍ଟର ପରଫେକସନିଷ୍ଟ ଅମୀର ଖାନ୍ ପୁଣି ଥରେ ଚର୍ଚ୍ଚାରେ । ପ୍ରେମ, ବିବାହ, ପରିବାର ଏବଂ କ୍ୟାରିୟର ପାଇଁ ସବୁବେଳେ ଚର୍ଚ୍ଚାରେ ରହୁଥିବା ଅମୀର ପୁଣିଥରେ ପ୍ରେମ ପାଇଁ ଚର୍ଚ୍ଚାରେ । ଅମୀର ନିକଟରେ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ନିଜ ଲଭ୍ ଲାଇଫକୁ ନେଇ ଖୁସି ଖବର ଦେଇଛନ୍ତି । ଗଣମାଧ୍ୟମ ସହ ନିଜ ଗାର୍ଲଫ୍ରେଣ୍ଡର ପରିଚୟ କରାଇଛନ୍ତି । ଅମୀର ଜନ୍ମଦିନ ପାଳନ ଅବସରରେ ସେ ନିଜର ନୂଆ ପ୍ରେମିକାଙ୍କ ବିଷୟରେ ଗଣମାଧ୍ୟମକୁ ଜଣାଇଥିଲେ । କିନ୍ତୁ ତାଙ୍କର ଫଟୋ ନ ଉଠାଇବାକୁ ଅନୁରୋଧ କରିଥିଲେ । ଅମୀରଙ୍କ ପ୍ରେମିକାଙ୍କ ନାଁ ଗୌରୀ ସ୍ପ୍ରାଟ୍ । ସେ ଅମୀରଙ୍କ ପ୍ରଯୋଜନା ସଂସ୍ଥାରେ ଜଣେ କର୍ମଚାରୀ ଭାବେ କାମ କରନ୍ତି । ଗତ ବର୍ଷରୁ ଉଭୟ ପରସ୍ପରକୁ ଡେଟ୍ କରୁଛନ୍ତି । ଗୌରୀ ଏବେ ବେଙ୍ଗାଲୁରୁରେ ରହୁଛନ୍ତି । ସେ ତାଙ୍କ ସ୍ୱାମୀଙ୍କଠୁ ଅଲଗା ରହୁଥିବାବେଳେ ତାଙ୍କର ଏକ ୬ ବର୍ଷର ପୁଅ ବି ଅଛି । ସେ ଜଣେ ନାମୀ ବ୍ୟବସାୟୀ ପରିବାରରୁ ଆସିଛନ୍ତି । ସେ ଲଣ୍ଡନରୁ ଫ୍ୟାସନ ଡିଜାଇନରେ ସ୍ୱତନ୍ତ୍ର କୋର୍ସ କରିଛନ୍ତି । ତାଙ୍କର ନିଜର ମଧ୍ୟ ବିଜନେସ୍ ରହିଛି । ଏହା ପୂର୍ବରୁ ଅମୀର ଦୁଇ ଥର ବିବାହ କରିସାରିଛନ୍ତି। ରୀନା ଦତ୍ତା ତାଙ୍କର ପ୍ରଥମ ସ୍ତ୍ରୀ ଓ ଫିଲ୍ମ ନିର୍ଦ୍ଦେଶିକା କିରନ ରାଓ ତାଙ୍କର ଦ୍ୱିତୀୟ ପତ୍ନୀ। ଅମୀରଙ୍କର ୩ ସନ୍ତାନ ମଧ୍ୟ ଅଛନ୍ତି।





## କାର୍ କିଣିଲେ ଉର୍ବଶୀ

ବଲିଉଡ ଅଭିନେତ୍ରୀ ଉର୍ବଶୀ ରାଉତେଲା ଅନେକ ସମୟରେ ବିବାଦରେ ରହିଥାନ୍ତି। କିଛି ଦିନ ତଳେ ସେ ନିଜର ଗୀତ ଦାବିଡି ଦିବିଡି ଗୀତକୁ ନେଇ ସମାଲୋଚିତ ହୋଇଥିଲେ । ଏବେ ସେ ନିଜର ବିଳାସପୂର୍ଣ୍ଣ କାର୍ ରୋଲ୍ସ ରଏସ୍ କାର୍‌କୁ ନେଇ ଚର୍ଚ୍ଚାକୁ ଆସିଛନ୍ତି। ଏହି କାର୍ କିଣିବାରେ ଉର୍ବଶୀ ପ୍ରଥମ ଭାରତୀୟ ଅଭିନେତ୍ରୀ ହୋଇଛନ୍ତି। ଉର୍ବଶୀ ରାଉତେଲାଙ୍କ ପୂର୍ବରୁ ଭାରତରେ କେବଳ ୬ଜଣ ଲୋକ ଏହି କାର କିଣିଛନ୍ତି। ଏସିଆର ସବୁଠାରୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀଙ୍କ ସହିତ ବଲିଉଡ ସୁପରଷ୍ଟାର ଶାହରୁଖ ଖାନଙ୍କ ନାମ ମଧ୍ୟ ଏହି ତାଲିକାରେ ସାମିଲ ଅଛି । ଏବେ ଉର୍ବଶୀ ରାଉତେଲାଙ୍କ ନାମ ମଧ୍ୟ ଏହି ତାଲିକାରେ ସାମିଲ ହୋଇଛି ।ଫଟୋ ସାମ୍ନାକୁ ଆସିବା ପରେ ଉର୍ବଶୀ ରାଉତେଲାଙ୍କ ରୋଲ୍ସ-ରଏସ୍ କଲିନାନ୍ ବିଷୟରେ ସବୁଠି ଚର୍ଚ୍ଚା ଚାଲିଛି। ରିପୋର୍ଟ ଅନୁସାରେ, ଏହି ରୋଲ୍ସ-ରଏସ୍ କଲିନାନର ମୂଲ୍ୟ ପ୍ରାୟ ୧୨ କୋଟି ଟଙ୍କା। ଏହି କାର୍‌ଟି ଉର୍ବଶୀଙ୍କ ଇନଷ୍ଟାଗ୍ରାମ ପୋଷ୍ଟରେ ମଧ୍ୟ ଦେଖାଯାଇଛି। ରୋଲ୍ସ-ରଏସ୍ କଲିନାନ୍‌ରେ ଅନେକ ବିଳାସପୂର୍ଣ୍ଣ ବୈଶିଷ୍ଟ୍ୟ ରହିଛି। ଉଲ୍ଲେଖଯୋଗ୍ୟ, ଉର୍ବଶୀ ରାଉତେଲା ୨୦୧୫ ମସିହାରେ ମିସ୍ ଡିଭା-ମିସ୍ ୟୁନିଭର୍ସ ଇଣ୍ଡିଆ ଟାଇଟଲ ଜିତିଥିଲେ। ସେବେଠାରୁ ଉର୍ବଶୀଙ୍କ ନାମ ସମଗ୍ର ଇଣ୍ଡଷ୍ଟ୍ରିରେ ଲୋକପ୍ରିୟ ହୋଇଥିଲା। ଏବେ ଉର୍ବଶୀ ରାଉତେଲାଙ୍କୁ ଇନଷ୍ଟାଗ୍ରାମର ଫୋବର୍ସ ଧନୀ ତାଲିକାରେ ସାମିଲ କରାଯାଇଛି। ଫୋବର୍ସ ଧନୀ ତାଲିକାରେ କେବଳ ସେହି ଲୋକଙ୍କୁ ସାମିଲ କରାଯାଏ ଯାହାଙ୍କର ଲୋକଙ୍କ ଉପରେ ବହୁତ ପ୍ରଭାବ ଅଛି ଏବଂ ଯେଉଁମାନେ ନିଜ କ୍ୟାରିୟରରେ ସଫଳତା ହାସଲ କରିଛନ୍ତି।





## ଚା'-କଫି ପରି ଏଠାରେ ମହିଳା ପିଅନ୍ତି ସାପ ରକ୍ତ

ସବୁଠାରୁ ଭୟଙ୍କର ଜୀବ ମଧ୍ୟରେ ସାପ ଅନ୍ୟତମ। ଯେକେହି ଏହାକୁ ଦେଖିବା ମାତ୍ରେ ଡରିଯାଇଥାନ୍ତି। ମାତ୍ର ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତାରେ କୋବ୍ରା ରକ୍ତ ପିଇବାର ପରମ୍ପରା ରହିଛି। ଏହା ପଛରେ କାରଣ ମଧ୍ୟ ରହିଛି। ଏହି ରକ୍ତ ପିଇବା ଦ୍ୱାରା ପୁଅମାନେ ବଳବାନ ହେଉଥିବା ବେଳେ ଝିଅମାନଙ୍କ ତ୍ୱଚା ସୁନ୍ଦର ହୋଇଥାଏ ବୋଲି ସେମାନଙ୍କର ବିଶ୍ୱାସ ରହିଛି। ତେଣୁ ଏଠାରେ ଏହି ରକ୍ତ ବିକ୍ରି ହୋଇଥାଏ। ସକାଳେ ଓ ସନ୍ଧ୍ୟାରେ ବୁଲାବୁଲି କରିବା ସମୟରେ ଏହାକୁ ଚା', କଫି ପରି ପିଆଯାଇଥାଏ। ଏହାର ଚାହିଦା ଦିନକୁ ଦିନ ବଢୁଥିବା ଦେଖି ଏଠାକାର ଦୋକାନୀମାନେ ଦିନକୁ ହଜାର ହଜାର ସଂଖ୍ୟାରେ ସାପ କାଟିଥାନ୍ତି। ଏହି ଦୋକାନଗୁଡିକ ସନ୍ଧ୍ୟା ୫ଟାରେ ଖୋଲୁଥିବା ବେଳେ ରାତି ୧ଟାରେ ବନ୍ଦ ହୋଇଥାଏ। ଏହି ରକ୍ତ ପିଇବାର ୩/୪ ଘଣ୍ଟା ପର୍ଯ୍ୟନ୍ତ ଚା' କିମ୍ବା କଫି ନ ପିଇବାକୁ ପରାମର୍ଶ ଦିଆଯାଇଥାଏ। ଫଳରେ ଏହି ରକ୍ତ ଶରୀରରେ ଠିକ୍ ଭାବେ କାମ କରିଥାଏ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

**ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କାକଟପୁର, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲାର ଅନନ୍ୟ ଶକ୍ତିପୀଠ ଅଧିଷ୍ଠାତ୍ରୀ ଦେବୀ ମା’ ମଙ୍ଗଳାଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଘଣ୍ଟଘଣ୍ଟା ଏବଂ ପାରମ୍ପରିକ ବାଦ୍ୟର ତାଳେତାଳେ କାକଟପୁର ହାଇସ୍କୁଲ ପଛ ପଡିଆ ଉତ୍ସବ ସ୍ଥଳକୁ ଆଜ୍ଞାମାଳ ଏବଂ ମଶାଲ ଅଣାଯିବା ପରେ ଚତୁର୍ଦ୍ଦଶ ମା’ ମଙ୍ଗଳା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସଭା ସାଂସଦ ସୁଭାଶିଷ ଖୁଣ୍ଟିଆ, କାକଟପୁର ବିଧାୟକ ତଥା ମହୋତ୍ସବ କମିଟିର ସଭାପତି ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ତଥା କମିଟିର ସମ୍ପାଦକ ସ୍ୱାଧୀନ କୁମାର ନାୟକ, ବିଶିଷ୍ଟ ଶିକ୍ଷାବିତ ତଥା ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ସ୍ୱପ୍ନେଶ୍ୱର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ ପ୍ରତାପ ରାଉତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଓଡ଼ିଶା ସାିନେଜଗତର ପ୍ରଖ୍ୟାତ ହାସ୍ୟଭିନେତା ପପୁ ପମ୍‌ପମ୍‌ଙ୍କ କମେଡି ସୋ ଏବଂ ଭୁବନେଶ୍ୱରର ନୁପୁର ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଅନୁଷ୍ଠିତ ଓଡ଼ିଶୀ ନୃତ୍ୟ ଉଦଘାଟନୀ ସନ୍ଧ୍ୟାକୁ ବେଶ ମନମୁଗ୍ଧକର କରିଦେଇଥିଲା। ଉକ୍ତ ଉତ୍ସବକୁ କମିଟିର ସମସ୍ତ ସଭ୍ୟମାନେ ଅତ୍ୟନ୍ତ ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା କରିଥିବା ବେଳେ କାକଟପୁର ଥାନା ପକ୍ଷରୁ ପୋଲିସ ଫୋର୍ସ ସହ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା



## ଗୋ-ଚାଲାଣ ବେଳେ ଭଞ୍ଜନଗର ପୋଲିସର ଚଢ଼ାଉ, ଜଣେ ଗିରଫ



ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଭଞ୍ଜନଗର ଥାନା ପୋଲିସ, ଏକ ବଡ଼ ଧରଣର ଗୋ-ଚାଲାଣ ଘଟଣାକୁ ରୋକିବାରେ ସଫଳ ହୋଇଛି। ଚାଲାଣ ହେଉଥିବା ଗାଈ-ଗୋରୁଙ୍କୁ ଉଦ୍ଧାର କରିଛି। ଘଟଣା ସ୍ଥଳରୁ ଚମ୍ପଟ ମାରିଛନ୍ତି, ଚାଲାଣକାରୀ ମାନେ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି, ପୋଲିସ। ସୂଚନା ପ୍ରକାରେ ଶନିବାର ବିଳମ୍ବିତ ରାତିରେ, ଭଞ୍ଜନଗର ନିକଟସ୍ଥ ଫୁଲବାଣୀ ରାସ୍ତାର ନିଧିଆପଲ୍ଲୀ ନିକଟରେ କିଛି ଗୋ-ଚାଲାଣକାରୀ ଗାଈ-ଗୋରୁଙ୍କୁ ଏକାଠି କରି ଚଲାଇ ଚଲାଇ ନେଉଥିଲେ। ଏହି ସମୟରେ କିଛି ସାଧୁସନ୍ଥ ଘଟଣା ସ୍ଥଳରେ ପଚରାଉଚରା କରୁଥିବା ବେଳେ, ସେଠାରେ ପହଞ୍ଚିଥିଲା ପେଟ୍ରୋଲିଂ କରୁଥିବା ଭଞ୍ଜନଗର ପୋଲିସ ଟିମ୍। ପୋଲିସକୁ ଦେଖି ଚାଲାଣକାରୀମାନେ ଫେରାର ହୋଇଯିବାରୁ ସନ୍ଦେହ ବଢ଼ିଥିଲା। କୌଣସି ମନ୍ଦ ଉଦ୍ଦେଶ୍ୟରେ ଗୋ-ଚାଲାଣ ହେଉଥିବା ଜଣାପଡିଥିଲା। ଉଦ୍ଧାର ହୋଇଥିବା ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ଗାଈଗୋରୁଙ୍କୁ ଘଟଣା ସ୍ଥଳରେ ଉପସ୍ଥିତ ଥିବା ସାଧୁସନ୍ଥଙ୍କୁ ହସ୍ତାନ୍ତର କରିଥିଲା ପୋଲିସ। ଗଞ୍ଜାମ-ନୟାଗଡ଼ ସୀମାନ୍ତ କରଚୁଲି ନିକଟ ଏକ ଗୋ-ଆଶ୍ରମ ଠାରେ ରଖାଯିବା ପାଇଁ ନିଆଯାଉଛି। ଥାନା ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ, ସୋରଡା ଥାନା ଅନ୍ତର୍ଗତ ଦହିସିଙ୍ଗି ଗାଁ’କୁ ଚାଲାଣ ହେଉଥିଲା ସମସ୍ତ ଗୋରୁ ଓ ଗାଈ। ଘଟଣା ସ୍ଥଳରୁ ଅଭିଯୁକ୍ତମାନେ ଫେରାର ହୋଇଯାଇ ଥିବା ବେଳେ, ଅନ୍ୟ ଜଣେ ଅଭିଯୁକ୍ତ ମନୁ ନାଇକଙ୍କୁ ଗିରଫ କରିଛି ପୋଲିସ। ଏହାସହ ଗୋଟିଏ ଗାଡ଼ି ଓ ଏକ ବାଇକ୍‌କୁ ଜବତ କରାଯାଇଛି। ଏନେଇ ଭଞ୍ଜନଗରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ଉଦ୍ଧାର ହୋଇଥିବା ସମସ୍ତ ଗାଈଙ୍କୁ ବୁଗୁଡ଼ା ନିକଟସ୍ଥ ଆନନ୍ଦ ଚାରିଟେବୁଲ ଟ୍ରଷ୍ଟର ସ୍ୱାମୀ ସତ୍ୟାନନ୍ଦ ଗିରିଙ୍କ ତତ୍ତ୍ୱାବଧାନରେ ସମସ୍ତ ଗାଈଙ୍କୁ ଗୋ-ରକ୍ଷା ଆଶ୍ରମକୁ ପଠାଇ ଦିଆଯାଇଛି। ଥାନାଧିକାରୀ ଜୀବନାନନ୍ଦ ଜେନାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଚଢ଼ାଉରେ ଏଏସଆଇ ଶୁଶାନ୍ତ ପଟ୍ଟନାୟକ, ଗୃହରକ୍ଷୀ ଟି. ହେମନ୍ତ ରାଓ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

## ୩୦ପେଟି ବିୟର, ୩ପେଟି ବିଦେଶୀ ମଦ ଜବତ, ଜଣେ ଗିରଫ

କୁକୁଡ଼ାଖଣ୍ଡି, (ଭାସ୍କର ନ୍ୟୁଜ୍): ସଦର ଥାନା ଅନ୍ତର୍ଗତ ପଦରବାଲି ଛକ ନିକଟରେ ଥିବା ଏକ ଦୋକାନ ଘରୁ ୩୦ ପେଟି ବିୟର, ୩ ପେଟି ବିଦେଶୀ ଜବତ କରିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ପଦରବାଲି ଛକ ନିକଟରେ ଦୀର୍ଘଦିନ ଧରି ପୋଲିସ ଆଖିରେ ଧୂଳି ଦେଇ ବେଆଇନ ଭାବେ ବିଦେଶୀ ମଦ ବିକ୍ରୀ ଚାଲିଥିଲା। କିନ୍ତୁ ହୋଲି ଉତ୍ସବ ଅବସରରେ ବିଦେଶୀ ମଦ ଦୋକାନ ବନ୍ଦ ରହୁଥିବା ବେଳେ ଏହାର ଫାଇଦା ଉଠାଇବା ସହ ଅଧିକ ଚଢ଼ା ଦରରେ ବିକ୍ରୀ ମନଭାବ ନେଇ ବେଆଇନ ଭାବେ ପେଟିପେଟି ବିଦେଶୀ ମଦ ଗଚ୍ଛିତ ରଖିଥିଲେ। କୌଣସି ସୂତ୍ରରୁ ଅବକାରୀ ସ୍କ୍ୱାଡ୍ ଖବର ପାଇ କୃଷ୍ଣଚନ୍ଦ୍ର ସୁବୁଦ୍ଧିଙ୍କ ଘରେ ଚଢ଼ଉ କରି ୩୦ପେଟି ବିୟର, ୩ ପେଟି ବିଦେଶୀ ଜବତ କରିବା ସହ କୃଷ୍ଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଟଙ୍କା ଫେରସ୍ତ ନେଇ ଗୋଲଡେନ ଲ୍ୟାଣ୍ଡ ଓ ଜି.ଏଲ.ପି କ୍ଷତିଗ୍ରସ୍ତ ଜମାକାରୀ ସଂଘର ଆନ୍ଦୋଳନ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ସ୍ଥିତ ‘ମା’ ଭୂଇଁଆଣୀ ପୀଠ’ ଠାରେ ଓଡ଼ିଶା ରାଜ୍ୟ ଗୋଲଡ଼େନ ଲ୍ୟାଣ୍ଡ ଓ ଜି.ଏଲ.ପି କ୍ଷତିଗ୍ରସ୍ତ ଜମାକାରୀ ସଂଘର ଏକ ଅତ୍ୟନ୍ତ ଜରୁରୀ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସହ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ରାଜ୍ୟ ସଭାପତି ଅଶୋକ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଓ ରାଜ୍ୟ ମୁଖ୍ୟ ସଂଯୋଜକ ତଥା ଆଇନଜୀବୀ ରାଜୀବ ଲୋଚନ ପ୍ରଧାନଙ୍କ ସଂଯୋଜନା କ୍ରମେ ଜମାକାରୀଙ୍କ ଫେରସ୍ତ ନେଇ ଆନ୍ଦୋଳନ ସହ ସାମ୍ବାଦିକ ସମ୍ମିଳନୀ କରାଯାଇଛି। ଓଡ଼ିଶା ରାଜ୍ୟ ଗୋଲଡ଼େନ ଲ୍ୟାଣ୍ଡ ଓ ଜିଏଲପି କ୍ଷତିଗ୍ରସ୍ତ ଜମାକାରୀ ସଂଘ ହେଉଛି ଅସହାୟଙ୍କ ଜନତା ତଥା ଗୋଲଡ଼େନ ଲ୍ୟାଣ୍ଡ ଓ ଜି.ଏଲ.ପିରେ କ୍ଷତିଗ୍ରସ୍ତ ହୋଇଥିବା ଜମାକାରୀଙ୍କ ସଂଘ ଭାବେ କାର୍ଯ୍ୟକାରୀ କରିଆସୁଛନ୍ତି। ଯାହାକି ସମଗ୍ର ଓଡ଼ିଶା ରାଜ୍ୟରେ ଗୋଲଡ଼େନ ଲ୍ୟାଣ୍ଡ ଓ ଜିଏଲପିରେ କ୍ଷତିଗ୍ରସ୍ତ ଜମାକାରୀଙ୍କ ଅଧିକାର ଓ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଅଛି। ତତ୍‌ସହିତ ଆମ ରାଜ୍ୟ ଓଡ଼ିଶାର ସମସ୍ତ କ୍ଷତିଗ୍ରସ୍ତ ଜମାକାରୀମାନେ କିଭଳି ନିଜର ଜମାଟଙ୍କା ନୂତନ ସରକାର ସମୟରେ ଫେରିପାଇବେ ଓ ମହାସଂଘର ଆଗାମୀ ଦିନରେ କ’ଣ କ’ଣ କାର୍ଯ୍ୟପନ୍ଥା ରହିବ, ସେହି ଉଦ୍ଦେଶ୍ୟରେ ସଂଘର ଏକ ରାଜ୍ୟ କାର୍ଯ୍ୟକାରିଣୀ ଓ ‘ସାମ୍ବାଦିକ ସମ୍ମିଳନୀ’ ଅନୁଷ୍ଠିତ ହୋଇଯାଇଅଛି। ଆଗାମୀ ଦିନରେ ସଂଘ ତରଫରୁ ଜମାକାରୀଙ୍କ ଟଙ୍କା ତୁରନ୍ତ ଫେରସ୍ତରେ ସରକାରଙ୍କ କଡ଼ା ପଦକ୍ଷେପ ଓ ଜମାକାରୀଙ୍କ ପାଇଁ ପ୍ରାୟୋଜିତ ଆରଆଇ ଭେରିଫିକେସନରେ ସରଳୀକରଣ, କମ୍ପାନୀ ପରିଚାଳନା କମିଟି କାର୍ଯ୍ୟକର୍ତ୍ତାଙ୍କୁ ତୁରନ୍ତ ଗିରଫ, ବର୍ତ୍ତମାନ ଲୁକାୟତ ଥିବା କମ୍ପାନୀର ସମସ୍ତ ସ୍ଥାବର ଓ ଆସ୍ଥାବର ସମ୍ପତ୍ତିକୁ ତୁରନ୍ତ ନୟାଗଡ ଓ ଖୋର୍ଦ୍ଧା ଜିଲ୍ଲାରେ ଥିବା କମ୍ପାନୀର ଜାଗାକୁ ସଂଘ ତୁରନ୍ତ ନିଜ ଦଖଲରେ ନେବାକୁ ଘୋଷଣା କରିଛି। ଯଦି ଉକ୍ତ କାର୍ଯ୍ୟରେ ବିଳମ୍ବିତ ହୁଏ, ସଂଘ ଜନସାଧାରଣଙ୍କ ସହଯୋଗରେ ବ୍ୟାପକ ଆନ୍ଦୋଳନ କରିବା ସହ କଡା ଆଭିମୁଖ୍ୟ ଗ୍ରହଣ କରିବାର ସଂଘ ପକ୍ଷରୁ ଧମକ ଦେଇଛି। ଉକ୍ତ କାର୍ଯ୍ୟକ୍ରମରେ ସଂଘର ସଦସ୍ୟ ପ୍ରମୋଦ କୁମାର ଖଣ୍ଡୁଆଳ, ମମତା ସ୍ୱାଇଁ, ଜ୍ୟୋସ୍ନାରାଣୀ ସୁବୁଦ୍ଧି, ସାଧୁଚରଣ ମେହେନା, ମନୋରଞ୍ଜନ ରାଉତ, ଡମ୍ବରୁ ପାତ୍ର, ମନୋରଞ୍ଜନ ବଳିୟାରସିଂହ, ସରୋଜିନୀ ପ୍ରଧାନ, ଶ୍ରୀକାନ୍ତ ସାମଲ, ରଂଜିତ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ବିଶ୍ୱାସ ଓ ଭରସାର ଠାକୁର ହରିଶହଦେବ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଏହି ପର୍ବର ପ୍ରାଧାନ୍ୟ ବେଶୀ। ଫାଲଗୁନ ଦଶମୀ ତିଥିରୁ ସାଧାରଣତଃ ଗୋବିନ୍ଦଙ୍କର ଯାତ୍ରା ଏବଂ ଗ୍ରାମ ପରିକ୍ରମା ଆରମ୍ଭ ହୋଇଥାଏ। ଶ୍ରୀ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ଝୁଲଣ ମଣ୍ଡପରେ ଦୋଳି ଝୁଲିବା ସହିତ ସୁସଜ୍ଜିତ ବିମାନରେ ବିଜେ କରନ୍ତି। ଶ୍ରୀରାଧାକୃଷ୍ଣ ବିମାନରେ ବିରାଜମାନ ହୋଇ ଘରେଘରେ ଭୋଗ ଖାଆନ୍ତି। ଦୋଳ ପଡ଼ିଆ ବା ମେଳନ ପଡ଼ିଆରେ ବିଭିନ୍ନ ଗ୍ରାମରୁ ଆସିଥିବା ବିମାନର ମେଳନ ହୁଏ। ଦୋଳଯାତ୍ରାର ଅନ୍ୟତମ ପ୍ରଧାନ ବିଭବ ହେଉଛି ରଙ୍ଗ ଖେଳ। ଦୋଳ ପୂର୍ଣ୍ଣିମାର ପରଦିନ ରଙ୍ଗର ପର୍ବ ହୋଲି ପାଳିତ ହୁଏ। ଆଧାତ୍ମିକ ଭାରତବର୍ଷର ବିଭବକୁ ଦେଖିଲେ ସବୁ ଆଧାତ୍ମିକ ଭାରତବର୍ଷର ବିଭବକୁ ଦେଖିଲେ ସବୁ ସମ୍ପ୍ରଦାୟ ହୋଲିକୁ ଆନନ୍ଦ ଓ ଭାତୃତ୍ୱର ଗଣ ଉତ୍ସବ ଭାବେ ପାଳନ କରିଥାନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ଦୋଳ ପୂର୍ଣ୍ଣିମା ହେଉଥିବା ବେଳେ ଶିଶୁଅ ପଂଚାୟତ ବଡ଼ଓଲା ନିକଟରେ ଗୋସିଙ୍ଗା, ତିରିକଣା, ବଙ୍କୁରୀ, ଶିଶୁଅ, ହଳଦୀଗୋରଡା ଦୋଳ ବିମାନ ଏକତ୍ରିତ ହେଉଥିବା ବେଳେ ଗୁରୁବାର ଅପରାହ୍ନ ରେ ଗୋପାଳ ମାନେ ନିକଟସ୍ତ ନଦୀରୁ କଳସି ମାଧ୍ୟମରେ ଜଳଆଣି ଘଟ ସ୍ଥାପନ କରିଥିଲେ। ଶୁକ୍ରବାର ପ୍ରତ୍ୟୁଷରୁ ଦୋଳ ପୂର୍ଣ୍ଣିମା ରେ ସକାଳୁ ହରିଶହଦେବ ପୀଠରେ ଦୂରଦୁରାନ୍ତ ଶ୍ରଦ୍ଧାଳୁ ନିଜ ମନସ୍କାମନା ପୂରଣ ପାଇଁ ମନ୍ଦିର ନିକଟରେ ଅଧିଆ ପଡ଼ିଥିଲେ। ବିଶ୍ୱାସ ରହିଛି କେଉଁ ଆବାହନ କାଳରୁ ମାନସିକଧାରୀ ମହିଳା ମାନେ ବନ୍ଧ୍ୟାଦୋଷ ଥିଲେ ସନ୍ତାନ ପ୍ରାପ୍ତି ହୋଇଥାଏ। ଦୋଳ ପୂର୍ଣ୍ଣିମା ସକାଳୁ ହରିଶହଦେବ ନିକଟରେ ବେଶ ଭିଡ଼ ପରିଲକ୍ଷିତ ହୋଇଥିଲା। ସେହିଭଳି ମାଣ୍ଡୁକି ପଂଚାୟତ ମାଣ୍ଡୁକିରେ ସରିପୁର ଅପାଖୋର, ସରିପୁର ହରିବଂଶ, କେନ୍ଦ୍ରାପଟି, ଜିଓଳ ଓ ଗୁଡୁବଣି ଦୋଳ ଏକତ୍ରିତ ହୋଇଥାଏ। ଭାଇଚାରା ବାର୍ତ୍ତା ନେଇ ଗୋଷ୍ଠୀ ଗୋଷ୍ଠୀ ବା ବ୍ୟକ୍ତିବ୍ୟକ୍ତି ମଧ୍ୟରେ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଏହି ପର୍ବ ଗ୍ରାମର ପିଲା ଠାରୁ ବୁଢା ଯାଏଁ ସଭିଙ୍କ ମନରେ ଭରିଦେଇଛି ଆନନ୍ଦ ଉଲ୍ଲାସ। ବିଭିନ୍ନ ରାଜ୍ୟରେ ନାନା ଢଙ୍ଗରେ ହୋଲି ଉତ୍ସବ ପାଳନ କରାଯାଏ। କିଛି ରାଜ୍ୟରେ ହୋଲି ଉତ୍ସବର ନାଁ ମଧ୍ୟ ଭିନ୍ନ। ପଶ୍ଚିମବଙ୍ଗରେ ‘ବସନ୍ତୋତ୍ସବ’, ମହାରାଷ୍ଟ୍ରରେ ‘ରଙ୍ଗପଞ୍ଚମୀ’, ପଞ୍ଜାବରେ ‘ହୋଲା ମହୋଲା’ ଓ ତାମିଲନାଡୁରେ ଏହା ‘କାମ-ଦହନ’ ନାମରେ ଜଣାଶୁଣା। ମଥୁରା ଅନ୍ତର୍ଗତ ବ୍ରଜରେ ଶ୍ରୀକୃଷ୍ଣ ଓ ଶ୍ରୀରାଧା ପ୍ରଥମେ ହୋଲି ଖେଳିଥିବାରୁ ତାହା ‘ବ୍ରଜ ହୋଲି’ ଭାବେ ପ୍ରସିଦ୍ଧ। ବୃନ୍ଦାବନରେ ଫୁଲରେ ହୋଲି ଖେଳାଯାଏ। ମହାରାଷ୍ଟ୍ରରେ ପାଞ୍ଚ ଦିନ ଧରି ହୋଲି ପାଳିତ ହୋଇଥାଏ। ଶେଷ ଦିନରେ ରଙ୍ଗ ଖେଳହୁଏ। ମାଠିଆ ଭଙ୍ଗା ଉତ୍ସବ ମଧ୍ୟ ହୋଲିର ଅନ୍ୟତମ ଆକର୍ଷଣୀୟ ପରମ୍ପରା। ଘଣ୍ଟ, ଘଣ୍ଟା, କାହାଳି, ଢୋଲ ମହୁରୀରେ କମ୍ପି ଉଠିଥିଲା ଗାଁ ପରିବେଶ। ଦୋଳ ପୂର୍ଣ୍ଣିମାରେ ଭକ୍ତ ମାନେ ମାନସିକ ପୂରଣ ପାଇଁ ଧାଡି ହୋଇ ହରିଶହଦେବଙ୍କ ପୀଠରେ ଅଧିଆ ପଡିବା ଶହ ଗୋ ପୂଜା କରିଥିଲେ। ଏହା ଦ୍ୱାରା ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ବନ୍ଦ ହେବ ବେଆଇନ ଇଟାଭାଟି



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ସହର ଆଖପାଖ ଅଞ୍ଚଳରେ ମାଳମାଳ ବେଆଇନ ଇଟାଭାଟି ଚାଲିଛି। ବେଆଇନ ଇଟାଭାଟି ବନ୍ଦ କରିବାକୁ ବାରମ୍ବାର ଲଘୁ ଖଣିଜ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଆସୁଥିଲା। ବୁଧବାର ଦିନ ଆନନ୍ଦପୁର ଉପଖଣ୍ଡ ଦାୟିତ୍ୱରେ ଥିବା ଲଘୁ ଖଣିଜ ଅଧିକାରୀ ତାରିଣୀ ସିଂହ ଅତିରିକ୍ତ ଭାବେ କେନ୍ଦୁଝର ସଦର ଦାୟିତ୍ୱ ନେବା ପରେ ବେଆଇନ ଇଟାଭାଟି ବନ୍ଦ କରାଯିବ ବୋଲି କହିଛନ୍ତି। ବେଆଇନ ଇଟାଭାଟି ଯୋଗୁଁ ବାୟୁ ପ୍ରଦୂଷଣ ହେଉଛି। କେନ୍ଦୁଝର ସଦର ତହସିଲ ନରଣପୁର-ହରିଡାଗୋଠ ଯିବା ରାସ୍ତାର ବାମ ପାର୍ଶ୍ୱର୍ରେ ଥିବା ସରକାରୀ ଜମିରେ ବହୁ ସଂଖ୍ୟାରେ ନାଲି ଇଟା ଭାଟି ତିଆରି ଚାଲିଛି। ମଣ୍ଡୁଆ ରାଜସ୍ୱ ନୀରିକ୍ଷକ ଅନ୍ତର୍ଗତ ଘୁଟୁକେଶ୍ୱରୀ ଗ୍ରାମର ଖାତା ନମ୍ବର ୯୪ ପ୍ଲଟ ନମ୍ବର ୧୧୪୨ରେ ଥିବା ସରକାରୀ ଜମିରେ ବେଆଇନ ଇଟାଭାଟି ଚାଲିଥିଲେ ହେଁ କାହାର ନଜର ନାହିଁ। ସରକାରୀ ଜମି ମାଟି ଖୋଳି ବଡବଡ ଗର୍ତ୍ତ କରୁଥିବାରୁ ଗର୍ତ୍ତଗୁଡିକ ବିପଦସଙ୍କୁଳ ହୋଇପଡିଛି। ଯାହା ପାଇଁ ଦିନକୁ ଦିନ ମାଟି ଓ ବାଲି ଚୋରି ବୃଦ୍ଧି ପାଉଥିବାବେଳେ ସରକାରଙ୍କ ରାଜସ୍ୱହାନୀ ହେଉଛି। ବାହାର ରାଜ୍ୟର ଶ୍ରମିକମାନଙ୍କୁ କମ ମଜୁରୀ ଦେଇ ଇଟା ଭାଟିରେ ନିୟୋଜିତ କରାଯାଉଛି। ଇଟାଭାଟି ନିଆଁରେ ଆଖପାଖ ଅଂଚଳରେ ତାପମାତ୍ରା ବୃଦ୍ଧି ପାଉଛି। ଇଟାଭାଟିରୁ ନିର୍ଗତ ଧୂଆଁରେ ଅଞ୍ଚଳବାସୀମାନେ ଅଣନିଶ୍ୱାସୀ ହୋଇପଡ଼ିଲେଣି। ରାଜସ୍ୱ ଏବଂ ଖଣି ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ କିମ୍ବା ଜରିମାନା ହେଉନଥିବାରୁ ସଦର ତହସିଲର ବିଭିନ୍ନ ଅଞ୍ଚଳ ଏବେ ନାଲି ଇଟା ମାଫିଆଙ୍କ ପେଣ୍ଠସ୍ଥଳ ପାଲଟିଛି। କେନ୍ଦୁଝର ସଦର ଉପଖଣ୍ଡରେ ବିଭିନ୍ନ ସ୍ଥାନରେ ଅବାଧରେ ଏଭଳି ବେଆଇନ ଇଟାଭାଟି ଗଢି ଉଠୁଛି। ଇଟାଭାଟିରେ ବ୍ୟବହୃତ କାଠ ଓ କୋଇଲାରୁ ନିର୍ଗତ ଧୂଆଁ ପରିବେଶ ପ୍ରଦୂଷଣ କରୁଥିବାରୁ ଜନସାଧାରଣରେ ଅସନ୍ତୋଷ ବଢି ଚାଲିଛି। ଲଘୁ ଖଣିଜ ବିଭାଗ ତୁରନ୍ତ ଏଭଳି ଇଟାଭାଟିଗୁଡିକ ଉପରେ ଚଢାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ହୋଇଛି। ଏ ନେଇ ସଦର ଲଘୁ ଖଣିଜ ଅଧିକାରୀ ତାରିଣୀ ସିଂହଙ୍କ ସହ ଯୋଗାଯୋଗ କରିବାରୁ ବେଆଇନ ଇଟା ଭାଟି ବନ୍ଦ କରାଯାଇ ଏହି କାରବାର କରୁଥିବା ଲୋକଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ଜୋରିମାନା ଆଦାୟ କରାଯିବ ବୋଲି ପ୍ରକାଶ କରିଥିଲେ।

## ଐତିହାସିକ କାଳିମେଘା ମେଳନ ଶେଷ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ମୁକୁନ୍ଦପୁର ପଞ୍ଚାୟତର ନିଆରା ପରମ୍ପରାର ଐତିହାସିକ କାଳିମେଘା ମେଳନ ଶନିବାର ସନ୍ଧ୍ୟାରେ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ଏହି ମେଳନ ଶୁକ୍ରବାର ରାତିରୁ ଆରମ୍ଭ ହୋଇଥିଲା। ୩୦୦ ବର୍ଷର ଐତିହାସିକ ଏହି କାଳିମେଘା ମେଳନ ଅବିର ଖେଳରୁ ଆରମ୍ଭ ହୋଇ କାଦୁଅ ଖେଳରେ ଶେଷ ହେବା ଏକ ନିଆରା ପରମ୍ପରା। ମେଳନ ଆରମ୍ଭରେ ରାଧାକୃଷ୍ଣଙ୍କ ବିମାନକୁ ଅବିର ଦେଇ ଦର୍ଶନ କରିବା ପରେ ଭକ୍ତମାନେ ଅବିର ଖେଳରେ ନିଜକୁ ହଜାଇ ଦେଇ ଭାବ ବିହ୍ୱଳ ହୋଇଯାଇଥାନ୍ତି। ପରେ ମେଳନ ଭାଙ୍ଗିବା ବେଳକୁ ଭକ୍ତମାନେ କାଦୁଅ ଖେଳି ଖେଳି ପରମ୍ପରାକୁ ଉଜ୍ଜୀବିତ ରଖିଥାନ୍ତି। ପୂର୍ଣ୍ଣମୀ ଦିନ ରାତିରେ ବଡିମରା ପଦା ଠାରୁ ବିମାନ ବାହାରି ଥାନ୍ତି। ପ୍ରଥମେ ତୋପ ସଲାମି ମାଧ୍ୟମରେ ବିମାନ ଯାତ୍ରା ଆରମ୍ଭ ହୋଇଥାଏ। ଏହି ବିମାନ ୧ ନମ୍ବର ଠାରୁ ଆରମ୍ଭ ହୋଇ କ୍ରମାନ୍ୱୟରେ ୧୪ନମ୍ବର ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଆସିଥାନ୍ତି। ଶୋଭାଯାତ୍ରା ବେଳେ ଆକର୍ଷଣୀୟ ଆଲୋକ ସଜ୍ଜା ସହିତ ବିଭିନ୍ନ ପ୍ରକାର ବାଦ୍ୟ ମାଧ୍ୟମରେ ବିମାନମାନଙ୍କୁ ଐତିହାସିକ ମେଳନ ପଡ଼ିଆକୁ ନିଆଯାଇ ଥାଏ। ସେଠାରେ ଭକ୍ତମାନେ ବିମାନକୁ ଦର୍ଶନ କରି ଅବିର ଦେଇ ଭୋଗ ଲଗାଇଥାନ୍ତି। ଅପରାହ୍ନରେ ପରମ୍ପରା ଅନୁଯାଇ କାଳିମେଘା ଗ୍ରାମର ଦଧିବାମନ ଜୀଉଙ୍କୁ କାଦୁଅ ଖେଳି ଖେଳି ଭକ୍ତମାନେ ପଡ଼ିଆ ମଧ୍ୟକୁ ପ୍ରବେଶ କରାଇବା ପରେ ମେଳନ ଶେଷ ହୋଇଥାଏ। ଦଧିବାମନ ଜୀଉ ପଡ଼ିଆ ମଧ୍ୟକୁ ପ୍ରବେଶ କରିବା ପରେ ବିମାନମାନେ ନିଜ ନିଜ ସ୍ଥାନକୁ ବାହୁଡ଼ି ଯାଇଥାନ୍ତି। ଏହତ ମେଳନକୁ ମେଳନ କମିଟି ସଭାପତି ବାଣିକଲ୍ୟାଣ ମହାପାତ୍ର, ସମ୍ପାଦକ ଗଣେଶ ପ୍ରସାଦ ନାୟକ, ସୁରେଶ ମହାପାତ୍ର, କୀର୍ତ୍ତନ ରାଉତ, ଅଜୟ ରାଉତ, ରତିକାନ୍ତ ଦାସ, ଚିନ୍ତାମଣି ଦାସ, ଉମାକାନ୍ତ ଦାସ, ସୁଧାଂଶୁ ମହାଳିକ, ହେମନ୍ତ ମହାନ୍ତି ପ୍ରମୁଖଙ୍କ ସମେତ ମେଳନ କମିଟିର ସମସ୍ତ ସଦସ୍ୟ, ଗ୍ରାମବାସୀ ଓ ଠାକୁର ସେବକ ମାନେ ଶାନ୍ତି ଶୃଙ୍ଖଳରା ସହ ଶେଷ ହେବା ନେଇ ସହଯୋଗ କରିଥିଲେ। ପୁଲିସ ପ୍ରଶାସନ ପକ୍ଷରୁ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆଖିଆଗରେ ରଖି ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସମାଜସେବୀ ତ୍ରିଲୋଚନ ଗୌତମଙ୍କ ପକ୍ଷରୁ ମେଳନରେ ଜଳଛତ୍ର ଶିବିର କରାଯାଇ ଭକ୍ତମାନଙ୍କୁ ଜଳ ବଣ୍ଟନ କରିଥିଲେ।

## ରାଧାକୃଷ୍ଣ ସାଂସ୍କୃତିକ ପରିଷଦ ପକ୍ଷରୁ ବଧୂ ମହୋତ୍ସବ

ଗରଦପୁର, (ଭାସ୍କର ନ୍ୟୁଜ) ଗରଦପୁର ବ୍ଲକ୍ ଅଧିନ ତଳକୁସୁମା ଗ୍ରାମରେ ଶ୍ରୀରାଧାକୃଷ୍ଣ ସାଂସ୍କୃତିକ ପରିଷଦ ପକ୍ଷରୁ ଭିନ୍ନ ଏକ ମହୋତ୍ସବ ‘ବଧୂ ମହୋତ୍ସବ’ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ତଳକୁସୁମା ଗ୍ରାମର ବୋହୂମାନେ ଏକତ୍ରିତ ହୋଇ ଗ୍ରାମର ବରିଷ୍ଠ ନାଗରିକମାନଙ୍କ ପାଦ ଧୋଇ ଫୁଲ ଚନ୍ଦନ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହିତ ଆଶିର୍ବାଦ କାମନା କରିଥିଲେ। ସମାଜ ଓ ପରିବାରକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାର ଗୁରୁ ଦାୟିତ୍ୱ ବୋହୂମାନଙ୍କର, ତେଣୁ ସମସ୍ତ ବୋହୂମାନେ ନିଜର ଗୁରୁଦାୟିତ୍ୱ ସୂଚାରୁ ରୂପେ ତୁଲାଇପାରିଲେ ଏକ ସୁସ୍ଥ ଓ ସଂସ୍କାର ସମାଜ ଗଠନ ହୋଇପାରିବ ବୋଲି ବକ୍ତାମାନେ ମତ ପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ତଳକୁସୁମାର ପୂର୍ବତନ ସରପଞ୍ଚ ଅଜୟ ଦାଶ୍ ପରିଚାଳନା କରିଥିବା ବେଳେ ସାଂସ୍କୃତିକ ପରିଷଦର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ଅନୁଷ୍ଠାନର ମୁରବି କୃଷ୍ଣମଣି ଦାଶ୍ ଏପରି ଏକ ଭିନ୍ନ ଧରଣର କାର୍ଯ୍ୟକ୍ରମର ଆୟୋଜନ କରିଥିବା ପରିଷଦର ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

## ବ୍ଲକ୍ ସ୍ତରୀୟ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ



ଚିକିଟି, (ଭାସ୍କର ନ୍ୟୁଜ୍): ସମଗ୍ର ଶିକ୍ଷା, ଗଞ୍ଜାମ ଓ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ, ଚିକିଟିଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ରାଜକବି ରାଧାମୋହନ ବିଦ୍ୟାପୀଠରେ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ସମ୍ପର୍କିତ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବ୍ଲକର ସମସ୍ତ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ୧ମ ଓ ୧୦ମ ଶ୍ରେଣୀ ଯାଏଁ ଶିକ୍ଷାଦାନ କରୁଥିବା ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ମଧ୍ୟରୁ ପ୍ରତି ବିଦ୍ୟାଳୟରୁ ଜଣେ ଲେଖାଏଁ ଶିକ୍ଷକଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ମନୁଷ୍ୟ ଶରୀରର ସମସ୍ତ ଇନ୍ଦ୍ରିୟ ମଧ୍ୟରେ ଅତି ଗୁରୁତ୍ୱପୂର୍ଣ୍ଣ ଇନ୍ଦ୍ରିୟ ଚକ୍ଷୁର ଉପଯୁକ୍ତ ଯତ୍ନ ନେବା ଓ ବିଭିନ୍ନ ଚକ୍ଷୁ ଜନିତ ସମସ୍ୟା ଉପରେ ସମସ୍ତଙ୍କୁ ତାଲିମ ଦିଆ ଯାଇଥିଲା। ବିଦ୍ୟାଳୟ ଗୁଡ଼ିକରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ଦୃଷ୍ଟିଗତ ସମସ୍ୟାକୁ ଚିହ୍ନଟ କରିବା ଓ ଆବଶ୍ୟକ ପ୍ରତିକାର ମୂଳକ ପଦକ୍ଷେପ ଗ୍ରହଣ କରିବା ଉପରେ ବିଶଦ ଆଲୋଚନା କରା ଯାଇଥିଲା। ସ୍ନେଲେନ୍ ଚାର୍ଟ, ଇ-ଚାର୍ଟ ମାଧ୍ୟମରେ ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀମାନଙ୍କ ଦୃଷ୍ଟି କ୍ଷମତାକୁ କିପରି ଚିହ୍ନଟ କରାଯିବ ଓ ଆବଶ୍ୟକ ଫର୍ମ କିପରି ପୂରଣ କରାଯିବ, ସେ ବିଷୟ ମଧ୍ୟ ଦୃଷ୍ଟାନ୍ତ ମୂଳକ ଭାବରେ ବୁଝାଇ କୁହା ଯାଇଥିଲା। ଏହା ସହିତ ଚଳିତ ମାସ ୨୫ ତାରିଖରୁ ୨୯ତାରିଖ ଯାଏଁ ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମକୁ ଦୃଷ୍ଟି ସମସ୍ୟା ଥିବା ଶିକ୍ଷାର୍ଥୀଙ୍କୁ ଆଣିବା ବିଷୟରେ ସୂଚନା ଦିଆ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ୯୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ, ୧୨ ଜଣ ସି.ଆରସି, ୨ ଜଣ ବିଆରଟି ତାଲିମ ଗ୍ରହଣ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବିଆରସି ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଚକ୍ଷୁର ଉପଯୁକ୍ତ ଯତ୍ନ ନେବା ଉପରେ ଆଲୋକପାତ କରିଥିଲେ। ରଙ୍ଗେଇଲୁଣ୍ଡା ବ୍ଲକ୍‌ର କେଲୁଆପଲ୍ଲୀ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚକ୍ଷୁ ପରୀକ୍ଷକ ବୃନ୍ଦାବନ ଦଳାଇ ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ଗୋଷ୍ଠୀ ସମ୍ବଳ ଶିକ୍ଷକ ତାରା ପ୍ରସାଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ତର୍ନିବେଶି ଶିକ୍ଷା ସ୍ୱେଚ୍ଛାସେବୀ ମନୋଜ କୁମାର ମହାରଣା, ତ୍ରିନାଥ ସାହୁ, ପ୍ରଦୀପ କୁମାର ପ୍ରଧାନ, ନବୀନ ବେହେରା ଓ ରୁପଙ୍ଗ ବେହେରା ପୂର୍ଣ୍ଣ ସହଯୋଗ କରିଥିଲେ।

## ବସନ୍ତକୁମାରୀ ଗ୍ରାମୀଣ ଚକ୍ଷୁ ଚିକିତ୍ସାଳୟର ବାର୍ଷିକ ଉତ୍ସବ




କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର ବସନ୍ତ କୁମାରୀ ଗ୍ରାମୀଣ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ରର ଉନବିଂଶତମ ବାର୍ଷିକ ଉତ୍ସବ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଚିକିତ୍ସାଳୟର ପ୍ରତିଷ୍ଠାତା ପ୍ରଫେସର ଡା. ବିମଳକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ସତ୍ୟସାଇ ସେବାସମିତି ସଭାପତି ଉମେଶ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି, ଭୁବନେଶ୍ୱର ରୋଟାରୀ କ୍ଲବ (ୟୁନିକ୍)ର ସଭାପତି ଲକ୍ଷ୍ମୀକାନ୍ତ ପାଳିତ ମୁଖ୍ୟବକ୍ତା ଓ କଟକ ରୋଟାରୀ ଚକ୍ଷୁ ଚିକିତ୍ସାଳୟର ଡା. ସନ୍ତୋଷ ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଓସ୍ତପୁର ଭଳି ଏକ ନିପଟ ମଫସଲ ଅଂଚଳରେ ୧୯ବର୍ଷ ପୂର୍ବେ ଏକ ମହତ ଉଦ୍ଦେଶ୍ୟରେ ଏଭଳି ଏକ ଅତ୍ୟାଧୁନିକ ଚକ୍ଷୁ ଚିକିତ୍ସାଳୟ ପ୍ରତିଷ୍ଠାକରି ଗ୍ରାମାଞ୍ଚଳର ଗରୀବ ଲୋକମାନଙ୍କୁ ଚକ୍ଷୁ ଚିକିତ୍ସାର ସେବା ଯୋଗାଇଦେବା କେବଳ ବିମଳବାବୁଙ୍କ ଭଳି ସମାଜସେବୀଙ୍କ ଦ୍ୱାରା ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ମା’ ବସନ୍ତ କୁମାରୀଙ୍କ ନାମରେ ପ୍ରତିଷ୍ଠା କରାଯାଇଥିବା ଏହି ଚିକିତ୍ସାଳୟରେ ଏହା ମଧ୍ୟରେ ୨୦ହଜାରରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରାଯାଇଛି। ବହୁ ଘାତ ପ୍ରତିଘାତ ମଧ୍ୟରେ ୧୯ବର୍ଷ ଅତିକ୍ରମ କରିଥିବା ଏହି ଚିକିତ୍ସାଳୟରେ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ସୁଦୂର କଟକ, ଭୁବନେଶ୍ୱର ଭଳି ସହରକୁ ଯାଇପାରୁ ନଥିବା ଗରୀବ ଅସହାୟ ଲୋକମାନଙ୍କ ଚକ୍ଷୁରେ ଏଠାରେ ଅସ୍ତ୍ରୋପଚାର କରାଯାଉଛି। ସମାଜ ସେବାକୁ ନିଜ ଜୀବନର ବ୍ରତ କରିଥିବା ଡା. ବିମଳ ତ୍ରିପାଠୀ ପ୍ରକୃତରେ ଏମାଟିର ଜଣେ ସୁଯୋଗ୍ୟ ସନ୍ତାନ ଓ ଏକ ବିରଳ ବ୍ୟକ୍ତିତ୍ୱ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଚକ୍ଷୁ ଚିସ୍ତାଳୟର ପରିଚାଳନାରେ ପ୍ରମୁଖ ଅବଦାନ ଥିବା କର୍ମଚାରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଚିକିତ୍ସାଳୟର ଡା. ସରୋଜ କୁମାର ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହ ଉତ୍ସବ ପରିଚାଳନା କରିଥିଲେ। ଶେଷରେ ଇଂ ମନୋଜ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ରୋଟାରୀ କ୍ଲବ(ୟୁନିକ୍) ର ପ୍ରାକ୍ତନ ସଭାପତି ପ୍ରଫେସର ଡା. ପ୍ରଫୁଲ୍ଲ କୁମାର ମହାପାତ୍ର, ଦିବ୍ୟରଞ୍ଜନ ଦାସ, ନିରଜନୟନ ଦତ୍ତ, ଡା. ନିରଞ୍ଜନ ପରିଡା, ସରକାରୀ ଓକିଲ ସଞ୍ଜୟ କୁମାର ଜେନା, ମନୋଜ କୁମାର ସାହୁ, ସତ୍ୟବ୍ରତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ରକ୍ତଭଣ୍ଡାର ପରିସରରେ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସଂଗଠନର ମହିଳା ଶାଖା ସଭାନେତ୍ରୀ ମାଳତୀ ମହାନ୍ତଙ୍କ ଜନ୍ମଦିନ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରକୁ ମୁଖ୍ୟଅତିଥି ରୂପେ ପାଞ୍ଚପିଢ଼ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ କରଞ୍ଜିଆ ଓକିଲ ସଂଘ ସମ୍ପାଦକ ଦିବ୍ୟପ୍ରସାଦ ସାହୁ, ଭରସା ପରିବାରର ରାଜ୍ୟ ସଭାପତି ପ୍ରତାପ କୁମାର ରାୟ, ଭରସା ପରିବାରର ଉପଦେଷ୍ଟା ପଦ୍ମଲୋଚନ ନନ୍ଦ, ମହିଳା ସଭାନେତ୍ରୀ ମାଳତୀ ମହାନ୍ତ, ପ୍ରଣତି ମହାନ୍ତ, ଡମ୍ବୁରୁଧର ମହାନ୍ତ, ବିଜୟ କୁମାର ମହାନ୍ତ, ମନୋଜ କୁମାର ମହାନ୍ତ, ଜନ୍ମେଜୟ ମହାନ୍ତ, ଅନୁପମା କାରୁଆ, ବୀଣାପାଣି ଗିରି, ସ୍ନିଗ୍ଧା ମହାନ୍ତ, ସୁମନ୍ତ ମହାନ୍ତ, ପ୍ରମୁଖ ଉପସ୍ଥିତ ଥିଲେ। ଡ. ଗୌରାଙ୍ଗ ଚରଣ ନାୟକଙ୍କ ତତ୍ତ୍ୱାବଧାନରେ ରକ୍ତଭଣ୍ଡାର ଫାର୍ମାସିଷ୍ଟ କପିଳେନ୍ଦ୍ର ରାଉତ, ରଜତ ମହାକୁଡ଼, ମାନସ ବାରିକ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଏହି ରକ୍ତଦାନ ଶିବିରରେ ମୋଟ ୨୦ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ଭରସା ପରିବାର ପକ୍ଷରୁ ସୂଚନା ମିଳିଛି। ଏହି ରକ୍ତଦାନ ଶିବିର ଅବସରରେ



ସାମ୍ବାଦିକ ଦୀନେଶ ଦାସ, ଯୁବ ସାମ୍ବାଦିକ ଜିତେନ୍ଦ୍ର ରାଜଙ୍କ ସକ୍ରିୟ ସହଯୋଗ ନିମନ୍ତେ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, କରଞ୍ଜିଆ ଓକିଲ ସଂଘ ସମ୍ପାଦକ ଦିବ୍ୟପ୍ରସାଦ ସାହୁ, ଭରସା ପରିବାର ସଭାନେତ୍ରୀ ମାଳତୀ ମହାନ୍ତ, ଭରସା ପରିବାରର ରାଜ୍ୟ ସଭାପତି ପ୍ରତାପ କୁମାର ରାୟ ଉଭୟଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## କାଁପଡ଼ା ସରପଞ୍ଚଙ୍କ ସ୍ୱାମୀଙ୍କୁ ହତ୍ୟା ଧମକ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ କାଁପଡ଼ା ପଞ୍ଚାୟତ ସରପଞ୍ଚ କୁନ୍ତଳା ମଳିକଙ୍କ ସ୍ୱାମୀ ଅଶୋକ କୁମାର ମଳିକଙ୍କୁ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ସରପଞ୍ଚ ମଳିକ ଏ ସମ୍ପର୍କରେ ଶନିବାର ତିହିଡ଼ି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଚଳାଇଛି। ଶନିବାର ମଧ୍ୟାହ୍ନରେ କାଁପଡ଼ା ଛକରେ ହୋଲି ଉପଲକ୍ଷେ ରଙ୍ଗ ଖେଳ ଚାଲିଥିଲା। ଏହି ସମୟରେ ସରପଞ୍ଚଙ୍କ ଦିଅର ପ୍ରଫୁଲ୍ଲଙ୍କ ସହିତ କାଁପଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କର ବଚସା ହୋଇଥିଲା। ସରପଞ୍ଚଙ୍କ ସ୍ୱାମୀ ଗ୍ରାମର ନଳକୂପ ନିକଟରେ ଗାଧୋଉଥିବା ବେଳେ ସେହି ବ୍ୟକ୍ତିଙ୍କ ଦୁଇପୁଅ ବିଭିନ୍ନ ମାରଣାସ୍ତ୍ର ଧରି ଗାଳିଗୁଲଜ କରିବା ସହିତ ସରପଞ୍ଚଙ୍କ ସ୍ୱାମୀ ଶିକ୍ଷକ ଅଶୋକଙ୍କୁ ହତ୍ୟାଧମକ ଦେଇଥିଲେ। ସେଠାରେ ଉପସ୍ଥିତ କିଛି ଲୋକ ସେହି ଦୁଇ ଭାଇଙ୍କୁ ଅଟକାଇଥିଲେ। ପରେ ସରପଞ୍ଚ ମଳିକ ଘଟଣାସ୍ଥଳରେ ପହଞ୍ଚିବା ପରେ ତାଙ୍କୁ ସେହି ଦୁଇ ଭାଇ ମଧ୍ୟ ଦୁର୍ବ୍ୟବହାର କରିଥିଲେ। ସେଠାରେ ଉପସ୍ଥିତ ସରପଞ୍ଚଙ୍କ ଯାଆଙ୍କୁ ମଧ୍ୟ ସେହି ଦୁଇଭାଇ ଅସଦାଚରଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏଥି ସହିତ ସେହି ଦୁଇଭାଇ ଅଶୋକଙ୍କ ସମେତ ତାଙ୍କ ପିଲାମାନଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।

ଓଡ଼ିଶା ଭାସ୍କର ODISHA BHASKAR

# ରାଜ୍ୟ ଖବର



ଭଞ୍ଜନଗର, (ଭାସ୍କର ନ୍ୟୁଜ୍): କଳିଙ୍ଗା ଘାଟିରେ ଓଲଟିଲା ଯାତ୍ରୀବାହୀ ବସ୍। ରାୟପୁରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲା ଖେତେଶ୍ୱରୀ ନାମକ ଘରୋଇ ଯାତ୍ରୀବାହୀ ବସ୍। ଏହି ବସରେ ଥିଲେ, ୧୭ରୁ ଊର୍ଦ୍ଧ୍ୱ ଯାତ୍ରୀ। ସୂଚନା ଅନୁସାରେ ୭ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିବା ବେଳେ, ସେଥିରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସମସ୍ତ ଆହତ ଯାତ୍ରୀଙ୍କୁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ, ଜଣକ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାଟି ଗଞ୍ଜାମ-କନ୍ଧମାଳ ସୀମାନ୍ତ କନ୍ଧମାଳ ଜିଲ୍ଲାର ଜି.ଉଦୟଗିରି ଥାନା ଅଞ୍ଚଳରେ ଘଟିଛି। ଏ ସମ୍ପର୍କରେ ଖବର ପାଇ ଉଭୟ ଭଞ୍ଜନଗର ଓ ଜି.ଉଦୟଗିରି ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଥିଲେ। ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ତୁରନ୍ତ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ବସ ଡ୍ରାଇଭରଙ୍କ ଆଖି ଲାଗିଯିବାରୁ, ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡିଥିବା ସ୍ଥାନୀୟ ଦେଖଣାହାରୀଙ୍କ ଠାରୁ ସୂଚନା ମିଳିଛି।



## ଦୋଳ ପୂର୍ଣ୍ଣିମାରେ ଗୋପାଳମାନଙ୍କ ପାଇକ ଆଖଡ଼ା



ବୋଲଗଡ଼, (ଭାସ୍କର ନ୍ୟୁଜ୍): ଦୋଳପୂର୍ଣ୍ଣିମା ପର୍ବକୁ ଗୋପାଳମାନେ ପୁରୁଷାନୁକ୍ରମେ ସ୍ୱତନ୍ତ୍ର ଭାବେ ପାଳନ କରିଆସୁଛନ୍ତି। ଦୋଳ ପୂର୍ଣ୍ଣିମା ଦିବସରେ ଗୋପାଳମାନେ ନିର୍ଜଳ ଉପବାସ ରହି, ନୂତନ ବସ୍ତ୍ର ପରିଧାନ କରି ପ୍ରାତଃ ସମୟରେ ନିତି ବିଧି ଅନୁସାରେ ଭଗବାନ ଶ୍ରୀକୃଷ୍ଣଙ୍କୁ ପୂଜାପାଠ କରିଥିବା ବେଳେ ଗୋ' ମାତାଙ୍କୁ ୩୩କୋଟି ରୂପରେ ସୁମରଣ କରି ସ୍ନାନ, ନୂତନ ବସ୍ତ୍ର ପରିଧାନ, ପୁଷ୍ପ ମାଳା ପ୍ରଦାନ, ଧୂପଦୀପ ଦେଇ ବନ୍ଦାପନା କରାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ପରମ୍ପରା ଅନୁସାରେ ଗ୍ରାମର ଗୋପାଳମାନେ ମିଳିତ ଭାବେ ଏକତ୍ରିତ ହୋଇ କୁନିକୁନି ପିଲା ମାନଙ୍କୁ ଭଗବାନଙ୍କ ରୂପରେ ଶ୍ରୀକୃଷ୍ଣ, ରାଧା ଓ ସଖୀ ବେଶରେ ସୁସଜ୍ଜିତ କରି ଗ୍ରାମ ପରିକ୍ରମା କରାଯାଇ ପାଇକ ଆଖଡ଼ା ପରିବେଷଣ କରିଥିଲେ। ଏହି ପାଇକ ଆଖଡ଼ା ଖେଳରେ ଗୋପାଳମାନେ ସ୍ୱତନ୍ତ୍ର ବେଶରେ ଓ ଢୋଲ ବାଜାର ତାଳେ ତାଳେ ବାଡି ଖେଳ, ହତା ବାଡି ଖେଳ, ଖଣ୍ଡା ଖେଳ, ଯୋଡା ବାଡି ଖେଳ, ଛୁରୀ ଖେଳ, ଲଉଡି ଖେଳ, ନିଆଁହୁଳା ଖେଳ ଓ ଗୋଟା ବାଡି ଖେଳକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ପରିବେଷଣ କରିଥିଲେ। ପରିଶେଷରେ ଗୋପାଳ ମାନେ ଘରକୁ ଫେରିବା ସମୟରେ ପରସ୍ପର ମଧ୍ୟରେ ଆନନ୍ଦ ଉଲ୍ଲାସର ସହିତ ପାଣି ଖେଳ ଖେଳିଥିଲେ। ମିଳିତ ଭାବେ ଗ୍ରାମବାସୀ ମାନେ ପ୍ରସାଦ ସେବନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପାଇକ ଆଖଡ଼ା ଗୁରୁ ଭୋକିଲ ବେହେରା, ବଳରାମ ବେହେରା, ଗୋବିନ୍ଦ ବେହେରା, ବେହେରା କାଳିଆ ବେହେରା, ସୂର୍ଯ୍ୟ କାନ୍ତ ବେହେରା, ସୌରୀ ବେହେରା, ନାରାୟଣ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ସେହିଭଳି ଭାବେ ବୋଲଗଡ ବ୍ଲକ ଅଞ୍ଚଳରେ ଦୋଳ ପର୍ବକୁ ଗୋପାଳ ମାନେ ସ୍ୱତନ୍ତ୍ର ଭାବେ ପାଳନ କରିଆସୁଛନ୍ତି। ଦୋଳପୂର୍ଣ୍ଣିମା ପର୍ବରେ ଗ୍ରାମ ଇଷ୍ଟ ଦେବତା ମାନେ ସ୍ୱତନ୍ତ୍ର ଦୋଳ ବିମାନରେ ବିରାଜମାନ କରି ଗ୍ରାମ ପରିକ୍ରମା କରିଥିଲେ। ଇଷ୍ଟ ଦେବତାଙ୍କୁ ଗ୍ରାମବାସୀ ମାନେ ଫଗୁ ପ୍ରଦାନ, ନୂତନ ଆମ୍ବ ଓ ନୂତନ ଚଣା ଭୋଗ କରିବା ସହିତ ବର୍ଷକରେ ଥରେ ଅପୂର୍ବ ଦର୍ଶନ କରିଥିଲେ।

## ଶେଷ ହେଲା ଝାଡ଼ପଟା ଓ ତିହିଡ଼ି ମେଳନ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତର ୨୫୦ବର୍ଷର ପୁରାତନ ଝାଡ଼ପଟା ମେଳନ ଓ ତିହିଡ଼ି ମେଳନ ଶନିବାର ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ଏହି ମେଳନ ଭାଇଚାରାର ସମ୍ପର୍କକୁ ସୁଦୃଢ଼ କରିଥାଏ। ବିଶେଷ ଭାବେ ଝାଡ଼ପଟା ମଳନରେ ପୁରୁଷ ଭକ୍ତଙ୍କ ଠାରୁ ମହିଳା ଭଲକ୍ତଙ୍କୁ ଅଧିକ ଦେଖିବାକୁ ମିଳିଥାଏ। ମହିଳାମାନେ ପରିସ୍ପର ମଧ୍ୟରେ ଅବିର ଖେଳି ଖୁସି ମନାଇବା ସହିତ ବିମାନରେ ରାଧାକୃଷ୍ଣଙ୍କୁ ଅବିର ଓ ଭୋଗ ଲଗାଇଥାନ୍ତି। ସେହିପରି ପୁରୁଷ ଭକ୍ତମାନେ ମଧ ପରସ୍ପର ମଧ୍ୟରେ ଅବିର ଖେଳି ସମ୍ପର୍କକୁ ମଜଭୁତ କରିଥାନ୍ତି। ଏହି ମେଳନକୁ ଗୁଆମାଳ କୁମାର ପୁରର ଶ୍ରୀଧର ଜୀଉ, ଶ୍ୟାମସୁନ୍ଦର ଜୀଉ ଓ ରଘୁନାଥ ଜୀଉ, ବିଷ୍ଣୁପୁରର ରାଧାମାଧ ଜୀଉ ଓ ରାଧାକୃଷ୍ଣ ଜୀଉ, ଗଣ୍ଡପଡ଼ାର ଦାମୋଦର ଜୀଉ, ଗଣେଶ୍ୱର ପୁରର ଦାମୋଦର ଜୀଉ, ଈଶାଣପୁରର ମନମୋହନ ଜୀଉ ସମେତ ନୂଆନନ୍ଦ, ଜିତାନଗା, ତରାଗଣ, ଇତ୍ୟାଦି ଅଞ୍ଚଳରୁ ୬୦ରୁ ଅଧିକ ବିମାନ ଶୋଭାଯାତ୍ରାରେ ଅବିର ଖେଳି ଖେଳି ଆସିଥାନ୍ତି। ଶୁକ୍ରବାର ରାତି ୧୧ଟା ଠାରୁ ମେଳନ ଆରମ୍ଭ ହୋଇ ଶନିବାର ଦିନ ୩ଟା ସମୟରେ ପାଣିଭଣ୍ଡାରର ବୁଢ଼ା ମହାଦେବ ବିମାନ ପଡ଼ିଆକ ପ୍ରବେଶ କରିବା ପରେ ଭୋଗ ଆଳିତି ହୋଇ ସାରିବା ପରେ ମେଳନ ଉଦ୍‌ଯାପିତ ହୋଇଥିଲା। ମେଳନ କମିଟି ସଭାପତି ରଘୁନାଥ ମହାନ୍ତି, ସମ୍ପାଦକ ବିଚିତ୍ର ନାୟକ, ଉପସଭାପତି ଅଶୋକ ଶତପଥି, ସହସମ୍ପାଦକ ଅଶ୍ୱନୀ ସଂକେତ ପାଢ଼ୀ, କୋଷାଧ୍ୟକ୍ଷ ହୃଷିକେଶ ବେହେରା, ପ୍ରମୋଦ ମହାନ୍ତି, ଅରୁଣ ନାୟକ, ମନୋଜ ପାଢ଼ୀ, ସନ୍ତୋଷ ସାମଲ, ସୁରେଶ ମହାନ୍ତି, ବିଦ୍ୟାଧର ଗ୍ରହାଚାର୍ଯ୍ୟ, ମଧୁସୂଦନ ସେଠୀ, ପୂର୍ବତନ ସରପଞ୍ଚ ପ୍ରଦୀପ ପଣ୍ଡା, ଶଶିକାନ୍ତ ମିଶ୍ର, ପ୍ରସନ୍ନ ପାଢ଼ୀ, ହୃଦାନନ୍ଦ ପାଣିଗ୍ରାହୀ, ଉପେନ୍ଦ୍ର ମହାନ୍ତିଙ୍କ ସମେତ ଗ୍ରାମବାସୀ ମେଳନ ପରିଚାଳନା କରିଥିଲେ। ଚଳିତ ବର୍ଷ ଏହି ମେଳନରେ ଗୁଆମାଳ ଓ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ଆକର୍ଷଣୀୟ ସାଜସଜ୍ଜା କରାଯାଇଥିଲା। ସେହିପରି ତିହିଡ଼ି ମେଳନ ବହୁ ଆଡ଼ମ୍ବରରେ ସମ୍ପନ୍ନ ହୋଇଛି। ଶୁକ୍ରବାର ରାତିରେ ଶ୍ରୀଜୀଉମାନେ ବଡିମରା ପଦାଠାରୁ ନମ୍ବର ଅନୁସାରେ ଶୋଭା ଯାତ୍ରାରେ ବାହାରି ଥିଲେ। ବାଟରେ ତିହିଡ଼ି ଗ୍ରାମର ଆରାଧ୍ୟ ଶ୍ରୀଶ୍ରୀ ଦଧିବାମନ ଜୀଉଙ୍କୁ ଦର୍ଶନ କରିବା ପରେ ମେଳନ ପଡ଼ିଆରେ ପହଞ୍ଚିଥିଲେ। ଏହି ମେଳନକୁ ବିଭିନ୍ନ ଅଞ୍ଚଳରୁ ୨୦ରୁ ଅଧିକ ବିମାନ ଆସିଥିଲେ। ମଙ୍ଗଳବାର ଅପରାହ୍ନରେ ଦଧିବାମନ ଜୀଉ କାଦୁଅ ଖେଳି ମେଳନ ପଡ଼ିଆକୁ ପ୍ରବେଶ କରିବା ପରେ ମେଳନ ଶେଷ ହୋଇ ବିମାନମାନେ ନିଜ ନିଜ ସ୍ଥାନକୁ ବାହୁଡ଼ି ଥିଲେ। ମେଳନ କମିଟି ସଭାପତି ବାପୁଜୀ ନାୟକ, ସମ୍ପାଦକ ସଚିକାନ୍ତ ନାୟକ, ଉପସଭାପତି ପାର୍ଥସାରଥି ନାୟକ, ସହସମ୍ପାଦକ ରମାକାନ୍ତ ନାଥ, କୋଷାଧ୍ୟକ୍ଷ ପ୍ରଭାତ କୁମାର ରାଉଳ, ବରିଷ୍ଠ ସଦସ୍ୟ ରଘୁନାଥ ପାତ୍ର, କେଶବ ବେହେରା, କୈଳାସ ପାତ୍ର, ତପୁନୁ ପାଣି, ବିବେକାନ୍ଦ ନାୟକ, ସପନ ନାୟକ, ବ୍ରଜକିଶୋର ଓଝା, ତାରାକାନ୍ତ ଜେନା, ସର୍ବେଶ୍ୱର ନାୟକ, ପ୍ରମୁଖଙ୍କ ସମେତ ଗ୍ରାମବାସୀମାନେ ମେଳନ ପରିଚାଳନାରେ ସହଯୋଗ କରିଥିଲେ।

## ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଳାସପଙ୍ଗା ପଞ୍ଚାୟତ ଓ କେନ୍ଦୁଝର ଡେଭଲମେଣ୍ଟ ଟ୍ରଷ୍ଟର ମିଳିତ ସହଯୋଗରେ ଚକ୍ଷୀ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। କେନ୍ଦୁଝର ଡେଭଲମେଣ୍ଟ ଟ୍ରଷ୍ଟ ଦ୍ୱାରା ଅନ୍ଧତ୍ୱ ମୁକ୍ତ ସମାଜ ଗଠନ ଅଭିଯାନ ଲକ୍ଷରେ ପଳାସପଙ୍ଗା ସରପଞ୍ଚ ବାସନ୍ତୀ ନାୟକ ଶିବିର ଉଦଘାଟନ କରିଥିଲେ। ଏଥିରେ ସ୍ଥାନୀୟ ଜାମୁଡିହା, ହୁଣ୍ଡତୁଳା, ପଳାସପଙ୍ଗା, ବାଙ୍କମାରୁଣୀ, ମଙ୍ଗଳାପଶି, ସରାସକେଲା, ମୁରୁସୁଆଁ, ଖପରାଖାଇ, ଜାମୁପୋଶି, ନୂଆଗାଁ ଆଦି ଗ୍ରାମର ୬୨ଜଣ ବରିଷ୍ଠ ନାଗରିକ ମାନଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। କେନ୍ଦୁଝର ଡେଭଲମେଣ୍ଟ ଟ୍ରଷ୍ଟର ସଂମ୍ପାଦକ ଭକ୍ତବସ୍ଛଳ ମହାନ୍ତି ଶିବିର ସଂଯୋଜନା କରିଥିଲେ। ଭୂମିକା ଚକ୍ଷୁ ଚିକିତ୍ସାଳୟର ଅପଟମ ଜଗମୋହନ ଦାସ,ବରିଷ୍ଠ ସ୍ୱାସ୍ଥ୍ୟ ସେବିକା ସୁଶ୍ରୀ ଅନ୍ନପୂର୍ଣ୍ଣା ମହାନ୍ତ, ସଂଗଠକ ହିମାଂଶୁ ପାତ୍ର ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କର ଚକ୍ଷୁ ପରୀକ୍ଷା କରିବା ସହିତ ପ୍ରାଥମିକ ସେବା ଯୋଗାଇ ଦେଇଥିଲେ। ସେମାନଙ୍କ ମଧ୍ୟରେ ୮ଜଣ ମୋତିଆବିନ୍ଦୁ ରୋଗୀଙ୍କୁ ଅସ୍ତ୍ର ପ୍ରଚାର ପାଇଁ ଭୂମିକା ଚକ୍ଷୁ ଚିକିତ୍ସାଳୟକୁ ପ୍ରେରଣ କରାଯାଇଛି। କେନ୍ଦୁଝର ଡେଭଲମେଣ୍ଟ ଟ୍ରଷ୍ଟର ପରାମର୍ଶଦାତା ଡା.ବିମ୍ବାଧର ବେହେରା, ଅଧକ୍ଷା ଅଧିବକ୍ତା। ଜଗତଜିତା ଦାସ ଜିଲ୍ଲାରେ ଅନ୍ଧତ୍ୱ ମୁକ୍ତ ଅଭିଯାନରେ ସର୍ବସାଧାରଣ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ।

## ଧର୍ମ ପରାୟଣ ମହିଳାଙ୍କ ବିୟୋଗ

କୋଷାଗୁମୁଡ଼ା, (ଭାସ୍କର ନ୍ୟୁଜ୍): କୋଷାଗୁମୁଡ଼ା ନିବାସୀ କୈଳାଶ ପଟ୍ଟନାୟକଙ୍କ ଧର୍ମପତ୍ନୀ ତଥା କୁନି ପଟ୍ଟନାୟକ (୫୩)ଙ୍କ ଦେହାନ୍ତ ହୋଇ ଯାଇଛି। ପଟ୍ଟନାୟକଙ୍କର ଶୁକ୍ରବାର ଦିନ ହଠାତ ଦେହ ଖରାପ ହେବା ଯୋଗୁଁ ପ୍ରଥମେ କୋଷାଗୁମୁଡ଼ା ମେଡ଼ିକାଲରେ ଚିକିତ୍ସା ପରେ ନବରଙ୍ଗପୁର, କୋରାପୁଟ ମେଡ଼ିକାଲରେ ପରେ ବ୍ରହ୍ମପୁର ମେଡ଼ିକାଲରେ ଚିକିତ୍ସା ଚାଲିଥିଲା। ଚିକିତ୍ସିତ ଅବସ୍ଥାରେ ବ୍ରହ୍ମପୁରରେ ତାଙ୍କ ଅକାଳ ବିୟୋଗ ହୋଇଥିଲା। ଚିକିତ୍ସା ସମୟରେ ଦୁଇଝିଅ ଓ ସ୍ୱାମୀ ତାଙ୍କ ନିକଟରେ ଥିଲେ। ରବିବାର ଦିନ ସନ୍ଧ୍ୟାରେ ନିଜ ଗାଁ କୋଷାଗୁମୁଡ଼ାରେ ନିଜ ସ୍ୱପରିବାର କୁଳ କୁଟୁମ୍ବଙ୍କ ଉପସ୍ଥିତିରେ ଅନ୍ତିମ କ୍ରିୟା ହୋଇଯାଇଛି। ପଟ୍ଟନାୟକ ଜଣେ ଉତ୍ତମ ସ୍ୱଭାବ ଏବଂ ମେଳାପୀ ପ୍ରକୃତିର ଥିଲେ।

## ସ୍ଥାନୀୟ ବିଧାୟକ ଓ ୧୦୮ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ମହାନତା

ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ଥାନା ୧୮ନମ୍ବର ଜାତୀୟ ରାଜପଥ ବେତନଟୀ ସ୍ଥିତ ତୁଳସୀଚଉରା ଠାରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଅପରାହ୍ନରେ ଏକ ଦ୍ରୁତଗାମୀ ମୋଟର ସାଇକେଲ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱସ୍ଥ ଇଲେକ୍ଟ୍ରିକ୍ ଖୁଣ୍ଟରେ ପିଟି ହୋଇଯାଇ ଥିଲା ଫଳରେ ଜନୈକା ୮ବର୍ଷର ଶିଶୁକନ୍ୟାର ବାମ ଗୋଡ଼ ଛିଣ୍ଡି ଯାଇ ଶରୀରରୁ ଅଲଗା ହୋଇଯାଇଥିଲା। ବଡ଼ସାହି ବିଧାୟକ ଓ ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ପ୍ରଚେଷ୍ଟାରେ ୮ବର୍ଷର କୁନି ଝିଅଟି ତା'ର ଗୋଡ ଫେରିପାଇଛି। ଘଟଣାରୁ ପ୍ରକାଶ ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁ ସ୍ଥିତ କରଞ୍ଜିଆ ଗ୍ରାମର ଯୁବକ ରଜ ସିଂ ବାଇକ ଯୋଗେ ଗ୍ରାମର ମମତା ସିଂ (୨୫), ତପନୀ ସିଂ(୨୨) ଏବଂ ୮ବର୍ଷର ଶିଶୁକନ୍ୟା ବୈଷ୍ଣବୀ ସିଂଙ୍କୁ ନେଇ ଦ୍ରୁତଗତିରେ ବେତନଟୀ ଅଭିମୁଖେ ଆସୁଥିଲେ। ତାଙ୍କ ଗାଡ଼ିଟି କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱସ୍ଥ ଇଲେକ୍ଟ୍ରିଖୁଣ୍ଟରେ ପିଟି ହୋଇଯାଇଥିଲା। ଦୁର୍ଘଟଣା ଏତେ ଶକ୍ତିଶାଳୀ ଥିଲା ଯେ ଗାଡ଼ି ସାମ୍ନାରେ ବସିଥିବା ବୈଷ୍ଣବୀଙ୍କ ବାମଗୋଡ଼ ଛିଣ୍ଡିଯାଇ ଶରୀରରୁ ଅଲଗା ହୋଇଯାଇ ଥିଲା। ଏଥିରେ ଚାଳକ ରଜ ସିଂଙ୍କ ସମେତ ମମତା ଓ ତପନୀ ମଧ ଗୁରୁତର ହୋଇଥିଲେ। ବେତନଟୀ ପୁଲିସ ଓ ସମାଜସେବୀ ସୁଜିତ୍ ବେହେରା, ପ୍ରଦୀପ ମହାପାତ୍ର ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତରଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବରପାଇ ଲୋକପ୍ରିୟ ବଡ଼ସାହି ବିଧାୟକ ସନାତନ ବିଜୁଳି ଓ ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡ଼ା ବେତନଟୀ ଡାକ୍ତରଖାନାରେ ପହଞ୍ଚିଥିଲେ। ୮ବର୍ଷର ଶିଶୁକନ୍ୟା ବୈଷ୍ଣବୀଙ୍କ ଗୋଡ଼ଟି କେମିତି ସଫଳ ଅସ୍ତ୍ରୋପଚାର ହେଇପାରିବ ସେ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ୧୦୮ଯୋଗେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ୧୦୮ର ଡ୍ରାଇଭର ଶିବାଶିଷ ୩ ଘଣ୍ଟାରେ ଡାକ୍ତରଖାନା ପହଞ୍ଚାଇ ପାରିଥିବାରୁ ବୈଷ୍ଣବୀର ଗୋଡ଼ଟି ସଫଳ ଅସ୍ତ୍ରୋପଚାର ହୋଇପାରିଛି ବୋଲି ଜଣାପଡିଛି। ବିଧାୟକ ଓ ୧୦୮ର ଆମ୍ବୁଲାନ୍ସ ଡ୍ରାଇଭରଙ୍କ ପ୍ରଚେଷ୍ଟାରେ ବୈଷ୍ଣବୀ ତା'ର ଗୋଡ ପାଇପାରିଥିବାରୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି। ଏପଟେ ଗୁରୁତର ରଜ, ମମତା ଓ ତପନୀଙ୍କୁ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ବେତନଟୀ ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରି ନିଜ ହେପାଜତକୁ ନେଇଛି।

## ଡିଜେରୁ ଖସି ଯୁବକଙ୍କ ମୃତ୍ୟୁ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅଧୀନ କାଳିମେଘା ମେଳନକୁ ଆସୁଥିବା ବିମାନ ଶୋଭାଯାତ୍ରାରେ ଥିବା ଡିଜେରୁ ଖସିପଡ଼ି ଜଣେ ଯୁବକ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ବିଦ୍ୟୁତ୍‌ଆଘାତରେ ଯୁବକଜଣକେ ଡିଜେ ଉପରୁ ତଳକୁ ଖସି ପଡ଼ିଥିବା କୁହାଯାଇଛି। ମୃତ ଯୁବକଙ୍କ ନାମ ହୃଷିକେଶ ଜେନା (୩୮) ଏବଂ ତାଙ୍କ ଘର ତିହିଡ଼ିଥାନା ଅଧୀନ ତାଳପଦା ଗ୍ରାମରେ। ପ୍ରକାଶ ଯେ, ଶୁକ୍ରବାର ଦୋଳପୂର୍ଣ୍ଣିମୀ ରାତିରେ ତାଳପଦାରୁ ବିମାନ ଶୋଭାଯାତ୍ରାରେ କାଳିମେଘା ମେଳନକୁ ଯାଉଥିଲା। ସେ ବାଉଁଶ ସହାୟତାରେ ୧୧ କେ.ଭି. ବିଦ୍ୟୁତ୍ ତାରକୁ ଉପରକୁ ଟେକି ଥିଲେ। ଫଳରେ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଡିଜେ ଉପରୁ ତଳକୁ ଖସି ପଡ଼ିଥିଲେ। ଗୁରୁତର ଆହତ ଅବସ୍ଥାରେ ହୃଷିକେଶଙ୍କୁ ତିହିଡ଼ି ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପୁଞ୍ଜିପଥରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦାବି

ବଙ୍ଗୋମୁଣ୍ଡା/ ମୁରିବାହାଲ, (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି-ବଙ୍ଗୋମୁଣ୍ଡା ୪୨ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ପଶ୍ଚିମ ଓଡିଶାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଡଙ୍ଗରବୁଢା ପୀଠ ପୁଞ୍ଜିପଥର ମନ୍ଦିର ଠାରେ ରବିବାର ଜିଲ୍ଲା ପେଶାଦାର ସାମ୍ବାଦିକ ସଂଘର କାର୍ଯ୍ୟକରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମେ ଡଙ୍ଗରବୁଢା ବାବାଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଂଘର ସଭାପତି ଅଶ୍ୱିନୀ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ମେହେର, ସଂଗଠନ ସମ୍ପାଦକ ହୁଲେଶ୍ୱର ହଂସ, ବରିଷ୍ଠ ସାମ୍ବାଦିକ ଗୁରୁଦୟାଲ ହଂସ, ଉପସଭାପତି ସୁଧାକର ଦାସ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘର ସଭାପତି ରଶ୍ମିରଞ୍ଜନ ପୁଟେଲ ଯୋଗ ଦେଇଥିଲେ । ଉପ ସଭାପତି ଅଶୋକ ନାରାୟଣ ଭୋଇ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ନୂତନ ସଦସ୍ୟ ସୁଶାନ୍ତ ବେହେରାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସାମ୍ବାଦିକମାନଙ୍କ ସୁରକ୍ଷା, ସମ୍ମାନ ଏବଂ ସାଧାରଣ ଲୋକଙ୍କ ସମସ୍ୟା ସମ୍ପର୍କରେ ଖବର ପରିବେଷଣ ଉପରେ ଗୁରୁତ୍ୱାରୋପ ଦିଆଯାଇଥିଲା। ଆଗାମୀ ଦିନରେ ସଂଘର ରାଜ୍ୟସ୍ତରୀୟ ସାମ୍ବାଦିକ ସମାବେଶ ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଞ୍ଚଳର ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଏବଂ ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ସଂଗଠନକୁ ସୁଦୃଢ କରିବା ସହ ପେଶାଦାର ସାମ୍ବାଦିକମାନଙ୍କୁ ସଂଘରେ ସାମିଲ ନେଇ ଆଲୋଚନା କରାଯାଇଥିଲା। ସଂଘର ସଦସ୍ୟମାନଙ୍କୁ ରାଜ୍ୟ ସଂଘ ପକ୍ଷରୁ ପ୍ରଦାନ କରାଯାଇଥିବା ପରିଚୟ ପତ୍ର ସଦସ୍ୟ ମାନଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅଞ୍ଚଳର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯିବା ସହ ଅବହେଳିତ ଅବସ୍ଥାରେ ରହିଥିବା ପୁଞ୍ଜିପଥର ଡ଼ଙ୍ଗରବୁଢା ପୀଠରେ ସାମଗ୍ରିକ ବିକାଶ ସହ ପର୍ଯ୍ୟଟନସ୍ଥଳୀ ମାନ୍ୟତା ନେଇ ଦାବି ଉଠିଥିଲା। ଏଥିରେ ସଂଘର ଅନ୍ତର୍ଯ୍ୟାମୀ ସାହୁ, ଜୀବନାନନ୍ଦ ମହାନ୍ତି, ରାଧେଶ୍ୟାମ ମେହେର କୈଳାସ ସଗରିଆ, ତ୍ରିନାଥ ସାହୁ, ଅଜିତ ମିଶ୍ର, କଣ୍ଟାବାଞ୍ଜି ସାମ୍ବାଦିକ ସଂଘ ସଭାପତି ବିମଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀ ପ୍ରଭୁଲାଲ ବେହେରା, କୋଶଳୀ କବି ଭକ୍ତବନ୍ଧୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ରଘୁନାଥଦେବଙ୍କ ପୀଠରେ ନବାହ୍ନ ପାରାୟଣ



ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ରତନପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ତାଳଡିହ ଗ୍ରାମରେ ରଘୁନାଥ ଦେବ ପୀଠରେ ୨୭ତମ ଶ୍ରୀରାମ ଚରିତ ମାନସ ନବାନ୍ନ ପାରାୟଣ ବିଶ୍ୱଶାନ୍ତି ମହାଯଜ୍ଞ ସମାପନ ହୋଇଯାଇଛି। ଫାଲଗୁନ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ନବଦିନ ବ୍ୟାପୀ ଏହି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଣ୍ଡିତ ମୃତ୍ୟୁଞ୍ଜୟ ଆଚାର୍ଯ୍ୟ, ପଣ୍ଡିତ ପ୍ରସନ୍ନ କୁମାର ଦାସଶର୍ମା, ନୀଳକଣ୍ଠ ଦାସ ଓ ବୁଲୁ ଦାସ ପ୍ରମୁଖ ଯୋଗ ଦେଇ ଶୁଭ କଳସ ସ୍ଥାପନ ପରେ ରୀତିନୀତି ଅନୁଯାଇ ପରାୟଣ ଶୁଭାରମ୍ଭ କରାଯାଇଥିଲା। ପ୍ରାତଃ ସୂର୍ଯ୍ୟପୂଜା, ପରାୟଣ, ଘୃତାହୁତି, ଅନ୍ନଯଜ୍ଞ, ବାଳକଭୋଜନ, ପ୍ରବଚନ, ଯଜ୍ଞ, ଭଜନ ଓ ନାମକୀର୍ତ୍ତନ ଆଦି ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଦିନ ଏହି ନବାନ୍ନ ପରାୟଣ ବିଶ୍ୱଶାନ୍ତି ମହାଯଜ୍ଞ ର ପୂର୍ଣ୍ଣାହୁତି ଦିବସରେ ଆଖପାଖ ଅଞ୍ଚଳରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଯାହାଫଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରଦ୍ଧାଳୁ ଭକ୍ତମାନେ ସନ୍ଧ୍ୟାରେ ପ୍ରସାଦସେବନ କରି ମହାପ୍ରଭୁଙ୍କ ଆଶିଷ ଲାଭ କରିଥିଲେ। ନବକିଶୋର ପାତାଳସିଂହ, ଅମିନ ପ୍ରଧାନ, ବସନ୍ତ ବେହେରା, ପ୍ରଦୀପ ଭୁଜବଳ, ଅଜିତ ପାଇକରାୟ, ଭ୍ରମର ବଳିଆରସିଂହ, ସୁରେନ୍ଦ୍ର ପ୍ରଧାନ ଓ ରାମ ପ୍ରଧାନ ପ୍ରମୁଖ ପରିଚାଳନା କରିଥିବା ବେଳେ ତାଳଡିହ ଗ୍ରାମର ଗ୍ରାମବାସୀବୃନ୍ଦ ସହଯୋଗ କରିଥିଲେ।

## କରଞ୍ଜିଆବାସୀଙ୍କ ସହ ହୋଲି ଖେଳିଲେ ସାଂସଦ ଅନନ୍ତ ନାଏକ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୁରଭଞ୍ଜ ଜିଲ୍ଲାର ପାଞ୍ଚପିଢ ଅଞ୍ଚଳରେ ହୋଲିପର୍ବ ପାଇଁ ଶନିବାର ଉତ୍ସବମୁଖର ହୋଇ ଉଠିଥିଲା। କରଞ୍ଜିଆ ସହର ଦିନ ୧୨ଟା ପର୍ଯ୍ୟନ୍ତ ରଙ୍ଗର ପର୍ବ ହୋଲି ପାଇଁ ସର୍ବତ୍ର ଉତ୍ସବ ମୁଖହୋଇ ଥିଲା। ବିଭିନ୍ନ ଲୋକେ ପରସ୍ପର ମଧ୍ୟରେ ଶୁଭେଚ୍ଛା ଆଦାନ ପ୍ରଦାନ, ମିଠା ଖୁଆ, ଅବିର ଲଗା ପର୍ବ ପାଳନ ହୋଇଥିଲା। ଏହି ଅବସରରେ କେନ୍ଦୁଝର ସାଂସଦ ଅନନ୍ତ ନାଏକ କରଞ୍ଜିଆ ଆସି ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ହୋଲି ପାଇଁ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି। ଏଥିସହ ସେ ସମର୍ଥକଙ୍କ ଗହଣରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରୁ ବାହାରି କରଞ୍ଜିଆ ବଜାର ବୁଲି ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା ସହିତ ଦଳୀୟ କର୍ମୀ, ନେତା ଏବଂ ଜନସାଧାରଣଙ୍କ ସହ ରଙ୍ଗ ଖେଳିଛନ୍ତି। ସାଂସଦଙ୍କ ସହିତ ପୂର୍ବତନ ଜିଲ୍ଲାସଭାପତି କୃପାସିନ୍ଧୁ ମହାନ୍ତ, ବାଞ୍ଛାନିଧି ପୃଷ୍ଟି, ବରିଷ୍ଠ ନେତା ନବକିଶୋର ପଣ୍ଡା, ଜିଲ୍ଲାସାଧାରଣ ସମ୍ପାଦକ ତଥା ସଂସଦଙ୍କ ପ୍ରତିନିଧି ଆଶିଷ କୁମାର ମହାନ୍ତ, ଜିଲ୍ଲା ଉପସଭାପତି ଦନାର୍ଦନ ବେହେରା, ନଗର ସଭାପତି ସମ୍ବିଧାନ ମହାପାତ୍ର, ଲୁନା ମିଶ୍ର, ଲକ୍ଷ୍ମୀକାନ୍ତ ରାମ, ଲକ୍ଷ୍ମୀ ଝା, ଗ୍ରାମୀଣ ମଣ୍ଡଳ ସଭାପତି ସୁନାମଣୀ ହୋ, ଦେବେନ୍ଦ୍ର ମହାନ୍ତ, ଜ୍ୟୋସ୍ନାରାଣୀ ମହାନ୍ତ, ଚନ୍ଦନ ପାତ୍ର, ସଞ୍ଜୀବ ପାଣିଗ୍ରାହୀ, ମନୋଜ ସେଠୀ, କ୍ଷୀରୋଦ ମହାନ୍ତ, ମନ ଜେନା, ଜ୍ୟୋତିଶଙ୍କର ଦାସ ପ୍ରମୁଖଙ୍କ ସହିତ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

## ସଡକ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଛତାବର ଛକ ନିକଟ ଢାବା ସମ୍ମୁଖରେ ସଡକ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି। ଶୁକ୍ରବାର ରାତ୍ର ୮.୩୦ ମି ସମୟରେ ସମ୍ପୃକ୍ତ ଢାବା ସମ୍ମୁଖ ରାସ୍ତା ପାର୍ଶ୍ୱରେ (ଏନଏଲ ୦୨ ଜି ୯୮୮୯) ନଂ ଟ୍ରେଲର ବେଆଇନ ଭାବେ ପାର୍କିଂ କରିଥିଲା। ପାଣିକୋଇଲି ଆଡୁ ଆସୁଥିବା (ଓଡି୦୪କେ ୭୭୮୨) ନଂ ବାଇକ ଟ୍ରେଲରକୁ ପଛରୁ ପିଟିଥିଲା। ଫଳରେ ବାଇକ ଚାଳକ ବାଲେଶ୍ୱର ଜିଲ୍ଲା ସୋରୋ ଥାନା ଅନ୍ତର୍ଗତ ରମଧା ଅଞ୍ଚଳର ଶଶିକାନ୍ତ ବିଶ୍ୱାଳ(୨୬) ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ବାଇକ ପଛରେ ବସିଥିବା ସେହି ଅଞ୍ଚଳର ସୁଶାନ୍ତ ସେଠୀ ଗୁରୁତର ଆହତ ହୋଇଥିଲେ। ରାଜପଥ କର୍ତ୍ତୃପକ୍ଷ ଯାନ ଉଭୟଙ୍କୁ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ସେଠାରେ ଡାକ୍ତର ଶଶିକାନ୍ତଙ୍କୁ ମୃତଘୋଷଣା କରିବା ସହ ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଯାଜପୁର ମେଡିକାଲ କଲେଜକୁ ଚିକିତ୍ସା ପାଇଁ ପଠାଇ ଦିଆଯାଇଥିଲା। ପୋଲିସ ଉଭୟ ଯାନକୁ ଜବତ କରିବା ସହ ମୃତ ଶଶିକାନ୍ତଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ସେଠୀଙ୍କ ଅଭିଯୋଗ କ୍ରମେ ୧୨୨/୨୫ନଂ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାଯାଇଛି।

## ଶ୍ୟାମସୁନ୍ଦରପୁର ମହାନ୍ତିସାହି ଦୋଳ ମେଲଣ ଉଦ୍‌ଯାପିତ





କେନ୍ଦ୍ରାପଡା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ମହାନ୍ତିସାହିର ଦୋଳ ମେଲଣ ଉଦଯାପିତ ହୋଇଯାଇଛି। ଜିଲ୍ଲାର ବହୁ ପୁରାତନ ମେଲଣ ମଧ୍ୟରୁ ମହାନ୍ତି ସାହି ମେଲଣ ପ୍ରାୟ ୨ଶହ ବର୍ଷ ପୂର୍ବେ ପୂର୍ବଜମାନେ ଆରମ୍ଭ କରିଥିଲେ। ମେଲଣକୁ ବିଭିନ୍ନ ଅଂଚଳରୁ ୯ଟି ସୁସଜ୍ଜିତ ବିଭାନ ବାଜାବାଣ ରୋଷଣୀ କରି ମଧ୍ୟାହ୍ନରେ ମହାନ୍ତିସାହିରେ ପହଁଚିଥିଲେ। ଥାନପତି ଶ୍ରୀଦଧିବାବନଜୀଉ ପ୍ରଥମେ ପହଁଚି ଆସ୍ଥାନ ଗ୍ରହଣ କରିବା ପରେ ଅନ୍ୟମାନେ ପହଁଚିଥିଲେ। ଏହାପରେ ଭଜନ ସମାରୋହ ଅନୁଷ୍ଠିତ ହୋଇ ବିଭାନମାନଙ୍କ ପାଖରେ ଭୋଗ ଲାଗି ହୋଇଥିଲା। ଏହାପରେ ଶ୍ରୀଜୀଉମାନେ ନିଜ ନିଜ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାହିର ମୁରବୀ ରମେଶ ଚନ୍ଦ୍ର ମହାନ୍ତି, ରାଜକିଶୋର ମହାନ୍ତି, ଗଗନ ଚନ୍ଦ୍ର ମହାନ୍ତି, ଅବନି କୁମାର ମହାନ୍ତି, ଜୟନ୍ତ ମହାନ୍ତି, ଭଞ୍ଜ କିଶୋର ମହାନ୍ତି, ସୌମେନ୍ଦ୍ର ମହାନ୍ତି, ଅନୁପ ମହାନ୍ତି(ବାଦଲ), ବୁଢା ମହାନ୍ତି, ପ୍ରଣବ କୁମାର ମହାନ୍ତି, ରେବନ୍ତ ମହାନ୍ତି, ରଜତ ମହାନ୍ତି, ପ୍ରଦୀପ କୁମାର ମହାନ୍ତି, ଚିତ୍ତରଞ୍ଜନ ଦାସ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଶାନ୍ତନୁ ମହାନ୍ତି, ଆଲୋକ ମହାନ୍ତି, ନବଜ୍ୟୋତି ମହାନ୍ତି, ଅମିତାଭ ମହାନ୍ତି, ଆଶିଷ ମହାନ୍ତି, ବନ୍ଧନ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଆଖପାଖ ଅଞ୍ଚଳର ବହୁ ବ୍ୟକ୍ତି ଉପସ୍ଥିତ ହୋଇ ଜୀଉମାନଙ୍କ ନିକଟରେ ଆଶିଷ ଭିକ୍ଷା କରିଥିଲେ।

## ବଞ୍ଚୀର ସାହିରେ ଭୟାବହ ଅଗ୍ନିକାଣ୍ଡ



ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲା ଭଞ୍ଜନଗର ତହସିଲ ଅନ୍ତର୍ଗତ ଦୋମୁହାଣୀ ପଞ୍ଚାୟତର ବଞ୍ଚୀର ସାହି ନିକଟସ୍ଥ ତିନିସାହିରେ ରବିବାର ଅପରାହ୍ନ ସମୟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗିଯିବା ଫଳରେ ଚାହୁଁ ଚାହୁଁ ୭ଟି ପରିବାରର ୧୪ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଏଥିସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ କେଉଁଭଳି ପରିସ୍ଥିତିରେ ଲାଗିଲା ତାହା ସଠିକ୍? ଭାବେ ଜଣାପଡ଼ିନାହିଁ। ଖବର ପାଇ ଭଞ୍ଜନଗର ଅଗ୍ନିଶମ ବାହାନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଛି। ସୂଚନା ଅନୁସାରେ, ଗ୍ରାମର ପୁରୁଷ ଲୋକେ ଦିନ ବେଳେ କାମ କରିବାକୁ ବାହାରକୁ ଚାଲି ଯାଇଥିଲେ। ମହିଳା ଏବଂ ଶିଶୁମାନେ ଘରେ ଥିଲେ। ଏହିଭଳି ପରିସ୍ଥିତିରେ ହଠାତ୍ କାହାରି ଘରୁ ନିଆଁ ବାହାରିଥିଲା। ପ୍ରବଳ ତାତି ସାଙ୍ଗକୁ ପବନ ବହିବା ଯୋଗୁଁ ଅଧଘଣ୍ଟା ବାବୁଲା ମଲ୍ଲିକ,ଗୁନା ମଲ୍ଲିକ, ନାନ୍ଦୁଲୁ ମଲ୍ଲିକ, ସବିତା ମଲ୍ଲିକ, ବିଳାସ ମଲ୍ଲିକ, ଉରି ମଲ୍ଲିକ ଓ ମୁନା ମଲ୍ଲିକଙ୍କ ଦୁଇ ବଖରା ଲେଖାଏଁ ଘର ପୋଡି ପାଉଁଶ ହୋଇଯାଇଛି। କିନ୍ତୁ ଏହି ସମୟରେ ଘରେ ଥିବା ମହିଳା ଓ ଶିଶୁ ମାନେ ନିଆଁ ଲାଗୁ ଲାଗୁ ଜାଣିପାରି ସମସ୍ତେ ଘରୁ ବାହାରକୁ ଚାଲି ଆସିବା ଯୋଗୁ ରକ୍ଷା ପାଇଯାଇଛନ୍ତି। ଅପରପକ୍ଷେ ଅଗ୍ନିକାଣ୍ଡ ସମ୍ପର୍କରେ ଭଞ୍ଜନଗର ଦମକଳ ବାହିନୀକୁ ଗ୍ରାମବାସୀ ସୂଚନା ଦେଇଥିଲେ। କିନ୍ତୁ ଭଞ୍ଜନଗର ଠାରୁ ପ୍ରାୟ ୩୦ କିମି ଦୂରରେ ଉକ୍ତ ଗ୍ରାମଟି ଥିବା ଯୋଗୁ ଦମକଳ ବାହୀନି ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସବୁ ପୋଡ଼ି ପାଉଁଶ ହୋଇ ଯାଇଥିଲା। ଅନ୍ୟପଟେ ଉକ୍ତ ଗ୍ରାମ ନିକଟରେ ନିଆଁ ଲିଭାଇବା ପାଇଁ ପାଣି ମଧ ଅଭାବ ଥିଲା। କ୍ଷତିଗ୍ରସ୍ତ ପରିବାର ଗୁଡ଼ିକ ଆଦିବାସୀ ଏବଂ ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଭଣ୍ଡାରିପୋଖରୀରେ ହୋଲି ଓ ଦୋଳପର୍ବ ପାଳିତ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀର ରଙ୍ଗର ପର୍ବ ହୋଲି ଓ ରାଧାକୃଷ୍ଣଙ୍କ ଦୋଳ ଉତ୍ସବ ପାଳିତ ହୋଇଛି। ବ୍ଲକର ଷୋଳମପୁର, ମାଳଦା, ନପଙ୍ଗ, ରହଣିଆ ଓ ବାଲିପୋଖରୀ(ଆଂଶିକ) ଆଦି ପଞ୍ଚାୟତରେ ଶୁକ୍ରବାର ଓ ଅନ୍ୟାନ୍ୟ ପଞ୍ଚାୟତରେ ଶନିବାର ରଙ୍ଗ ପର୍ବ ହୋଲି ଶାନ୍ତିଶୃଙ୍ଖଳାର ସହ ପାଳନ କରାଯାଇଥିଲା। ବିଭିନ୍ନ ବର୍ଗର ଜନସାଧାରଣ ପରସ୍ପରକୁ ରଙ୍ଗାୟିତ କରିଥିଲେ। ଫଗୁଦଶମୀ ଠାରୁ ଆରମ୍ଭ ହୋଇଥିବା ଏହି ସମୟ ମଧ୍ୟରେ ସୁସଜ୍ଜିତ ବିମାନରେ ରାଧାକୃଷ୍ଣ ଯୁଗଳମୂର୍ତ୍ତିଙ୍କୁ ବସାଇ ଗ୍ରାମ ଦାଣ୍ଡରେ ଶୋଭାଯାତ୍ରାରେ ବୁଲାଯାଇଥିଲା। ବିଭିନ୍ନ ବାଦ୍ୟ ସହିତ ଛତ୍ରି, ତ୍ରାଶ, ବାନା, ଫୁଲଗଛ ପ୍ରଭୃତିରେ ଗାଁ ଦାଣ୍ଡ ସଜ୍ଜିତ ହୋଇ କୃଷ୍ଣ ଚେତନାରେ କୁସୁମିତ ହୋଇ ଉଠିଥିଲା। ବର୍ଷରେ ମାତ୍ର ଗୋଟିଏ ଦିନ ପ୍ରଭୁ ଭକ୍ତର ଦ୍ୱାରରେ ପହଞ୍ଚି ସ୍ନେହ ଓ ପ୍ରେମର ଅବିର ଖେଳି ରଙ୍ଗାୟିତ ହୋଇଥିଲେ। କେତେକ ସ୍ଥାନରେ ମେଳନ ଅନୁଷ୍ଠିତ ହୋଇ ଅପେରା, ସୁଆଙ୍ଗ ପ୍ରଭୃତି ପ୍ରଦର୍ଶିତ ହୋଇଥିଲା। ପୂର୍ଣ୍ଣିମା ଦିନ ଘର ଧୌତ କରାଯାଇ ଉପାସନା କରାଯାଇଥିଲା। ଭଣ୍ଡାରିପୋଖରୀର ବିଭିନ୍ନ ଗ୍ରାମରେ ୫୦ରୁ ଅଧିକ ରାଧାକୃଷ୍ଣଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଥିବା ଜଣାଯାଇଛି। ମଣିନାଥପୁର, ଷୋଳମପୁର, ଥଇଳା ମଝିସାହି, ମନ୍ତାଗଡ଼ିଆ, ନେରଡ଼ା, ବାଲିପୋଖରୀ, ତିଖିଲିଆ, ଆଖୁଆପଦା ଓ ଜଗନ୍ନାଥପ୍ରସାଦରେ ଦୋଳଗୋବିନ୍ଦ ପୂଜା ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଭିନ୍ନ ଗ୍ରାମରେ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା।



# ଆମ କଳାହାଣ୍ଡି





## ସରିଲା ଟେକ୍ନୋ ସାଂସ୍କୃତିକ କାର୍ଯ୍ୟକ୍ରମ 'ଇନ୍ସପ୍ରାନୋ'




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ସହରର ଅନତିଦୂରରେ ଥିବା ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ କଳାହାଣ୍ଡି ଠାରେ ବାର୍ଷିକ ଟେକ୍ନୋ ସାଂସ୍କୃତିକ କାର୍ଯ୍ୟକ୍ରମ 'ଇନ୍ସପ୍ରାନୋ-୨୦୨୫' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମାର୍ଚ୍ଚ ୧୦ ତାରିଖ ଠାରୁ ୧୪ ତାରିଖ ଗୁରୁବାର ପର୍ଯ୍ୟନ୍ତ ଆୟୋଜିତ ଏହି କାର୍ଯ୍ୟକ୍ରମର ବିଭିନ୍ନ ଦିନରେ ନାନା ସାଂସ୍କୃତିକ ଓ ବୈଷୟିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯାନ୍ତ୍ରିକ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡା.ଶୁଭ୍ରାଂଶୁ ଶେଖର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଛାତ୍ର କଲ୍ୟାଣ ନିୟନ୍ତ୍ରକ ଡା.ଚିତ୍ତ ରଞ୍ଜନ ଦାଶ, ରେଜିଷ୍ଟ୍ରାର୍ ଡା. ବସନ୍ତ କୁମାର ସ୍ୱାଇଁ, ଉପ ଅଧକ୍ଷ ଇନ୍ସପ୍ରାନୋ-୨୦୨୫ ପ୍ରଫେସର ମିହିର କୁମାର ନାଥ, ପରାମର୍ଶ ଦାତ୍ରୀ ଡା. ପ୍ରିୟା ଏସ୍. ପ୍ରମୁଖ ଉପସ୍ଥିତ ରହି ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ବୈଷୟିକ ବିଭାଗ ରୋବୋସ୍ପ୍ରାନୋ ଅନ୍ତର୍ଗତ ଏକ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ତେଲେଙ୍ଗାନା, ଛତିଶଗଡ଼ ଆଦି ବାହାର ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡେଥ୍ ରେସ୍, ରୋବୋ-ସୁମୋ, ରୋବୋ-ସର୍କ, ହ୍ୟାକାଥନ୍, ଆଇଡିଏସନ୍ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ହ୍ୟାକାଥନ୍ ଏକ ୧୬ ଘଣ୍ଟିଆ କାର୍ଯ୍ୟକ୍ରମ, ଯେଉଁଥିରେ ପ୍ରତିଯୋଗୀମାନେ ସମାଜର ହିତ ହେତୁ ସେମାନଙ୍କ ଜ୍ଞାନ କୌଶଳର ପ୍ରଦର୍ଶନ କରିଥିଲେ। ଅନୁରୂପ ଭାବେ ଆଇଡିଏସନ୍‌ରେ ପ୍ରଚଳିତ ପ୍ରଥାର ସୁଧାର ତଥା ଅଭିନବ ଜ୍ଞାନ କୌଶଳ ଦ୍ୱାରା ତଥା କଥିତ ସମସ୍ୟା ଗୁଡିକର ସମାଧାନର ପନ୍ଥା ଉପସ୍ଥାପନ କରିଥିଲେ। ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ 'ଉଡାନ୍' ଅନ୍ତର୍ଗତ ବିଭିନ୍ନ ନୃତ୍ୟ ସଂଗୀତ ବ୍ୟତୀତ କିଛି ଅଭିନବ ପ୍ରତିଯୋଗିତାର ଆୟୋଜନ ମଧ ହୋଇଥିଲା। ନୁକ୍କଡ୍ କାର୍ଯ୍ୟକ୍ରମରେ ଅନ୍ଧ ବିଶ୍ୱାସକୁ ନେଇ କିଭଳି ସାଧାରଣ ଲୋକ ଅସୁବିଧାରେ ପଡୁଛନ୍ତି ତାହା ପ୍ରଦର୍ଶିତ ହୋଇ ସମାଜକୁ ଏକ ଦିଗଦର୍ଶନ ଦିଆଯାଇଥିଲା। ଏହା ବ୍ୟତିତ ମକ୍ ପାର୍ଲିଆମେଣ୍ଟ, ଯେଉଁଥିରେ ଛାତ୍ରଛାତ୍ରୀମାନେ ସାଂପ୍ରତିକ ବିଷୟବସ୍ତୁ ଉପରେ ତର୍କ ବିତର୍କ କରିଥିଲେ। ଅଗ୍ନିବିହିତ ଖାଦ୍ୟ ପ୍ରସ୍ତୁତି, ଲୋଗୋ ଡିଜାଇନିଂ, ଗଳି କ୍ରିକେଟ, ଟ୍ରେଜର ହଣ୍ଟ, ଫେସ୍ ପେଣ୍ଟିଂ,ଚିତ୍ର ଉତ୍ତୋଳନ ଆଦି ପ୍ରତିଯୋଗିତା ମଧ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଟିପିଡବ୍ଲୁଓଡିଏଲ୍‌ର ମାନବ ସଂସୋଧନ ମୁଖ୍ୟ (ଏଏସ୍‌ଏଣ୍ଡଇ) ଶ୍ରୀ କସମସ୍ ଦାମିୟନ୍ ଲାକ୍ରା ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ। ପରିଶେଷରେ ଯାନ୍ତ୍ରିକ ମହାବିଦ୍ୟାଳୟର ନୃତ୍ୟସଂଘର ଛାତ୍ରଛାତ୍ରୀମାନେ ମନୋଜ୍ଞ ନୃତ୍ୟ ସଂଗୀତ ପରିବେଷଣ କରି କାର୍ଯ୍ୟକ୍ରମର ପରିସମାପ୍ତି ଘୋଷଣା କରିଥିଲେ।

## ପାଇପ ଜଳ ଯୋଗାଣ ଠପ୍ : ପ୍ରଶାସନ ନଜର କେବେ ?



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଗ୍ରୀଷ୍ମପ୍ରବାହ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏପରିକି ପାଣିପାଗ ବିଭାଗ କଳାହାଣ୍ଡି ପାଇଁ ସତର୍କତା ଜାରି କରିଛନ୍ତି। ଅନ୍ୟପଟେ ସରକାର ବି ଜଳ ଯୋଗାଣକୁ ତ୍ୱରାନ୍ୱିତ କରିବାକୁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ କଡା ନିର୍ଦ୍ଦେଶ ଦେଇଛନ୍ତି। ହେଲେ ପ୍ରଶାସନର ନିଘା ହେଉ ନ ଥିବା ଜଣାପଡିଛି। ଏହାର ଜ୍ୱଳନ୍ତ ଉଦାହରଣ କୋକସରା ବ୍ଲକ ଖୁଣ୍ଟିଆ ପଞ୍ଚାୟତ ନଦୀପଡାରେ ଦେଖିବାକୁ ମିଳିଛି। ଦୀର୍ଘ ବର୍ଷ ଧରି ଖୁଣ୍ଟିଆ ଗାଁର ୧୦ପରିବାର ନଦୀ ତଟରେ ବସବାସ କରି ଆସୁଛନ୍ତି। ବସବାସ କରିବା ଦିନରୁ ମୁଦ୍ରା ନଦୀ ଜଳ ବ୍ୟବହାର କରିଆସୁଥିଲେ। ହେଲେ କିଛି ବର୍ଷ ତଳେ ସେହି ଜଳ ବ୍ୟବହାର କରି ପଡ଼ାବାସୀ ନାନା ପ୍ରକାର ରୋଗର ଶିକାର ସାଜିଥିବା ବେଳେ ୨ଜଣଙ୍କ ମୃତ୍ୟୁ ହୋଇଥିଲା। ଘଟଣା ବିଭିନ୍ନ ଗଣ ମାଧ୍ୟମରେ ପ୍ରଚାର ହେବା ଫଳରେ ପ୍ରଶାସନ ଚେଇଁ ଉଠିଥିଲା। ଯୁଦ୍ଧ କାଳୀନ ଭିତ୍ତିରେ ସେଠାରେ ଏକ ନଳକୂପ ଖନନ ବ୍ୟବସ୍ଥା କରାଯାଇଥିଲା। ହେଲେ ଅଳ୍ପଦିନ ଭିତରେ ନଳକୂପରୁ ପାଣି ବାହାରିବା ମୁସ୍କିଲ ହୋଇପଡିଥିଲା। ଏହାପରେ ପ୍ରଶାସନ ପାଇପ ଯୋଗେ ପିଇବା ପାଣି ପଡାବାସୀଙ୍କୁ ଯୋଗାଇ ଦେଇଥିଲେ। ବର୍ତ୍ତମାନ ୨ମାସରୁ ଊର୍ଦ୍ଧ୍ୱ ସମୟ ଧରି ସେହି ପାଇପ ଯୋଗେ ଜଳ ଯୋଗାଣ ଠପ୍ ହୋଇ ପଡିରହିଥିବା ବେଳେ ନଳକୂପରୁ ପାଣି ବାହାରୁ ନ ଥିବା ଅଭିଯୋଗ ହେଉଛି। ପାଣି ଟୋପାଏ ପାଇଁ ହନ୍ତସନ୍ତ ହେଉଛନ୍ତି ପଡ଼ାବାସୀ। ଏବେ କେବଳ ସାହା ସାଜିଛି ନଦୀତଟ ପାଣି। ଅଧା କିଲୋମିଟର ଯାଇ ନଦୀ ଭିତରେ ବାଲିଚୁଆ ଖୋଳି ପାଣି ଆଣୁଥିବା ଦେଖିବାକୁ ମିଳେ। ସେଠାରୁ ପାଣି ଆଣି ବ୍ୟବହାର କରୁଛନ୍ତି ସତ ହେଲେ ପୂର୍ବ ଭଳି ରୋଗର ଶିକାର ସାଜିବା ଭୟ ଅନେକ ରହିଛି । ବାଧ ହୋଇ ସେହି ପାଣି ବ୍ୟବହାର କରୁଥିବା ପ୍ରକାଶ କରନ୍ତି ପଡ଼ାବାସୀ। ପାଇପ ପାଣି ଓ ନଳକୂପ ମରାମତି ପାଇଁ ପ୍ରଶାସନଙ୍କୁ ଜଣାଇ ଥିଲେ ହିଁ ନିରବ ସାଜିଥିବା ଅଭିଯୋଗ କରନ୍ତି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିମାଞ୍ଚଳ ମାଝୀଙ୍କୁ ପଚାରିବାରୁ ତୁରନ୍ତ ବ୍ୟବସ୍ଥା ପାଇଁ ଆଜି ଏକ ଟିମକୁ ପଠାଇ ଜଳ ଯୋଗାଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଚହଗାଁ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଭବାନୀପାଟଣା ଠାରୁ ପ୍ରାୟ ୨୫ କି.ମି. ଦୂରବର୍ତ୍ତୀ ସଦର ବ୍ଲକ୍ ଅନ୍ତର୍ଗତ ଚହଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗନ୍ନାଥ ପ୍ରସାଦ ଦାଶଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଷୀକେଶ ନାଏକ, ମୁଖ୍ୟବକ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜୟ କୁମାର ମାଝୀ, ସମ୍ମାନିତ ଅତିଥି ଗାଳ୍ପିକ ତଥା କବି ରାଧେଶ୍ୟାମ ଦାସ, ଅନ୍ୟତମ ଅତିଥି ଭାବେ ପୋଡମୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ସୁଶାନ୍ତ କୁମାର ପ୍ରଧାନ, ଗୁଡ଼ିଆଲିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶେଷଦେବ ମିଶ୍ର, ଆଞ୍ଚଳିକ ସାଧନ ସଂଯୋଜକ ପ୍ରଦ୍ୟୁମ୍ନ କୁମାର ହୋତା, ଜଗତ ସାହୁ ସମାଜସେବୀ ଏବଂ ଯଜ୍ଞାସେନୀ ସାହୁ ସଭାପତି ବିଦ୍ୟାଳୟ ପରିଚାଳନା କମିଟି ପ୍ରମୁଖ ଅତିଥି ରୂପେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନେ ବିଦ୍ୟାଳୟର ଶିକ୍ଷଣ ସାମଗ୍ରୀ ମେଳା ଓ ବିଜ୍ଞାନ ପ୍ରଦର୍ଶନୀ ବୁଲି ଦେଖିବା ସହିତ ବୃକ୍ଷରୋପଣ କରିବା ସହ ସୃଜନୀ ଫଳକର ଉଦ୍ଘାଟନ କରିଥିଲେ ଓ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଜଗନ୍ନାଥ ପ୍ରସାଦ ଦାଶ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିବା ସହ ବାର୍ଷିକ ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଗ୍ରାମର ବରିଷ୍ଠ ବ୍ୟକ୍ତି ବିଶେଷ ଓ ମର୍ଣିଂୱାକ ଟିମ୍‌କୁ ସ୍ୱାସ୍ଥ୍ୟ ସଚେତନତା ପାଇଁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଶିକ୍ଷୟତ୍ରୀ ସତ୍ୟମୟୀ ମାଳିନୀ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟତ୍ରୀ ସୁଜାତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଉମେଶ କୁମାର ନାୟକଙ୍କୁ ବିଜ୍ଞାନ ପ୍ରଦର୍ଶନୀରେ ମାର୍ଗ ପ୍ରଦର୍ଶନ କରିଥିବା ପାଇଁ ସମ୍ମାନିତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବାର୍ଷିକ ଉତ୍ସବକୁ ସଫଳତାର ସହ ଶେଷ କରିବାକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ, ବିଶେଷ କରି ସିଆର୍‌ସିସି ପ୍ରଦ୍ୟୁମ୍ନ କୁମାର ହୋତାଙ୍କର ମାର୍ଗଦର୍ଶନ ବାସ୍ତବିକ ପ୍ରଶଂସନୀୟ ଥିଲା।

## କ୍ରାନ୍ତିକାରୀ ବିଚାର କବି ଅଖିଳ ନାୟକଙ୍କ ପ୍ରତିମୂର୍ତ୍ତି ଅନାବରଣ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ନିଜ ଜନ୍ମମାଟି ଧର୍ମଗଡ଼ ବ୍ଲକ୍ ଜୟନ୍ତପୁର ପଞ୍ଚାୟତ ରଇନଗୁଡ଼ାଠାରେ ଜନବାଦୀ ଓ କ୍ରାନ୍ତିକାରୀ ବିଚାରର କବି ଅଖିଳ ନାୟକଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଖିଳ ସାହିତ୍ୟ ଓ ସାଂସ୍କୃତିକ ଟ୍ରଷ୍ଟ ତରଫରୁ ଆୟୋଜିତ କବିଙ୍କ ୫୪ତମ ଜନ୍ମଦିନ ଅବସରରେ ତାଙ୍କ ସମାଧିପୀଠରେ ଆୟୋଜିତ ଏକ ବିଶେଷ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଚାଷୀ ନେତା ତଥା ସମାଜ ଚିନ୍ତକ ଲିଙ୍ଗରାଜ, ସମ୍ମାନିତ ଅତିଥି ରୂପେ ଓଡ଼ିଶା ବହୁଜନ ଆନ୍ଦୋଳନର ପୁରୋଧା ଅଭିରାମ ମଲ୍ଲିକ, ଆନ୍ଦୋଳନକର୍ମୀ ଲିଙ୍ଗରାଜ ଆଜାଦ, ଚାଷୀନେତା ତଥା କ୍ରାନ୍ତିକାରୀ ସାହିତ୍ୟିକ ସରୋଜ ଯୋଗ ଦେଇ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଏହା ସହ ଅତିଥି ଓ ବିଭିନ୍ନ ଜିଲ୍ଲାର ସାହିତ୍ୟିକ, ବୁଦ୍ଧିଜୀବୀ, ଅଖିଳପ୍ରେମୀ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ଦୁଇଟି ଅଧିବେଶନରେ ଅଖିଳ ସାହିତ୍ୟ, ବିଚାର, ସ୍ମୃତିଚାରଣ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ବହୁଜନ ବିଚାରର ସାଥୀ ଦିଗାମ୍ବର ଦୁରିଆଙ୍କ ସଂଯୋଜନାରେ ଆୟୋଜିତ ପ୍ରଥମ ଅଧିବେଶନରେ ଲିଙ୍ଗରାଜ, ଲିଙ୍ଗରାଜ ଆଜାଦ୍, ଚିନ୍ମୟ ମହାନନ୍ଦ, ଆଶିଷ ନାୟକ ପ୍ରମୁଖ ଅଖିଳ ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଅଖିଳଙ୍କ ସ୍ମୃତିରକ୍ଷା ପାଇଁ ପ୍ରତିମୂର୍ତ୍ତି ସ୍ଥାପନ କରାଗଲା, ଏବେ ତାଙ୍କ ବିଚାରର ସୁଦୂର ପ୍ରସାରୀ କରି ସମାଜରେ ଏକ ପରିବର୍ତ୍ତନ ଅଣା ଯାଇପାରିଲେ କବିଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ବରଗଡ଼ ସମତାଭବନର କିଶୋରଙ୍କ ସଲାମ ସାଥୀରେ ସଂଗୀତ ସଭାରେ ପୁଲକ ଭରି ଦେଇଥିଲା। ଅଞ୍ଚଳର ବରିଷ୍ଠ ଶିକ୍ଷାବିତ ତ୍ରିଲୋଚନ ବାଗ ଅଖିଳଙ୍କ ସ୍ମୃତିଚାରଣ ସହ ଧନ୍ୟବାଦ ଦେଇଥିଲେ। ପରେ କବି ସୁଧିର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ସରୋଜ ଓ ସହପାଠୀ ସାହିତ୍ୟିକ ପ୍ରଣବ ପଟ୍ଟଯୋଷୀ ସାହିତ୍ୟ ଓ ଅଖିଳ ନାୟକ ଶୀର୍ଷକରେ ଆଲୋଚନା କରିଥିଲେ। ଶେଷରେ କେନ୍ଦ୍ର ସାହିତ୍ୟ ଏକାଡେମି ଯୁବ ପୁରସ୍କାରପ୍ରାପ୍ତ କବି ଜୟଦ୍ରଥ ସୁନାଙ୍କ ସଂଯୋଜନାରେ କବି ନିଜୁ ପାଣିଗ୍ରାହୀ, ଅଶ୍ୱିନୀ କୁମାର, ସୁବ୍ରତ ବାରିକ, ଅଜୟ ଦାସ, ମନୋଜ ମହାନ୍ତି, ପ୍ରମୋଦ ଛତ୍ରିଆ, ସୁବ୍ରତ ବାରିକ, ପ୍ରେମଲାଲ ବାଗ, ହୃଦୟାନନ୍ଦ ସୁନାନି ପ୍ରମୁଖ ଅଖିଳଙ୍କ କବିତା ଓ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ନାୟକ ଫିଲ୍ମ ପ୍ରଡକ୍ସନର ଭେଙ୍କଟେଶ ଓ କୁନି ସାଥୀ ଜୟଭୀମ ନୃତ୍ୟ ପରିବେଷଣ କରିଥିଲେ। କବି ହେମନ୍ତ ଦଳପତି ଧନ୍ୟବାଦ ଦେଇଥିଲେ। ଟ୍ରଷ୍ଟ ସଭାପତି ଡମ୍ବରୁଧର ନାୟକ, କୋଷାଧକ୍ଷ ଦିଗାମ୍ବର ଦୁରିଆ, ସାମ୍ବାଦିକ କାମେଶ ନାଗ, ସୁବାସ ବାଗ, ଲୋହିତ ଦୁରିଆ, ଦଣ୍ଡପାଟ ଡମ୍ବ ସମାଜ ସମ୍ପାଦକ ଯଶୋବନ୍ତ ପାଣିଗ୍ରାହୀ, ହେମନ୍ତ ନାଏକ, ହୁକିମଚାନ୍ଦ ନାଏକ, ଚୂଳେନ୍ଦୁଭୂଷଣ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ନଦୀରେ ବୁଡି ୨ଯୁବକଙ୍କ ମୃତ୍ୟୁ

ଭବାନୀପାଟଣା/ଜୁନାଗଡ଼, (ଭାସ୍କର ନ୍ୟୁଜ୍) : ଶନିବାର ପବିତ୍ର ହୋଲି ପର୍ବ ଅବସରରେ କଳାହାଣ୍ଡି ଜିଲ୍ଲାରେ ଦୁଇଟି ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ୨ ଭିନ୍ନ ସ୍ଥାନରେ ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ ହୋଇଛି। ଖବର ମୁତାବକ ଜୁନାଗଡ଼ ସହର ନିକଟସ୍ଥ ହାତୀ ନଦୀକୁ ଗାଧୋଇବାକୁ ଯାଇଥିବା ଜଣେ ଯୁବକ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ମୃତ ଯୁବକ ଜଣକ ହେଲେ ୨୨ବର୍ଷୀୟ ପ୍ରତ୍ୟୁଷ ପାଢ଼ି। ସେ ସହରର ବ୍ରାହ୍ମଣ ପଡାର ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ହୋଲି ଖେଳି ସାରିବା ପରେ ପ୍ରତ୍ୟୁଷ ନିଜର କିଛି ସାଙ୍ଗମାନଙ୍କ ସହିତ ହାତୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ସେ ନଦୀରେ ଗଭୀର ଥିବା ସ୍ଥାନକୁ ଚାଲିଯାଇଥିଲେ। ସେଠାରୁ ବାହାରକୁ ବାହାରି ନ ପାରି ପାଣିରେ ବୁଡି ଯାଇଥିଲେ। ଖବର ପାଇ ଘଟଣା ସ୍ଥଳକୁ ଅଗ୍ନିଶମ ବାହିନୀ ପହଞ୍ଚି ମୃତ ଦେହକୁ ଉଦ୍ଧାର କରିଥିଲେ। ଏ ନେଇ ଜୁନାଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାଯାଇଛି। ଏପରି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସେହିପରି ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କଷାକେନ୍ଦୁ ନିକଟସ୍ଥ ଯମୁନାସାଗରରେ ବୁଡ଼ି ଯାଇ ମଧ୍ୟାହ୍ନରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ନାମ ସରୋଜ ସ୍ୱାଇଁ(୪୨)। ସେ ଭବାନୀପାଟଣା ସହର ଜେନାଖାଲପଡ଼ାର ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ସରୋଜ ନିଜ ପରିବାର ସମ୍ପର୍କୀୟ ସହ ହୋଲି ପର୍ବ ଉପଲକ୍ଷେ ଯମୁନାସାଗର ନିକଟ ଏକ ଫାର୍ମ ହାଉସ୍‌କୁ ଭୋଜି କରିବାକୁ ଯାଇଥିଲେ। ଏହି ସମୟରେ ଯମୁନାସାଗରକୁ ଗାଧୋଇବାକୁ ଯାଇଥିବାବେଳେ ଅସାବଧାନତା ଯୋଗୁଁ ତାଙ୍କ ଗୋଡ଼ ଖସି ଯିବାରୁ ଗଭୀର ଜଳକୁ ଚାଲିଯାଇଥିଲେ। ତେବେ ପହଁରା ଜାଣି ନ ଥିବାରୁ ସେଠାରୁ ବାହାରକୁ ବାହାରି ପାରି ନ ଥିଲେ। ଫଳରେ ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ଭବାନୀପାଟଣା ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ନଂ(୫/୨୫) ରୁଜୁ ହୋଇଥିବା ପୋଲିସଠାରୁ ସୂଚନା ମିଳିଛି।

## ବୃନ୍ଦାବନ ସ୍ମାର୍ଟ ସ୍କୁଲର ବୃନ୍ଦାବନୋତ୍ସବ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ସତ୍‌ସଙ୍ଗ ବିହାର ନିକଟସ୍ଥ ମଙ୍ଗଳା ମନ୍ଦିର ପାଖରେ ଥିବା ବୃନ୍ଦାବନ ସ୍ମାର୍ଟ ସ୍କୁଲର ୩ୟ ବାର୍ଷିକ ଉତ୍ସବ 'ବୃନ୍ଦାବନୋତ୍ସବ-୨୦୨୫' ଏକ ମନୋଜ୍ଞ ପରିବେଶ ମଧ୍ୟରେ ୧୨ ତାରିଖ ବୁଧବାର ଦିନ ପାଳିତ ହୋଇଯାଇଛି। ସ୍ମାର୍ଟ ସ୍କୁଲର ଅଧକ୍ଷ ଅରୁଣ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ଚିନ୍ମୟ ମିଶନର ମୁଖ୍ୟ ସ୍ୱାମୀ ଅମେୟାନନ୍ଦ ସରସ୍ୱତୀ ଉପସ୍ଥିତ ଥିଲାବେଳେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷକ ଓ କବି ବିରଞ୍ଚି ନାରାୟଣ ମୁଣ୍ଡ, ସମ୍ମାନୀତ ଅତିଥି ଭାବେ କଳାହାଣ୍ଡି ଡିପିଏମ୍‌ୟୁର ଡେପୁଟି ଡାଇରେକ୍ଟର ଶ୍ରୀକାନ୍ତ ଦଳେଇ, ଭବାନୀପାଟଣା ମହିଳା କୋର୍ଟ ସିନିୟର ଡିଭିଜନ ସିଭିଲ୍ ଜଜ୍ ରଶ୍ମିରେଖା ପାତ୍ର, ଭବାନୀପାଟଣାର ଶହୀଦ ରେଣ୍ଡୋମାଝୀ ମେଡ଼ିକାଲ କଲେଜର ସହକାରୀ ପ୍ରଫେସର ଡାକ୍ତର କ୍ରିଷ୍ଣାଶିଷ ଦାଶ, ବରିଷ୍ଠ ଶିକ୍ଷାବିତ୍ ପ୍ରଭାସ ଚନ୍ଦ୍ର ମିଶ୍ର ତଥା ସ୍କୁଲର ଟ୍ରଷ୍ଟି ରେଣୁବାଳା ପାଣିଗ୍ରାହୀ ଉପସ୍ଥିତ ରହି ଛାତ୍ରଛାତ୍ରୀ ଓ ଅବିଭାବକମାନଙ୍କୁ ଦିଗଦର୍ଶନ ଦେଇଥିଲେ। ଅଧକ୍ଷ ଶ୍ରୀ ପାଣିଗ୍ରାହୀଙ୍କ ସ୍ୱାଗତ ଭାଷଣ ପରେ ସ୍କୁଲର ସହ ଅଧକ୍ଷା ସୁଧାମୟୀ ମୁଣ୍ଡ ସ୍କୁଲର ବାର୍ଷିକ ବିବରଣୀ ପାଠ କରିଥିଲେ। କୋମଳମତି ଶିଶୁମାନଙ୍କ ମାନସିକତାକୁ ଉପଯୁକ୍ତ ଭାବେ ଅଧ୍ୟୟନ କରି ସେମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ପରିସ୍ଫୁଟ କରିବା ପାଇଁ ଅତିଥିମାନେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କୁ ଅନୁରୋଧ କରିଥିଲେ ଓ ବୃନ୍ଦାବନ ସ୍ମାର୍ଟ ସ୍କୁଲ ଏକ ଉନ୍ନତ ମାନର ମଣିଷ ତିଆରି କାରଖାନା ନିର୍ମାଣ କରିଥିବାରୁ ତାହାର ଭୂୟସୀ ପ୍ରଶଂସା କରିଥିଲେ। ସ୍କୁଲର ଟ୍ରଷ୍ଟି ରେଣୁବାଳା ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ ଅଭିଭାବକ, ବିଭାଗୀୟ ଅଧିକାରୀ, ବିଦ୍ୟାଳୟର ପ୍ରିନ୍ସପାଲ୍, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ତଥା କୁନିକୁନି ପିଲାଙ୍କ ସହଯୋଗର ଉଚ୍ଚ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏହି ବିଦ୍ୟାଳୟକୁ ସବୁ ଦିଗରୁ ଏକ ଆଦର୍ଶ ବିଦ୍ୟାଳୟରେ ଗଢି ତୋଳିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସ୍କୁଲର ଛୋଟଛୋଟ ପିଲାମାନଙ୍କ ସେମାନଙ୍କ ଅନଭ୍ୟସ୍ତ ଶୈଳୀ ଓ ଦରୋଟି ଭାଷାରେ ମଞ୍ଚ ପରିଚାଳନା କରୁଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଭାଇସ୍ ପ୍ରିନ୍ସପାଲ୍ ସୁଧାମୟୀ ମୁଣ୍ଡ ଧନ୍ୟବାଦ ଅର୍ପଣ କରିବା ପରେପରେ ଆରମ୍ଭ ହୋଇଥିଲା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ। ପ୍ରଜାପତି ପଛରେ ଦୌଡୁଥିବା, କର୍କଟର ଡେଣା ଛିଣ୍ଡାଉଥିବା ଓ ଘରେ କାଚଗ୍ଲାସ ଭାଙ୍ଗୁଥିବା କୁନିକୁନି ପିଲାମାନଙ୍କ ଅଭୂତପୂର୍ବ କଳା ପ୍ରତିଭା ଦେଖିବାକୁ ମିଳିଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ। ନିଜ ନିଜର ଛୋଟ ପିଲାଙ୍କ ଭିତରେ ଯେ ଏଭଳି ଅବିଶ୍ୱାସନୀୟ ପ୍ରତିଭା ଲୁଚି ରହିଛି ତାହା ଦେଖି ମଧ ବିଶ୍ୱାସ କରିପାରୁନଥିଲେ ତାଙ୍କ ଅଭିଭାବକମାନେ।

## ଦିବ୍ୟାଙ୍ଗଙ୍କ ପଥପ୍ରାନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ



ନର୍ଲା, (ଭାସ୍କର ନ୍ୟୁଜ୍) : ମଣିଷ ବଞ୍ଚିବାକୁ ହେଲେ କିଛି କର୍ମ କରିବାକୁ ପଡେ। କିନ୍ତୁ ଜଣେ ସାଧାରଣ ମଣିଷ ପକ୍ଷରେ ତାହା ସହଜ ହୋଇ ଥିଲେ ମଧ ଦିବ୍ୟାଙ୍ଗ ମଣିଷ ପକ୍ଷରେ ତାହା ଅନେକ କଷ୍ଟସାଧ ହୋଇ ଥାଏ। କିନ୍ତୁ କଳାହାଣ୍ଡି ଜିଲ୍ଲାର ପଣକା ମାଲ୍ ଗ୍ରାମର ୧୫ ଜଣରୁ ଅଧିକ ଦିବ୍ୟାଙ୍ଗ ଏକତ୍ର ହୋଇ ପଥପ୍ରାନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ କରି ନିଜ ନିଜ ପରିବାର ପ୍ରତିପୋଷଣ କରୁଥିବା ନଜରକୁ ଆସିଛି। ୧୫ତାରିଖ ସନ୍ଧ୍ୟାରେ ସେମାନେ ନର୍ଲା ସହରର ବସଷ୍ଟାଣ୍ଡରେ ନିଜ କଳା ମାଧ୍ୟମରେ ଅନେକ ଦେଖଣାହାରୀଙ୍କ ମନ ମୋହି ଥିଲେ। ରାସ୍ତାରେ ଯାଉ ଥିବା ଦୟାଳୁ ବ୍ୟକ୍ତି ଏହି ଦିବ୍ୟାଙ୍ଗ ମାନଙ୍କ ଗୀତ ଶୁଣି ଦାନ ବାକ୍ସରେ କିଛି ଦାନ କରିଥିବା ଦେଖିବାକୁ ମିଳିଛି। ପ୍ରତିଦିନ ବିଭିନ୍ନ ସ୍ଥାନକୁ ଯାଇ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ କିଛି ଉପାର୍ଜନ କରି ନିଜ ଆବଶ୍ୟକତାକୁ ପୂରଣ କରିଥାନ୍ତି। କେବେ ବି ନିରାଶ ନ ହୋଇ ନିଜ କର୍ମ କରିଚାଲିଛନ୍ତି। ବର୍ତ୍ତମାନ ସେମାନେ ଏକ ଅସ୍ଥାୟୀ ଘରେ ନିଜ ସଂଗଠନକୁ ବଞ୍ଚେଇ ରଖି ଥିବାବେଳେ ଏକ ସ୍ଥାୟୀ ଗୃହ ପାଇଁ ନୂତନ ସରକାରଙ୍କ ପାଖରେ ନିବେଦନ କରିଛନ୍ତି। ସରକାର୍ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ଦିବ୍ୟାଙ୍ଗ ମାନଙ୍କ ଗୁହାରିକୁ ଶୁଣିବାକୁ ସାଧାରଣରେ ଚର୍ଚ୍ଚା ହେଉଛି।

## ଚୋରି ଅଭିଯୋଗରେ ଜଣେ ଗିରଫ, ପିକଅପ ଜବତ

ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍) : ମଇଁଷି ଚୋରି କରିବା ଅଭିଯୋଗରେ ଗୋଟିଏ ପିକ୍‌ଅପ୍ ଭ୍ୟାନ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ଜଣେ ବ୍ୟକ୍ତିକୁ ଗିରଫ କରି କୋର୍ଟଚାଲାଣ କରିଛି ଲାଞ୍ଜିଗଡ ପୋଲିସ। ଏନେଇ ଲାଞ୍ଜିଗଡ ଥାନାରେ କେସ୍ ନଂ ୨୧/୨୦୨୫ରେ ଏକ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଲାଞ୍ଜିଗଡ ଥାନା ବଳଭଦ୍ରପୁର ଗାଁର ମାର୍କଣ୍ଡ ଚଣ୍ଡୀଙ୍କ ତିନିଗୋଟି ମଇଁଷିକୁ ଅମ୍ବାଦଳା ଥାନା ନିଆଳି ଗାଁର ମନୁ ନାଗ (୧୯) ଏକ ମହିନ୍ଦ୍ରା ପିକ୍‌ଅପ୍ ଯୋଗେ ଚୋରି କରି ନେଇଥିବା ନେଇ ଅଭିଯୋଗ ହୋଇଥିଲା। ଲାଞ୍ଜିଗଡ ପୋଲିସ ଏହାର ତଦନ୍ତ କରି ଅଭିଯୁକ୍ତ ମନୁକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।



## ରାଶିଫଳ

ସୋମବାର, ୧୭ ମାର୍ଚ୍ଚ ୨୦୨୫



**ମେଷ:** ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବେ। ଚାକିରିରେ କାମକୁ ପ୍ରଶଂସା କରାଯିବ। କାରବାରକୁ ଶୀଘ୍ର କର ନାହିଁ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗ ପ୍ରବେଶ କରନ୍ତୁ। ଲାଭ ସୁଯୋଗ ଆସିବ। ପ୍ରଲୋଭିତ ହୁଅ ନାହିଁ। ଆପଣ କୋର୍ଟର କାର୍ଯ୍ୟରୁ ମୁକ୍ତି ପାଇପାରିବେ।



**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଜନ୍ମାଷ୍ଟମୀ ଦିନ ବହୁତ ଲାଭ ଆଣିପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ପ୍ରଗତିର ରାସ୍ତା ଖୋଲିଯିବ।



**ମିଥୁନ:** ଛାତ୍ର ଶ୍ରେଣୀ ସଫଳତା ହାସଲ କରିବ। ପାର୍ଟୀ ଏବଂ ପିକନିକ୍ ଉପଭୋଗ କରାଯିବ। ଆପଣ ଚାକିରିରେ କିଛି ନୂତନ କାର୍ଯ୍ୟ କରିବାକୁ ସମର୍ଥ ହେବେ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରାଯାଇପାରେ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ବ୍ୟବସାୟ ଭଲ ହେବ। ସହଭାଗୀମାନେ ସମର୍ଥନ ପାଇବେ।



**କର୍କଟ:** କିଛି ବଡ ଅସୁବିଧା ଆସିପାରେ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଚାକିରିରେ କାର୍ଯ୍ୟଭାର ରହିବ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ।



**ସିଂହ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବାର ସୁଯୋଗ ମିଳିବ, ଯେ କୌଣସି ବ୍ୟକ୍ତିଙ୍କ ସହ ସହଯୋଗ କରିବାକୁ ସମର୍ଥ ହେବେ। ତୁମେ ସମ୍ମାନ ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କମାନଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ। ବ୍ୟବସାୟ ବୃଦ୍ଧି ପାଇବ।



**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଆତ୍ମ ସମ୍ମାନ ରହିବ। କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ।



**ତୁଳା:** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। କିଛି ବଡ ଘଟଣା ହୋଇପାରେ। ଆପଣ ଜଣେ ବରିଷ୍ଠ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ସେୟାର ବଜାର ଏବଂ ମ୍ୟୁଚୁଆଲ୍ ଫଣ୍ଡ ଇତ୍ୟାଦିରେ ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ।



**ବିଛା:** ଖର୍ଚ୍ଚ ବୃଦ୍ଧି ପାଇବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ଜୀବନ ପରିବାର ସହିତ ଖୁସିରେ ବିତାଇବ। ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ। ବ୍ୟବସାୟ ଭଲ ହେବ।



**ଧନୁ:** ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ଟଙ୍କା ପାଇବା ସହଜ ହେବ। ସେଠାରେ ଭୟ ଏବଂ ସନ୍ଦେହ ରହିବ। ପରିବାର ସହାୟତା ଉପଲବ୍ଧ ହେବ।



**ମକର:** ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ସିଷ୍ଟମ୍ ଉନ୍ନତି କରିବ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଭଲ ହେବ। ତତ୍ପରତା ନାହିଁ ।



**କୁମ୍ଭ:** ଏକ ବିଶେଷ ପୂଜା ଦିବସ ହେବ। ଚାକିରିରେ କାମ କରିବାକୁ ଭଲ ପାଆନ୍ତି। ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କ ସହଯୋଗ ହେବ। ବିନିଯୋଗ ଲାଭଦାୟକ ହେବ। ଘର ବାହାରେ ସୁଖ ମିଳିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ।



**ମୀନ:** ବ୍ୟବସାୟ ଲାଭଦାୟକ ହେବ। ଅଳସୁଆତା ଜିତିବ। ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଥାଇପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ। ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯